



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ♦ISSUE-102 ♦MONDAY ♦05 OCTOBER 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୧୦୨ ♦ସୋମବାର ♦୦୫ ଅକ୍ଟୋବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ତୀବ୍ର ହେଉଛି ଜ୍ଞାନେଶ-ବିରୋଧୀ ଆନ୍ଦୋଳନ

# ଠାକ୍‌ରେ ଭ୍ରାତାଙ୍କ ବିଶାଳ ସମାବେଶ



■ ନୂଆଦିଲ୍ଲୀ/ମୁମ୍ବାଇ, ୪।୧୦ (ଏଜେନ୍ସି): ଏସ୍‌ଆଇଆର ନାମରେ ୧୩ କୋଟି ଭୋଟରଙ୍କୁ କାଟିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢ଼ିବାରେ ଲାଗିଛି। ଏସଆଇଆର ପ୍ରସଙ୍ଗରେ ଅନ୍ୟ ଦୁଇ ଜଣ ନିର୍ବାଚନ କମିସନର ତାଙ୍କୁ ବିରୋଧ କରୁଥିବା ସଂପର୍କରେ ଖବର ପ୍ରକାଶ ପାଇବା ପରେ ତାଙ୍କ ବିରୋଧରେ ଲାଗିଥିବା ଅସନ୍ତୋଷ ଏବେ ଉଗ୍ର ରୂପ ଧାରଣ କରିଛି। ତାଙ୍କୁ ମୁଖ୍ୟ ନିର୍ବାଚନ କମିସନର ପଦରୁ ହଟାଇବା ଲାଗି ବିଭିନ୍ନ ବିରୋଧୀ ଦଳ ଓ ସଂଗଠନ ରାସ୍ତାକୁ ଓହ୍ଲାଇଛନ୍ତି। ଏହାକୁ ଅଟକାଇବା ଲାଗି ପୁଲିସର ପ୍ରୟାସ ସତ୍ତ୍ୱେ ଆନ୍ଦୋଳନ ଆହୁରି ତୀବ୍ର ହେବାରେ ଲାଗିଛି। ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଗତ ତିନି ଧରି ରାଜଧାନୀ ଦିଲ୍ଲୀରେ ବିକ୍ଷୋଭ ଆନ୍ଦୋଳନ ଜାରି ରହିଥିବା ବେଳେ

**ଦିଲ୍ଲୀରେ ତୃତୀୟ ଦିନ ଧରି ବିକ୍ଷୋଭ**

**୬ରେ ଇଣ୍ଡିଆ ମେଣ୍ଟର ପଦଯାତ୍ରା**

ଆଜି ମୁମ୍ବାଇରେ ଉଦ୍ଧବ ଠାକରେ ଏବଂ ରାଜ ଠାକରେ ଜ୍ଞାନେଶଙ୍କ ବିରୋଧରେ ଗର୍ଜନ କରିଛନ୍ତି। ସେମାନଙ୍କର ମିଳିତ ସମାବେଶରେ ହଜାର ହଜାର ଲୋକ ଏକାଠି ହୋଇ ଜ୍ଞାନେଶଙ୍କୁ ତୁରନ୍ତ ବିଦା କରିବା ଲାଗି ଦାବି କରିଛନ୍ତି।

ମୁମ୍ବାଇରେ ଆଜି ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା ▶ପୃଷ୍ଠା-୭

### ମାଲେସିଆ ଇଞ୍ଜିନିୟର ମୃତ୍ୟୁ ମାମଲାର ସାନି ତଦନ୍ତ

## ଅଡୁଆରେ ଜ୍ଞାନେଶ

■ତିରୁଅନନ୍ତପୁରମ, ୪।୧୦ (ଏଜେନ୍ସି): ମାଲେସିଆର ସିଭିଲ ଇଞ୍ଜିନିୟର ଲି ସି ବିନ୍‌ଙ୍କ ୨୦୦୬ ମସିହାର ଆତ୍ମହତ୍ୟା ମାମଲାରେ କେରଳ ସରକାର ପୁଣିଥରେ ତଦନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି। ବର୍ତ୍ତମାନର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର କେରଳ ପୂର୍ତ୍ତ ବିଭାଗର ସଚିବ ଥିବା ସମୟରେ ହୋଇଥିବା କଥିତ ଅନିୟମିତତା ସହ ଏହି ମାମଲାର ସମ୍ପର୍କ ଥିବା ଅଭିଯୋଗ ହୋଇଛି। କେରଳର ଗୃହମନ୍ତ୍ରୀ ରମେଶ ଚେନ୍ନିଥଲା ଦୁର୍ନୀତି ନିବାରଣ ବ୍ୟୁରୋକୁ ଏନେଇ ବିସ୍ତୃତ ତଦନ୍ତ କରିବାକୁ କହିଛନ୍ତି। ମାଲେସିଆର ଇଞ୍ଜିନିୟର ଲି ସି ବିନ୍ ଇଣ୍ଡୋ-ମାଲେସିଆ ମିଳିତ ଉଦ୍ୟୋଗ 'ପାଟି-ବେଲ୍'ର ମୁଖ୍ୟ ପ୍ରକଳ୍ପ ପରିଚାଳକ ଥିଲେ। ଏହି ସଂସ୍ଥା କେରଳ ରାଜ୍ୟ ପରିବହନ ପ୍ରକଳ୍ପ ଅଧୀନରେ ଏମ୍‌ସି ରୋଡ୍‌ର ▶ପୃଷ୍ଠା-୭



**ତତ୍‌କାଳୀନ ପୂର୍ତ୍ତ ସଚିବ ଜ୍ଞାନେଶ କୁମାରଙ୍କ ଭୂମିକା ସମ୍ପର୍କରେ ତଦନ୍ତ କରିବ ଦୁର୍ନୀତି ନିବାରଣ ବ୍ୟୁରୋ**

**ଏସ୍‌ଆଇଆର୍ ମତଭେଦ: ସୁପ୍ରିମକୋର୍ଟରେ ଶୁଣାଣି ଆଜି**

### ମାର୍କିନ ଓ ୟୁରୋପୀୟ ମଡେଲରେ ଆଶଙ୍କା

# ପାର୍ବଣରେ ବାତ୍ୟା ଭୟ

ଭୁବନେଶ୍ୱର,୪।୧୦(ସମିସ): ପାର୍ବଣ ସମୟରେ ପୁଣି ସୃଷ୍ଟି ହୋଇଛି ବାତ୍ୟା ଭୟ। ସାଧାରଣତଃ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ସୃଷ୍ଟି ହେଉଥିବା ଲଘୁଚାପଗୁଡ଼ିକ ବାତ୍ୟାରେ ପରିଣତ ହେବାର ଆଶଙ୍କା ଥିବାରୁ ଆସନ୍ତା ସପ୍ତାହରେ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବାତ୍ୟାରେ ପରିଣତ ହେବା ବାତ୍ୟା ଭୟ ସୃଷ୍ଟି କରିଛି। ଦେଶର ଅଧିକାଂଶ ସ୍ଥାନରୁ ମୌସୁମୀ ଅପସାରଣ ହୋଇସାରିଛି। ଆଇଏମ୍‌ଡିର ମାନଦଣ୍ଡ ଦୃଷ୍ଟିରୁ ମୌସୁମୀ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ ହେଁ ଆଭ୍ୟନ୍ତରୀଣ ଓଡ଼ିଶାର ଅନେକ ସ୍ଥାନରେ ଦୃଶ୍ୟମାନ କୁହୁଡ଼ି, ମେଘ ଶୂନ୍ୟ ଆକାଶ, ବାୟୁ ଚଳାଚଳରେ ନିଷ୍କ୍ରିୟତା ବୃଦ୍ଧି ସର୍ବୋପରି ସକାଳୁ ମାଟି ଉପରେ ଶିଶିର ଆସ୍ତରଣ ଆଦି ମୌସୁମୀ ଅପସାରଣକୁ ଦର୍ଶାଉଛି। କେବଳ ଭୂପୃଷ୍ଠ ନୁହେଁ; ଉତ୍ତର ବଙ୍ଗୋପସାଗର ▶ପୃଷ୍ଠା-୭



**ବାତ୍ୟା ପାଇଁ ଓଡ଼ିଶାରେ ଅନୁକୂଳ ରହିଛି ପାଗ**

**ଘୂର୍ଣ୍ଣିବଳୟ ସୃଷ୍ଟି ପରେ ସ୍ପଷ୍ଟ ହେବ ଗତିପଥ**

**୭ରୁ ୨ ଦିନ ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା**

## ରାଜନୀତିରେ ପୂର୍ବତନ ଆଇପିଏସ୍ ନାଗେଶ୍ୱର ରାଓ

■ ବାରାଣସୀ,୪।୧୦(ଏଜେନ୍ସି): ସକ୍ରିୟ ରାଜନୀତିରେ ପ୍ରବେଶ କରିଛନ୍ତି ପୂର୍ବତନ ସିବିଆଇ ନିର୍ଦ୍ଦେଶକ ତଥା ଓଡ଼ିଶା କ୍ୟାଡର୍‌ର ପୂର୍ବତନ ଆଇପିଏସ୍ ନାଗେଶ୍ୱର ରାଓ। ଶନିବାର ବାରାଣସୀରେ ସେ ସର୍ବଜନ ସନାତନ ପାର୍ଟିର ଜାତୀୟ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ରାଓ କହିଛନ୍ତି, ଭାରତର ବିକାଶ କେବଳ ପ୍ରଶାସନିକ ସଂସ୍କାରରେ ସୀମିତ ରହିବା ଉଚିତ ନୁହେଁ। ଆଧୁନିକ ବିକାଶ ସହ ଦେଶର ସଭ୍ୟତାଗତ ମୂଳ ସହ ଯୋଡ଼ି ରହିବା ଆବଶ୍ୟକ। ସେ କହିଛନ୍ତି ଯେ ତାଙ୍କ ଦଳର ମୁଖ୍ୟ ଚାରିଟି ସ୍ତମ୍ଭ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ସଭ୍ୟତାଗତ ପୁନଃସଂଯୋଗକୁ ଗୁରୁତ୍ୱ। ସନାତନକୁ କେବଳ ଧାର୍ମିକ ଆଚାର ନୁହେଁ, ବରଂ ସତ୍ୟ, ଧର୍ମ, କର୍ତ୍ତବ୍ୟ, ନ୍ୟାୟ, ଦୟା ଓ ଲୋକକଲ୍ୟାଣ ଭଳି ମୂଲ୍ୟବୋଧ ସହ ଜଡ଼ିତ ଜୀବନଶୈଳୀ ଭାବେ ଦଳ ଦେଖୁଥିବା ରାଓ କହିଛନ୍ତି। 'ସନାତନ ମୂଳ ସହ ଆଧୁନିକ ଭାରତ' ଗଠନ ଦଳର ଲକ୍ଷ୍ୟ ବୋଲି ▶ପୃଷ୍ଠା-୭



### ପ୍ରବଳ ଚାପ ପରେ ଛାତ୍ର ସଂସଦ ନିର୍ବାଚନ ପାଇଁ ନିଷ୍ପତ୍ତି

## ଆଜି ବିଜ୍ଞପ୍ତି; ୭ରେ ନାମାଙ୍କନ !

■ ଭୁବନେଶ୍ୱର, ୪।୧୦ (ସମିସ): ଛାତ୍ର ସଂସଦ ନିର୍ବାଚନକୁ ନେଇ ବହୁ ପୂର୍ବରୁ ଶିକ୍ଷାନୁଷ୍ଠାନରେ ଉଷ୍ମତା ଦେଖାଦେଇଛି। ଛାତ୍ର ସଂଗଠନଗୁଡ଼ିକ ପୋଷ୍ଟର ବ୍ୟାନର ଲଗାଇ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ଏପରିକି ଛୁଟି ଦିନରେ ମଧ୍ୟ ସମ୍ପର୍କ ଅଭିଯାନ ଜାରି ରଖିଛନ୍ତି। ସ୍ୱଳ୍ପ ସମୟରେ ନିର୍ବାଚନ କରିବାକୁ କିଛି ଛାତ୍ର ସଂଗଠନ ବିରୋଧ କରୁଥିବାବେଳେ ଆଉ କିଛି ଦୂର୍ଗା ପୂଜା ଛୁଟି ପୂର୍ବରୁ ନିର୍ବାଚନ ସାରିବାକୁ ଦାବି କରୁଛନ୍ତି। ଏହାରି ମଧ୍ୟରେ ଆସନ୍ତାକାଲି ଅର୍ଥାତ୍ ସୋମବାର ନିର୍ବାଚନ ନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ୭ ତାରିଖରେ ନାମାଙ୍କନ ହୋଇପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

ସୂଚନା ଅନୁସାରେ ସରକାର ସ୍ୱଳ୍ପ ସମୟ ମଧ୍ୟରେ ନିର୍ବାଚନ କରିବାକୁ ଏକ ପ୍ରକାର ସ୍ଥିର କରିଛନ୍ତି। ମାତ୍ର ୧୦ ଦିନ ମଧ୍ୟରେ ନିର୍ବାଚନ ସରିଲେ ଶିକ୍ଷାନୁଷ୍ଠାର ଶୈକ୍ଷିକ ବାତାବରଣ ପ୍ରଭାବିତ ହେବନାହିଁ ବୋଲି ଉଚ୍ଚଶିକ୍ଷା ବିଭାଗ ମନେକରୁଛି। ଏଣୁ ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନ ଛାତ୍ରସଂସଦ ନିର୍ବାତନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମନେ ▶ପୃଷ୍ଠା-୭




**୧୫ ରେ ନିର୍ବାଚନ ଓ ୧୬ରେ ଶପଥ ଗ୍ରହଣ**

# ପୂର୍ବତନ ବିଧାୟକ ପ୍ରଣବଙ୍କୁ ମରଣାନ୍ତକ ଆକ୍ରମଣ

■ ଜେନାପୁର/ପାଣିକୋଇଲି,୪।୧୦(ସମିସ): ଧର୍ମଶାଳା ଏବ ଅଶାନ୍ତ ହେବାରେ ଲାଗିଛି। ପ୍ରତିଦିନ କିଛି ନା କିଛି ରାଜନୈତିକ ହିଂସା ଘଟୁଛି। ସ୍ଥାନୀୟ ବିଧାୟକ ହିମାଂଶୁ ସାହୁଙ୍କ ନିର୍ଦ୍ଦେଶରେ ବିଜେପି ସମର୍ଥିତ କର୍ମୀମାନେ ଆଇନକୁ ହାତକୁ ନେଇ ଅରାଜକତା ଚଳାଇଛନ୍ତି। ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଘରେ ପଶି ପୁଲିସ ଉପସ୍ଥିତିରେ ଗୁଣ୍ଡା ଗର୍ଦ୍ଦି ମାରପିଟ ହେଉଥିଲେ ମଧ୍ୟ ପୁଲିସ ନିଷ୍କ୍ରିୟତା ଅବଲମ୍ବନ କରି ଦେଖଣାହାରି ସାଜୁଛି। ଆଜି ଏହାର ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଧୁପୁର ଗଡ଼ ପଞ୍ଚାୟତରେ। ଧର୍ମଶାଳା ବିଜୁଜନତା ଦଳ ପକ୍ଷରୁ ଜନସଂପର୍କ ପଦଯାତ୍ରା ପାଇଁ ପୂର୍ବ ପ୍ରସ୍ତୁତି ଆଲୋଚନାଚକ୍ର ମଧୁପୁର ଗଡ଼ ଜଗଦୀଶ ଜେନାମଣିଙ୍କ ଘରେ ଅନୁଷ୍ଠିତ ହେଉଥିଲା। ଏଠାରେ ବିଜେଡି ସମର୍ଥକ ମାନେ ଯୋଗ ଦେବାକୁ ଆସୁଥିଲା ବେଳେ ରାସ୍ତାରେ ଛକି ବିଜେପି ସମର୍ଥକମାନେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିବାକୁ ପଛାଇନଥିଲେ। ଏହାକୁ ଭ୍ରୂକ୍ଷେପ ▶ପୃଷ୍ଠା-୭



### ଗୁଣ୍ଡାରାଜକୁ ନବୀନଙ୍କ ନିନ୍ଦା

**ଓଡ଼ିଶାବାସୀ ଦେବେ ଅରାଜକତା ଜବାବ**

■ ଭୁବନେଶ୍ୱର, ୪।୧୦(ସମିସ): ବିଜେଡିର ଦଳୀୟ କାର୍ଯ୍ୟକ୍ରମ ସମୟରେ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଗାଡ଼ି ଉପରେ ଆକ୍ରମଣକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ ଏକ୍ସରେ ସେ କ୍ଷୋଭ ବ୍ୟକ୍ତ କରିବା ସହ ଓଡ଼ିଶାରେ କ'ଣ ଗୁଣ୍ଡାରାଜ ଚାଲିଛି କି ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଖୋଲା ଦିବାଲୋକରେ ଜନପ୍ରତିନିଧିଙ୍କ ଉପରେ ମରଣାନ୍ତକ ▶ପୃଷ୍ଠା-୭

### ଓଲଟ ପାଲଟ



ଛତିଶଗଡ଼ ଟା ପାଣିରେ ଭାସୁଛି
ଓଡ଼ିଶାର ମହାନଦୀ,
ଶୁଖିଲା ପଡ଼ିଛି ନଦୀ ଶଯ୍ୟା ଏଠି
ଆଖ ପାଖ ଚଉହଦି।
ଓଡ଼ିଶା-ଛତିଶଗଡ଼ ଦୁଇ ରାଜ୍ୟେ
ବିଜେପିର ସରକାର,
ସମାଧାନ କାହିଁପାଇଁ ହୁଏ ନାହିଁ
କା ପାଖେ ନାହିଁ ଉତ୍ତର ॥
- ଯାଯାବର

### ପାର୍ବଣ ପୂର୍ବରୁ ରକ୍ତରଞ୍ଜିତ ବ୍ରହ୍ମପୁର

## ଦୁର୍ଦ୍ଦାନ୍ତ ଅପରାଧୀକୁ ଗଳା କାଟି ହତ୍ୟା

■ବ୍ରହ୍ମପୁର, ୪।୧୦ (ସମିସ): ପାର୍ବଣ ଆରମ୍ଭ ପୂର୍ବରୁ ରକ୍ତରଞ୍ଜିତ ହୋଇଛି ରେଶମ ସହର ବ୍ରହ୍ମପୁର। ସାମାନ୍ୟ ବଚସାରୁ ଜଣେ ସାଙ୍ଗ ଅନ୍ୟ ସାଙ୍ଗର ଗଳା କାଟି ହତ୍ୟା କରିଥିବା ଭଳି ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକ ହେଲେ ନିମଖଣ୍ଡି ଗାଁର ଦୁର୍ଦ୍ଦାନ୍ତ ଅପରାଧୀ ଟୁନା ନାୟକ (୨୮)। ଏହି ଘଟଣାରେ ପୁଲିସ ମୃତ ଟୁନାଙ୍କ ଘନିଷ୍ଠ ସାଙ୍ଗ ବିଟୁ ସାହୁ ଓରଫ 'ରାଘବ'ଙ୍କୁ ଗିରଫ କରିବା ସହ ଘଟଣାସ୍ଥଳରୁ ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରିଛି।

ସୂଚନା ଅନୁଯାୟୀ, ଟୁନା ଗ୍ରିଲ୍ କାମ କରୁଥିଲେ। ଗତ ପ୍ରାୟ ୩ଦିନ ହେଲା ସେ ଘରକୁ ନଫେରି ବାହାରେ ରହୁଥିଲେ। ଶନିବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ▶ପୃଷ୍ଠା-୭



**ନାକାବନ୍ଦୀ ବେଳେ ଅଭିଯୁକ୍ତ ଗିରଫ**

**ଘଟଣାସ୍ଥଳରୁ ମାରଣାସ୍ତ୍ର ଜବତ**

**ମୃତ ଟୁନା ନାମରେ ୮ ସଙ୍ଗୀନ ମାମଲା**

# ସବୁ ବାଲି ଗିଳିଦେବେ ମାଫିଆ

■ଭୁବନେଶ୍ୱର,୪।୧୦(ସମିସ): ରାଜ୍ୟସାରା ବାଲି ସୈରାତରୁ ଦିନ ଦି' ପହରରେ ଚାଲିଛି ବେଧଡ଼କ ବାଲି ଲୁଟ୍। ଘାଟ-ଅଘାଟ କିଛି ମାନୁନାହାନ୍ତି, ଯେଉଁଠି ପାରିଲେ ସେଠି ବାଲି ଉଠାଉଛନ୍ତି। ବିଭିନ୍ନ ସ୍ଥାନରେ ବାଲି ଟ୍ରାକ୍ଟର ପିଛା ୩୦୦୦ରୁ ୩୫୦୦, ଟ୍ରକ୍ ପିଛା ୭୦୦୦ରୁ ୮୦୦୦ଟଙ୍କା ଓ ହାଇୱା ପିଛା ୧୫ ହଜାର ଟଙ୍କାରେ ବିକ୍ରି ହେଉଛି। ଅଧିକାଂଶ କ୍ଷେତ୍ରରେ ଶାସକ ଦଳର ନେତା-ପୁଲିସ-ଖଣି ଓ ରାଜସ୍ୱ ଅଧିକାରୀଙ୍କ ମେଣ୍ଟରେ ମଧ୍ୟରେ ମଧୁଚନ୍ଦ୍ରିକା କାରଣରୁ ବାଲି ଲୁଟ୍ ଚରମ ସୀମାରେ ପହଞ୍ଚିଛି। ଏପରିସ୍ଥଳେ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ନେଇ ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ସମସ୍ତଙ୍କୁ ଆଚମ୍ବିତ କରିଛି। ରାଜ୍ୟସାରା ବାଲି ଲୁଟ୍ ଚାଲିଥିବା ବେଳେ ସ୍ଥାନୀୟ ପ୍ରଶାସନ କେବଳ ଲୋକ ଦେଖାଣିଆ ଚଢଉ କରୁଛନ୍ତି। ଅନେକ ସ୍ଥାନରେ ଅନିୟମିତତା ▶ପୃଷ୍ଠା-୭



**ରାଜ୍ୟସାରା ଖୋଲାଖୋଲି ଚାଲିଛି ବାଲି ଲୁଟ୍**

**ବାଲି ଟ୍ରାକ୍ଟର ୩-୫୦୦ ଟଙ୍କା, ଟ୍ରକ୍ ୭୦୦୦**

**ଟ୍ରିପ୍ ପିଛା ବାଟରେ ବଟି ଦିଆଯାଉଛି ଅଧା**

**କେବଳ ଲୋକଦେଖାଣିଆ ଚାଲିଛି ଚଢ଼ଉ**

**ଗଞ୍ଜାମରେ ୧୮୦ ଚଢ଼ଉ; ମାମଲା ଶୂନ୍**




## ବିଶେଷ ଟିପ୍ପଣୀ



ପାକିସ୍ତାନ ଉପରେ ସର୍ଜିକାଲ ଷ୍ଟ୍ରାଇକ୍ କରିପାରୁଛି ଭାରତ, ହେଲେ ଆଲୋଚନା କରିପାରୁନି।

*- ମଣି ଶଙ୍କର ଆୟାର (ବରିଷ୍ଠ କଂଗ୍ରେସ ନେତା)*



ଲକ୍ଷ ଲକ୍ଷ ନାଗରିକଙ୍କ ଭୋଟ ଅଧିକାର ଛଡ଼ାଇ ନେବାର ଯେକୌଣସି ପ୍ରକ୍ରିୟା ଅନ୍ୟାୟ ଅଟେ। ଏହା ସମ୍ବିଧାନର ମୂଳ ନାଗରିକ ଅଧିକାରର ନିୟମ ଭଙ୍ଗ କରୁଛି। ଏହା ସମ୍ବିଧାନସମ୍ମତ ନୁହେଁ।

*–ଉଜ୍ଜଳ ଭୂୟାଁ (ସୁପ୍ରିମକୋର୍ଟ ବିଚାରପତି)*

## ଜେନ୍ Z

ପୁଲିସ ପୋଷାକ କାହାରିକୁ ମହିଳାଙ୍କ ମର୍ଯ୍ୟାଦା ଉଲ୍ଲଂଘନ କରିବାର ଅଧିକାର ଦିଏ ନାହିଁ। ପ୍ରତିବାଦ ସମୟରେ ଜଣେ ପୁରୁଷ ପୁଲିସ ଅଧିକାରୀ ଜଣେ ମହିଳାଙ୍କୁ ସ୍ପର୍ଶ କରିବା ପୁଲିସ ଆଚରଣ ଏବଂ ଦାୟିତ୍ୱ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

*–ସୂରଜ ଜି ନାୟକ @yoursurajnaik*

# ପାକିସ୍ତାନୀ ହନିଟ୍ରାପ୍‌ରେ ଭାରତୀୟ ନୌସେନା ନାବିକ ଗିରଫ

କୋଏମ୍ବାଟୁର,୪।୧୦(ଏଜେନ୍ସି): ପାକିସ୍ତାନୀ ଗୁପ୍ତଚର ଏଜେଣ୍ଟଙ୍କୁ ସମ୍ବେଦନଶୀଳ ପ୍ରତିରକ୍ଷା ସୂଚନା ଦେଇଥିବା ଅଭିଯୋଗରେ ଭାରତୀୟ ନୌସେନାର ନାବିକ ପ୍ରଦୀପ ମୁଖାର୍ଜୀଙ୍କୁ ଆନ୍ଧ୍ରପ୍ରଦେଶ ପୁଲିସର କାଉଣ୍ଟର ଇଣ୍ଟେଲିଜେନ୍ସ ସେଲ୍ ଗିରଫ କରିଛି। ତାଙ୍କୁ କୋଏମ୍ବାଟୁରର ଆଇଏନ୍ଏସ୍ ଅଗ୍ରଣୀରୁ ହେପାଜତକୁ ନିଆଯାଇଛି। ସୂଚନା ଅନୁସାରେ, ସୋସିଆଲ ମିଡିଆ ଜରିଆରେ ଜଣେ ମହିଳା ପ୍ରଦୀପଙ୍କ ସହ ଯୋଗାଯୋଗ ସ୍ଥାପନ କରିଥିଲେ। ପରେ ତାଙ୍କ ସହ ବନ୍ଧୁତା ବଢ଼ାଇ ବିଶାଖାପାଟଣା ନୌସେନା ଘାଟି ସମ୍ପର୍କିତ ସୂଚନା ମାଗିଥିବା ଅଭିଯୋଗ ହୋଇଛି। ତଦନ୍ତକାରୀମାନେ ଏହାକୁ କଥିତ 'ହନିଟ୍ରାପ୍' ଘଟଣା ଭାବେ ଯାଞ୍ଚ କରୁଛନ୍ତି। କାଉଣ୍ଟର ଇଣ୍ଟେଲିଜେନ୍ସ ଟିମ୍ ଶନିବାର ଆଇଏନ୍ଏସ୍ ଅଗ୍ରଣୀରେ ପହଞ୍ଚି ପ୍ରଦୀପଙ୍କୁ ହେପାଜତକୁ ନେଇଥିଲା। ପରେ ତାଙ୍କୁ ସ୍ଥାନୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ୱାରେଣ୍ଟ ହାସଲ କରାଯାଇଥିଲା। ଏହାପରେ ତାଙ୍କୁ ବିଜୟୱାଡ଼ାସ୍ଥିତ କାଉଣ୍ଟର ଇଣ୍ଟେଲିଜେନ୍ସ ମୁଖ୍ୟାଳୟକୁ ନିଆଯାଇଛି। କେତେ ପରିମାଣର ଓ କେଉଁ ପ୍ରକାରର ପ୍ରତିରକ୍ଷା ସୂଚନା ଲିକ୍ ହୋଇଛି, ତାହା ତଦନ୍ତ କରାଯାଉଛି। ଟଙ୍କା କାରବାର ହୋଇଛି କି ନାହିଁ, ହାୱାଲା କିମ୍ବା ଡିଜିଟାଲ୍ ପେମେଣ୍ଟ ମାଧ୍ୟମରେ କୌଣସି ଅର୍ଥ ନେଣଦେଣ ହୋଇଛି କି ନାହିଁ, ସେନେଇ ମଧ୍ୟ ଯାଞ୍ଚ ଚାଲିଛି। ପ୍ରଦୀପ ୨୦୨୪ରେ ଭାରତୀୟ ନୌସେନାରେ ଯୋଗ ଦେଇଥିଲେ। ତାଙ୍କୁ ବିଶାଖାପାଟଣାସ୍ଥିତ ଇଷ୍ଟର୍ଣ୍ଣ ନାଭାଲ୍ କମାଣ୍ଡ ଅଧୀନରେ ନିୟୋଜିତ କରାଯାଇଥିଲା। କଥିତ ଭାବେ ଲିକ୍ ହୋଇଥିବା ସୂଚନାରେ ନୌସେନାର ରଣନୈତିକ ସମ୍ପତ୍ତି, ଜାହାଜ ଚଳାଚଳ ଓ ପରିଚାଳନାଗତ ବ୍ୟବସ୍ଥା ସମ୍ପର୍କିତ ତଥ୍ୟ ଥିବା ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି।

# 'ଦୃଶ୍ୟମ୍-୩' ଦେଖି ବାପାଙ୍କୁ ହତ୍ୟା!

ପାଟନା,୪।୧୦(ଏଜେନ୍ସି): ବଲିଉଡ୍ ଚଳଚ୍ଚିତ୍ର 'ଦୃଶ୍ୟମ୍-୩' ଦେଖି ବାପାଙ୍କୁ ହତ୍ୟା କରିବା ପାଇଁ ଗୁଜରାଟର ସୁରତରୁ ପ୍ରାୟ ୨ ହଜାର କିମି ଦୂର ବିହାରର ସମସ୍ତିପୁର ଯାଇଥିବା ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି। ମୋବାଇଲ୍ ଫୋନ୍ ବନ୍ଦ କରି ସେ ନିଜ ଗତିବିଧି ଲୁଚାଇବାକୁ ଚେଷ୍ଟା କରିଥିଲେ। ତେବେ ହତ୍ୟା ପରେ ପତ୍ନୀଙ୍କୁ କରିଥିବା ଏକ ଫୋନ୍ କଲ୍ ତାଙ୍କୁ ପୁଲିସ ନଜରକୁ ଆଣିଥିବା ଜଣାପଡ଼ିଛି। ପୁଲିସ ଅନୁସାରେ, ସମସ୍ତିପୁର ଜିଲ୍ଲା ଦରୱା ଗାଁର ୫୦ ବର୍ଷୀୟ ରଘୁବୀର ସାହନୀ ଜୁଲାଇ ୨୬ ରାତିରେ ଘର ବାହାରେ ଶୋଇଥିଲେ। ତାଙ୍କ ୨୬ ବର୍ଷୀୟ ପୁଅ ଶିବଶଙ୍କର ତାଙ୍କ ଉପରେ କୁରାଢ଼ିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହା ପରେ ସେ ସେଠାରୁ ଫେରାର ହୋଇଯାଇଥିଲେ। ପୁଲିସ କହିଛି, ବାପା-ପୁଅଙ୍କ ମଧ୍ୟରେ ଜମି ବିବାଦକୁ ନେଇ ପୂର୍ବରୁ ମତଭେଦ ରହିଥିଲା। ଶିବଶଙ୍କର ସୁରତରେ ପତ୍ନୀଙ୍କ ସହ ରହି କାମ କରୁଥିଲେ। ଘଟଣା ପୂର୍ବରୁ ସେ ସୁରତର ଏକ ସିନେମା ହଲ୍‌ରେ 'ଦୃଶ୍ୟମ୍-୩' ଦେଖିଥିବା ପୁଲିସ ଦାବି କରିଛି। ହତ୍ୟା ଯୋଜନା ପରେ ସେ ମୋବାଇଲ୍ ବନ୍ଦ କରି ସୁରତରୁ ପ୍ରଥମେ ପାଟନା, ପରେ ହାଜିପୁର ଓ ଶେଷରେ ପାଟୋରି ଷ୍ଟେସନ୍ ପହଞ୍ଚିଥିଲେ। ସେଠାରୁ ଗାଁକୁ ଯାଇ ଘଟଣା ଘଟାଇ ପୁଣି ଫେରିଥିଲେ। ପାଟୋରି ଷ୍ଟେସନ୍‌ରେ ମୋବାଇଲ୍ ଚାଲୁ କରି ପତ୍ନୀଙ୍କୁ ଫୋନ୍ କରିବା ତାଙ୍କ ପାଇଁ ମହଙ୍ଗା ପଡ଼ିଥିଲା। ପୁଲିସ ମୋବାଇଲ୍ ଲୋକେସନ୍ ଓ କଲ୍ ରେକର୍ଡ ଯାଞ୍ଚ କରି ତାଙ୍କୁ ସୁରତରୁ ଗିରଫ କରିଥିଲା। ଘଟଣାର ଫରେନ୍‌ସିକ୍ ତଦନ୍ତ ମଧ୍ୟ କରାଯାଇଥିବା ପୁଲିସ କହିଛି।

### ଜ୍ଞାନେଶ କୁମାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

# ସୁପ୍ରିମକୋର୍ଟରେ ଶୁଣାଣି ଆଜି



ନୂଆଦିଲ୍ଲୀ,୪।୧୦(ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ନିଲମ୍ବନ ଦାବିରେ ଆଗତ ପିଟିସନ ଉପରେ ଆସନ୍ତାକାଲି ଶୁଣାଣି କରିବେ ସୁପ୍ରିମକୋର୍ଟ। ଅନ୍ୟ ଦୁଇ ନିର୍ବାଚନ କମିସନଙ୍କ ବିନା ସମ୍ମତିରେ ଜ୍ଞାନେଶ ନେଇଥିବା ନିଷ୍ପତ୍ତିଗୁଡ଼ିକୁ ଚ୍ୟାଲେଞ୍ଜ କରି ପିଟିସନ ଦାଖଲ ହୋଇଛି। ରାକେଶ କୁମାର ସିଂହ ଏବଂ ଆଇନଜୀବୀ ଶୈଳେନ୍ଦ୍ର ମଣି ତ୍ରିପାଠୀ ଏନେଇ ଆବେଦନ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ୍ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିବେ।

ନିଜର ଦୁଇ ସହଯୋଗୀଙ୍କ ବିନା ଅନୁମୋଦନରେ ସିଇସି ଜ୍ଞାନେଶ କୁମାର ଏକପାଖିଆ ନିଷ୍ପତ୍ତି ନେବା ସହିତ ଗାଇଡଲାଇନ୍ସ ଏବଂ ସଫ୍ଟୱେର୍ ପରିବର୍ତ୍ତନ କରିଥିବା ଅଭିଯୋଗ ରହିଛି। ଆବେଦନ ଗୁଡ଼ିକରେ ଏହାକୁ ବେଆଇନ ବୋଲି ଦର୍ଶାଯାଇଛି। ପାଟଣା ନିବାସୀ ରାକେଶ କୁମାର ସିଂହ ନିର୍ବାଚନ ଆୟୋଗର ସାମୂହିକ କ୍ଷମତାକୁ ସିଇସି ଏକଚାଟିଆ ଭାବେ ବ୍ୟବହାର କରୁଥିବା ଅଭିଯୋଗ କରି ଜନସ୍ୱାର୍ଥ ମାମଲା (ପିଆଇଏଲ) ଦାଖଲ କରିଛନ୍ତି। ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ସିଇସିଙ୍କୁ କାର୍ଯ୍ୟରୁ ନିଲମ୍ବିତ ରଖିବା ଏବଂ ତାଙ୍କ ଦ୍ୱାରା ହୋଇଥିବା ସମସ୍ତ କାର୍ଯ୍ୟକୁ ବେଆଇନ ଘୋଷଣା କରିବାକୁ ଦାବି କରାଯାଇଛି। ଏହି ମାମଲାରେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ, ନିର୍ବାଚନ ଆୟୋଗ, ଜ୍ଞାନେଶ କୁମାର, ସୁଖବୀର ସିଂହ ସାନ୍ଧୁ, ବିବେକ ଯୋଶୀ ଏବଂ ଆୟୋଗର ବରିଷ୍ଠ ଅଧିକାରୀ ମନୀଷ ଗର୍ଗଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ତ୍ରିପାଠୀଙ୍କ ଆବେଦନରେ ସିଇସି ଏବଂ ଅନ୍ୟ ଅଧିକାରୀଙ୍କ ବିରୋଧରେ କର୍ତ୍ତବ୍ୟ ଅବହେଳା ପାଇଁ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରାଯାଇଛି। ଇଣ୍ଡିଆନ୍ ଏକ୍ସପ୍ରେସ୍‌ର ଏକ ରିପୋର୍ଟ ଅନୁଯାୟୀ, ଗତ ୧୦ ମାସରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସମ୍ପର୍କିତ ନିଷ୍ପତ୍ତିଗୁଡ଼ିକ ସେମାନଙ୍କ ଅଜ୍ଞାତରେ ଦିଆଯାଇଥିବା ନେଇ ଦୁଇ କମିସନର ସାନ୍ଧୁ ଏବଂ ଯୋଶୀ ଅନ୍ତତଃ ୧୪ ଥର ଲିଖିତ ଭାବେ ଆପତ୍ତି ଜଣାଇଥିଲେ। ଆଇନ ଅନୁଯାୟୀ ନିର୍ବଚନ ଆୟୋଗରେ ବହୁମତ ଆଧାରରେ ନିଷ୍ପତ୍ତି ନିଆଯିବା ଆବଶ୍ୟକ। କିନ୍ତୁ ଆୟୋଗରେ ତିନି ଜଣଙ୍କ ମଧ୍ୟରୁ ଦୁଇ ଜଣ ଅସହମତ ଥିବାରୁ ବହୁମତ ପାଳନ ହୋଇ ନଥିବା ତ୍ରିପାଠୀ ତାଙ୍କ ଆବେଦନରେ ଅଭିଯୋଗ କରିଛନ୍ତି। ଏଣୁ ସିଇସିଙ୍କ ସମସ୍ତ ନିର୍ଦ୍ଦେଶ ଓ କାର୍ଯ୍ୟକୁ ଅସିଦ୍ଧ ଘୋଷଣା ପାଇଁ ଦାବି କରିଛନ୍ତି।

ସୂଚନାଯୋଗ୍ୟ ଯେ ନୂତନ ଭୋଟର ପଞ୍ଜୀକରଣ ପାଇଁ ନିର୍ଦ୍ଧାରିତ ଫର୍ମ ୬ରେ ସଫ୍ଟୱେର୍ ମାଧ୍ୟମରେ ପୂର୍ବପୁରୁଷଙ୍କ ବିବରଣୀ ସଂକ୍ରାନ୍ତ ବାଧ୍ୟତାମୂଳକ ନିୟମ ଯୋଡ଼ାଯାଇଥିଲା। ଏହାକୁ ଅନ୍ୟ ଦୁଇ ଆୟୁକ୍ତ ବିରୋଧ କରିଥିଲେ। ପୁଣି ଗୋଆରେ ୯୭ ଜଣ ଯୋଗ୍ୟ ଭୋଟରଙ୍କ ନାମ ପୁନଃ ଯୋଡ଼ିବା ପାଇଁ ଆବଶ୍ୟକ ସଫ୍ଟୱେର୍ ବ୍ୟବସ୍ଥା ନଥିବା ଏବଂ ପଶ୍ଚିମବଙ୍ଗରେ ଅନ୍ୟ ଦୁଇ କମିସନରଙ୍କ ଅଜ୍ଞାତରେ ୧୬.୧୦ ଲକ୍ଷରୁ ଅଧିକ ଆବେଦନ ଫର୍ମ-୭ ଜରିଆରେ ନିର୍ବାଚନ ଆୟୋଗଙ୍କ ନାମରେ ଦାଖଲ କରାଯାଇଥିବା ନେଇ ଆବେଦନରେ ଗୁରୁତ୍ୱର ଅଭିଯୋଗ ଅଣାଯାଇଛି।

# ଯନ୍ତରମନ୍ତରରେ ମହିଳା ସାମ୍ବାଦିକଙ୍କୁ ପୁଲିସର ଅସଦାଚରଣ

## ତଦନ୍ତ କରିବ କ୍ରାଇମ୍ ବ୍ରାଞ୍ଚ

ନୂଆଦିଲ୍ଲୀ, ୪।୧୦ (ଏଜେନ୍ସି): ଦିଲ୍ଲୀର ଯନ୍ତରମନ୍ତରରେ ପ୍ରତିବାଦ ସମୟରେ ପୁଲିସ କର୍ମଚାରୀଙ୍କ ଦ୍ୱାରା ତିନିଜଣ ମହିଳା ସାମ୍ବାଦିକଙ୍କ ସହ ଯୌନ ନିର୍ଯାତନା ଓ ଅଶୋଭନୀୟ ଆଚରଣ କରାଯାଇଥିବା ଅଭିଯୋଗ ଉଠିଛି। ଏନେଇ ତିନିଜଣ ମହିଳା ସାମ୍ବାଦିକଙ୍କ ଅଭିଯୋଗ ପାଇବା ପରେ ଦିଲ୍ଲୀ ପୁଲିସ ମାମଲାଗୁଡ଼ିକୁ ନିରପେକ୍ଷ ତଦନ୍ତ ପାଇଁ କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରିଛି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆୟୋଜିତ ପ୍ରତିବାଦ ସମୟରେ ଏହି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ମହିଳା ସାମ୍ବାଦିକଙ୍କ ଅଭିଯୋଗ ଆଧାରରେ ଏବେ ତଦନ୍ତ ଆରମ୍ଭ ହେବ। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ଘଟଣାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କଠାରୁ ଜବାବ ମାଗିଛନ୍ତି। ଦିଲ୍ଲୀ ପୁଲିସ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବାରୁ ଗୃହମନ୍ତ୍ରୀ ଏନେଇ ଉତ୍ତର ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ପ୍ରତିବାଦ ସମୟରେ କେତେକ ସାମ୍ବାଦିକଙ୍କ କ୍ୟାମେରା ଛଡ଼ାଇ ନିଆଯିବା ଓ ସାମ୍ବାଦିକଙ୍କୁ ଟଣାଓଟରା କରାଯାଇଥିଲା। କକ୍ରୋଚ୍ ଜନତା ପାର୍ଟି ଓ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏସ୍ଏ) ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ଏଆଇଏସ୍ଏ ଅଭିଯୋଗ କରିଛି ଯେ ପ୍ରତିବାଦ ସମୟରେ କେତେକ ମହିଳା ପ୍ରତିବାଦକାରୀ, ସାମ୍ବାଦିକ ଓ ଆଇନଜୀବୀଙ୍କ ସହ ପୁରୁଷ ପୁଲିସ କର୍ମଚାରୀମାନେ ଦୁର୍ବ୍ୟବହାର କରିଥିଲେ। ଏହି ଅଭିଯୋଗ ମଧ୍ୟରେ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆ ମଧ୍ୟ ଘଟଣା ନେଇ ଉଦ୍‌ବେଗ ପ୍ରକାଶ କରିଛି। ସାମ୍ବାଦିକମାନଙ୍କୁ ଭୟ କିମ୍ବା ଚାପ ବିନା ନିଜ କାର୍ଯ୍ୟ କରିବାକୁ ସୁଯୋଗ ଦିଆଯିବା ସହ ମହିଳା ସାମ୍ବାଦିକଙ୍କ ଅଭିଯୋଗ ଉପରେ ପୁଲିସ ଆବଶ୍ୟକ ପଦକ୍ଷେପ ନେବାକୁ ସଂଗଠନ ଦାବି କରିଛି। ଦିଲ୍ଲୀ ପୁଲିସ କହିଛି ଯେ ଅଭିଯୋଗଗୁଡ଼ିକୁ ନିରପେକ୍ଷ ତଦନ୍ତ ପାଇଁ କ୍ରାଇମ୍ ବ୍ରାଞ୍ଚକୁ ପଠାଯାଇଛି। ତେଣୁ ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ।



### ୟୁକ୍ରେନ୍ ଉପରେ ରୁଷୀୟ ଡ୍ରୋନ୍ ଆକ୍ରମଣ

# ଭାରତୀୟ ଔଷଧ କାରଖାନା ଧ୍ୱଂସ



ନୂଆଦିଲ୍ଲୀ,୪।୧୦(ଏଜେନ୍ସି): ରୁଷିଆର ଡ୍ରୋନ୍ ଆକ୍ରମଣରେ ୟୁକ୍ରେନ୍‌ର ସୁମି ସହରରେ ଥିବା ଭାରତୀୟ ପରିଚାଳିତ ଏକ ବୃହତ୍ ଔଷଧ କାରଖାନା ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ଆହତ ହୋଇଥିବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସୂଚନାରୁ ଜଣାପଡ଼ିଛି। ତେବେ ମୃତାହତଙ୍କ ସଂଖ୍ୟା ବଦଳିପାରେ ବୋଲି କୁହାଯାଇଛି। ଭାରତୀୟ କୁସୁମ୍ ଗ୍ରୁପ୍‌ର ଏହି କାରଖାନା ଉପରେ ଡ୍ରୋନ୍ ଆକ୍ରମଣ ପରେ ଏହାର ମୁଖ୍ୟ ଢାଞ୍ଚାର ଅଧିକାଂଶ ଅଂଶ ନଷ୍ଟ ହୋଇଥିବା ରିପୋର୍ଟରେ କୁହାଯାଇଛି। ଘଟଣାସ୍ଥଳରୁ ବିଶାଳ ଧୂଆଁ ଉଠୁଥିବା ଦୃଶ୍ୟ ମଧ୍ୟ ସାମ୍ନାକୁ ଆସିଛି। କାରଖାନାର କ୍ଷୟକ୍ଷତି ପ୍ରାୟ ୪୦୦ କୋଟି ଟଙ୍କା ହୋଇପାରେ ବୋଲି ଆକଳନ କରାଯାଇଛି। କୁସୁମ୍ ଗ୍ରୁପ୍ ୧୯୯୪ରେ ୟୁକ୍ରେନ୍‌କୁ ଭାରତୀୟ ଔଷଧ ରପ୍ତାନି କରିବାରୁ ବ୍ୟବସାୟ ଆରମ୍ଭ କରିଥିଲା। ୨୦୦୨ରେ ନିଜସ୍ୱ ଔଷଧ ବ୍ରାଣ୍ଡର ବିପଣନ ଆରମ୍ଭ କରିବା ପରେ ଏହା ଉତ୍ପାଦନ କ୍ଷେତ୍ରକୁ ପ୍ରବେଶ କରିଥିଲା। ୨୦୦୯ରେ ୟୁକ୍ରେନ୍‌ର ସୁମିରେ ଏହାର ଔଷଧ କାରଖାନା ସ୍ଥାପିତ ହୋଇଥିଲା। କମ୍ପାନୀ ୫୦ରୁ ଅଧିକ ଔଷଧ ଉତ୍ପାଦନ କରୁଥିବା ଏବଂ ୟୁକ୍ରେନ୍ ସମେତ ବିଭିନ୍ନ ଦେଶରେ ଏହାର ବଜାର ଥିବା କୁହାଯାଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର୍ ଜେଲେନସ୍କି ଘଟଣାକୁ ନେଇ ରୁଷିଆର ଆକ୍ରମଣକୁ ନିନ୍ଦା କରିଛନ୍ତି। ସେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଅନ୍ୟ ଆକ୍ରମଣରେ ମଧ୍ୟ ଲୋକେ ଆହତ ହୋଇଥିବା କହିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ମଧ୍ୟରେ ସୁମି କାରଖାନା ଏତେଦିନ ଧରି ଚାଲୁ ରହିଥିଲା। ଏବେ ଡ୍ରୋନ୍ ଆକ୍ରମଣ ଯୋଗୁଁ ଏହାର ଉତ୍ପାଦନ ଓ ବ୍ୟବସାୟ ଉପରେ ବଡ଼ ପ୍ରଭାବ ପଡ଼ିବା ଆଶଙ୍କା ରହିଛି।

# ଦୁବାଇ-ଇସ୍ରାଏଲ ବିମାନ ଅପହରଣ ଉଦ୍ୟମ ପଛରେ ଅଲକାଏଦା !

ଦୁବାଇ,୪।୧୦(ଏଜେନ୍ସି): ଦୁବାଇରୁ ଇସ୍ରାଏଲ ଯାଉଥିବା ଫ୍ଲାଇଦୁବାଇ ବିମାନକୁ ଅପହରଣ ପାଇଁ ହୋଇଥିବା ଉଦ୍ୟମ ପଛରେ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ଅଲକାଏଦାର ହାତ ଥିବା ନେଇ ସନ୍ଦେହ କରାଯାଉଛି। ଭାରତୀୟ ପାଇଲଟ ସ୍ମିତ୍ ମଚ୍ଛରଙ୍କୁ ଆକ୍ରମଣ କରି ଆତଙ୍କ ଖେଳାଇଥିବା ଓମାନୀ କୋ ପାଇଲଟଙ୍କ ଅଲକାଏଦା ସହିତ ସଂପର୍କ ଥିଲା ବୋଲି ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଓମାନର କୋ-ପାଇଲଟ୍ ହାମାମ ଅଲ-ହାମାମି ବିମାନକୁ ଖସାଇବାକୁ ଚାହୁଁଥିଲେ ବୋଲି ଜଣେ ସାଉଦି ଅଧିକାରୀଙ୍କୁ ଉଦ୍ଧୃତ କରି 'ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ' ରିପୋର୍ଟ କରିଛି। ୨୯ ବର୍ଷୀୟ ଓମାନୀ ନାଗରିକ ହାମାମିଙ୍କୁ ସାଉଦି ଆରବରୁ ୟୁଏଇକୁ ଅଣାଯାଇଛି। ବର୍ତ୍ତମାନ ୟୁଏଇ କର୍ତ୍ତୃପକ୍ଷ ତାଙ୍କୁ ପଚରାଉଚରା କରୁଛନ୍ତି। ୟୁଏଇ ଆଟର୍ଣ୍ଣି ଜେନେରାଲ୍‌ଙ୍କ କହିବା ଅନୁଯାୟୀ, ତାଙ୍କ ବିରୋଧରେ ଆତଙ୍କବାଦୀ କାର୍ଯ୍ୟ କରିବାର ଚେଷ୍ଟା ନେଇ ତଦନ୍ତ ଚାଲିଛି। ତଦନ୍ତକାରୀମାନେ ହାମାମିଙ୍କ ସମ୍ଭାବ୍ୟ ମୌଳବାଦୀକରଣ ଏବଂ ପୂର୍ବ ପୃଷ୍ଠଭୂମି ଯାଞ୍ଚ କରୁଛନ୍ତି। ସେ ସିରିଆରେ କିଛି ସମୟ ରହିଥିଲେ ଏବଂ ତାଙ୍କ ପୁରୁଣା ସାମାଜିକ ଗଣମାଧ୍ୟମ ପୋଷ୍ଟ ମଧ୍ୟ ଯାଞ୍ଚ ହେଉଛି। ରିପୋର୍ଟ ଅନୁଯାୟୀ, ଚରମପନ୍ଥୀ ୱେବସାଇଟ୍ ପ୍ରତି ତାଙ୍କ ଆଗ୍ରହ ନେଇ ଓମାନ ଏୟାର ତାଙ୍କୁ ଉଡ଼ାଣରୁ ବାରଣ କରିଥିଲା। ପରେ ତାଙ୍କୁ ମୌଳବାଦମୁକ୍ତି କାର୍ଯ୍ୟକ୍ରମରେ ରଖାଯାଇଥିବା ଦାବି ହୋଇଛି। ଏହା ସତ୍ତ୍ୱେ ସେ କିପରି ପରେ ଫ୍ଲାଇଦୁବାଇରେ ନିଯୁକ୍ତି ପାଇଲେ, ତାହା ମଧ୍ୟ ତଦନ୍ତର ପରିସରରେ ରହିଛି। ଘଟଣା ନେଇ ୟୁଏଇ ଓ ଫ୍ଲାଇଦୁବାଇ ପକ୍ଷରୁ ଏପର୍ଯ୍ୟନ୍ତ ବିସ୍ତୃତ ପ୍ରତିକ୍ରିୟା ମିଳିନାହିଁ।

ଏହି ଘଟଣାକୁ ନେଇ ଅଲ୍‌କାଏଦା ସହ ଜଡ଼ିତ ଏକ ପତ୍ରିକା ଆକ୍ରମଣକାରୀ ଓମାନୀ ସହ-ପାଇଲଟ୍‌ର ପ୍ରଶଂସା କରିଛି। ଆରବୀ ଭାଷାର ପତ୍ରିକା 'ଅଲ୍-ବୟାନ୍' ଆମେରିକା ଓ ଇସ୍ରାଏଲ୍‌ର ବିମାନକୁ ଲକ୍ଷ୍ୟ କରି ହିଂସାତ୍ମକ ଆକ୍ରମଣ ପାଇଁ ଆହ୍ୱାନ କରିଛି। ପତ୍ରିକାରେ ୨୦୦୧ ସେପ୍‌ଟେମ୍ବର ୧୧ର ଆତଙ୍କବାଦୀ ଆକ୍ରମଣ ସହ ଏହି ଘଟଣାକୁ ତୁଳନା କରାଯାଇଥିବା ଦାବି ହୋଇଛି।

# ରାଜ୍ୟସଭା ନିର୍ବାଚନ: ୨ ପ୍ରାର୍ଥୀ ଘୋଷଣା କଲା ବିଜେପି

## ଉତ୍ତରାଖଣ୍ଡରୁ ଦିନେଶ ଆର୍ଯ୍ୟ, ପଶ୍ଚିମବଙ୍ଗରୁ କୋଏଲ ମଲ୍ଲିକ



ନୂଆଦିଲ୍ଲୀ,୪।୧୦(ଏଜେନ୍ସି): ୨୦୨୬ ରାଜ୍ୟସଭା ନିର୍ବାଚନ ପାଇଁ ଦୁଇ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ବିଜେପି। ଉତ୍ତରାଖଣ୍ଡରୁ ଦିନେଶ ଆର୍ଯ୍ୟ ଏବଂ ପଶ୍ଚିମବଙ୍ଗରୁ ରୁକ୍ମିଣୀ ମଲ୍ଲିକ (କୋଏଲ ମଲ୍ଲିକ)ଙ୍କୁ ଦଳ ପ୍ରାର୍ଥୀ କରିଛି। ୧୨ଟି ରାଜ୍ୟସଭା ଆସନ ପାଇଁ ଅକ୍ଟୋବର ୧୬ରେ ଭୋଟଗ୍ରହଣ ଓ ଭୋଟଗଣତି ହେବ। ଏଥିରେ ଉତ୍ତରପ୍ରଦେଶର ୧୦ଟି ଏବଂ ଉତ୍ତରାଖଣ୍ଡ ଓ ପଶ୍ଚିମବଙ୍ଗର ଗୋଟିଏ ଲେଖାଏଁ ଆସନ ରହିଛି। ବର୍ତ୍ତମାନ ରାଜ୍ୟସଭାରେ ୨୪୫ଟି ଆସନ ଥିବାବେଳେ ୨୪୨ଟି ଆସନ ପୂରଣ ହୋଇଛି। ବିଜେପିର ୧୧୬ ଜଣ ସାଂସଦ ଥିବା ଦାବି କରାଯାଇଛି। ଉତ୍ତରପ୍ରଦେଶରେ ବିଜେପି ୮ଟି ଏବଂ ସମାଜବାଦୀ ପାର୍ଟି ୨ଟି ଆସନ ଜିତିପାରେ ବୋଲି ଆକଳନ କରାଯାଉଛି। ପଶ୍ଚିମବଙ୍ଗରେ ବିଜେପି ଗୋଟିଏ ଆସନ ହାସଲ କରିବାର ସମ୍ଭାବନା ଥିବାବେଳେ ଉତ୍ତରାଖଣ୍ଡରେ ଦଳ ନିଜର ଆସନ ବଜାୟ ରଖିବା ସମ୍ଭାବନା ରହିଛି। ରାଜ୍ୟସଭା ନିର୍ବାଚନରେ ଜନସାଧାରଣ ସିଧାସଳଖ ଭୋଟ୍ ଦିଅନ୍ତି ନାହିଁ। ରାଜ୍ୟ ବିଧାନସଭାର ନିର୍ବାଚିତ ବିଧାୟକମାନେ ଅନୁପାତିକ ପ୍ରତିନିଧିତ୍ୱ ପଦ୍ଧତିରେ ରାଜ୍ୟସଭା ସଦସ୍ୟଙ୍କୁ ନିର୍ବାଚିତ କରନ୍ତି। ପ୍ରତି ଦୁଇ ବର୍ଷରେ ଏକ-ତୃତୀୟାଂଶ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହୁଏ।

# ଦୁଇ ଇରାନୀ କୂଟନୀତିଜ୍ଞଙ୍କୁ ବହିଷ୍କାର କଲା ଆମେରିକା

ୱାଶିଂଟନ୍, ୪।୧୦(ଏଜେନ୍ସି): ଜାତିସଂଘ ସାଧାରଣ ସଭାରେ ଯୋଗଦେବା ପାଇଁ ନ୍ୟୁୟର୍କ ଆସିଥିବା ଦୁଇ ଇରାନୀ କୂଟନୀତିଜ୍ଞଙ୍କୁ ଆମେରିକା ଛାଡ଼ିବାକୁ ପଡ଼ିଛି। ସଭା ଶେଷ ପରେ ମଧ୍ୟ ସେମାନେ ନ୍ୟୁୟର୍କରେ ରହିଥିବାରୁ ଆମେରିକୀୟ କର୍ତ୍ତୃପକ୍ଷ ତୁରନ୍ତ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ରିପୋର୍ଟ ଅନୁସାରେ, ଅଧିକାଂଶ ଇରାନୀ ପ୍ରତିନିଧି ଫେରିଯାଇଥିଲେ। ତେବେ ଦୁଇଜଣ ନ୍ୟୁୟର୍କରେ ରହିଥିବା ଜଣାପଡ଼ିବା ପରେ ଇରାନୀ ମିଶନକୁ ସୂଚନା ଦିଆଯାଇଥିଲା। ଜଣେ ଶୁକ୍ରବାର ରାତିରେ ଓ ଅନ୍ୟଜଣ ଶନିବାର ସକାଳେ ଆମେରିକା ଛାଡ଼ିଥିଲେ। ଏହା ପୂର୍ବରୁ ଇରାନୀ ରାଷ୍ଟ୍ରପତି ମସୌଦ ପେଜେଶକିଆନ୍ ସାଧାରଣ ସଭାରେ ଆମେରିକା ଓ ଇସ୍ରାଏଲ୍ ବିରୋଧରେ ଅଭିଯୋଗ ଆଣିଥିଲେ। ସେ ଇରାନର ଶାନ୍ତିପୂର୍ଣ୍ଣ ପରମାଣୁ ପ୍ରଯୁକ୍ତି ଅଧିକାର ଛାଡ଼ିବ ନାହିଁ ବୋଲି କହିଥିଲେ। ସେହି ସମୟରେ ଇସ୍ରାଏଲ୍ ଇରାନୀ ପ୍ରତିନିଧିଙ୍କୁ ଷ୍ଟାର ଲିଙ୍କ୍ ଉପକରଣ ଦେବାକୁ ପ୍ରସ୍ତାବ ଦେଇଥିଲା, ଯାହାକୁ ସେମାନେ ଗ୍ରହଣ କରିନଥିଲେ।

# ଜମ୍ମୁ ସେନା ଶିବିରରୁ ଯବାନଙ୍କ ମୃତଦେହ ଉଦ୍ଧାର

ନୂଆଦିଲ୍ଲୀ,୪।୧୦(ଏଜେନ୍ସି): ଜମ୍ମୁର ସୁଞ୍ଜୱାନ ସେନା ଶିବିରରେ ଜଣେ ୪୫ ବର୍ଷୀୟ ସେନା ଯବାନଙ୍କ ମୃତଦେହ ରବିବାର ଏକ ଶେଡ୍‌ରୁ ଉଦ୍ଧାର କରାଯାଇଛି। ଘଟଣାକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଯବାନଙ୍କ ମୃତ୍ୟୁର ପରିସ୍ଥିତି ସମ୍ପର୍କରେ ଖୋଳତାଡ଼ ଜାରି ରହିଛି। ମୃତ ଯବାନଙ୍କୁ ମହାରାଷ୍ଟ୍ରର ବାସିନ୍ଦା ନାଏକ ୱାଘ ଅମ୍ବାଡେସ୍ ବୋଲି ଚିହ୍ନଟ କରାଯାଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ସେ ଶିବିରର ଏକ ଶେଡ୍‌ରେ ଝୁଲନ୍ତା ଅବସ୍ଥାରେ ମିଳିଥିଲେ। ପ୍ରାଥମିକ ଭାବେ ଏହା ଆତ୍ମହତ୍ୟା ଘଟଣା ହୋଇଥାଇପାରେ ବୋଲି କୁହାଯାଇଥିଲେ ମଧ୍ୟ ମୃତ୍ୟୁର ପ୍ରକୃତ କାରଣ ତୁରନ୍ତ ଜଣାପଡ଼ିନାହିଁ। ଘଟଣାର ସମ୍ପୂର୍ଣ୍ଣ ପରିସ୍ଥିତି ଜାଣିବା ପାଇଁ ପୁଲିସ ଇନକ୍ୱେଷ୍ଟ ପ୍ରକ୍ରିୟା ଆରମ୍ଭ କରିଛି। ମୃତଦେହକୁ ଜମ୍ମୁର ସରକାରୀ ମେଡିକାଲ କଲେଜ ହସ୍ପିଟାଲକୁ ପଠାଯାଇଛି। ସେଠାରେ ଶବ ବ୍ୟବଚ୍ଛେଦ ସହ ଆବଶ୍ୟକ ଆଇନଗତ ପ୍ରକ୍ରିୟା କରାଯିବ। ପୁଲିସ ତଦନ୍ତ ଶେଷ ହେବା ପରେ ଯବାନଙ୍କ ମୃତ୍ୟୁର ପ୍ରକୃତ କାରଣ ଓ ଘଟଣାର ପରିସ୍ଥିତି ସମ୍ପର୍କରେ ଅଧିକ ସୂଚନା ସ୍ପଷ୍ଟ ହେବ।

### ନିଟ୍-ୟୁଜି ପେପର ଲିକ୍ ମାମଲା

# ସିବିଆଇ ଚାର୍ଜସିଟ୍‌ରେ ଏନ୍‌ଟିଏ ଅଧିକାରୀଙ୍କୁ ମିଳିବ କ୍ଲିନ୍‌ଚିଟ୍ !

ନୂଆଦିଲ୍ଲୀ,୪।୧୦(ଏଜେନ୍ସି): ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଖୁବ୍‌ଶୀଘ୍ର ଦ୍ୱିତୀୟ ତଥା ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିବାକୁ ଯାଉଛି। ମିଳିଥିବା ରିପୋର୍ଟ ଅନୁଯାୟୀ, ଆସନ୍ତା ଏକ ସପ୍ତାହ ମଧ୍ୟରେ ଏହି ଚାର୍ଜସିଟ୍ ଦାଖଲ ହୋଇପାରେ। ରିପୋର୍ଟରେ ଦାବି କରାଯାଇଛି ଯେ, ମାମଲାରେ କୌଣସି କେନ୍ଦ୍ର ସରକାର କିମ୍ବା ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଅଧିକାରୀଙ୍କୁ ଅଭିଯୁକ୍ତ ଭାବେ ସାମିଲ କରାଯିବ ନାହିଁ। ଏନ୍‌ଟିଏ ଦ୍ୱାରା ନିଯୁକ୍ତ ବିଷୟ ବିଶେଷଜ୍ଞ, କୋଚିଂ ସେଣ୍ଟର ପରିଚାଳକ, ମଧ୍ୟସ୍ଥ ଏବଂ କିଛି ପରୀକ୍ଷାର୍ଥୀଙ୍କୁ ଅଭିଯୁକ୍ତ ଭାବେ ଚାର୍ଜସିଟ୍‌ରେ ଦର୍ଶାଯାଇପାରେ ବୋଲି ରିପୋର୍ଟରେ କୁହାଯାଇଛି। ଏହି ମାମଲାରେ ସିବିଆଇ ଏପର୍ଯ୍ୟନ୍ତ ରାଜସ୍ଥାନ, ହରିୟାଣା ଓ ମହାରାଷ୍ଟ୍ରରୁ ୧୩ ଜଣଙ୍କୁ ଗିରଫ କରିଛି। ଏହି ୧୩ ଜଣଙ୍କୁ ମାମଲାର ପ୍ରମୁଖ ଅଭିଯୁକ୍ତ ଭାବେ ତଦନ୍ତ କରାଯାଉଛି। ସିବିଆଇ ଗତ ଜୁଲାଇ ୨୮ ତାରିଖରେ ଏହି ମାମଲାରେ ପ୍ରଥମ ଚାର୍ଜସିଟ୍ ଦାଖଲ କରିଥିଲା। ସେତେବେଳେ ତଦନ୍ତକାରୀ ସଂସ୍ଥା 'ଅନ୍ୟ ଷଡ଼ଯନ୍ତ୍ରକାରୀଙ୍କ' ଭୂମିକା ସମ୍ପର୍କରେ ତଦନ୍ତ ଜାରି ରହିଥିବା କହିଥିଲା। କେନ୍ଦ୍ରୀୟ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରି (ସିଏଫ୍ଏସ୍ଏଲ୍), ଗଭର୍ଣ୍ଣମେଣ୍ଟ ଏକ୍ସାମିନର୍ ଅଫ୍ କ୍ୱେଶ୍ଚେଣ୍ଡ ଡକ୍ୟୁମେଣ୍ଟସ୍ (ଜିଇକ୍ୟୁଡି) ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ମତାମତକୁ ସିବିଆଇ ଅପେକ୍ଷା କରିଥିଲା। ସିବିଆଇର ପ୍ରଥମ ଚାର୍ଜସିଟ୍ ଅନୁଯାୟୀ, ନିଟ୍-ୟୁଜି ୨୦୨୬ ପ୍ରଶ୍ନପତ୍ର ପ୍ରସ୍ତୁତିର ବିଭିନ୍ନ ପର୍ଯ୍ୟାୟରେ ଏନ୍‌ଟିଏ ସମାନ ତିନିଜଣ ବିଷୟ ବିଶେଷଜ୍ଞଙ୍କୁ ପୁନର୍ବାର ନିଯୁକ୍ତ କରିଥିଲା। ମାମଲାରେ ସିବିଆଇ ଭାରତୀୟ ନ୍ୟାୟ ସଂହିତା (ବିଏନ୍ଏସ୍)ର ଅପରାଧିକ ଷଡ଼ଯନ୍ତ୍ର, ଠକେଇ, ବିଶ୍ୱାସଭଙ୍ଗ ଓ ପ୍ରମାଣ ନଷ୍ଟ କରିବା ସମ୍ବନ୍ଧୀୟ ଧାରାରେ ମାମଲା ରୁଜୁ କରିଛି। ଏହାସହ ଦୁର୍ନୀତି ନିବାରଣ ଆଇନ ଏବଂ ୨୦୨୪ର ସାର୍ବଜନୀନ ପରୀକ୍ଷାରେ ଅସାଧୁ ଉପାୟ ନିବାରଣ ଆଇନର ବିଭିନ୍ନ ବ୍ୟବସ୍ଥା ମଧ୍ୟ ଲାଗୁ କରାଯାଇଛି। ତଦନ୍ତର ଅଂଶ ଭାବେ ସିବିଆଇ ୧୩ ଅଭିଯୁକ୍ତଙ୍କ ବ୍ୟାଙ୍କ ଖାତା, ବ୍ୟାଙ୍କ ଲକର୍ ଏବଂ ଏକ ଡିମାଟ୍ ଖାତାକୁ ଫ୍ରିଜ୍ କରିଥିବା ଜଣାପଡ଼ିଛି। ନିଟ୍-ୟୁଜି ୨୦୨୬ ପରୀକ୍ଷା ମେ ୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ପ୍ରଶ୍ନପତ୍ର ଲିକ୍ ନେଇ ଅଭିଯୋଗ ଆସିବା ପରେ ସରକାର ଓ ଏନ୍‌ଟିଏ ପରୀକ୍ଷା ବାତିଲ କରିଥିଲେ। ପରେ ଜୁନ୍ ୨୧ରେ ପୁନର୍ବାର ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ସମଗ୍ର ଘଟଣାକ୍ରମ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ୨୦ରୁ ଅଧିକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ରିପୋର୍ଟରେ ଦାବି କରାଯାଇଛି। ତେବେ ମାମଲାରେ କାହାର ଭୂମିକା ଥିଲା ଏବଂ ଅଭିଯୋଗଗୁଡ଼ିକ କେତେଦୂର ସତ୍ୟ, ତାହା ସିବିଆଇର ଚୂଡ଼ାନ୍ତ ତଦନ୍ତ ଓ ଆଇନଗତ ପ୍ରକ୍ରିୟା ପରେ ସ୍ପଷ୍ଟ ହେବ।



# ରାଜନୈତିକ ଦଳରେ ମିଶିବାକୁ ନେଇ ଗୁଳିମାଡ଼

## ସଙ୍କଟାପନ୍ନ ଅବସ୍ଥାରେ ଯୁବକ ହସ୍ପିଟାଲରେ ଭର୍ତ୍ତି; ଅଭିଯୁକ୍ତ ଫେରାର୍

ବ୍ରହ୍ମଗିରି,୪।୧୦(ସମିସ): ରବିବାର ବ୍ରହ୍ମଗିରି ଥାନା କାଳିକାବାଡ଼ି ଗ୍ରାମରେ ରାଜନୈତିକ ଆକ୍ରୋଶ ନେଇ ଜଣେ ବ୍ୟକ୍ତିଙ୍କୁ ଗୁଳିମାଡ଼ କରାଯାଇଥିବା ଜଣାପଡ଼ିଛି। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପ୍ରଥମେ ରେବଣା ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଆହତ ଜଣକ ହେଲେ ଉକ୍ତ ଗ୍ରାମର ତୋଫାନ ପାହାଲ(୩୫)। ଗୁଳିଟି ତାଙ୍କ ଛାତିରେ ବାଜିଥିବା ଜଣାପଡ଼ିଛି। ଗୁଳିମାଡ଼ କରିଥିବା ବ୍ୟକ୍ତି ଜଣକ ତୋଫାନଙ୍କ ସମ୍ପର୍କୀୟ ଭାଇ ଦୁର୍ଯ୍ୟୋଧନ ପାହାଳ ଓରଫ ବୁଲୁ ବୋଲି ଜଣାପଡ଼ିଛି। ଗୁଳିମାଡ଼ ପରେ ଅଭିଯୁକ୍ତ ଦୁର୍ଯ୍ୟୋଧନ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ଆନୁଯାୟୀ, କାଳିକାବାଡ଼ି ଗ୍ରାମର ହରିଆ ପାହାଳ ଓ ଦୁର୍ଯ୍ୟୋଧନ ପାହାଳ (ବୁଲୁ) ଏହି ଦୁଇ ଭାଇଙ୍କର ଏକ ରାଇସ୍ ମିଲ୍ ଓ ଏକ ଭାରତ ଗ୍ୟାସ୍ ଡିଲରସିପ୍ ରହିଛି। ୨୦୨୪ ମସିହା ସାଧାରଣ ନିର୍ବାଚନରେ ଏ ଦୁଇ ଭାଇ ଭାରତୀୟ ଜନତା ପାର୍ଟି ପାଇଁ କାମ କରୁଥିବାବେଳେ ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ଦଳରେ ବିଧିବଦ୍ଧ ଭାବେ ଯୋଗଦେବା ପାଇଁ ତାଙ୍କୁ ଦୀର୍ଘ ୬ ମାସ ହେଲାଣି କିଛି ଶାସକ ଦଳର କର୍ମୀ ଚାପ ପକାଉଥିଲେ। ସେଥିପାଇଁ ଏ ଦୁଇ ଭାଇ ନିଜ ଗ୍ରାମର କିଛି ବିଜେପି ନେତାଙ୍କ ମଧ୍ୟରେ ଆଲୋଚନା କରିଆସୁଥିଲେ।



ଏନେଇ ରବିବାର ଗ୍ରାମର ଶାସକ ଦଳର ନେତାଙ୍କ ପକ୍ଷରୁ ଆୟୋଜିତ ଏକ ବୈଠକରେ କେତେକ ଗ୍ରାମବାସୀ ଉକ୍ତ ଦୁଇ ଭାଇଙ୍କ ସାଙ୍ଗରେ ବିଜେପିରେ ଯୋଗଦେବା ପାଇଁ ରୋକ୍‌ଠୋକ୍ ମନା କରିଦେଇଥିଲେ। ଫଳରେ ଏହି କଥାରୁ ଆରମ୍ଭ ହୋଇଥିଲା ଗଣ୍ଡଗୋଳର ସୂତ୍ରପାତ। ହଠାତ୍ କେହି କିଛି ବୁଝିବା ପୂର୍ବରୁ ଦୁର୍ଯ୍ୟୋଧନ ପାହାଳ (ବୁଲୁ) ନିଜ ପାଖରେ ରଖିଥିବା ଏକ ବନ୍ଧୁକ ବାହାର କରି ତୋଫାନ ପାହାଳଙ୍କୁ ଗୁଳିମାଡ଼ କରିଥିଲା। ସେହିଠାରେ ହିଁ ତୋଫାନ ଟଳି ପଡ଼ିଥିଲେ। ଗୁଳିକାଣ୍ଡ ଘଟାଇ ଦୁର୍ଯ୍ୟୋଧନ ସେଠାରୁ ଫେରାର୍ ହୋଇଯାଇଛନ୍ତି। ତୋଫାନଙ୍କୁ ପ୍ରଥମେ ରେବଣା ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଖବର ପାଇ ବ୍ରହ୍ମଗିରି ଥାନା ଆଇଆଇସି ଓ ସଦର ଥାନା ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ମିଳିତ ଭାବରେ ବିଭିନ୍ନ ଦିଗକୁ ଲକ୍ଷ୍ୟ କରି ତଦନ୍ତ ଆରମ୍ଭ କରିଛନ୍ତି। ପୁରୀ ଏସ୍‌ପି ପ୍ରତୀକ ସିଂହ, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ଏବଂ ସାଇଣ୍ଟିଫିକ୍ ଟିମ୍ ମଧ୍ୟ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି। ଗୁଳିକାଣ୍ଡ ପରେ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଅଧିକ ଉତ୍ତେଜନାକୁ ଏଡ଼ାଇବା ପାଇଁ ଦୁଇ ଭାଇଙ୍କ ଗ୍ୟାସ୍ ଡିପୋ, କୁକୁଡ଼ା ଫାର୍ମ, ଇଟା ଫ୍ୟାକ୍ଟ୍ରିରେ ପୁଲିସ ମୁତୟନ କରାଯିବା ସହ ମା' ମଙ୍ଗଳା ରାଇସ୍ ମିଲ୍‌କୁ ପ୍ରଶାସନ ପକ୍ଷରୁ ବ୍ରହ୍ମଗିରି ଅତିରିକ୍ତ ତହସିଲ୍‌ଦାର ଶରତ କୁମାର ଦେହୁରୀ ସିଲ୍ କରିଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଭିଯୁକ୍ତ ଜଣକ କେଉଁଠାରୁ ଆଣିଲା ବନ୍ଧୁକ, କିଏ ଦେଲା ଏହି ବନ୍ଧୁକ ତାହାର ତଦନ୍ତ ହେବା ଦରକାର। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନ ଥିବାବେଳେ ଆହତ ତୋଫାନଙ୍କ ବାପା ବିଦ୍ୟାଧର ପାହାଳ ଘଟଣା ସମ୍ପର୍କରେ ପୁଲିସକୁ ଜଣାଇଛନ୍ତି।

**ଗୁଳିମାଡ଼ କରିଥିବା ବ୍ୟକ୍ତି ଜଣକ ହେଉଛନ୍ତି ଆହତ ଯୁବକଙ୍କ ସମ୍ପର୍କୀୟ ଭାଇ**



ଗଡ଼ମଧୁପୁରରେ ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଆକ୍ରମଣ ପ୍ରତିବାଦରେ ଯାଜପୁର ଏସ୍‌ପି ଅଫିସ୍ ସମ୍ମୁଖରେ ବରିଷ୍ଠ ବିଜେଡି ନେତୃବୃନ୍ଦଙ୍କ ଧାରଣା

### ଏସ୍‌ଆଇଆର୍ ବିବାଦ

## ଆପତ୍ତି ଉଠାଇଲେ ପୂର୍ବତନ ଡିଜି

ଭୁବନେଶ୍ୱର,୪।୧୦(ସମିସ): ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ଜାତୀୟ ସ୍ତରରେ ବଡ଼ ବିବାଦ ଜାରି ରହିଛି। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଓଡ଼ିଶାର ପୂର୍ବତନ ପୁଲିସ ଡିଜି ଅଭୟ ଆଜି ନିଜ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପୋଷ୍ଟ କରି ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ଆପତ୍ତି ଉଠାଇଛନ୍ତି। ଶ୍ରୀ ଅଭୟ ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ଏସ୍‌ଆଇଆର୍ ପ୍ରକ୍ରିୟା ଯେପରି ଭାବେ କଳ୍ପନା କରାଯାଇଥିଲା ଏବଂ କାର୍ଯ୍ୟକାରୀ କରାଯାଇଥିଲା, ତାହା ଭୁଲ ଥିଲା। ଏହା କୋଟି କୋଟି ଭାରତୀୟ ନାଗରିକଙ୍କୁ ମତଦାନ ଅଧିକାରରୁ ବଞ୍ଚିତ କରିଛି। ସଂଶୋଧନାତ୍ମକ ପଦକ୍ଷେପ ନେବା ଆବଶ୍ୟକ ମାତ୍ର ଏହାର ଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଉଚିତ ବୋଲି ସେ କହିଛନ୍ତି। ଅଭୟ ଓଡ଼ିଶା ପୁଲିସର ଡିଜିପି ଭାବେ ନଭେମ୍ବର ୨୦୧୯ରୁ ଡିସେମ୍ବର ୨୦୨୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ତାଙ୍କ ଏହି ମନ୍ତବ୍ୟକୁ ଅନେକ ଜାତୀୟ ସ୍ତରରେ ବ୍ୟକ୍ତିବିଶେଷ 'ରି-ପୋଷ୍ଟ' କରିବା ସହ ନିର୍ବାଚନ କମିସନଙ୍କୁ ସମାଲୋଚନା କରୁଛନ୍ତି। ଦେଶର ବିଭିନ୍ନ ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ଯୋଗୁଁ ଲକ୍ଷ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ କାଟି ଦିଆଯାଇଥିବାର ଅଭିଯୋଗ ହୋଇ ଆସୁଛି। ଓଡ଼ିଶାରେ ମଧ୍ୟ ଏସ୍‌ଆଇଆର୍ ଯୋଗୁଁ ୨୦.୫୬ ଲକ୍ଷ ନାମକୁ ବାଦ୍ ଦିଆଯାଇଛି। ଏହି ସଂଖ୍ୟାକୁ ନେଇ ରାଜନୈତିକ ଦଳ ଓ ସାଧାରଣ ଜନତାଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

### ପୀତବାସ ପଣ୍ଡା ହତ୍ୟା ମାମଲା

## ସ୍ୱତନ୍ତ୍ର କୋର୍ଟରେ ବିଚାରଣା ଆଜି

ବ୍ରହ୍ମପୁର,୪।୧୦(ସମିସ): ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଆଜି ସ୍ଥାନୀୟ ସ୍ୱତନ୍ତ୍ର ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ(୩ୟ)ଙ୍କ କୋର୍ଟରେ ବିଚାରଣା ପାଇଁ ଦିନ ଧାର୍ଯ୍ୟ ହୋଇଛି। ଏଣୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ଅଭିଯୁକ୍ତ କୋର୍ଟରେ ହାଜର ହେବେ। ମାମଲାରେ ଗିରଫ ହୋଇ ପର୍ଯ୍ୟାୟ କ୍ରମେ କୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିବା ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ରାଜେନ୍ଦ୍ର ସାହୁ ବ୍ୟକ୍ତିଗତ ଭାବେ କୋର୍ଟରେ ହାଜର ହେବେ। ସେହିଭଳି ଫୁଲବାଣୀ ଜେଲରୁ ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ ଦାଶ ଏବଂ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ଅନ୍ୟ ୧୩ଜଣ ଅଭିଯୁକ୍ତ ଆଭାସୀରେ ହାଜର ହେବାର କାର୍ଯ୍ୟକ୍ରମ ରହିଛି। ତେବେ ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୩ୟ) ବିବସ୍ୱତ ଗୌତମଙ୍କ କୋର୍ଟରେ ଏହି ମାମଲାରେ ଚାର୍ଜଫ୍ରେମ ଉପରେ ବାଚାରଣା ଚାଲିଥିବା ବେଳେ ଏହା ଉପରେ ହାଇକୋର୍ଟରୁ ଦୁଇଟି ପୃଥକ ପୃଥକ ପିଟିସନ ଉପରେ ରହିତାଦେଶ ରହିଥିବା ଜଣାପଡିଛି। ଫଳରେ ଆସନ୍ତା କାଲି ଯଦିଓ ଅଭିଯୁକ୍ତମାନେ କୋର୍ଟରେ ହାଜର ହେବେ ତେବେ ଶୁଣାଣି ବା ବିଚାରଣା ଆଗକୁ ବଢ଼ିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ସେହିଭଳି ବ୍ରହ୍ମପୁର ଜେଲରୁ ଜେଲ ଡାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ଫୋନରୁ ସାକ୍ଷ୍ୟଙ୍କ ସହିତ କଥାହେବା ଅଭିଯୋଗରେ ଗୋଷାଣୀନୂଆଗାଁ ଥାନାରେ ହୋଇଥିବା ଏକ ମାମଲାରେ ଆସନ୍ତା ୬ତାରିଖରେ ଥାନାରେ ହାଜର ହେବାକୁ ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କୁ ଗୋଷାଣୀନୂଆଗାଁ ଥାନାରୁ ନୋଟିସ ଆସିଥିବା ଜଣାପଡିଛି। ପୂର୍ବରୁ ଏହି ମାମଲାରେ ଜେଲ ଡାକ୍ତର ସୁଶାନ୍ତ ପାଣିଗ୍ରାହୀ ଥାନାରେ ହାଜର ହୋଇ ନିଜର ବୟାନ ରଖିଥିବା ଜଣାପଡିଛି। ଡାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ମୋବାଇଲରୁ ମାମଲାରେ ଅନ୍ୟତମ ସାକ୍ଷୀ ଥିବା ଲଳିତ ମଙ୍ଗରାଜଙ୍କ ସହିତ ମଦନ ଦଳେଇ ଓ ବିକ୍ରମ ପଣ୍ଡା କଥା ହୋଇଥିବା ନେଇ ଅଭିଯୋଗ ହୋଇଥିଲା।

# ସାପ କାମୁଡ଼ାରେ ୯ମ ଶ୍ରେଣୀ ଛାତ୍ର ମୃତ, ଜଣେ ଗୁରୁତର

ଡେଲାଙ୍ଗ,୪।୧୦(ସମିସ): ଡେଲାଙ୍ଗ ବ୍ଲକ୍‌ରେ ସାପ କାମୁଡ଼ାରେ ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଛାତ୍ର ଗୁରୁତର ଭାବେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ସାଇସ୍ୱଙ୍ଗ ଜେନା। ଅନ୍ୟ ଜଣେ ଛାତ୍ର ପି.କେ ଜ୍ଞାନରଞ୍ଜନ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

ମୁନିନ୍ଦା ପଞ୍ଚାୟତର କବି ପ୍ରଶନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଛାତ୍ରଛାତ୍ରୀମାନଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ସନ୍ଧ୍ୟାରେ କ୍ରୀଡ଼ା ଶେଷ ହୋଇଥିବାବେଳେ କେତେକ କ୍ରୀଡ଼ାବିତ୍‌ମାନେ ଘରକୁ ଚାଲିଯାଇଥିଲେ ଓ ଅନ୍ୟ କେତେକ ଛାତ୍ର ଘରକୁ ନ ଯାଇ ବିଦ୍ୟାଳୟରେ ରାତ୍ର ବିଶ୍ରାମ କରିଥିଲେ। ସେହି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା ପିଲାମାନଙ୍କ ସହିତ ମଧ୍ୟ ବିଦ୍ୟାଳୟରେ ବିଶ୍ରାମ ନେଇଥିଲେ। ବିଳମ୍ବିତ ରାତିରେ ଛାତ୍ର ପି.କେ ଜ୍ଞାନରଞ୍ଜନଙ୍କ ହାତକୁ କୌଣସି ଯନ୍ତୁ କାମୁଡ଼ି ଦେଇଥିବା ନେଇ ସେ ହଠାତ୍ ଉଠିପଡ଼ି ଚିତ୍କାର କରିଥିଲେ। ଶିକ୍ଷକ ଶ୍ରୀ ଜେନା କ୍ଷତସ୍ଥାନକୁ ଦେଖିବା ପରେ ହାତରେ ଏକ ସୂତା ବାନ୍ଧି ତାଙ୍କୁ ଡେଲାଙ୍ଗ ଡାକ୍ତରଖାନାକୁ ପଠାଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଅନ୍ୟପଟେ ରାତି ୧ଟା ୩୦ରେ ଶିକ୍ଷକ ସୂର୍ଯ୍ୟନାରାୟଣଙ୍କ ପୁଅ ତଥା ନବମ ଶ୍ରେଣୀ ଛାତ୍ର ସାଇସ୍ୱଙ୍ଗ ଜେନାଙ୍କ ଛାତିରେ ଯନ୍ତ୍ରଣା ହେବା ସହିତ ମୁଣ୍ଡ ବୁଲାଉଥିବା ନେଇ ସେ ତାଙ୍କ ବାପାଙ୍କୁ କହିଥିଲେ। ଶିକ୍ଷକ ତଥା ସାଇଙ୍କ ବାପା ଶରୀରର ବିଭିନ୍ନ ସ୍ଥାନ ତଦାରଖ କରିବାରେ ସାଇଙ୍କ କାନରେ ଏକ ଦାନ୍ତ ଚିହ୍ନ ବସିଥିବା ଦେଖିବାକୁ ପାଇଥିଲେ। କାଳବିଳମ୍ବ ନ କରି ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ନେଇଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସାଇସ୍ୱଙ୍ଗଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ଛାତ୍ର ଜ୍ଞାନରଞ୍ଜନ ଏବେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଜଣାପଡ଼ିଛି। ମୃତ ଛାତ୍ରଙ୍କ ପରିବାର ଲୋକେ ସାଇଙ୍କ ଚକ୍ଷୁଦାନ କରିଥିବା ନେଇ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ଡାକ୍ତରଖାନା କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି।

**ମୃତ ଛାତ୍ରଙ୍କ ଚକ୍ଷୁଦାନ କଲେ ପରିବାର ଲୋକେ**



### ରେଭେନ୍ସା ବିଶ୍ୱବିଦ୍ୟାଳୟ ମହାନଦୀ ହଷ୍ଟେଲ

## ଖାଦ୍ୟରୁ ପୋକ ବାହାରିବା ଅଭିଯୋଗରେ ଛାତ୍ରୀଙ୍କ ଧାରଣା

କଟକ, ୪।୧୦(ସମିସ): ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଥିବା ମହାନଦୀ ହଷ୍ଟେଲରେ ଅସନ୍ତୋଷ ଓ ଉତ୍ତେଜନା ସୃଷ୍ଟି ହୋଇଛି। ହଷ୍ଟେଲ ମେସ୍ ଖାଦ୍ୟରେ ପୋକ ବାହାରିବାକୁ କେନ୍ଦ୍ରକରି ୮୦ରୁ ଊର୍ଦ୍ଧ୍ୱ ଛାତ୍ରୀ ହଷ୍ଟେଲ ସାମ୍ନାରେ ଧାରଣାରେ ବସିଛନ୍ତି। ନିମ୍ନମାନର ତଥା ଅସ୍ୱାସ୍ଥ୍ୟକର ଖାଦ୍ୟ ପରିବେଷଣକୁ ନେଇ ଛାତ୍ରୀମାନେ କ୍ଷୋଭ ପ୍ରକାଶ କରିବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ ନାରାବାଜି କରିଛନ୍ତି। ଅଭିଯୋଗ ଅନୁଯାୟୀ, ମହାନଦୀ ହଷ୍ଟେଲରେ ବିଭିନ୍ନ ସମୟରେ ପରିବେଷଣ କରାଯାଉଥିବା ଖାଦ୍ୟରୁ ପୋକ ବାହାରୁଥିବା ନେଇ ଛାତ୍ରୀମାନେ ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳି ନଥିଲା କିମ୍ବା ଖାଦ୍ୟର ଗୁଣବତ୍ତା ସୁଧାରିବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଶେଷରେ ବାଧ ହୋଇ ଆଜି ଛାତ୍ରୀମାନେ ଏକାଠି ହୋଇ ହଷ୍ଟେଲ ଆଗରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଘଟଣା ସମ୍ପର୍କରେ ଖବର ପାଇ ବିଶ୍ୱବିଦ୍ୟାଳୟର ଚିଫ୍ ୱାର୍ଡେନ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଛାତ୍ରୀମାନଙ୍କୁ ବୁଝାସୁଝା କରୁଛନ୍ତି। ମେସ୍ ପରିଚାଳନା ଓ ଖାଦ୍ୟର ମାନ ଯାଞ୍ଚ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଉଥିଲେ ବି, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଛାତ୍ରୀମାନେ ଜିଦ୍‌ରେ ଅଟଳ ଅଛନ୍ତି।

### ବୁଢ଼ାବଳଙ୍ଗ ନଦୀପଠାରୁ ବାହାରୁଛି ସୁନା

# ଆନ୍ତଃରାଜ୍ୟ ରାକେଟ୍ ସକ୍ରିୟ, ପ୍ରଶାସନ ବେଖବର

ବାରିପଦା, ୪।୧୦ (ସମିସ): ସୁବର୍ଣ୍ଣରେଖା ନଦୀ ବାଲିରୁ ସୁନାକଣିକା ମିଳୁଥିବା କଥା ସମସ୍ତେ ଜାଣନ୍ତି, ମାତ୍ର ଏବେ ବୁଢ଼ାବଳଙ୍ଗ ନଦୀରୁ ମଧ୍ୟ ବିପୁଳ ସୁନା ବାହାରୁଥିବା ଦେଖିବାକୁ ମିଳିଛି। ମୟୂରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା ବ୍ଲକ ଅଧୀନ ସିନ୍ଦୂରଗୌରା ପଞ୍ଚାୟତର ଗୁମୁଡ଼ି ଗ୍ରାମ ନିକଟସ୍ଥ ବୁଢ଼ାବଳଙ୍ଗ ନଦୀପଠାରେ ଏପରି ଏକ ଆଶ୍ଚର୍ଯ୍ୟଜନକ ତଥା ଚିନ୍ତାଜନକ ଦୃଶ୍ୟ ସାମ୍ନାକୁ ଆସିଛି। ପ୍ରତିଦିନ ସକାଳ ହେଲେ ଏଠାରେ ପ୍ରାୟ ଦୁଇରୁ ତିନିଶହ ଲୋକ ରୁଣ୍ଡ ହୋଇ ନଦୀବାଲି ଧୋଇ ସୁନା ଛାଣିବାରେ ଲାଗିପଡୁଛନ୍ତି। ଏହି ମୂଲ୍ୟବାନ ସୁନା ସଂଗ୍ରହ ପଛରେ ଏକ ବଡ଼ ଧରଣର ଆନ୍ତଃରାଜ୍ୟ ରାକେଟ୍ ସକ୍ରିୟ ରହିଛି।

ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ପ୍ରତିଦିନ ସକାଳେ ପ୍ରାୟ ୧୫ରୁ ୨୦ଟି ଗାଡ଼ି ଯୋଗେ ଶହ ଶହ ଶ୍ରମିକଙ୍କୁ ନଦୀପଠାକୁ ଅଣାଯାଉଛି। ଏହି ପୁରୁଷ ଓ ମହିଳା ଶ୍ରମିକଙ୍କୁ ମୟୂରଭଞ୍ଜ ଜିଲ୍ଲାର ଶୀର୍ଷା ଅଞ୍ଚଳ ସମେତ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଦୈନିକ ମାତ୍ର ୩ ଶହ ଟଙ୍କା ମଜୁରିରେ ନିୟୋଜିତ କରାଯାଉଛି। ଶ୍ରମିକମାନେ ଦିନତମାମ କଠିନ ପରିଶ୍ରମ କରି ବାଲି ଛାଣିବା ସହ ସୁନାକଣିକା ସଂଗ୍ରହ କରୁଛନ୍ତି। ତେବେ ଏହି ବେଆଇନ କାରବାର ପଛରେ କେଉଁ ମୁଖ୍ୟ ଖଳନାୟକ ରହିଛି ଓ ବିଗତ ଏକ ମାସ ଧରି ଚାଲିଥିବା ଏହି ଖନନରୁ କେତେ ପରିମାଣର ସୁନା ହଡ଼ପ କରାଯାଇଛି, ତାହା ଉଚ୍ଚସ୍ତରୀୟ ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ଦିନଦ୍ୱିପ୍ରହରରେ ଏପରି ଖଣିଜ ଲୁଟ୍ ଚାଲିଥିବାବେଳେ ସ୍ଥାନୀୟ ପ୍ରଶାସନ ଏ ବାବଦରେ ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। ଏ ସମ୍ପର୍କରେ ଶାମାଖୁଣ୍ଟା ତହସିଲଦାର ସାହେବରାମ ବାସ୍କେଙ୍କୁ ପଚାରିବାରୁ ସେ କହିଛନ୍ତି, ଏଭଳି ଘଟଣା ସମ୍ପର୍କରେ ତହସିଲ କାର୍ଯ୍ୟାଳୟ ନିକଟରେ କୌଣସି ପୂର୍ବ ସୂଚନା ନାହିଁ। ତେବେ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ନଦୀରୁ ବେଆଇନ ସୁନା ସଂଗ୍ରହ ରୋକିବା ନିମନ୍ତେ ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଦାବି ହେଉଛି।



**ନଦୀ ବାଲି ଛାଣିବାକୁ ଆସୁଛନ୍ତି ଶହ ଶହ ଶ୍ରମିକ**

**ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଗାଡ଼ି ଭଡ଼ା କରି ଅଣାଯାଉଛି**

**ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ କହିଲେ ଶାମାଖୁଣ୍ଟା ତହସିଲଦାର**

# ସ୍ୱର୍ଣ୍ଣ ପଦକ ବିଜେତା ଆଜି ଦିନ ମଜୁରିଆ

ସଇଁତଲା,୪।୧୦(ସମିସ): ଦିନେ ନିଜ ପ୍ରତିଭା ବଳରେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶାର ନାଁକୁ ଗର୍ବିତ କରିଥିଲେ। ସାଇକେଲ ଚାଳନା ପ୍ରତିଯୋଗିତାରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିଥିବା ରାମ ବରିହା ଏବେ ପରିବାର ପେଟ ପାଇଁ ଦିନ ମଜୁରି କରୁଛନ୍ତି। ନା ଅଛି ଭଲ ସାଇକଲ, ନା ଅଛି ନିୟମିତ ପ୍ରଶିକ୍ଷଣର ସୁବିଧା। ଆର୍ଥିକ ସମସ୍ୟା ତାଙ୍କ କ୍ରୀଡ଼ା ଜୀବନ ଆଗରେ ବଡ଼ ପ୍ରତିବନ୍ଧକ ହୋଇ ଠିଆ ହୋଇଛି। ତଥାପି ହାର ମାନିନାହାନ୍ତି ରାମ। ପୁଣିଥରେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତିବାର ସ୍ୱପ୍ନ ଦେଖୁଛନ୍ତି। ସଇଁତଲା ବ୍ଲକର ଆରଏସଡି ବୌଦ୍ଧିକ ଭିନ୍ନକ୍ଷମ ସ୍କୁଲରେ ପାଠ ପଢ଼ିଥିବା ରାମ ଛୋଟବେଳୁ ନିଜ ପ୍ରତିଭାର ପରିଚୟ ଦେଇଥିଲେ। ଭିନ୍ନକ୍ଷମତାକୁ ସେ କେବେ ନିଜ ସଫଳତାର ବାଧା ହେବାକୁ ଦେଇ ନ ଥିଲେ। ସାଇକଲ ଚାଳନାକୁ ନିଜର ଲକ୍ଷ୍ୟ କରି କଠିନ ପରିଶ୍ରମ କରିଥିଲେ। ତାଙ୍କ ପ୍ରତିଭା ତାଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ମଞ୍ଚରେ ପହଞ୍ଚାଇଥିଲା। ସେଠାରେ ଦେଶ ପାଇଁ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ରାମ ନିଜ ଅଞ୍ଚଳ ସହ ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଥିଲେ। ତାଙ୍କ ସଫଳତାର ସ୍ମୃତି ଭାବେ ଆଜି ମଧ୍ୟ ସେହି ଦୁଇଟି ସ୍ୱର୍ଣ୍ଣ ପଦକ ରହିଛି। ପଦକଗୁଡ଼ିକୁ ଦେଖିଲେ ରାମଙ୍କ ଆଖିରେ ନିଜ ସଫଳତାର ଚମକ ଦେଖାଯାଏ; କିନ୍ତୁ ସମୟ ବଦଳିବା ସହ ତାଙ୍କ ଜୀବନର ପରିସ୍ଥିତି ମଧ୍ୟ ବଦଳିଯାଇଛି। ଯେଉଁ ହାତ ଦିନେ ସ୍ୱର୍ଣ୍ଣ ପଦକ ଧରିଥିଲା, ଆଜି ସେହି ହାତ ଶ୍ରମ କରି ପରିବାର ଚଳାଇବାକୁ ବାଧ୍ୟ ହେଉଛି। ରାମଙ୍କ ପରିବାରର ଆର୍ଥିକ ସ୍ଥିତି ମଧ୍ୟ ସ୍ୱଚ୍ଛଳ ନୁହେଁ। ପରିବାର ଚଳାଇବା ପାଇଁ ତାଙ୍କ ମାଆ ଟ୍ରେନରେ ଭିକ୍ଷାବୃତ୍ତି କରୁଥିବା ବେଳେ ରାମ ନିଜେ ଦିନ ମଜୁରି କରି ଜୀବିକା ନିର୍ବାହ କରୁଛନ୍ତି। ଏଭଳି ପରିସ୍ଥିତିରେ କ୍ରୀଡ଼ା ଅଭ୍ୟାସ ଜାରି ରଖିବା ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ତଥାପି ରାମଙ୍କ ମନରୁ ଦେଶ ପାଇଁ ଆଉ ଏକ ପଦକ ଜିତିବାର ସ୍ୱପ୍ନ ମରିନାହିଁ। ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ ପକ୍ଷରୁ ୨୦୨୭ରେ ଦକ୍ଷିଣ ଆମେରିକାର ଚିଲିରେ ହେବାକୁ ଥିବା ବିଶ୍ୱ କ୍ରୀଡ଼ାର ଆନ୍ତର୍ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତା ପାଇଁ ରାମ ମନୋନୀତ ହୋଇଛନ୍ତି। ଏହି ସୁଯୋଗ ତାଙ୍କ କ୍ରୀଡ଼ା ଜୀବନ ପାଇଁ ଏକ ବଡ଼ ଆଶା ସୃଷ୍ଟି କରିଛି; ହେଲେ ଅନ୍ତର୍ଜାତୀୟ ମଞ୍ଚରେ ଭାଗ ନେବା ପାଇଁ ଆବଶ୍ୟକ ଭଲ ସାଇକଲ, ଉପକରଣ, ନିୟମିତ ପ୍ରଶିକ୍ଷଣ ଓ ଆର୍ଥିକ ସହାୟତା ରାମଙ୍କ ପାଖରେ ନାହିଁ। ଅର୍ଥ ଅଭାବ ଯୋଗୁଁ ତାଙ୍କ ପ୍ରତିଭା ଆଗକୁ ବଢ଼ିବାରେ ବାଧା ସୃଷ୍ଟି ହେଉଛି। ଏକପଟେ ପରିବାରର ପେଟ ପୋଷିବା ପାଇଁ ଦିନ ମଜୁରି କରିବାର ବାଧ୍ୟତା ଅନ୍ୟପଟେ ଦେଶ ପାଇଁ ପୁଣିଥରେ ସ୍ୱର୍ଣ୍ଣ ଜିତିବାର ସ୍ୱପ୍ନ ଏହି ଦୁଇଟି ମଧ୍ୟରେ ରାମଙ୍କ ଜୀବନ ଛନ୍ଦି ହୋଇଛି। ଦିନେ ସାଇକଲ ଚକାରେ ନିଜ ଭାଗ୍ୟ ବଦଳାଇଥିବା ରାମ ଆଜି ନିଜ ପ୍ରତିଭାକୁ ବଞ୍ଚାଇ ରଖିବା ପାଇଁ ସଂଘର୍ଷ କରୁଛନ୍ତି। ତାଙ୍କ ପରି ଜଣେ ପ୍ରତିଭାବାନ କ୍ରୀଡ଼ାବିତ୍‌ଙ୍କୁ ଆବଶ୍ୟକ ସହାୟତା ମିଳିଲେ ସେ ପୁଣିଥରେ ଦେଶ ପାଇଁ ଗୌରବ ଆଣିପାରିବେ ବୋଲି ଆଶା ରହିଛି। ରାମଙ୍କ ପ୍ରଶିକ୍ଷଣ, କ୍ରୀଡ଼ା ଉପକରଣ ଓ ଯାତ୍ରା ଖର୍ଚ୍ଚ ପାଇଁ ସରକାର, ପ୍ରଶାସନ, କ୍ରୀଡ଼ା ସଂଗଠନ ଓ ସମାଜର ସହଯୋଗ ଜରୁରୀ ହୋଇପଡ଼ିଛି। ଦେଶ ପାଇଁ ସ୍ୱର୍ଣ୍ଣ ଆଣିଥିବା ଏହି କ୍ରୀଡ଼ାବିତ୍‌ଙ୍କ ଆଖିରେ ଏବେ ବି ଆଉ ଏକ ସ୍ୱର୍ଣ୍ଣ ପଦକର ସ୍ୱପ୍ନ ବଞ୍ଚିଛି। ଏନେଇ ଟିଟିଲାଗଡ଼ ଉପଜିଲ୍ଲାପାଳ ପଦ୍ମ ନାଭ ସାମନ୍ତରାୟଙ୍କୁ ପଚାରିବାରୁ ଆଗରୁ ସେ ଏ ବିଷୟରେ ଅବଗତ ନ ଥିଲେ। ଏବେ ଜାଣିଲେ। ସହଯୋଗ କରାଯିବ ବୋଲି କହିଛନ୍ତି।



### ୬ ମାସରେ ୮୫ ଦୁଷ୍କର୍ମ

# ଅପାରଗତା ଢାଙ୍କିବାକୁ ବ୍ଲଡ୍‌ଲେସ୍ ଏନ୍‌କାଉଣ୍ଟର!

## ଦିନକ ପରେ ସୁସ୍ଥ ହୋଇ ଜେଲ୍ ଗଲେ ଅଭିଯୁକ୍ତ

ଭୁବନେଶ୍ୱର,୪।୧୦(ସମିସ): ରାଜଧାନୀରେ ଦୁଷ୍କର୍ମ ଗ୍ରାଫ୍ ଉପରମୁହାଁ। ଘର ବାହାରେ ତ ଅଲଗା କଥା, ଘର ଭିତରେ ବି ମହିଳାମାନେ ସୁରକ୍ଷିତ ନୁହନ୍ତି । ଚଳିତ କ୍ୟାଲେଣ୍ଡର ବର୍ଷର ପ୍ରଥମ ଛଅ ମାସରେ ରାଜଧାନୀରେ ରେକର୍ଡ୍ ୮୫ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ନୟାପଲ୍ଲୀରେ ଜଣେ ଅପରିଚିତ ଯୁବକ ଜନୈକା ଯୁବତୀଙ୍କ ଘରେ ପଶି ଦୁଷ୍କର୍ମ ଘଟଣା ଆଇନଶୃଙ୍ଖଳା ବ୍ୟବସ୍ଥା, ପୁଲିସ ଓ ଆଇନଶୃଙ୍ଖଳା ପ୍ରତି ଅପରାଧୀଙ୍କ ଭୟହୀନତାକୁ ଦର୍ଶାଇଛି। ଦ୍ୱୈତ ନଗରୀର ମହିଳାମାନେ ଘର ଭିତରେ ନିଜକୁ ଅସୁରକ୍ଷିତ ମଣୁଥିବାବେଳେ ବିଗୁଡୁଥିବା ଆଇନ୍‌ଶୃଙ୍ଖଳା ପରିସ୍ଥିତି, ଦୁଷ୍କର୍ମ ମାମଲା ଆଇନଶୃଙ୍ଖଳାର ଚରମ ଅବନତିକୁ ଦର୍ଶାଇଛି।

ସବୁଠାରୁ ସାଂଘାତିକ ବିଷୟଟି ହେଉଛି ଯେ ଦୁଇମାସ ତଳେ ପୁଲିସ ଅଫିସର ପରିଚୟ ଦେଇ ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ରାଜଧାନୀ ଉପକଣ୍ଠ ପିପିଲି ଅଞ୍ଚଳରେ ଥିବା ଏକ ଓୟୋ ହୋଟେଲକୁ ନେଇ ଦୁଷ୍କର୍ମ ଅଭିଯୋଗ ହୋଇଛି। ସେହିପରି ମୃଦୁ ପାନୀୟରେ ନିଶା ଦେଇ ଜଣେ ଇଞ୍ଜିନିଅରିଂ ଛାତ୍ରୀଙ୍କୁ ରାଜଧାନୀରେ ଗଣଦୁଷ୍କର୍ମ ହୋଇଛି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ କାଇମାଟିଆ ଅଞ୍ଚଳରେ ପୀଡ଼ିତାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଓ ସହଯୋଗୀମାନେ ଗଣଦୁଷ୍କର୍ମ କରିଛନ୍ତି। ଜନଗହଳି ଅଞ୍ଚଳ କୁହାଯାଉଥିବା ଷ୍ଟେସନ ଅଞ୍ଚଳରେ ଜଣେ ବଙ୍ଗୀୟ ମହିଳାଙ୍କୁ ସହାୟତା ଆଳରେ ଗଣଦୁଷ୍କର୍ମ କରାଯାଇଛି । ଗୋଟିଏ ପରେ ଗୋଟିଏ ଘଟଣାକୁ ଦେଖିଲେ ଆଇନଶୃଙ୍ଖଳା ବ୍ୟବସ୍ଥାର ଅଧୋଗତି ଜଳଜଳ ଦିଶୁଛି । ପୁଲିସ ବାହିନୀରେ ପଦକୁ ନେଇ ବିବାଦ, ନିଜ ସ୍ୱାର୍ଥସାଧନ ପାଇଁ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପୋଷ୍ଟିଂ, ଶାସକ ଦଳ ନେତାଙ୍କ ସୁରକ୍ଷା ଓ ପାଇଲଟିଂ ବ୍ୟତୀତ ଆଇନଶୃଙ୍ଖଳା ପ୍ରତି ପୁଲିସ ଧ୍ୟାନ ଦେଉ ନ ଥିବା କୁହାଯାଉଛି। ଏହାକୁ ନେଇ ପୁଲିସ ସାଧାରଣରେ ନିନ୍ଦିତ ହୋଇଥିବାବେଳେ ନୟାପଲ୍ଲୀ ଦୁଷ୍କର୍ମ ଘଟଣାରେ ଏକ ଲୋକଦେଖାଣିଆ ଏନ୍‌କାଉଣ୍ଟର କରିଥିବା ଅଭିଯୋଗ ହୋଇଛି।

ଦୁଷ୍କର୍ମ ମାମଲାର ଏକମାତ୍ର ଅଭିଯୁକ୍ତ ଶ୍ରୀଧର ପଣ୍ଡା ଓରଫ୍ ସନ୍ତୋଷକୁ ପୁଲିସ ଏନ୍‌କାଉଣ୍ଟର କରିଥିବା କୁହାଗଲା। ହେଲେ ନୟାପଲ୍ଲୀର ଜଘନ୍ୟ ଦୁଷ୍କର୍ମ ମାମଲାରେ କିନ୍ତୁ ଅଭିଯୁକ୍ତ ଗୋଡ଼ରେ ଗୁଳି ବାଜିଲା କିନ୍ତୁ ରକ୍ତ ଠୋପେ ବାହାରିବା କେହି ଦେଖି ପାରିଲେ ନାହିଁ। କୌତୂହଳର କଥା ହେଉଛି ଏନ୍‌କାଉଣ୍ଟର ହୋଇଥିବା ଦୁଷ୍କର୍ମ ଅଭିଯୁକ୍ତ ଦିନକ ପରେ ସୁସ୍ଥ ହୋଇଗଲେ ଓ ତାଙ୍କୁ ଜେଲ ପଠାଇ ଦିଆଗଲା। କ୍ୟାପିଟାଲ ହସ୍ପିଟାଲରୁ ସ୍ୱାଭାବିକ ଭାବରେ ଚାଲିଚାଲି ଆସୁଥିବା ଅଭିଯୁକ୍ତ ଥାନା ପାଖରେ କ୍ୟାମେରା ଦେଖି ଛୋଟେଇ ଛୋଟେଇ ଚାଲିବା ଘଟଣା ଅନେକ ସନ୍ଦେହକୁ ଜନ୍ମ ଦେଇଛି । ଅନ୍ୟପକ୍ଷରେ ପୁଲିସ ଏନ୍‌କାଉଣ୍ଟରରେ ପେଚ୍‌କସ୍ ବନାମ୍ ବନ୍ଧୁକ ଆକ୍ରମଣର ଥିଓରୀ ବି ଅଜବ ଲାଗୁଛି। ପୁଲିସ କହିବା ଅନୁଯାୟୀ ଅଭିଯୁକ୍ତ ଏକ ପେଚକସରେ ପୁଲିସ ଏସ୍‌ଆଇଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିବାରୁ ପୁଲିସ ୨ ରାଉଣ୍ଡ ଗୁଳି ଚଳାଇ ଏନ୍‌କାଉଣ୍ଟର କରିଥିଲା। ପେଚ୍‌କସ୍ ଆକ୍ରମଣ ଉଦ୍ୟମ ବଦଳରେ ପୁଲିସର ଗୁଳିଚାଳନା ରାଜ୍ୟ ପୁଲିସ ଇତିହାସରେ ପ୍ରଥମ ଭଳି ଅନେକ ମନେ କରୁଛନ୍ତି । ନିଜେ ପୁଲିସ କମିସନର ଗଣମାଧ୍ୟମକୁ କହିଥିଲେ ଶ୍ରୀଧର ଏଭଳି ଏକ ଚୋର ଯିଏ ଘରେ ପଶି ମୋବାଇଲ ଚୋରି କରେ। ପୂର୍ବରୁ ଖଣ୍ଡଗିରି ଏବଂ ତମାଣ୍ଡରେ ମାତ୍ର ୨ଟି ମାମଲା ରହିଛି। ତେଣୁ ବିଗୁଡୁଥିବା ଆଇନ୍‌ଶୃଙ୍ଖଳା ପରିସ୍ଥିତି, ଉପରମୁହାଁ ହୋଇଥିବା ଦୁଷ୍କର୍ମ ମାମଲାର ଗ୍ରାଫ୍‌ରୁ ନଜର ହଟାଇବା ଓ କିଛି ପୁଲିସ ଅଧିକାରୀଙ୍କ ଚେହେରା ଚମକାଇବା ପାଇଁ ଏନ୍‌କାଉଣ୍ଟର ନାଟକ ହୋଇନାହିଁ ତ ବୋଲି ପ୍ରଶ୍ନ ଉଠିଛି।



ସକାଳ THE SAKALA



● ଜାତୀୟ ରାଜପଥ କାମ ଯୋଗୁଁ ଜଳବନ୍ଦୀ ସମସ୍ୟା

## ଏନ୍‌ଏଚ୍‌ଆଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ମନ୍ତ୍ରୀ ଗଣେଶ ରାମଙ୍କ ଚିଠି

ଯଶିପୁର, ୪।୧୦(ସମିସ): ଜାତୀୟ ରାଜପଥ-୪୯ ସମ୍ପ୍ରସାରଣ କାମ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଦେଖାଦେଇଥିବା ଜଳ ନିଷ୍କାସନ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ। ଏ ନେଇ ସେ ଚଣ୍ଡିଖୋଲସ୍ଥ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଆଇ)ର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଯଶିପୁର ଏନ୍‌ଏସି ଅନ୍ତର୍ଗତ ଭଣ୍ଡାରିପୋଷି ଓ ପଦ୍ମପୁର ଅଞ୍ଚଳରେ ଏନଏଚ-୪୯ ନିର୍ମାଣ ଓ ରାସ୍ତା ଡାଇଭର୍ସନ କାମ ଚାଲୁ ରହିଛି। ଫଳରେ ଚନ୍ଦାପୋଷି ଅଞ୍ଚଳରେ ଥିବା ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ବର୍ଷା ଦିନରେ ବର୍ଷା ପାଣି ଜମି ରହିବା ସହ ସ୍ୱାଭାବିକ ଜଳ ପ୍ରବାହ ବନ୍ଦ ହୋଇଯିବାରୁ ଚାଷଜମି ବ୍ୟାପକ ଭାବେ ପ୍ରଭାବିତ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଏନଏଚଆଇ କର୍ତ୍ତୃପକ୍ଷଙ୍କୁ ପ୍ରାଥମିକତା ଭିତ୍ତିରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚିଠି ଲେଖିଥିବା ଜଣାପଡ଼ିଛି।

## ଛିନତାଇ ଉଦ୍ୟମ, ଅଳ୍ପକେ ବର୍ତ୍ତିଲେ ମହିଳା

ରାଇରଙ୍ଗପୁର, ୪।୧୦(ସମିସ): ରାଇରଙ୍ଗପୁର ସହରର ଶିଶୁ ଉଦ୍ୟାନ ଓ ଗାନ୍ଧୀ ପାର୍କ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ସ୍କୁଟିରେ ଯାଉଥିବା ମହିଳାଙ୍କଠାରୁ କଳା ହେଲମେଟ୍ ପିନ୍ଧା ଦୁର୍ବୃତ୍ତ ଛିନ୍ତାଇ ଉଦ୍ୟମ କରିଛନ୍ତି। ମହିଳାଙ୍କ ଉପସ୍ଥିତ ବୁଦ୍ଧି ଓ ସାହସିକତା ଯୋଗୁଁ ବଡ଼ଧରଣର ଲୁଟ୍ ଟଳିଯାଇଥିଲେ ମଧ୍ୟ ଶିଶୁ ଉଦ୍ୟାନ ସମ୍ମୁଖରୁ ଜଣେ ମହିଳାଙ୍କ ଅଧା ସୁନା ଚେନ୍ ଛିଣ୍ଡାଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ମାସକ ପୂର୍ବେ ଅଁଳାଡୁବାରେ ଘଟିଥିବା ଛିନତାଇ ଘଟଣା ପରେ ପୁଣିଥରେ ଥାନା ଓ ସରକାରୀ କାର୍ଯ୍ୟାଳୟ ନିକଟରେ ଏଭଳି ଘଟଣା ସହରବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ସହରରେ ପାଟ୍ରୋଲିଂ ବୃଦ୍ଧି ଓ ବିଭିନ୍ନ ଛକରେ ସିସିଟିଭି କ୍ୟାମେରା ଲଗାଇବାକୁ ଜନସାଧାରଣ ଦାବି କରିଛନ୍ତି।

## ଅଙ୍ଗନବାଡ଼ି ସହାୟିକା ଓ ପାଚିକାଙ୍କୁ ସମ୍ବର୍ଦ୍ଧନା

କରଞ୍ଜିଆ, ୪।୧୦(ସମିସ): ବିଜେପି ମହିଳା ମୋର୍ଚ୍ଚା ପଶ୍ଚିମ ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ 'ସେବା ସଂକଳ୍ପ ଅଭିଯାନ' ଅବସରରେ କରଞ୍ଜିଆ ଏନ୍‌ଏସିର ୧୩ ଓ ୧୪ ନମ୍ବର ୱାର୍ଡରେ 'ଅଙ୍ଗନ ମିଳନ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁଙ୍କ ଯତ୍ନ ଓ ପୋଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ସହାୟିକା ଓ ପାଚିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କେନ୍ଦ୍ରର ଛୋଟ ପିଲାଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା। କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଆଶିଷ ମହାନ୍ତ, ନିହାରିକା ଦାସ, ବରିଷ୍ଠ କାର୍ଯ୍ୟକର୍ତ୍ତା ମୁରଲୀଧର ବାରିକ, ଗ୍ରାମୀଣ ମଣ୍ଡଳ ସଭାପତି ସୁନାମଣୀ ହୋ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ପ୍ରାର୍ଥିନୀ ଜ୍ୟୋତ୍ସ୍ନାରାଣୀ ମହାନ୍ତ, ନାରୀନେତ୍ରୀ ଜ୍ୟୋତ୍ସ୍ନାରାଣୀ ମହାକୁଡ଼, ଯୁବନେତା କ୍ଷୀରୋଦ ମହାନ୍ତ ଓ ଆରତୀ ନାଏକଙ୍କ ସମେତ ମହିଳା ମୋର୍ଚ୍ଚାର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ତ୍ରିଶିକାଙ୍କ ଚିକିତ୍ସା ପାଇଁ କରଞ୍ଜିଆ କଲେଜ ଛାତ୍ରଛାତ୍ରୀଙ୍କ ସହାୟତା

କରଞ୍ଜିଆ, ୪।୧୦ (ସମିସ): ଯାଜପୁର ଜିଲ୍ଲାର ୧୬ ମାସର ଶିଶୁକନ୍ୟା ତ୍ରିଶିକା ରାୟଙ୍କ ଚିକିତ୍ସା ସହାୟତା ପାଇଁ ଆଗେଇ ଆସିଛନ୍ତି କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ। ତ୍ରିଶିକା ଦୁର୍ଲଭ ଜେନେଟିକ୍ ରୋଗ 'ଏସ୍‌ଏମ୍‌ଏ ଟାଇପ୍-୨'ରେ ପୀଡ଼ିତ ଥିବାବେଳେ ତାଙ୍କ ଚିକିତ୍ସା ପାଇଁ ଆବଶ୍ୟକ ଇଞ୍ଜେକ୍ସନର ମୂଲ୍ୟ ପ୍ରାୟ ୧୬ କୋଟି ଟଙ୍କା। ଏହି ଅସହାୟ ଶିଶୁର ଜୀବନ ବଞ୍ଚାଇବା ପାଇଁ ଛାତ୍ରଛାତ୍ରୀ କରଞ୍ଜିଆ ସହର ଓ ବଜାରରେ ଘରକୁ ଘର ବୁଲି ମୋଟ ୩୧, ୫୨୦ ଟଙ୍କା ସଂଗ୍ରହ କରିଛନ୍ତି। ସଂଗୃହୀତ ରାଶିକୁ ଶିଶୁର ଚିକିତ୍ସା ପାଣ୍ଠିକୁ ପଠାଯିବ। ଏହି ଅଭିଯାନରେ ଛାତ୍ରଛାତ୍ରୀ ସତ୍ୟବ୍ରତ ମାଝୀ, ଦେବାଶିଷ ପାତ୍ର, ପ୍ରବୀଣ ସେଠୀ, ରାଜେଶ ମହାନ୍ତ, ଲକ୍ଷ୍ମୀନାରାୟଣ ମହାନ୍ତ, ରାଜୁ ମୁର୍ମୁ, ସୁଜିତ ପ୍ରଧାନ, ଦେବକୀନନ୍ଦନ ମହାନ୍ତ, ଉଦୟ ନାଏକ, ଅଙ୍କିତା ନାୟକ, ନିରୁପମା ନାୟକ, ଇପ୍‌ସିତା ନାଏକ, ପ୍ରୀତି ପରମାଣିକ ଓ ଦେବାଶିଷ ସାହୁ ପ୍ରମୁଖ ସାମିଲ ଥିଲେ।

## ଶୁକ୍ରୁଳି ବ୍ଲକରେ ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା

ଖୁଣ୍ଟିଂ, ୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକ୍ରୁଳି ବ୍ଲକରେ ୨୦୨୫-୨୬ ଶିକ୍ଷାବର୍ଷର ୩ୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପିଏମ୍‌ଶ୍ରୀ ଶୁକ୍ରୁଳି ସରକାରୀ ଉଚ୍ଚ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀ ପରୀକ୍ଷା ହୋଇଥିବାବେଳେ ଏଥିରେ ୧୬୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେହିପରି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରୁଳି ପଞ୍ଚାୟତ ସମିତି ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ଅନୁଷ୍ଠିତ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ୧୬୯ ଜଣ ପରୀକ୍ଷା ଦେଇଛନ୍ତି। ଶୁକ୍ରୁଳି ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ ସିଂ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରସ୍ତ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ସମ୍ପନ୍ନ ହୋଇଥିଲା।

## ୪୧୩ ଛାତ୍ରଛାତ୍ରୀ ଦେଲେ ମେଧାବୃତ୍ତି ପରୀକ୍ଷା

ରାସଗୋବିନ୍ଦପୁର, ୪।୧୦(ସମିସ): ରାସଗୋବିନ୍ଦପୁର ବ୍ଲକର ଦୁଇଟି ପରୀକ୍ଷା କେନ୍ଦ୍ରରେ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ୧୩ଟି କ୍ଲଷ୍ଟରର ୪୩୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ୪୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ରାସଗୋବିନ୍ଦପୁର ବିନୋଦରାୟ ସରକାରୀ ଉପ୍ରା ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ପାଇଁ ୨୧୬ ଜଣ ନାମ ପଞ୍ଜିକୃତ କରିଥିବାବେଳେ ୨୦୭ ଜଣ ପରୀକ୍ଷା ଦେଇଥିବା କେନ୍ଦ୍ର ସୁପରିଟେଣ୍ଡେଣ୍ଟ କ୍ଷେତ୍ରମୋହନ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ପାଇଁ ୨୨୨ ଜଣ ପରୀକ୍ଷାର୍ଥୀ ଥିବାବେଳେ ୨୧୪ ଜଣ ପରୀକ୍ଷା ଦେଇଥିଲେ। ସମୁଦାୟ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ୧୭ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା କେନ୍ଦ୍ର ସୁପରିଟେଣ୍ଡେଣ୍ଟ ଅଞ୍ଜନ ଜେନା ସୂଚନା ଦେଇଛନ୍ତି।

## କୃଷକ ସାଥୀଙ୍କ ପରଲୋକ

କୁଆମରା, ୪।୧୦(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତ ଖିରିପଦା ଗ୍ରାମର କୃଷକ ସାଥୀ ଭାବେ କାର୍ଯ୍ୟ କରୁଥିବା ଭରତ ବେହେରା (୪୫)ଙ୍କ ପରଲୋକ ଘଟିଛି। ଗତ ଜୁନ୍ ମାସରେ ସେ ଅସୁସ୍ଥ ହେବା ପରେ ଘରେ ରହି ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ରାତିରେ ଅଧିକ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ କୁଆମରା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ୧୦ ବର୍ଷରୁ ଅଧିକ ହେବ କୃଷକ ସାଥୀ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ପରଲୋକରେ ଅଞ୍ଚଳର ଶୋକର ଛାୟା ଖେଳିଯାଇଛି।

### ରାସ୍ତାରେ ଚାଲିଛି ନର୍ଦ୍ଦମା ପାଣି, ବୁଡ଼ିରହିଛି ପାନୀୟଜଳ ପାଇପ୍

# ଲୋକେ ଜଣ୍ଡିସ ରୋଗରେ ଆକ୍ରାନ୍ତ ଅଭିଯୋଗ

ମୋରଡା, ୪।୧୦(ସମିସ)



ଚିତ୍ରଡା ଏନଏସି ଅଧୀନ ପାଟପୁର ଗ୍ରାମ କିଛିବର୍ଷ ପୂର୍ବେ ମୋରଡା ବ୍ଲକରେ ଆଦର୍ଶ ଗ୍ରାମ ଭାବେ ପରିଚିତ ଥିଲା। ଦୁଃଖ ଓ ପରିତାପର ବିଷୟ ଯେ ସେହି ଗ୍ରାମରେ ଥିବା ସାଇରାମ ମନ୍ଦିର ସମ୍ମୁଖ ରାସ୍ତା ବହୁଦିନ ହେବ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଉପରେ ନର୍ଦ୍ଦମା ପାଣି ଚାଲିଥିବାବେଳେ ପାନୀୟଜଳ ପାଇପ୍ ବୁଡ଼ି ରହିଛି। ଫଳରେ ନର୍ଦ୍ଦମା ପାଣି ପାଇପ୍ ପାଣିରେ ମିଶୁଛି। ଯଦ୍ୱାରା ଲୋକେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅସମ୍ପୂର୍ଣ୍ଣ ଡ୍ରେନ କାମ ଯୋଗୁଁ ଏପରି ସମସ୍ୟା ସୃଷ୍ଟି ହେଉଛି। ସରକାରଙ୍କ ନିକଟରେ ନୂତନ ଡ୍ରେନ ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଡ୍ରେନେଜ ସମସ୍ୟାର ସମାଧାନ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏବେ କ୍ରମାଗତ ବର୍ଷା ଯୋଗୁଁ ସେହି ରାସ୍ତାରେ ଡ୍ରେନ ପାଣି ଆସି ମିଶିଥିବାବେଳେ ୧ ଫୁଟର ପାଣି ଜମି ରହିଛି। ଫଳରେ ସାହିର ପ୍ରାୟ ୨୦୦ ପରିବାରର ଛାତ୍ରଛାତ୍ରୀ,

**ଡ୍ରେନେଜ ସମସ୍ୟା ସମାଧାନ ପାଇଁ ଅଞ୍ଚଳବାସୀଙ୍କ ଦାବି**

ବୃଦ୍ଧ ଲୋକ, ମହିଳା ଦୀର୍ଘଦିନ ଧରି ଜମି ରହିଥିବା ନର୍ଦ୍ଦମା ପାଣି ଭିତରେ ପ୍ରତ୍ୟେକ ଦିନ ଯାତାୟତ କରୁଛନ୍ତି। ଫଳରେ ପିଲା ଓ ବୃଦ୍ଧ ଲୋକ ଚର୍ମ ଓ ବିଭିନ୍ନ ପ୍ରକାରର ରୋଗର ଶିକାର ହେଉଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳର ଯୁବକ ବାରମ୍ବାର ବ୍ଲକ ପ୍ରଶାସନ, ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଆଜି ସୁଦ୍ଧା ଏହାର କୌଣସି ସ୍ଥାୟୀ ସମାଧାନ ବାହାରି ପାରିନାହିଁ। ତେବେ ଚିତ୍ରଡା ଏନଏସି ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ମୋରଡା ବିଡିଓଙ୍କୁ ତୁରନ୍ତ କିପରି ଅସମ୍ପୂର୍ଣ୍ଣ ଡ୍ରେନ୍‌କୁ ସମ୍ପୂର୍ଣ୍ଣ ସଂଯୋଗ କରାଯାଇପାରିବ, ସେଥିପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

● କରଞ୍ଜିଆରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

## ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ନେଇ ସଚେତନତା ରାଲି




କରଞ୍ଜିଆ, ୪।୧୦(ସମିସ): ୭୨ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ କରଞ୍ଜିଆ ବନଖଣ୍ଡ ପକ୍ଷରୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ ଓ ପରିବେଶ ସନ୍ତୁଳନ ବଜାୟରଖିବା ଲକ୍ଷ୍ୟରେ ବନଖଣ୍ଡ କାର୍ଯ୍ୟାଳୟ ପରିସରରୁ ଏକ ବିଶାଳ ସଚେତନତା ରାଲି ବାହାରିଥିଲା। ରାଲି ନେତାଜୀ ଛକ, କଚେରୀ ଛକ ଓ ମାଣିକ ଛକ ଦେଇ ସହର ପରିକ୍ରମା କରି ପୁନର୍ବାର ବନଖଣ୍ଡ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଥିରେ ବନ କର୍ମଚାରୀ ଓ ବନ ସୁରକ୍ଷା ସହଯୋଗୀ ପ୍ଲାକାର୍ଡ ଧରି ବନ୍ୟପ୍ରାଣୀ ଶିକାର ରୋକିବା ଓ ଜଙ୍ଗଲ ନଷ୍ଟ ନ କରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ବନଖଣ୍ଡ ଅଧିକାରୀ ଅଜୟ ସାହୁଙ୍କ ସଭାପତିତ୍ୱରେ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କରଞ୍ଜିଆ ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା କେବଳ ବନ ବିଭାଗର ନୁହେଁ, ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ। ସଭାରେ ବନାଗ୍ନି ନିୟନ୍ତ୍ରଣ, ବାସସ୍ଥାନ ସୁରକ୍ଷା ଓ ମଣିଷ-ବନ୍ୟପ୍ରାଣୀ ସଂଘର୍ଷ ରୋକିବା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାଣୀ ଚିକିତ୍ସକ କଲ୍ୟାଣୀ ମାରାଣ୍ଡି, ଓକିଲ ସଂଘ ସଭାପତି ବିଶ୍ୱଜିତ ଚୌଧୁରୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ପ୍ରୟୋଗ ବିଭାଗରେ ନବାଗତଙ୍କୁ ସ୍ୱାଗତ

ବାରିପଦା, ୪।୧୦(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ପ୍ରୟୋଗ ବିଭାଗ ପକ୍ଷରୁ ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ 'ଫ୍ରେଶଗ୍ଲୋ ଟୁକେଟ୍‌ସିକ୍ସ୍' ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଭାଗ ମୁଖ୍ୟ ପ୍ରଫେସର ଏମ୍ ହିମବିନ୍ଦୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ର ଜୀବନର ଚାପ ପରିଚାଳନା, ମାନସିକ ସ୍ୱାସ୍ଥ୍ୟ ଓ ଆତ୍ମବିଶ୍ୱାସ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସହକାରୀ ଅଧ୍ୟାପକ ଡ ପ୍ରଶାନ୍ତ ସ୍ୱାଇଁ ପାଠ୍ୟକ୍ରମ ଓ ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କରେ ଧାରଣା ଦେଇଥିବାବେଳେ ଡ ସ୍ୱରୂପାନନ୍ଦ ବିଷୋୟୀ ଦକ୍ଷତା, ସୃଜନଶୀଳତା ଓ ଗବେଷଣା ମନସ୍କତା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ମାନସ ରଥ ଅତିଥି ଭାବେ ଯୋଗଦେଇ ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ପ୍ରଯୁକ୍ତିଗତ ଦକ୍ଷତା ହାସଲ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପୂର୍ବତନ ଛାତ୍ରଛାତ୍ରୀ ଭିଡିଓ ବାର୍ତ୍ତା ମାଧ୍ୟମରେ ଶୁଭେଚ୍ଛା ଜଣାଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ତୃତୀୟ ଓ ପଞ୍ଚମ ମେଧାବୃତ୍ତି ପରୀକ୍ଷାରେ ୬୨ ଜଣ ଅନୁପସ୍ଥିତ

ବଡ଼ସାହି, ୪।୧୦(ସମିସ): ବଡ଼ସାହି ବ୍ଲକ ତୃତୀୟ ଓ ପଞ୍ଚମ ଶ୍ରେଣୀର ମେଧାବୀ ଛାତ୍ରଛାତ୍ରୀଙ୍କୁ ନେଇ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ଏଥିପାଇଁ ବ୍ଲକ ପକ୍ଷରୁ ୩ଟି ପରୀକ୍ଷା କେନ୍ଦ୍ର ଦଧିବାମନ ଚନ୍ଦ୍ର ଜୀଉ ଉଚ୍ଚବିଦ୍ୟାଳୟ, ପ୍ରତାପପୁର, ସରକାରୀ ଉଚ୍ଚବିଦ୍ୟାଳୟ, ବଡସାହି ଓ ବିଏନ ଉଚ୍ଚବିଦ୍ୟାଳୟ, ମାଣତ୍ରୀ ହୋଇଥିଲା। ଦଧିବାମନ ଚନ୍ଦ୍ର ଜୀଉ କେନ୍ଦ୍ରରେ ତୃତୀୟରେ ୧୧୭ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୦୩ ଜଣ ଉପସ୍ଥିତ ଓ ୧୪ ଜଣ ଅନୁପସ୍ଥିତ ଥିଲେ। ସେହିପରି ଉକ୍ତ କେନ୍ଦ୍ରରେ ପଞ୍ଚମରେ ୧୧୬ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୦୧ ଜଣ ଉପସ୍ଥିତ ଓ ୧୫ ଜଣ ଅନୁପସ୍ଥିତ ଥିଲେ। ସରକାରୀ ଉଚ୍ଚବିଦ୍ୟାଳୟ, ବଡସାହି କେନ୍ଦ୍ରରେ ତୃତୀୟରେ ୧୨୦ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୧୩ ଜଣ ଉପସ୍ଥିତ ଓ ୭ ଜଣ ଅନୁପସ୍ଥିତ ଥିଲେ। ଉକ୍ତ କେନ୍ଦ୍ରରେ ପଞ୍ଚମରେ ୧୨୫ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୧୪ ଜଣ ଉପସ୍ଥିତ ଓ ୧୧ ଜଣ ଅନୁପସ୍ଥିତ ଥିଲେ। ବିଏନ ଉଚ୍ଚବିଦ୍ୟାଳୟ, ମାଣତ୍ରୀରେ ତୃତୀୟରେ ୧୧୪ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୦୮ ଜଣ ଉପସ୍ଥିତ ଓ ୬ ଜଣ ଅନୁପସ୍ଥିତ ଥିଲେ। ଉକ୍ତ କେନ୍ଦ୍ରରେ ପଞ୍ଚମରେ ୧୧୩ ଜଣ ପରୀକ୍ଷା ଦେବାକୁ ଥିବାବେଳେ ୧୦୪ ଜଣ ଉପସ୍ଥିତ ଓ ୯ ଜଣ ଅନୁପସ୍ଥିତ ଥିବାର ଜଣାଯାଇଛି। ଏବିଇଓ ଅଭିରାମ ନାଏକ ପରୀକ୍ଷା ପରିଚାଳନା କରିଥିବାବେଳେ ତୃତୀୟରେ ୨୭ ଜଣ ଓ ପଞ୍ଚମରେ ୩୫ ଜଣ ଅନୁପସ୍ଥିତ ଥିବା ଜଣାଯାଇଛି।

## ବାମନଘାଟୀ ଛଉ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ଗିରିଶ ମହାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି

ରାଇରଙ୍ଗପୁର, ୪।୧୦(ସମିସ): ବାମନଘାଟୀ ଛଉ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ମହାନ ସାରସ୍ୱତ ସାଧକ, ଛଉ ଓ ଝୁମର ବିଶାରଦ ତଥା ସାରଳା ପୁରସ୍କାରପ୍ରାପ୍ତ ସ୍ୱର୍ଗତ ଗିରିଶ ଚନ୍ଦ୍ର ମହାନ୍ତଙ୍କ ଶ୍ରାଦ୍ଧ ଦିବସ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଉପସ୍ଥିତ ଅତିଥି ଓ କଳାକାର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରାଇରଙ୍ଗପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ପ୍ରତିଷ୍ଠାନର ସମ୍ପାଦକ ଦୁଷ୍ମନ୍ତ ବସା, ଉପସଭାପତି ଆଡଭୋକେଟ ଦ୍ୱାରିକାନାଥ ମହାନ୍ତ, ସାମ୍ବାଦିକ ଅକ୍ଷୟ ବିଶ୍ୱାଳ ଓ ସହସମ୍ପାଦକ ଜୀବନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅତିଥିମାନେ ସ୍ୱର୍ଗତ ମହାନ୍ତଙ୍କ ଅବଦାନକୁ ମନେ ପକାଇ କହିଥିଲେ, ବିଶ୍ୱ ଦରବାରରେ ଛଉ ଓ ଝୁମରର ପ୍ରଚାର ପ୍ରସାର, ନିର୍ଦ୍ଦେଶନା ଓ ଲୋକପ୍ରିୟ ସଙ୍ଗୀତ ରଚନା କ୍ଷେତ୍ରରେ ତାଙ୍କର ଭୂମିକା ଅତୁଳନୀୟ ଥିଲା। ସୃଷ୍ଟିଧର ମହାନ୍ତି, ରବୀନ୍ଦ୍ର ମହାନ୍ତି, ଛଉ ଗୁରୁ ଶୁଶେଣ ମହାନ୍ତ, ଶିବଚରଣ ମହାନ୍ତ, ଥିବାର ନାଏକ, ରାମ ମହାନ୍ତ, କିଶୋର ବେହେରା ଓ ମହେଶ୍ୱର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

● ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

## ପୁଲିସ ହାତ ଖାଲି, ଆଇଜେୟୁର ନିନ୍ଦା

ବାରିପଦା, ୪।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକର ସାମ୍ବାଦିକ ତଥା ଓଜେୟୁ ସଦସ୍ୟ କ୍ଷୀରୋଦ ଚନ୍ଦ୍ର ଦାସଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣକୁ ଇଣ୍ଡିଆନ ଜର୍ଣ୍ଣାଲିଷ୍ଟ ୟୁନିଅନ (ଆଇଜେୟୁ) ତୀବ୍ର ନିନ୍ଦା କରିବା ସହିତ ଘଟଣାକୁ ୭ ଦିନ ବିତିଥିଲେ ହେଁ ଅଭିଯୁକ୍ତ ଗିରଫ ନ ହେବା ନେଇ ଚିନ୍ତା ପ୍ରକଟ କରିଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘ ଦାବି କରିଛି। ଗତ ସେପ୍ଟେମ୍ବର ୨୭ ତାରିଖ ରାତିରେ ଜାମଶୋଳା ଅଞ୍ଚଳରେ ଖବର ପ୍ରସାରଣକୁ କେନ୍ଦ୍ର କରି କେତେକ ସ୍ଥାନୀୟ ମାଫିଆ କ୍ଷୀରୋଦଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାବେଳେ ଝାରପୋଖରିଆ ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣାକୁ ନେଇ ଓଜେୟୁ ପକ୍ଷରୁ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଇଜେୟୁ ସଭାପତି ଗୀତାର୍ଥ ପାଠକ ଓ ସାଧାରଣ ସମ୍ପାଦକ ବିନୋଦ କୋହଲି ଏକ ବିବୃତ୍ତିରେ କହିଛନ୍ତି ଯେ, କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉପରେ ଆକ୍ରମଣ ଗଣତନ୍ତ୍ର ଓ ପ୍ରେସ ସ୍ୱାଧୀନତା ପ୍ରତି ଗୁରୁତର ବିପଦ। ପୁଲିସ ପ୍ରଶାସନ କୌଣସି ଚାପର ବଶବର୍ତ୍ତୀ ନ ହୋଇ ଏକ ସମୟବଦ୍ଧ ତଦନ୍ତ ମାଧ୍ୟମରେ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରିବାକୁ ସେମାନେ ଦାବି କରିଛନ୍ତି।

## ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ



ମହୁଲଡିହା, ୪।୧୦(ସମିସ): ଠାକୁରମୁଣ୍ଡା ବ୍ଲକ ଠାକୁରମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ପରିସରରେ କରଞ୍ଜିଆ ଓ ଠାକୁରମୁଣ୍ଡା ବ୍ଲକର ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ସହାୟକ ଉପକରଣ ବଣ୍ଟନ କରାଯାଇଛି। ଏଥିରେ ଟ୍ରାଇସାଇକଲ, ହ୍ୱିଲଚେୟାର, ଆଶାବାଡ଼ି, କାନଯନ୍ତ୍ର, ଶିକ୍ଷଣୀୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବ୍ଲକର ଭିନ୍ନକ୍ଷମ ସଂଯୋଜକ ସୁଦର୍ଶନ ପତି ଓ ପଙ୍କଜିନୀ ମହାରଣା, ଆନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ପାତର ସିଂ ଖୁଣ୍ଟିଆ, କରଞ୍ଜିଆ ବ୍ଲକର ସଂଯୋଜକ ରଘୁନାଥ ମହାକୁଡ଼ ଓ ଆନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ, ସହକାରୀ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁଇ ବ୍ଲକର ୪୬ ଜଣ ଛାତ୍ରଛାତ୍ରୀଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା।

● ନୂଆସାହି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଜୟ ଜଗନ୍ନାଥ ଏଫ୍‌ସି ଓଡ଼ିଶା ଚାମ୍ପିଅନ୍

କୁଆମରା, ୪।୧୦(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ନୂଆସାହି ଗାନ୍ଧିଜୀ ଯୁବକ ସଂଘର ୨୪ତମ ଦୁଇଦିନିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରୁ ୧୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲରେ ବୀରବିର୍ସା ଏଫ୍‌ସି ମହ୍ଲାରପଦାକୁ ହରାଇ ଜୟ ଜଗନ୍ନାଥ ଏଫ୍‌ସି ଓଡ଼ିଶା ଚଳିତ ବର୍ଷ ଚାମ୍ପିଅନ ହୋଇଛି। ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ମଢେଇ, ସରପଞ୍ଚ ଭୋଳାନାଥ ସିଂ, ସମାଜସେବୀ ବିଜୟ ସେନାପତି ପ୍ରମୁଖ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୈଧୁରୀ, ସରପଞ୍ଚ ଭୋଳାନାଥ ସିଂ, ୧୫ନଂ ଜିଲ୍ଲା ପରିଷଦ ସଦସ୍ୟା ଉର୍ମିଳା ସେଠୀ, ୱାର୍ଡ ମେମ୍ବର ପୀତାମ୍ବର ସିଂ, କୁଶଳଦା ସମିତି ସଭ୍ୟ ରାମଚନ୍ଦ୍ର ସିଂ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ୩୦ ହଜାର ଟଙ୍କା ଓ ରନର୍ସଅପ ଦଳକୁ ୨୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରିଥିଲେ। ଯୁବକ ସଂଘ ସଭାପତି କ୍ଷିତୀଶ ଚନ୍ଦ୍ର ସିଂ, ସମ୍ପାଦକ ମନୋଜ ସିଂ, ଲମ୍ବୋଦର ସିଂ, କ୍ରିଷ୍ଣା ଗୋପାଳ ସିଂ, ଫକୀରମୋହନ ସିଂ, ଗୌରୀଶଙ୍କର ସିଂ ପ୍ରମୁଖ ପରିଚାଳନା କରିଥିଲେ।

### ୬ରେ ଓଜେସି ଜିଲ୍ଲାସ୍ତରୀୟ କର୍ମୀ ସମାବେଶ

# ଆଦିବାସୀ ଯୁବ ନେତୃତ୍ୱକୁ ଆଗକୁ ଆଣିବା ଲକ୍ଷ୍ୟ

ବାରିପଦା, ୪।୧୦(ସମିସ)



**ଯୋଗଦେବେ ରାଜ୍ୟ ସଭାପତି ମହମ୍ମଦ ମୋକିମ୍**

ଆସନ୍ତା ୬ ତାରିଖ ମଙ୍ଗଳବାର ବାରିପଦାସ୍ଥ ସହିଦ ସ୍ମୃତି ଭବନରେ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପକ୍ଷରୁ ଏକ ବିଶାଳ ଜିଲ୍ଲାସ୍ତରୀୟ କର୍ମୀ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଦଳର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେବେ। ରବିବାର ଦଳ ପକ୍ଷରୁ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଅଂଶୁମାନ ଦାସ ଏହି ସୂଚନା ଦେଇଛନ୍ତି। ଶ୍ରୀ ଦାସ ପ୍ରକାଶ କରିଛନ୍ତି ଯେ, ସମାବେଶରେ ଜିଲ୍ଲାର ବହୁ କର୍ମକର୍ତ୍ତା ସାମିଲ ହେବା ସହ ଏକ ବୃହତ ମିଶ୍ରଣ ପର୍ବ ମଧ୍ୟ ଆୟୋଜିତ ହେବ। ମୟୂରଭଞ୍ଜ ଜିଲ୍ଲାରେ ପ୍ରାକୃତିକ ସମ୍ପଦ, ଖଣି ଓ ପର୍ଯ୍ୟଟନର ପ୍ରଚୁର ସମ୍ଭାର ଥିବା ସତ୍ତ୍ୱେ ଏହା ବିକାଶ କ୍ଷେତ୍ରରେ ପଛରେ ପଡ଼ିରହିଛି। ଜିଲ୍ଲାରେ ବ୍ୟାପକ ଦୁର୍ନୀତି ଓ ମାଫିଆରାଜ୍ ଚାଲିଥିବାବେଳେ ରାଜନେତା ମିଥ୍ୟା ପ୍ରତିଶ୍ରୁତି ଦେଇ ନିରୀହ ଆଦିବାସୀ ଜନସାଧାରଣଙ୍କ ସରଳତାର ଫାଇଦା ଉଠାଉଛନ୍ତି। ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ତୃଣମୂଳ ସ୍ତରରୁ ଆଦିବାସୀ ଯୁବକଙ୍କୁ ନେତୃତ୍ୱ ନେବା ପାଇଁ ସୁଯୋଗ ଦେବା ଦଳର ମୁଖ୍ୟ ଉଦ୍ଦେଶ୍ୟ। ଯୁବଶକ୍ତିକୁ ଏକଜୁଟ କରି ଆଗାମୀ ରଣନୀତି ପ୍ରସ୍ତୁତ କରିବା ଦିଗରେ ଏହି କର୍ମୀ ସମାବେଶ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

● ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦିଗହରା

## ଯୋଗ୍ୟ ହିତାଧିକାରୀ ଆବାସରୁ ବଞ୍ଚିତ

ମୋରଡା, ୪।୧୦(ସମିସ): ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଅସହାୟ ଓ ଗରିବ ଲୋକଙ୍କ ପାଇଁ ସରକାର ଆବାସ ଯୋଜନାରେ ସହାୟତା ରାଶି ପ୍ରଦାନ କରୁଛନ୍ତି। ମାତ୍ର ମୋରଡା ବ୍ଲକ ଅଧୀନରେ ଥିବା ୨୦ଟି ପଞ୍ଚାୟତରେ ଏବେବି ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ରହିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବା ଅନ୍ୟାନ୍ୟ ଗୃହ ନିର୍ମାଣ ଯୋଜନା ଅଧୀନରେ ପ୍ରଥମ କିସ୍ତି କିମ୍ବା ସହାୟତା ରାଶି ପାଇବା ପରେ ମଧ୍ୟ ଅନେକ ହିତାଧିକାରୀ ଘର ନିର୍ମାଣ କରୁନାହାନ୍ତି। ସବୁ ଜାଣି ପ୍ରଶାସନ ପକ୍ଷରୁ ଏଭଳି ହିତାଧିକାରୀଙ୍କ ବିରୋଧରେ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଦେଖିବାକୁ ମିଳିଛି। ତେବେ କିଛି ହିତାଧିକାରୀ ଆବାସ ଯୋଜନାର ପ୍ରଥମ କିସ୍ତି ଟଙ୍କା ପାଇବା ପରେ ତାହାକୁ ଘର ନିର୍ମାଣରେ ନ ଲଗାଇ ନିଜର ବ୍ୟକ୍ତିଗତ କାମ, ଋଣ ପରିଶୋଧ କିମ୍ବା ଅନ୍ୟକୌଣସି କାର୍ଯ୍ୟରେ ଖର୍ଚ୍ଚ କରୁଛନ୍ତି। ଅନ୍ୟ କେତେକ ହିତାଧିକାରୀ ନିର୍ମାଣ ସାମଗ୍ରୀ ଇଟା, ସିମେଣ୍ଟ, ବାଲି ଓ ରଡ୍ ଆଦିର ଦାମ ବଢ଼ିଯିବା ଯୋଗୁଁ ସରକାରଙ୍କ ପକ୍ଷରୁ ମିଳୁଥିବା ଅର୍ଥରେ ସମ୍ପୂର୍ଣ୍ଣ ଗୃହ ନିର୍ମାଣ କରିବା କଷ୍ଟକର ହେଉଥିବାରୁ କେତେକ ଲୋକ କାମ ଆରମ୍ଭ କରୁନାହାନ୍ତି। ସେହିପରି ଅନେକ ସମୟରେ ହିତାଧିକାରୀଙ୍କ ପାଖରେ ନିଜସ୍ୱ ଜମି ନ ଥିବାବେଳେ ଚିହ୍ନଟ ହୋଇଥିବା ଜମିକୁ ନେଇ ପାରିବାରିକ/ଆଇନଗତ ବିବାଦ ଦେଖାଦେଇଥାଏ। ଯେଉଁ ଅସାଧୁ ତଥା ଅଯୋଗ୍ୟ ହିତାଧିକାରୀ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାଦେଶ ମିଳିବାର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କାମ ଆରମ୍ଭ ନ କଲେ କିମ୍ବା ଅଧାରୁ ବନ୍ଦ ରଖିଲେ ପ୍ରଶାସନ ପକ୍ଷରୁ ଉକ୍ତ ହିତାଧିକାରୀଙ୍କୁ 'ଲାଲ୍ ନୋଟିସ୍' ଓ ନୋଟିସ୍ ପାଇବା ପରେ ମଧ୍ୟ ଯଦି ହିତାଧିକାରୀ ଘର ନିର୍ମାଣ ନ କରନ୍ତି, ତେବେ ତାଙ୍କୁ ଦିଆଯାଇଥିବା ସରକାରୀ ଅର୍ଥ ସୁଧ ସହ ଫେରସ୍ତ କରିବାକୁ ନିର୍ଦ୍ଦେଶ ଜାରି କରାଯିବା କଥା। ମାତ୍ର ମୋରଡା ବ୍ଲକରେ 'ସରକାର କା ମାଲ, ଦରିଆ ମେ ଡାଲ' ଭଳି କାର୍ଯ୍ୟ ବାବୁମାନେ କରୁଛନ୍ତି। ଉକ୍ତ ହିତାଧିକାରୀ ଅର୍ଥ ଫେରସ୍ତ ଓ ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କ ବିରୋଧରେ 'ସାର୍ଟିଫିକେଟ୍ କେସ୍' ରୁଜୁ କରାଯିବାକୁ ଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସରକାରୀ କର୍ମଚାରୀଙ୍କ ପ୍ରତି ଲୋକଙ୍କ ସନ୍ଦେହ ବଢ଼ିବାରେ ଲାଗିଛି।

# ହୋ’ ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ ଦାବି

- ମନ୍ତ୍ରୀ ଗଣେଶରାମଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୩ ବିଧାୟକ

**ରାଇରଙ୍ଗପୁର/ଯଶିପୁର,୪।୧୦(ସମିସ):** ଆଦିବାସୀ ହୋ’ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ଦାବି ଜୋର ଧରିଛି। ହୋ ଭାଷାକୁ ଓଡ଼ିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ନିମନ୍ତେ ଆନ୍ଦୋଳନ ଓ ଦାବି ହୋଇଆସୁଛି। ଶନିବାର ମୟୂରଭଞ୍ଜ ଜିଲ୍ଲାର ତିନି ବିଧାୟକ ପଦ୍ମଚରଣ ହାଇବୁରୁ (କରଞ୍ଜିଆ), ପ୍ରକାଶ ସୋରେନ (ବାରିପଦା) ଓ ଭାଦବ ହାଁସଦା ( ସାରସକଣା) ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟିଛନ୍ତି। ଏ ଅବସରରେ ହୋ’ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦେବା ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭୁବନେଶ୍ୱର ଲୋକସେବା ଭବନରେ ଏହି ସାକ୍ଷାତକାରରେ ଆଦିବାସୀ ସମୁଦାୟର ସମୃଦ୍ଧ ସାଂସ୍କୃତିକ ଓ ଭାଷାଗତ ଐତିହ୍ୟର ସୁରକ୍ଷା, ସଂରକ୍ଷଣ ଓ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି। ଅଷ୍ଟମ ପରିଚ୍ଛେଦରେ ସ୍ଥାନ ମିଳିଲେ ହୋ’ ଭାଷାର ସଂରକ୍ଷଣ, ବିକାଶ ଓ ପ୍ରସାର ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ କହିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜଣେ ମନ୍ତ୍ରୀଙ୍କ ସମେତ ଶାସକ ଦଳର ତିନି ବିଧାୟକ ହୋ ଭାଷାର ମାନ୍ୟତା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ ରାଜନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ ହେଉଛି। ଶାସକ ଦଳର ମନ୍ତ୍ରୀ ଓ ବିଧାୟକଙ୍କ ଦାବିକୁ ନେଇ ରାଜନୈତିକ ଓ ସାମାଜିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସରକାର ଏହି ଦାବି ଉପରେ କି ପଦକ୍ଷେପ ନେବେ, ତାହା ଉପରେ ସମଗ୍ର ମୟୂରଭଞ୍ଜବାସୀଙ୍କ ନଜର ରହିଛି।

### ୱାର୍ଡ ମେମ୍ବର ଓ ଗ୍ରାମବାସୀଙ୍କ ପ୍ରଶାସନିକ ଅବହେଳା ଓ ପାତରଅନ୍ତର ଅଭିଯୋଗ

# ଲାବଣ୍ୟଦେଇପୁର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ବର୍ଜନ

**ଶରତ, ୪।୧୦ (ସମିସ):** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତରେ ଚଳିତ ବର୍ଷର ସ୍ୱତନ୍ତ୍ର ଗାନ୍ଧୀ ଜୟନ୍ତୀ ଗ୍ରାମସଭାକୁ ୱାର୍ଡ ମେମ୍ବର ଓ ଗ୍ରାମବାସୀ ସାମୂହିକ ଭାବେ ବର୍ଜନ କରିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ, ଉନ୍ନୟନମୂଳକ କାର୍ଯ୍ୟରେ ପାତରଅନ୍ତର, ହିତାଧିକାରୀଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଉଥିବା ପ୍ରତିବାଦରେ ଏଭଳି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ସରକାରୀ ନିୟମାନୁଯାୟୀ, ପ୍ରତିବର୍ଷ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରତ୍ୟେକ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥାଏ। ଏଥିରେ ଗ୍ରାମର ସାମୂହିକ ଓ ବ୍ୟକ୍ତିଗତ ବିକାଶ ପାଇଁ ଆଗାମୀ ଆର୍ଥିକ ବର୍ଷର ଖସଡ଼ା ପ୍ରସ୍ତୁତ କରାଯାଇ ଲୋକଙ୍କ ସମ୍ମତିକ୍ରମେ ଅନୁମୋଦନ ଲାଭ କରିବାର ବ୍ୟବସ୍ଥା ରହିଛି। ମାତ୍ର ଲାବଣ୍ୟଦେଇପୁର ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପଞ୍ଚାୟତର ୧୨ଟି ୱାର୍ଡର ପ୍ରତିନିଧି ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ବିକାଶ କାମ ବାଟବଣା ହୋଇଛି। କେତେକ ନିର୍ଦ୍ଦିଷ୍ଟ ୱାର୍ଡକୁ ପର୍ଯ୍ୟାପ୍ତ କାର୍ଯ୍ୟାଦେଶ ଦିଆଯାଉଥିବାବେଳେ ଅନ୍ୟ ୱାର୍ଡକୁ କ୍ରମାଗତ ଭାବେ ଉପେକ୍ଷା କରାଯାଉଛି। ସେହିପରି ଦୀର୍ଘବର୍ଷ ଧରି ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତାରୁ ବଞ୍ଚିତ କରାଯାଇଥିବାବେଳେ ନୂତନ ରାସନ କାର୍ଡ ପାଇଁ ଲୋକେ ମାସ ମାସ ଧରି ଅପେକ୍ଷା କରି ନିରାଶ ହେଉଛନ୍ତି। ମାସିକ ବୈଠକ କେବଳ ଉପସ୍ଥିତି ଖାତାରେ ଦସ୍ତଖତ ଓ ଫଟୋ ଉଠାଇବାରେ ସୀମିତ ରହିଛି ବୋଲି ୱାର୍ଡ ମେମ୍ବର ମାଙ୍ଗାତା ସିଂ, ଦାରା ସିଂ, ନାରଣ ମୁର୍ମୁ, ବାମିଆ ସିଂ, ସୁକୁରା ସିଂ ଓ ପ୍ରିୟା ଦେଇ ପ୍ରମୁଖ କ୍ଷୋଭ ପ୍ରକାଶ କରିବା ସହ ତୀବ୍ର ବିରୋଧ କରିଥିଲେ। ଅନ୍ୟପକ୍ଷରେ, ଅଧିକାଂଶ ପ୍ରତିନିଧି ଓ ଲୋକଙ୍କ ଅନୁପସ୍ଥିତି ସତ୍ତ୍ୱେ ସରପଞ୍ଚ ତୁରାମ ସିଂ କିଛି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ଅନ୍ୟ ପ୍ରାୟ୧୫/୨୦ ଜଣଙ୍କୁ ନେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଔପଚାରିକ ଭାବେ ସଭା ସାରିଦେଇଥିବା ଦେଖିବାକୁ ମିଳିଛି। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଭଞ୍ଜପୁର ଦୁର୍ଗାପୂଜା ପାଇଁ କମିଟି ଗଠିତ

**ବାରିପଦା, ୪।୧୦(ସମିସ):** ଧରାବତରଣ କରିବେ ଜଗତଜନନୀ ମା’ ଦୁର୍ଗତିନାଶିନୀ। ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି ସାରା ସହର। ଏହି କ୍ରମରେ ସ୍ଥାନୀୟ ଭଞ୍ଜପୁର ଛକରେ ଚଳିତ ବର୍ଷ ମା’ ଦୁର୍ଗାଙ୍କ ୩୯ତମ ସାର୍ବଜନୀନ ଦୁର୍ଗାପୂଜା ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେବାକୁ ଯାଉଛି। ପୂଜାବିଧିକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଓ ସୁପରିଚାଳନା ନିମନ୍ତେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଏହି କମିଟିରେ ପୂର୍ବତନ ମୋରଡା ବିଧାୟକ ରାଜକିଶୋର ଦାସ ସଭାପତି ଭାବେ ମନୋନୀତ ହୋଇଥିବାବେଳେ ନିହାର ରଞ୍ଜନ ଦଣ୍ଡପାଟ ଓ ରବୀନ୍ଦ୍ର ପାଢ଼ୀଙ୍କୁ ଉପସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ଦୀପକ ଦେ ସାଧାରଣ ସମ୍ପାଦକ, ପ୍ରସନ୍ନଜିତ ମହାନ୍ତି କୋଷାଧ୍ୟକ୍ଷ, ଅସିତ ପଟ୍ଟନାୟକ ଓ ମାନସ ଧଳ ସମ୍ପାଦକ ଓ ସଭ୍ୟଦେୟ ଆଦାୟ ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ ହୋଇଛନ୍ତି। ଚଳିତ ପୂଜା କାର୍ଯ୍ୟସୂଚୀ ଅନୁଯାୟୀ, ୧୬ ତାରିଖରେ ମା’ଙ୍କ ଷଷ୍ଠୀ ପୂଜା ଆରମ୍ଭ ହୋଇ ୨୦ ତାରିଖ ଦଶମୀ ଯାଏଁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଚାଲିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦେ ସୂଚନା ଦେଇଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ଆନୁସଙ୍ଗିକ ସୁରକ୍ଷା ଓ ଶୃଙ୍ଖଳିତ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କମିଟି ସଭାପତି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

# ଦୁର୍ଗାପୂଜା ପାଇଁ ମୋରଡ଼ା ପୁଲିସର ପ୍ରସ୍ତୁତି ବୈଠକ

**ମୋରଡ଼ା, ୪।୧୦(ସମିସ):** ମୋରଡା ଥାନା ପରିସରରେ ରବିବାର ଥାନା ଅଧିକାରୀ ସୁମିତ ସୋରେନଙ୍କ ଅଧ୍ୟକ୍ଷତାରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ୧୧ଟି ପୂଜା କମିଟି କର୍ମକର୍ତ୍ତା, ସରପଞ୍ଚ ଓ ବ୍ଲକ ଅଧ୍ୟକ୍ଷ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଆଲୋଚନା କରିଥିଲେ। ଚଳିତ ବର୍ଷ ଖୁରୁଣ୍ଟିଆ, ଚିତ୍ରଡା, ହଳଦୀପାଳ, ମୋରଡା ସମେତ ୧୧ଟି ସ୍ଥାନରେ ପୂଜା ପାଇଁ ପୁଲିସ ମୁତୟନ ଦାବି ହୋଇଛି। ପାଟ୍ରୋଲିଂ ଅଭାବରୁ ଚୋରି ବଢୁଥିବା ନେଇ ହଳଦୀପାଳ ସରପଞ୍ଚ ମାଳତୀ ମାରାଣ୍ଡି ଅଭିଯୋଗ କରିଥିଲେ। ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କଡ଼ା ନଜର ରଖାଯିବା ସହ ହାଇ-ବେସ୍ ସାଉଣ୍ଡ ବାରଣ ଓ ରାତି ୧୧ଟା ସୁଦ୍ଧା ମାଇକ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଅଷ୍ଟମୀ ଓ ନବମୀ ଦୁଇଦିନ ମଦ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରହିବ, ମଙ୍ଗଳବାର ଭସାଣି ପ୍ରସ୍ତୁତି ବୈଠକ ବସିବ ବୋଲି ସୂଚନା ମିଳିଛି।

# ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକସଭା

**ବଡ଼ସାହି,୪।୧୦(ସମିସ):** ଦୁର୍ଗାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମଚରଣ ହାଁସଦା (୫୫)ଙ୍କ ଅକାଳ ବିୟୋଗ ଘଟିଛି। ଏ ନେଇ ପଞ୍ଚାୟତ ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସେବତୀ ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କାର୍ଯ୍ୟରତ ସିଆରପି, ଇସି ମେମ୍ବର, ଏମବିକେ ପ୍ରମୁଖ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେବା ସହିତ ଏକ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାମ, ତାଙ୍କ ସାଧୁତା, ପରୋପକାରିତା ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ବଡସାହି ତହସିଲ ମୋହରିର ସଂଘ ପକ୍ଷରୁ ମଧ୍ୟ ତାଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା।

## ବୈଶିଙ୍ଗା-ରୁପ୍‌ସା ରାସ୍ତା

# ପ୍ରଶସ୍ତୀକରଣ କାମ ନିମ୍ନମାନର ଅଭିଯୋଗ

**ବେତନଟୀ, ୪।୧୦(ସମିସ):**

ଦୀର୍ଘ ୫ ବର୍ଷ ଧରି ଠାକୁରମୁଣ୍ଡା-ଡଙ୍ଗାଡିହା-ରୁପ୍‌ସା ରାସ୍ତା (ଏମଡିଆର-୭୦) ପ୍ରଶସ୍ତୀକରଣ କାମ ମନ୍ଥର ଗତିରେ ଚାଲିଥିବାବେଳେ ଏବେ ବୈଶିଙ୍ଗା-ରୁପ୍‌ସା ରାସ୍ତା କାମ ନିମ୍ନମାନର ହେଉଥିବା ଦେଖିବାକୁ ମିଳିଛି। ଗତ ଦୁଇମାସ ତଳେ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ପ୍ରାୟ ୨୩ କୋଟି ଟଙ୍କାର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଶିଳାନ୍ୟାସ ହେବା ପରେ ଠିକାସଂସ୍ଥା କାମ ଆରମ୍ଭ କରିଛି। ମାତ୍ର ବିଭାଗୀୟ ନିୟମ ଅନୁଯାୟୀ ମୂଳ ରାସ୍ତାର ଉଭୟ ପାଶ୍ୱର୍ରେ ତିନି ମିଟର ଲେଖାଏଁ ଖୋଳାଯାଇ ମେଟାଲିଂ ହେବା କଥା। କିନ୍ତୁ ଠିକାଦାର ମନମୁଖୀ ଭାବେ ମାତ୍ର ଦୁଇ ମିଟର ଖୋଳି କାମ ସାରିଦେଉଥିବା ସ୍ଥାନୀୟ ସାମ୍ବାଦିକଙ୍କ ପରିଦର୍ଶନ ସମୟରେ ଜଣାପଡ଼ିଛି।

ଅନ୍ୟପକ୍ଷରେ ଚଳିତ ବର୍ଷ ଲଗାଣ ବର୍ଷା ଯୋଗୁଁ ଏହି ରାସ୍ତାର କଦଳିଆ ଭିଲା ନିକଟରେ ପାଣି ସୁଅରେ ଦୁଇ ଦୁଇଥର ପ୍ରାୟ ୧୦୦ ମିଟର ରାସ୍ତା ଭୁଶୁଡ଼ି ଘାଇ ସୃଷ୍ଟି ହୋଇଥିଲା। ଫଳରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଥିଲା। ବିଭାଗ ପକ୍ଷରୁ ଅସ୍ଥାୟୀ ମରାମତି କରାଯାଇ ଯାତାୟାତ ସ୍ୱାଭାବିକ କରାଯାଇଥିଲେ ହେଁ ରାସ୍ତାଟି ବର୍ତ୍ତମାନ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଯେକୌଣସି ମୁହୂର୍ତ୍ତରେ ପୁଣି ବଡ଼ଧରଣର ଦୁର୍ଘଟଣା ଘଟିବା ସହ ଯୋଗାଯୋଗ ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ଠିକାଦାରଙ୍କ ଏଭଳି ନିମ୍ନମାନର ଓ ମନମୁଖୀ କାର୍ଯ୍ୟ ଉପରେ କଡ଼ା ନଜର ରଖିବା ସହିତ ନିର୍ମାଣର ଗୁଣବତ୍ତା ଯାଞ୍ଚ କରିବା ପାଇଁ ସ୍ଥାନୀୟ ସାମ୍ବାଦିକ ବିଭାଗୀୟ ଉପଖଣ୍ଡ ଅଧିକାରୀ ଇଂ ଅରବିନ୍ଦ ମହାନ୍ତିଙ୍କୁ ଭେଟି ଅବଗତ କରାଇଛନ୍ତି। ବିଶେଷକରି କଦଳିଆ ଭିଲା ନିକଟରେ ବନ୍ୟା ଜଳ ନିଷ୍କାସନ ନିମନ୍ତେ ଅତିକମ୍‌ରେ ୫୦ ମିଟର ଦୈର୍ଘ୍ୟର ଏକ ପକ୍କା କଲଭର୍ଟ ବା ପୋଲ ନିର୍ମାଣ କରିବାକୁ ସାମ୍ବାଦିକ ଦାବି କରିଛନ୍ତି। ଖୁବଶୀଘ୍ର ସ୍ଥାୟୀ ପ୍ରତିକାର ସହ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ବିଭାଗୀୟ ଅଧିକାରୀ ଶ୍ରୀ ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସ୍ଥଳ ପରିଦର୍ଶନ ଓ ଦାବି ଉପସ୍ଥାପନ ବେଳେ ବୈଶିଙ୍ଗାର ବରିଷ୍ଠ ସାମ୍ବାଦିକ ସୀତାନାଥ ବେହେରା, ମଧୁସୂଦନ ମହାନ୍ତି, ନରହରି ବିଶ୍ୱାଳ, ଭାଗବତ ମହାନ୍ତ, ବିମଳେନ୍ଦୁ ମହାପାତ୍ର, ଦାମୋଦର ଜେନା ଓ ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ତେଲ ଟ୍ୟାଙ୍କର ଭିତରେ ବେଆଇନ ଗୋଚାଲାଣ

# ୨୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର, ଚାଳକ ଓ ହେଲପର ଗିରଫ

- ସମ୍ବଲପୁରରୁ ପଶ୍ଚିମବଙ୍ଗକୁ ହେଉଥିଲା ଚାଲାଣ
- ୫ ଜିଲ୍ଲାର ୧୧ ଥାନା ପାରିହେବା ସନ୍ଦେହ ଘେରରେ

**ବାଙ୍ଗିରିପୋଷି,୪।୧୦(ସମିସ):** ତେଲ ପରିବହନ ଆଳରେ ଚାଲିଥିଲା ଅଭିନବ ଉପାୟରେ ଗୋଚାଲାଣ। ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଏକ ବିରାଟ ତେଲ ଟ୍ୟାଙ୍କର ଭିତରୁ ୨୦ରୁ ଉର୍ଦ୍ଧ୍ୱ ଗୋରୁ ଉଦ୍ଧାର ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଟ୍ୟାଙ୍କରକୁ ଜବତ କରିବା ସହ ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରିଛି।




ସୂଚନା ମୁତାବକ, ଡବ୍ଲୁବି ୨୯ବି ୧୯୨୨ ପଞ୍ଜୀକରଣ ନମ୍ବର ଥିବା ଏକ ତେଲ ଟ୍ୟାଙ୍କର ବିଶୋଇ ପଟୁ କଳାବାଡ଼ିଆ ଅଭିମୁଖେ ବେପରୁଆ ଭାବେ ଦ୍ରୁତଗତିରେ ଯାଉଥିଲା। ଗାଡ଼ିର ସନ୍ଦେହଜନକ ଗତିବିଧି ଦେଖି ସ୍ଥାନୀୟଗୋରକ୍ଷକ ଓ ଲୋକଙ୍କ ମନରେ ସନ୍ଦେହ ଉପୁଜିଥିଲା। ସେମାନେ ବିଳମ୍ବ ନ କରି ଗାଡ଼ିକୁ ପିଛା କରିବା ସହ ବାଙ୍ଗିରିପୋଷି ଥାନା ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଟିମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ପୁନାସିଆ ରେଲୱେ ଗଳା ପୋଲ ନିକଟରେ ଟ୍ୟାଙ୍କରକୁ ଅଟକାଇଥିଲା। ତେଲ ଟ୍ୟାଙ୍କରର ଭିତର ଯାଞ୍ଚ କରିବା ପରେ ପୁଲିସ ଓ ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। କାରଣ ଟ୍ୟାଙ୍କର ଚାମ୍ବର ଭିତରେ କୌଶଳରେ ୨୦ରୁ ଅଧିକ ଗୋରୁଙ୍କୁ ବନ୍ଦୀ କରି ଚାଲାଣ କରାଯାଉଥିଲା। ପୁଲିସ ସମସ୍ତ ଗୋରୁଙ୍କୁ ସୁରକ୍ଷିତ ଉଦ୍ଧାର କରି ଥାନା ପରିସରରେ ରଖିଛି। ଅଟକ ଡ୍ରାଇଭର ଉତ୍ତରପ୍ରଦେଶର ସବିର ଖାନ ଓ ହେଲପର ପଶ୍ଚିମବଙ୍ଗ ବୁଲଗରିଆର ଶେକ୍ ସାଏବକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଗୋରୁ ସମ୍ବଲପୁରରୁ ଅଣାଯାଇ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା ଓ ଏହା ପଛରେ ଏକ ବଡ଼ ରାକେଟ୍ ସକ୍ରିୟ ରହିଛି। ତେବେ ସମ୍ବଲପୁରରୁ ଜାତୀୟ ରାଜପଥ-୪୯ର ପାଖାପାଖି ୩୫୦ କିମି ଆସିବା ରାସ୍ତାରେ ସମ୍ବଲପୁର, ଦେଓଗଡ, ଅନୁଗୋଳ, କେନ୍ଦୁଝର ଓ ରାଇରଙ୍ଗପୁର ପୁଲିସ ଜିଲ୍ଲାର ୧୧ଟି ଥାନା ପାରି ହୋଇ ଟ୍ୟାଙ୍କର ଆସିଥିଲା। ସେମାନେ ଜାଣି ନ ଥିଲେ ନା ସବୁ ଥାନାରେ ଭାଗ ରହିଥିଲା, ତଦନ୍ତ ପରେ ତାହା ସ୍ପଷ୍ଟ ହେବ। ଉଦ୍ଧାର ୨୦ ଗୋରୁଗାଈଙ୍କ ସ୍ୱାସ୍ଥ୍ୟବସ୍ଥା ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା କରାଯିବା ପରେ ଗୋଶାଳାକୁ ପଠାଯିବ ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

# ପାଣି ଗର୍ତ୍ତରେ ପଡ଼ି ଶିଶୁ କନ୍ୟା ମୃତ

**ଶରତ, ୪।୧୦ (ସମିସ):** ଘର ନିକଟରେ ଥିବା ପାଣି ଗର୍ତ୍ତରେ ପଡ଼ି ଜଣେ ଦେଢ଼ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟା ମୟୂରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ ଡାଇସାହି ଗ୍ରାମର ଗୁନିଆ ତୁବିଡ଼ଙ୍କ ଝିଅ ଏଲିଶା ତୁବିଡ଼। ରବିବାର ସକାଳ ପ୍ରାୟ ୧୦ଟା ବେଳେ ଖେଳୁଥିବା ସମୟରେ ଏଲିଶା ଘର ପାଖ ଏକ ପାଣି ଗର୍ତ୍ତ ଭିତରକୁ ଖସି ପଡ଼ିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତ ଶିଶୁର ବାପା ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏତଲା ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଦେବେନ୍ଦ୍ରଙ୍କୁ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର

**ବୈଶିଙ୍ଗା, ୪।୧୦(ସମିସ):** ଆମ୍ବଗଡ଼ିଆ ପଞ୍ଚାୟତ ଭଗବାନପୁର ଗ୍ରାମର ଯୁବ ପରିବେଶବିତ୍ ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ଉପଖଣ୍ଡସ୍ତରୀୟ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯିବ। ବନ୍ୟପ୍ରାଣୀ ସଂରକ୍ଷଣ ଓ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବନ୍ୟପ୍ରାଣୀ ସଂରକ୍ଷଣ ସପ୍ତାହ ଅବସରରେ ୭ ତାରିଖରେ ଏହି ସମ୍ମାନ ପ୍ରଦାନ କରାଯିବ। ପିଲାଦିନରୁ ସମାଜସେବା ପ୍ରତି ଆଗ୍ରହୀ ଦେବେନ୍ଦ୍ର ରୁପ୍‌ସା ନୀଳମଣି ମହାବିଦ୍ୟାଳୟରେ ପଢ଼ିବା ସମୟରେ ଜାତୀୟ ସେବା ଯୋଜନାରେ ଯୋଗଦେଇ ସମାଜସେବା, ରକ୍ତଦାନ, ନିଶା ନିବାରଣ ଓ ପରିବେଶ ସୁରକ୍ଷା ଭଳି ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୨୪ ବର୍ଷ ବୟସରେ ୫୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରି ତାହାର ଯତ୍ନ ନେବା ସହ ବନାଗ୍ନି ସଚେତନତା, ଗଜସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ, ଖଇରୀ ବ୍ୟାଘ୍ର ସୁରକ୍ଷା ଅଭିଯାନ ଓ ସ୍ୱଚ୍ଛ ଭାରତ ଭଳି କାର୍ଯ୍ୟକ୍ରମରେ ସେ ସକ୍ରିୟ ରହିଛନ୍ତି। ଦେବେନ୍ଦ୍ର ପୂର୍ବରୁ “ପ୍ରକୃତି ବନ୍ଧୁ’ ପୁରସ୍କାର ପାଇଥିବାବେଳେ ନିକଟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ରାଷ୍ଟ୍ରପତି ଭବନରେ ସମ୍ମାନିତ ହୋଇଛନ୍ତି।

# ଟକଟପୁର କିମ୍ବା ମହାରାଜପୁରକୁ ଏମ୍‌ପିସି ଜୁନିୟର କଲେଜ ସ୍ଥାନାନ୍ତର ଦାବି

**ବାରିପଦା, ୪।୧୦ (ସମିସ):** ବାରିପଦାର ଐତିହାସିକ ତଥା ପ୍ରମୁଖ ଶିକ୍ଷାନୁଷ୍ଠାନ ମହାରାଜା ପୂର୍ଣ୍ଣଚନ୍ଦ୍ର (ଏମ୍‌ପିସି) ସ୍ୱୟଂଶାସିତ କଲେଜର +୨ (ଜୁନିୟର) କଲେଜକୁ ଟକଟପୁର କିମ୍ବା ମହାରାଜପୁର ଅଞ୍ଚଳକୁ ସ୍ଥାନାନ୍ତର କରିବା ପାଇଁ ଦାବି ଜୋର୍ ଧରିଛି। ଏ ନେଇ ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଶ୍ରୀମତୀ ମହାନ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ମୟୂରଭଞ୍ଜରେ ଉଚ୍ଚଶିକ୍ଷାର ପ୍ରସାର ଉଦ୍ଦେଶ୍ୟରେ ତତ୍କାଳୀନ ମହାରାଣୀ ଶ୍ରୀମତୀ ତଖତ କୁମାରୀ ଏମ୍‌ପିସି କଲେଜ ପ୍ରତିଷ୍ଠା ନିମନ୍ତେ ବହୁ ପରିମାଣର ଜମି ଦାନ କରିଥିଲେ। ପରବର୍ତ୍ତୀ ସମୟରେ ମୟୂରଭଞ୍ଜ ରାଜ୍ୟ ଓଡ଼ିଶା ସହ ମିଶ୍ରଣ ହେବା ପରେ ଏହି ସମସ୍ତ ଜମି ଉଚ୍ଚଶିକ୍ଷା ବିଭାଗ ଅଧୀନକୁ ଆସିଥିଲା। ଦାନ ହୋଇଥିବା ଜମିର କିଛି ଅଂଶ ଏମ୍‌ପିସି କଲେଜ ନାମରେ ରହିଥିବାବେଳେ ଏବେ ମଧ୍ୟ ବହୁ ମୂଲ୍ୟବାନ ଜମି ହସ୍ତାନ୍ତର ନ ହୋଇ ଅବ୍ୟବହୃତ ଭାବେ ପଡ଼ିରହିଛି। ଏହି ଅବ୍ୟବହୃତ ଜମିକୁ ସଦୁପଯୋଗ କରି ସେଠାରେ ଏମ୍‌ପିସି ଉଚ୍ଚମାଧ୍ୟମିକ ବିଦ୍ୟାଳୟ (ଜୁନିୟର କଲେଜ)ର ସ୍ୱତନ୍ତ୍ର କ୍ୟାମ୍ପସ ନିର୍ମାଣ କରାଯାଉ। ଏଥିସହ ଭବିଷ୍ୟତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂଲଗ୍ନ ମହାରାଜପୁର ଓ ଦେବେନ୍ଦ୍ରପୁର ଅଞ୍ଚଳର ସରକାରୀ ଜମି ଅଧିଗ୍ରହଣ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଟକଟପୁର କିମ୍ବା ମହାରାଜପୁର ଅଞ୍ଚଳ ଏକ ଶୈକ୍ଷିକ ପେଣ୍ଠସ୍ଥଳୀ ଭାବେ ଗଢ଼ି ଉଠୁଥିବାବେଳେ ଏଠାରେ ଯାତାୟାତ ଓ ପରିବହନ ସୁବିଧା ଯଥେଷ୍ଟ ଉନ୍ନତ ରହିଛି। ଏହି ଅଞ୍ଚଳକୁ ଜୁନିୟର କଲେଜ ସ୍ଥାନାନ୍ତରିତ ହେଲେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସୁସ୍ଥ, ଶାନ୍ତ ଓ ପ୍ରଦୂଷଣମୁକ୍ତ ଶିକ୍ଷା ପରିବେଶ ସୃଷ୍ଟି ହୋଇପାରିବ। ରାଜ୍ୟ ସରକାର ଏହି ପ୍ରସ୍ତାବ ଉପରେ ଗୁରୁତ୍ୱ ଦେଇ ଜୁନିୟର କଲେଜ ସ୍ଥାନାନ୍ତର ଓ ନୂତନ ଭିତ୍ତିଭୂମି ବିକାଶ ପାଇଁ ତୁରନ୍ତ ମଞ୍ଜୁରି ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

# ଜଳିଗଲା ଇଭି ସ୍କୁଟି ଓ ବାଇକ୍



**ବଡ଼ସାହି,୪।୧୦(ସମିସ):** ବଡ଼ସାହି ଥାନା ଅଧୀନ ଯୋଗୀନୂଆଗାଁ ପଞ୍ଚାୟତ ବର୍ତନା ଗ୍ରାମର କିଶୋର ଦାସଙ୍କ ଏକ ହିରୋ ଭିଡା ସ୍କୁଟି ଜଳିଯାଇଛି। ଏହା ନିକଟରେ ଥିବା ଏକ ବାଇକ୍ ମଧ୍ୟରେ ପୋଡ଼ି ପାଉଁଶ ହୋଇଯାଇଛି। ଶନିବାର ବିଳମ୍ବିତ ରାତିରେ ଏପରି ଘଟଣା ଘଟିଥିବା ଜଣାଯାଇଛି। ସ୍କୁଟିଟି ଚାର୍ଜ ବସି ନ ଥିବାବେଳେ ଏପରି ଘଟିଛି। ଫାୟାର ବେତନଟୀ ଏହାର ରିପୋର୍ଟ କରିଥିବାବେଳେ ବାଲେଶ୍ୱର ହିରୋ ଶୋ’ରୁମର କର୍ମଚାରୀ ଆସି ଏହାର ତଦନ୍ତ କରି ଫେରିଥିବା ଜଣାଯାଇଛି। ଶୋ’ରୁମ ପକ୍ଷରୁ କ୍ଷତିପୂରଣ ଦିଆଯିବ ବୋଲି ଜଣାଯାଇଛି।

# ମୟୂରଭଞ୍ଜ ଜୋନ୍‌ସ୍ତରୀୟ ଆଞ୍ଚଳିକ ବୈଠକ ଓ ଶିକ୍ଷକ ପ୍ରଶିକ୍ଷଣ ଶିବିର

**ବାରିପଦା, ୪।୧୦(ସମିସ):** ସ୍ଥାନୀୟ ମଧୁବନସ୍ଥ ଶ୍ରୀଶ୍ରୀ ହରିବଳଦେବ ଜୀଉ ଶିଶୁ ମନ୍ଦିର ପରିସରରେ ଭାରତୀୟ ଶିକ୍ଷା ପରିଷଦ, ଓଡ଼ିଶା ପକ୍ଷରୁ ମୟୂରଭଞ୍ଜ ଜୋନ୍‌ସ୍ତରୀୟ ଆଞ୍ଚଳିକ ବୈଠକ ଓ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜୋନ୍ ଆବାହକ ଡା ଆଦିତ୍ୟ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାଦାନର ନୂତନ ପଦ୍ଧତି, ଶ୍ରେଣୀ ପରିଚାଳନା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଭାରତୀୟ ଶିକ୍ଷା ପରିଷଦର ମ୍ୟାନେଜିଂ ଟ୍ରଷ୍ଟି ତଥା ସମ୍ପାଦକ ରବିନାରାୟଣ ଜେନା, ଟ୍ରଷ୍ଟି ତଥା ପ୍ରଶିକ୍ଷଣ ପ୍ରମୁଖ ବାବାଜୀ କୁମାର, ଟ୍ରଷ୍ଟି ବିଚିତ୍ରାନନ୍ଦ ସ୍ୱାଇଁ ଓ ରାଜକିଶୋର ସ୍ୱାଇଁ ଗୁଣାତ୍ମକ ଶିକ୍ଷା ଓ ପ୍ରଭାବଶାଳୀ ଶିକ୍ଷାଦାନ ପ୍ରଣାଳୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ଶିବିରରେ ବିଶେଷଜ୍ଞ ଭାବେ ପ୍ରଧାନାଚାର୍ଯ୍ୟ ରାମଚନ୍ଦ୍ର ନାଥଶର୍ମା, ନାଇସ୍ ପବ୍ଲିକ୍ ସ୍କୁଲ୍‌ର ପ୍ରତିଷ୍ଠାତା ନିତ୍ୟାନନ୍ଦ ସାହୁ ଶ୍ରେଣୀକକ୍ଷ ପରିଚାଳନା ଓ ସଫଳ ଶିକ୍ଷାଦାନ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧ୍ୟାପକ ଅଭିଷେକ ପଣ୍ଡା “ଏକବିଂଶ ଶତାବ୍ଦୀର ଶିକ୍ଷକ ଓ ବଦଳୁଥିବା ଶିକ୍ଷାଦାନର କଳା’ ବିଷୟରେ ଦୀର୍ଘ ଓ ତଥ୍ୟଭିତ୍ତିକ ଆଲୋଚନା କରିଥିଲେ। ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକଙ୍କ ବଦଳୁଥିବା ଭୂମିକା, ପ୍ରଯୁକ୍ତିର ବ୍ୟବହାର, ଶିକ୍ଷାର୍ଥୀକୈନ୍ଦ୍ରିକ ଶିକ୍ଷାଦାନ ଓ ଏକବିଂଶ ଶତାବ୍ଦୀର ଦକ୍ଷତା ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।




ମୟୂରଭଞ୍ଜ ଜିଲ୍ଲାରେ ଭାରତୀୟ ଶିକ୍ଷା ପରିଷଦ ସହ ଅନୁବନ୍ଧିତ ୯ଟି ବିଦ୍ୟାଳୟ ଶ୍ରୀଶ୍ରୀ ହରିବଳଦେବ ଜୀଉ ଶିଶୁ ମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଟକଟପୁର, ଓମ୍ ଶିଶୁ ଶିକ୍ଷାକେନ୍ଦ୍ର ଦେଉଳି, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରାଇରଙ୍ଗପୁର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଘାଘରବେଢ଼ା, ଶିଶୁ ନିକେତନ ବାଘଡ଼ା ରୋଡ୍, ନାଇସ୍ ପବ୍ଲିକ୍ ସ୍କୁଲ୍ ଖୁଣ୍ଟା, ଶ୍ରୀଜଗନ୍ନାଥ ଗୁରୁକୂଳ ଶିକ୍ଷାକେନ୍ଦ୍ର ସାନନୂଆଗାଁ ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବାଙ୍ଗିରିପୋଷିରୁ ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ଏଥିସହ ଉକ୍ତ ବିଦ୍ୟାଳୟର ସଭାପତି, ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ ଆଞ୍ଚଳିକ ବୈଠକରେ ଯୋଗଦେଇ ଶିକ୍ଷାର ଗୁଣାତ୍ମକ ବିକାଶ, ବିଦ୍ୟାଳୟ ପରିଚାଳନା ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ମତ ବିନିମୟ କରିଥିଲେ। ଟକଟପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବରିଷ୍ଠ ଗୁରୁଜୀ ରବିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କାମରେ ଲାଗୁନି ବସ୍ ଷ୍ଟପ୍, ପାଲଟିଛି ଷଣ୍ଢ ଓ କୁକୁରଙ୍କ ବାସସ୍ଥଳୀ

# କେବେ ବାଙ୍ଗିରିପୋଷିରୁ ତାଳବନ୍ଧ ଲକ୍ଷ୍ମୀ ବସ୍ ସେବା

**ବାଙ୍ଗିରିପୋଷି, ୪।୧୦(ସମିସ):**

ବାଙ୍ଗିରିପୋଷିରୁ ଶିମିଳି ପାହାଡ଼ କଡେ କଡେ ୩୦ କିଲୋମିଟର ପର୍ଯ୍ୟନ୍ତ ଆଦିବାସୀ ଗାଁ ଲମ୍ବିଛି। ଏହି ୩୦ କିଲୋମିଟର ରାସ୍ତାର ଦୂରତା ମଧ୍ୟରେ ନିଶ୍ଚିନ୍ତ ପଞ୍ଚାୟତ ଓ ବ୍ରାହ୍ମଣ ଗାଁ ପଞ୍ଚାୟତ ରହିଛି। ପୂର୍ବ ସରକାର ଗରିବ ଆଦିବାସୀଙ୍କୁ ଯାତାୟାତର ସେବା ଯୋଗାଇବା ନିମନ୍ତେ ଲକ୍ଷ୍ମୀ ବସ୍ ଷ୍ଟପ୍ ନିର୍ମାଣ କରିଥିଲେ। ଦୀର୍ଘ ୩୦ କିଲୋମିଟର ରାସ୍ତାର ଉନ୍ନତୀକରଣ ବାବଦରେ ୩୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ବର୍ତ୍ତମାନ ବାଙ୍ଗିରିପୋଷିରୁ ତାଳବନ୍ଧ ଯିବାକୁ ରାସ୍ତା ଚକାଚକ ହୋଇଛି ସତ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ବସ୍ ସେବା ଉପଲବ୍ଧ ହୋଇନି। କେବେ ଏହି ରାସ୍ତାରେ ବସ୍ ଚଳାଚଳ କରିବ, ସେ ପ୍ରଶ୍ନ ଉଠିଛି।

ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଲକ୍ଷ୍ମୀ ବସ୍ ଷ୍ଟପ ନିର୍ମାଣ ହୋଇଥିଲା। ସ୍ଥାନୀୟ ଲୋକେ ଲକ୍ଷ୍ମୀ ବସ୍ ଯିବାର ଦେଖିବାକୁ ପାଇଲେ ନାହିଁ। ଫଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବସ୍ ଷ୍ଟପ୍ ଅବହେଳିତ ହୋଇପଡିଛି। ଯେଉଁ ଜାଗାରେ ବସ୍ ଯାତ୍ରୀ ଅପେକ୍ଷା କରିବା କଥା ସେଠାରେ ଏବେ ବୁଲା କୁକୁର ଓ ବୁଲା ଷଣ୍ଢଙ୍କ ବାସସ୍ଥାନ ପାଲିଟିଛି। ବାଙ୍ଗିରିପୋଷିରୁ ତାଳବନ୍ଧକୁ ଲକ୍ଷ୍ମୀ ବସ୍ ଚଳାଚଳ କରିବା ପାଇଁ ବିଡିଓ ଓ ଲକ୍ଷ୍ମୀ ବସ ଏଜେନ୍ସିଙ୍କୁ ଲିଖିତ ଅନୁରୋଧ କରାଯାଇଥିଲା। ତାହା ଫଳପ୍ରଦ ହୋଇନାହିଁ। ବସ୍ ନ ଚାଲିବାରୁ କଲେଜ ଛାତ୍ରଛାତ୍ରୀ ଯାତାୟାତରେ ସମସ୍ୟା, ରୋଗୀ ଡାକ୍ତରଖାନା ଆସିବାରେ ବିଳମ୍ବ, ଲୋକେ ବ୍ଲକ, ବ୍ୟାଙ୍କ, ତହସିଲ କାମରେ ଘୋର ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ଆଣିଛନ୍ତି। ଲକ୍ଷ୍ମୀବସ ଯୋଜନାର ମୁଖ୍ୟ ଆକର୍ଷଣ ଥିଲା ମହିଳା, ଛାତ୍ରଛାତ୍ରୀଙ୍କ ପାଇଁ ଯାତାୟାତର ସୁବିଧାରେ ମାର୍ଗ ଦର୍ଶାଇଯାଇଥିଲା। ସେହି ଜଙ୍ଗଲ ଅଞ୍ଚଳ ତାଳବନ୍ଧ, ଚରାବନ୍ଧ, ସାଲଘାଟି, ବୁରୁଡି, କୁମ୍ଭୀରମୁଣ୍ଡି, ଦୋମୁହାଣି, ଗୋହିରାପାଳ ଗ୍ରାମରେ କେବଳ ପ୍ରଚାର ହୋଇ ରହିଗଲା। ସରକାରଙ୍କ ଯୋଜନା ବିକାଶର ଧାରା ଓଡିଶା ସାରା ଯେଉଁ ପ୍ରଚାର ହେଉଛି, ତାହା ବାସ୍ତବରେ କେବେ ପରିପ୍ରକାଶ ପାଇବ ଓ କୋଟି କୋଟି ଟଙ୍କାରେ ନିର୍ମାଣ ହୋଇଥିବା ରାସ୍ତାରେ ଲକ୍ଷ୍ମୀ ବସ ଚଳାଚଳ କେବେ ବୋଲି ପ୍ରଶ୍ନ ଉଠିଛି। ଉକ୍ତ ରାସ୍ତାରେ ସରକାରୀ ବସ ଚଳାଚଳ କରା ନ ଗଲେ, ଆଗାମୀ ଦିନରେ ଦୁଇ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ସହିଦ ନୁଦୁରାମ ଟ୍ରଷ୍ଟ ପକ୍ଷରୁ ପ୍ରତିରକ୍ଷା ତାଲିମ ଶିବିର



**ରାଇରଙ୍ଗପୁର,୪।୧୦(ସମିସ):** ଯୁବପିଢ଼ିଙ୍କୁ ଦେଶସେବା ପାଇଁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ସହିଦ ନୁଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ୬୦ଦିନିଆ ମାଗଣା ପୁଲିସ ଓ ପ୍ରତିରକ୍ଷା ବାହିନୀ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଛି। ଆସନ୍ତା ୨୧ ତାରିଖରୁ ସ୍ଥାନୀୟ କଚେରୀ ପଡ଼ିଆରେ ଏହି ଶିବିର ଆରମ୍ଭ ହେବ । ଏଥିପାଇଁ ଚଳିତ ମାସ ୧୦ରୁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଶିବିରରେ ଯୁବକ/ଯୁବତୀଙ୍କୁ ନିଯୁକ୍ତି ପରୀକ୍ଷା ଉପଯୋଗୀ ଶାରୀରିକ ବ୍ୟାୟାମ, ଦୌଡ଼ ଓ ଶୃଙ୍ଖଳା ସମ୍ପର୍କରେ ଅବସରପ୍ରାପ୍ତ ସେନା ଓ ପୁଲିସ ଅଧିକାରୀ ପ୍ରଶିକ୍ଷଣ ପ୍ରଦାନ କରିବେ। ବିଶେଷକରି ଆର୍ଥିକ ଅନଟନ ଯୋଗୁଁ ତାଲିମରୁ ବଞ୍ଚିତ ହେଉଥିବା ଆଶାୟୀଙ୍କ ପାଇଁ ଏହା ବେଶ୍ ସହାୟକ ହେବ। ଅବସରପ୍ରାପ୍ତ ଡିଏସ୍‌ପି ରାଇସେନ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଟ୍ରଷ୍ଟ ମୁଖ୍ୟ ମନରଞ୍ଜନ ହାଁସଦା, ବିଜୟ ରାମ, ମୁଚିରାମ ମାଝୀ, କ୍ୟାପଟେନ ମହେନ୍ଦ୍ର ମହାନ୍ତ, ରବୀନ୍ଦ୍ର ମୁଖି, ଗୋପାଳ ମହାନ୍ତି, ରଘୁନାଥ ମାଝୀ, ନିତ୍ୟାନନ୍ଦ ନାଏକ, ବୁଢାନ ମୁର୍ମୁ, କ୍ୟାପଟେନ ଶ୍ୟାମଚନ୍ଦ୍ର ମହାନ୍ତ, ମକୁନ୍ଦ ମହାନ୍ତ ଓ କ୍ୟାପଟେନ ଦେବାନନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଗୋଟିଏ ସମ୍ବିଧାନ ଯେତେ ଭଲ ହେଉନା କାହିଁକି, ଏହାକୁ କାର୍ଯ୍ୟକାରୀ କରୁଥିବା ଲୋକେ ଯଦି ଖରାପ ହୋଇଥିବେ, ତେବେ ଏହା ଖରାପ ବୋଲି ପ୍ରମାଣିତ ହେବ !
-ଡକ୍ଟର ବି ଆର ଆମ୍ବେଦକର

## ଆଇନର ସ୍ୱଚ୍ଛତା ବନାମ ବିକ୍ଷୋଭର ଯଥାର୍ଥତା

ସମ୍ପ୍ରତି ଦିଲ୍ଲୀ ଓ ମୁମ୍ବାଇରେ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ବିଶାଳ ଓ ନିର୍ଣ୍ଣାୟକ ଆନ୍ଦୋଳନ ପୃଷ୍ଠଭୂମିରେ ରହିଛି ଭାରତର ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାରଙ୍କ ଇସ୍ତଫା ସହିତ ୨୦୨୩ରେ ପ୍ରଣୀତ ନିର୍ବାଚନ ଆୟୁକ୍ତ ନିଯୁକ୍ତ ସଂକ୍ରାନ୍ତ ଆଇନର ପ୍ରତ୍ୟାହାର ଦାବି। ଏହି ଆଇନ ପ୍ରଣୟନ ହେବା ଦିନରୁ ବିବାଦୀୟ ହୋଇରହିଛି ଏବଂ ପ୍ରଣୟନ ହେବାର ମାତ୍ର କିଛିମାସରେ ଅଦାଲତର କାଠଗଡ଼ା ଭିତରକୁ ଚାଲିଯାଇଛି। ସର୍ବୋଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ଏହି ମାମଲାର ବିଚାର କରୁଥିବା ବେଳେ ମାମଲାକୁ ପାଞ୍ଚଜଣିଆ ସମ୍ବିଧାନ ଖଣ୍ଡପୀଠକୁ ପଠାଯିବ କି ନାହିଁ ସେଥିରେ ମଧ୍ୟ ଖଣ୍ଡପୀଠରେ ମତୈକ ଆସିପାରିନାହିଁ। ଏଭଳି ପରିସ୍ଥିତିରେ ଆଇନ ପ୍ରତ୍ୟାହାର ସମ୍ଭାବନା କେତେ ଅଛି ତାହା ଭିନ୍ନ କଥା। କିନ୍ତୁ ଆଇନର ବିବାଦୀୟ ପୃଷ୍ଠଭୂମି ସମ୍ପର୍କରେ କିଞ୍ଚିତ ଆଲୋଚନା ପ୍ରାସଙ୍ଗିକ ମନେ ହୁଏ।

ଭାରତୀୟ ନିର୍ବାଚନ ଆୟୋଗ ପୂର୍ବରୁ ଜଣିକିଆ ଥିବା ବେଳେ ଗତ ଶତାବ୍ଦୀର ନବେ ଦଶକରେ (୧୯ ୯୩ ମସିହା) ତିନିଜଣିଆ ହୋଇ ସେମାନଙ୍କ ମଧ୍ୟରୁ ବରିଷ୍ଠ ସଦସ୍ୟଙ୍କୁ ମୁଖ୍ୟ ଆୟୁକ୍ତ ପଦରେ ଆସୀନ କରାଯିବାର ପରମ୍ପରା ଆରମ୍ଭ ହେଲା। ସମ୍ବିଧାନର ଧାରା ୩୨୪(୨) ଅନୁଯାୟୀ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସଂସଦ ଦ୍ୱାରା ପ୍ରଣୀତ ଆଇନ ଆଧାରରେ ସମ୍ପନ୍ନ ହେବା କଥା। ୨୦୨୩ ମସିହାରେ ନୂଆ ଆଇନ ଆସିବା ପର୍ଯ୍ୟନ୍ତ ଆୟୁକ୍ତଙ୍କ ନିଯୁକ୍ତି ପ୍ରକ୍ରିୟା 'ନିର୍ବାଚନ ଆୟୋଗ(ନିର୍ବାଚନ ଆୟୁକ୍ତଙ୍କ ଚାକିରି ସର୍ତ୍ତାବଳୀ ଓ କାର୍ଯ୍ୟାବଳୀ) ଆଇନ-୧୯ ୯୧' ଆଧାରରେ ହୋଇଆସୁଥିଲା। କିନ୍ତୁ ଏହି ଆଇନରେ ଆୟୁକ୍ତଙ୍କ ଦରମା, କାର୍ଯ୍ୟକାଳ ଓ କାର୍ଯ୍ୟାବଳୀ ଆଦି ସମ୍ପର୍କରେ ଉଲ୍ଲେଖ ଥିଲେ ହେଁ ନିଯୁକ୍ତି କିଭଳି ହେବ ସେ ସମ୍ପର୍କରେ ନିରବ ଥିଲା। ଆଇନଗତ ସ୍ୱଷ୍ଟତା ଅନୁପସ୍ଥିତିରେ ଆଇନ ମନ୍ତ୍ରଣାଳୟ ଦ୍ୱାରା ଗଠିତ ଏକ ଅସ୍ଥାୟୀ କମିଟି ଆୟୁକ୍ତମାନଙ୍କ ନାମ ସୁପାରିସ କରୁଥିଲେ ଏବଂ ପ୍ରଧାନମନ୍ତ୍ରୀ ଉକ୍ତ ସୁପାରିସକୁ ଅନୁମୋଦନ କରିବା ପରେ ରାଷ୍ଟ୍ରପତି ଆୟୁକ୍ତମାନଙ୍କୁ ନିଯୁକ୍ତି ଦେଉଥିଲେ। ଏହି ପ୍ରକ୍ରିୟାରେ ଶାସନତନ୍ତ୍ରର ଭୂମିକା ନିର୍ଣ୍ଣାୟକ ହେଉଥିବାରୁ ନିର୍ବାଚନ ଆୟୋଗର କାର୍ଯ୍ୟାବଳୀର ସ୍ୱାଧୀନତା ଓ ନିର୍ବାଚନ ପ୍ରକ୍ରିୟାରେ ନିରପେକ୍ଷତା ସନ୍ଦେହରୁ ଊର୍ଦ୍ଧ୍ୱକୁ ଉଠିପାରୁ ନଥିଲା।

୨୦୨୧ ମେ' ମାସରୁ ଖାଲି ପଡ଼ିଥିବା ନିର୍ବାଚନ ଆୟୁକ୍ତ ପଦରେ ୨୦୨୨ ନଭେମ୍ବର ମାସରେ ହୋଇଥିବା ଅରୁଣ ଗୋୟଲଙ୍କ ବିବାଦୀୟ ନିଯୁକ୍ତି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ କାଠଗଡ଼ାକୁ ଟାଣିଲା। ମାତ୍ର ୨୪ ଘଣ୍ଟା ମଧ୍ୟରେ ଚୟନ ଓ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିବାରୁ ଏଥିରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଗନ୍ଧ ବାରି ହୋଇପଡ଼ିଥିଲା। ଏ ସମ୍ପର୍କିତ ମାମଲା(ଅନୁପ ବରନ୍‌ୱାଲ୍ ବନାମ କେନ୍ଦ୍ର ସରକାର)ର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଗୋୟଲଙ୍କ ନିଯୁକ୍ତ ସଂକ୍ରାନ୍ତ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଜଟିଳ ଓ ରହସ୍ୟମୟ ବୋଲି ଟିପ୍ପଣୀ ଦେଲେ ଏବଂ ସଂସଦରେ ଏ ସମ୍ପର୍କିତ ଏକ ବିଧିବଦ୍ଧ ଆଇନ ପ୍ରଣୟନ ହେବା ପର୍ଯ୍ୟନ୍ତ ଅନ୍ତରୀଣ ବ୍ୟବସ୍ଥା କରିଥିଲେ। ଅନ୍ତରୀଣ ବ୍ୟବସ୍ଥା ଅନୁଯାୟୀ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଭାରତର ପ୍ରଧାନ ବିଚାରପତିଙ୍କୁ ନେଇ ଗଠିତ ତିନିଜଣିଆ କମିଟିର ସୁପାରିସ ଆଧାରରେ ରାଷ୍ଟ୍ରପତି ନିର୍ବାଚନ ଆୟୁକ୍ତଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଲା। ବିରୋଧୀ ଦଳ ନେତା ଅନୁପସ୍ଥିତ ରହିଲେ ତାଙ୍କ ସ୍ଥାନରେ ବିରୋଧୀ ଦଳର ଦ୍ୱିତୀୟ ସର୍ବାଧିକ ଆସନ ଜିତିଥିବା ଦଳର ନେତାଙ୍କୁ କମିଟିରେ ରହିବାର ପ୍ରବଧାନ ମଧ୍ୟ ହେଲା। ଏଥିସହିତ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ନିର୍ବାଚନକୁ ସ୍ୱଚ୍ଛ ଓ ଅବାଧ କରିବା ପାଇଁ ନିର୍ବାଚନ ଆୟୋଗ ସାଧୁ, ସ୍ୱାଧୀନ ଓ ନିରପେକ୍ଷ ରହିବା ଜରୁରୀ। ନିର୍ବାଚନ ଆୟୋଗ ଗଣତନ୍ତ୍ରର ଅଭିଭାବକ। ତେଣୁ ଆୟୁକ୍ତମାନଙ୍କର ନିଯୁକ୍ତି ମଧ୍ୟ ନିରପେକ୍ଷ ଓ ରାଜନୈତିକ ଚାପରୁ ଊର୍ଦ୍ଧ୍ୱରେ ରହିବା ବିଧେୟ।

ଶେଷରେ ୨୦୨୩ ମସିହାରେ କେନ୍ଦ୍ର ସରକାର 'ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ଅନ୍ୟ ନିର୍ବାଚନ ଆୟୁକ୍ତ(ନିଯୁକ୍ତି, ଚାକିରି ସର୍ତ୍ତାବଳୀ ଏବଂ କାର୍ଯ୍ୟକାଳ ଅବଧି) ଆଇନ-୨୦୨୩' ନାମରେ ଏକ ଆଇନ ଆଣିଲେ। ଏହି ଆଇନ ଅନୁଯାୟୀ ନିର୍ବାଚନ ଆୟୁକ୍ତ ଚୟନ ଓ ନିଯୁକ୍ତି ପାଇଁ ଗଠିତ କମିଟିରୁ ଭାରତର ପ୍ରଧାନ ବିଚାରପତିଙ୍କୁ ହଟାଇ ତାଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ର ମନ୍ତ୍ରୀଙ୍କୁ ସ୍ଥାନିତ କରାଗଲା। ଅର୍ଥାତ୍ ତିନିଜଣିଆ କମିଟିରେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ ମନ୍ତ୍ରୀ ସଦସ୍ୟ ରହିବାର ବ୍ୟବସ୍ଥା ନୂଆ ଆଇନରେ ଆସିଲା। କମିଟିରେ ଶାସକ ଦଳର ଦୁଇଜଣ ସଦସ୍ୟ ରହିବା ଫଳରେ ଆୟୋଗର କାର୍ଯ୍ୟାବଳୀ ସ୍ୱତଃ ସନ୍ଦେହଘେରକୁ ଆସିଗଲା। ବିଶେଷକରି ଜ୍ଞାନେଶ କୁମାର ମୁଖ୍ୟ ନିର୍ବାଚନ ଆୟୁକ୍ତ ପଦରେ ନିଯୁକ୍ତି ପାଇବା ପରେ ବିହାର ଓ ପଶ୍ଚିମବଙ୍ଗର ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ(ଏସ୍‌ଆଇଆର) ବିବାଦୀୟ ହୋଇପଡ଼ିଲା ଏବଂ ଏହା ନିର୍ବାଚନ ଫଳାଫଳକୁ ମଧ୍ୟ ପ୍ରଭାବିତ କରିଥିବା ଅଭିଯୋଗ ଆସିଲା। ନୂଆ ଆଇନର ସାମ୍ବିଧାନିକ ଓ ବୈଧାନିକ ବୈଧତା ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ଥିବା ବେଳେ ନିର୍ବାଚନ ଆୟୁକ୍ତମାନଙ୍କ ନିଯୁକ୍ତି ପ୍ରକ୍ରିୟା ଅବୈଧ ବୋଲି ମଧ୍ୟ ଯୁକ୍ତି ଦର୍ଶାଗଲା।

୨୦୨୩ରେ ପ୍ରଣୀତ ଆଇନକୁ ବିରୋଧ କରି ଆସିଥିବା ମାମଲାର ଶୁଣାଣି ଅବସରରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଗତ ଜୁଲାଇ ମାସରେ କହିଥିଲେ ଯେ ଏହି ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ଜରୁରୀ ବୋଲି କେନ୍ଦ୍ର ସରକାର ଉଚିତ ମଣୁ ନାହାନ୍ତି କି? ପୁନଶ୍ଚ ଏକ ବିଧିବଦ୍ଧ ଓ ସ୍ୱଚ୍ଛ ଆଇନ ଆଣିବାରେ କ୍ରମାଗତ ଓ ଉଦ୍ଦେଶ୍ୟମୂଳକ ଅବହେଳା କରୁଥିବା କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ଗତ ମେ' ୭(୨୦୨୬) ତାରିଖରେ ଜନପ୍ରତିନିଧିଙ୍କ ଏକଛତ୍ରବାଦ ଭାବେ ଅଭିହିତ କରିଥିଲେ। ତେଣୁ ଆଇନ ପ୍ରତ୍ୟାହାର ଦାବିରେ ଆରମ୍ଭ ହୋଇଥିବା ଆନ୍ଦୋଳନର ଯଥାର୍ଥତା ନେଇ ଯଦି କିଛି ସନ୍ଦେହ ଥାଏ ତେବେ ତାହା ଦୂର ହେବା ଉଚିତ।

# ଓଡ଼ିଶାର ବିକାଶ ଓ ପରିବେଶ

**ପ୍ରଫେସର ଶରତ କୁମାର ପଳିତା**

ମାନବ ସଭ୍ୟତାର ବିକାଶ ଓ ବିସ୍ତାର ପ୍ରକୃତି କୋଳରେ ହିଁ ଆରମ୍ଭ ହୋଇଥିଲା। ସଭ୍ୟତାର ବିକାଶ ଅତ୍ୟୁଚ୍ଚଶିଖରରେ ପହଞ୍ଚିଥିବା ବେଳେ ପ୍ରକୃତି ଓ ପରିବେଶ ଆଜି ସ୍ପର୍ଶକାତର ଅବସ୍ଥାରେ ଉପନୀତ। ବିକାଶ ନାଁରେ ସବୁଆଡ଼େ ବିନାଶର ପଦଧ୍ୱନୀ। କେବଳ ମନୁଷ୍ୟ ନୁହେଁ ଆମ ଚତୁଃପାର୍ଶ୍ୱରେ ଥିବା ଜୀବଜଗତ ମଧ୍ୟ ପ୍ରମାଦପୂର୍ଣ୍ଣ ଅବସ୍ଥା ଦେଇ ଗତି କରୁଛି। ଏହି ପରିପ୍ରେକ୍ଷୀରେ ଆମ ଓଡ଼ିଶାର ବିକାଶ ଓ ଏହାର ପରିବେଶର ସ୍ୱାସ୍ଥ୍ୟ ଉପରେ ଆଲୋଚନା ପ୍ରଣିଧାନଯୋଗ୍ୟ।

ପ୍ରାକୃତିକ ସମ୍ପଦରେ ଭରପୂର ଓଡ଼ିଶାର ଭୂମିରୂପ ମୁଖ୍ୟତଃ ଉପକୂଳର ବିସ୍ତୀର୍ଣ୍ଣ ସମତଳଭୂମି, ତିନି-ଚତୁର୍ଥାଂଶରେ ବିସ୍ତୃତ ପୂର୍ବଘାଟ ପର୍ବତମାଳା, କେନ୍ଦ୍ରୀୟ ଓ ପଶ୍ଚିମ ମାଳଭୂମି ଏବଂ ନଦୀ ଉପତ୍ୟକାମାନଙ୍କୁ ନେଇ ଗଠିତ। ଆମର ଉପକୂଳ ୬ଟି ବୃହତ ନଦୀ (ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଓ ଋଷିକୁଲ୍ୟା)ର ପଟୁମାଟି ଦ୍ୱାରା ତିଆରି ହୋଇଥିବାରୁ ଏହା 'ହେକ୍ସାଡେଲ୍ଟାଇକ ରିଜିୟନ' ନାମରେ ଖ୍ୟାତ ଏବଂ ଏହା ଆମ ରାଜ୍ୟର ଭାତହାଣ୍ଡି। ସେହିପରି ପୂର୍ବଘାଟ ପର୍ବତମାଳା ଓ ସମସ୍ତ ମାଳଭୂମି ଅଞ୍ଚଳ ନଦ-ନଦୀ, ଝରଣା, ଜଙ୍ଗଲ ସମ୍ପଦ, ବନ୍ୟଜନ୍ତୁ ସହ ଖଣିଜ ସମ୍ପଦରେ ଭରପୂର। ଭାରତର ଖଣିଜ ମାନଚିତ୍ରରେ ଆମ ରାଜ୍ୟ ଅଗ୍ରଣୀ। ଭୂଗର୍ଭରେ ସଞ୍ଚିତ ଖଣିଜ ମଧ୍ୟରୁ କ୍ରୋମାଇଟ (୯୮%), ନିକେଲ (୯୩%), ବକ୍ସାଇଟ (୫୯%)ରେ ଓଡ଼ିଶା ପ୍ରଥମ ସ୍ଥାନରେ ଥିବା ବେଳେ କୋଇଲା (୨୪%) ରେ ଦ୍ୱିତୀୟ ସ୍ଥାନରେ ଅଛି।

ଆଜିର ଓଡ଼ିଶା ଦ୍ରୁତ ଶିଳ୍ପାୟନ ଓ ସହରୀକରଣ ପ୍ରକ୍ରିୟା ଦେଇ ଗତି କରୁଛି। ବୃହତ ଇସ୍ପାତ ଓ ଆଲୁମିନିୟମ୍ ଶିଳ୍ପ, ତାପଜ ବିଦ୍ୟୁତ୍ କେନ୍ଦ୍ର, ରାଜପଥ, ରେଳନେଟୱାର୍କ, ଦ୍ରୁତଗତିରେ ବିସ୍ତାରିତ ହେଉଥିବା ସହର ଏବଂ ବୃହତ ଭିତ୍ତିଭୂମି ପ୍ରକଳ୍ପ ଏହି ପ୍ରକ୍ରିୟାର ଅନ୍ତର୍ଭୁକ୍ତ। ଓଡ଼ିଶା ସରକାର ରାଜ୍ୟକୁ ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ବିଶିଷ୍ଟ ଅର୍ଥନୀତିରେ ପରିଣତ ହେବା ପାଇଁ 'ଭିଜନ୍ ୨୦୪୭' ରୋଡମ୍ୟାପ୍ ଭଳି ବିଶାଳ ଅଭିବୃଦ୍ଧି ଲକ୍ଷ୍ୟ ରଖି ଆଗକୁ ବଢୁଛନ୍ତି। କିନ୍ତୁ ପ୍ରଶ୍ନ ହେଉଛି ଏହି ଅଭିବୃଦ୍ଧି ପ୍ରାକୃତିକ ପୁଞ୍ଜି/ସମ୍ପଦକୁ କେତେଦୂର ସୁରକ୍ଷିତ ରଖିପାରିବ? 'ଇଣ୍ଡିଆ ଷ୍ଟେଟ୍-ଅଫ୍ ଫରେଷ୍ଟ ରିପୋର୍ଟ ୨୦୨୩' ଅନୁଯାୟୀ ଉଭୟ ଜଙ୍ଗଲ (୩୩.୬୭%) ଓ ବୃକ୍ଷ ଆଚ୍ଛାଦିତ ଅଞ୍ଚଳ (୩.୯୫%) ମିଳିତ ଭାବେ ରାଜ୍ୟର ମୋଟ ଭୌଗୋଳିକ କ୍ଷେତ୍ରଫଳର ପ୍ରାୟ ୩୭.୬%। ତେରଟି ଜିଲ୍ଲାର ଏକ-ତୃତୀୟାଂଶରୁ ଅଧିକ ଅଞ୍ଚଳ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ ହୋଇ ରହିଥିବା ବେଳେ କନ୍ଧମାଳ ଓ ଗଜପତି ଜିଲ୍ଲାରେ ଏହାର ପରିମାଣ ଅଧିକ ରହିଛି। କେବଳ ଜଙ୍ଗଲ ଆଚ୍ଛାଦନର ପରିସଂଖ୍ୟାନ ପରିବେଶଗତ ସ୍ୱାସ୍ଥ୍ୟର ପ୍ରକୃତ ସୂଚନା ଦେଇନଥାଏ। ଜଙ୍ଗଲର ଗୁଣବତ୍ତା, ବନ୍ୟଜୀବଙ୍କ ଆବାସସ୍ଥଳୀ ମଧ୍ୟରେ ସଂଯୋଗ, ଜଙ୍ଗଲ ଖଣ୍ଡବିଖଣ୍ଡିତ ହେବା, ଏହାର କ୍ରମଃ ଅବକ୍ଷୟ, ଏବଂ ଖଣି ଓ ଭିତ୍ତିଭୂମି ନିର୍ମାଣ ଜନିତ ଚାପ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ।

ଶିଳ୍ପଭିତ୍ତିକ ଦ୍ରୁତ-ଅଭିବୃଦ୍ଧି ମଡେଲ୍, ରାଜ୍ୟର ପ୍ରାକୃତିକ ପରିସଂସ୍ଥା ଏବଂ ମାନବ ସ୍ୱାସ୍ଥ୍ୟ ଉପରେ ନକରାତ୍ମକ ପ୍ରଭାବ ପକାଇବାର ଆଶଙ୍କା ସୃଷ୍ଟି ହୋଇଛି। ଅନୁଗୁଳ-ତାଳଚେର ଏବଂ ଝାରସୁଗୁଡ଼ା-ଇବ୍ ଉପତ୍ୟକା ଭଳି ପ୍ରମୁଖ ଶିଳ୍ପ ଓ ଖଣି ଅଞ୍ଚଳଗୁଡ଼ିକରେ କଣିକା ପ୍ରଦୂଷଣ, ଫ୍ଲାଏ ଆଶ୍, ଶିଳ୍ପଜାତ ନିର୍ଗମନ ଓ ଦୂଷିତ ଜଳ ଏବଂ ଭୂମି ଅବକ୍ଷୟ ସମ୍ବନ୍ଧୀୟ ସମସ୍ୟା ଲଗାତାର ଭାବେ ଦେଖାଦେଉଛି। ଏହି ପ୍ରଦୂଷଣର ପ୍ରଭାବ ଜନସ୍ୱାସ୍ଥ୍ୟ, ଖାଦ୍ୟସୁରକ୍ଷା ଓ ଜଳସମ୍ପଦ ଉପରେ ଗଭୀର ଭାବେ ପଡୁଛି। ପ୍ରଭାବିତ ଅଞ୍ଚଳରେ ଦୀର୍ଘକାଳୀନ ଶ୍ୱାସକ୍ରିୟା ଜନିତ ସମସ୍ୟା, ଚର୍ମରୋଗ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ଜଙ୍ଗଲ ଅବକ୍ଷୟ ଓ ପାରମ୍ପରିକ ବନ୍ୟ-ସମ୍ପଦର ହ୍ରାସ ତଥା ଆବଶ୍ୟକୀୟ ପୋଷକତତ୍ତ୍ୱର ଅଭାବ ଜଙ୍ଗଲ ଉପରେ ନିର୍ଭରଶୀଳ ଅଧିବାସୀମାନଙ୍କ ଖାଦ୍ୟ ଓ ଜୀବିକା ସୁରକ୍ଷାକୁ ପ୍ରଭାବିତ କରୁଛି। ତେଣୁ ଖଣିଜ ବିକାଶର ମୂଲ୍ୟାୟନକୁ କେବଳ ଉତ୍ପାଦନ ଓ ରାଜସ୍ୱ ଆୟରେ ସୀମିତ ନ ରଖି ପ୍ରଦୂଷଣ, ସାମାଜିକ ନ୍ୟାୟ, ପୁନର୍ବାସ ଓ ସ୍ଥାନୀୟ ସମୁଦାୟର ଅଧିକାର ଭଳି କ୍ଷେତ୍ରକୁ ସମ୍ପ୍ରସାରିତ କରିବା ଆବଶ୍ୟକ।

ଉପକୂଳ ଓ ଦକ୍ଷିଣ ଓଡ଼ିଶାର ପ୍ରମୁଖ ନଦୀଗୁଡ଼ିକ ରାଜ୍ୟର କୃଷି, ମତ୍ସ୍ୟ, ପାନୀୟ ଜଳ ଓ ଉପକୂଳ ପରିସଂସ୍ଥାର ଆଧାର। ମାତ୍ର ଦ୍ରୁତ ଶିଳ୍ପାୟନ ଓ ସହରୀକରଣ ନଦୀମାନଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଚାଲିଛି। ତେଣୁ ନଦୀ ପରିଚାଳନା କେବଳ ଜଳର ଗୁଣବତ୍ତା ସମ୍ବନ୍ଧୀୟ ମାପଚୁପ ମଧ୍ୟରେ ସୀମିତ ନ ରହି, ଅବବାହିକା ସ୍ତରୀୟ ପରିସଂସ୍ଥାଗତ ପରିଚାଳନା ଦିଗରେ ଅଗ୍ରସର ହେବା ଉଚିତ୍। ଚିଲିକା ଓ ଭିତରକନିକା ସମେତ ଓଡ଼ିଶାର ସମସ୍ତ ଆର୍ଦ୍ରଭୂମି, ବନ୍ୟା ନିୟନ୍ତ୍ରଣ, ଭୂତଳଜଳ ସଂରକ୍ଷଣ, ଜଳ ବିଶୋଧନ, ମତ୍ସ୍ୟଚାଷ, ଜୀବିକା ଓ ଜୈବବିବିଧତାର ପ୍ରାକୃତିକ ଭିତ୍ତିଭୂମି। ନିକଟ ଅତୀତରେ ଚିଲିକାରେ ଲବଣାଂଶ ବୃଦ୍ଧି ପାଇ ଜୈବବିବିଧତା ପାଇଁ ସଙ୍କଟ ସୃଷ୍ଟି କରିଥିବା ବେଳେ ଜଳର ଗୁଣବତ୍ତାର ପୁନରୁଦ୍ଧାର, ତଦାରଖ ଓ ସ୍ଥାନୀୟ ସମ୍ପ୍ରଦାୟମାନଙ୍କ ଅଂଶଗ୍ରହଣ ଏହାକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବାକୁ ସହାୟକ ହୋଇଛି। ଚିଲିକାର ଉଦାହରଣ ପ୍ରମାଣିତ କରେ ଯେ ପରିବେଶଗତ ପୁନରୁଦ୍ଧାର ଜୈବ-ବିବିଧତା, ଜୀବିକା ଓ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିପାରିବ।

ଜୈବ-ବିବିଧତାପୂର୍ଣ୍ଣ ଓଡ଼ିଶା ହାତୀ, ବାଘ, ଚିତାବାଘ, କୁମ୍ଭୀର, ସାମୁଦ୍ରିକ କଇଁଛ, ଡଲଫିନ୍ ଓ ବିବିଧ ପକ୍ଷୀର ସମୃଦ୍ଧ ଆବାସ। ଶିମିଳିପାଳ, ସାତକୋଶିଆ, ଭିତରକନିକା, ଚିଲିକା ଓ ଗହୀରମଥା ଏହାର ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣସ୍ଥଳ। କିନ୍ତୁ ବନ୍ୟପ୍ରାଣୀ, ବିଶେଷତଃ ହାତୀ, ସଂରକ୍ଷିତ ଅଞ୍ଚଳ ବାହାରେ ଚଳାଚଳ କରୁଥିବାରୁ ମଣିଷ-ହାତୀ ସଂଘର୍ଷ ବଢୁଛି। କୃଷିଭୂମି, ଗ୍ରାମ୍ୟ ଜଙ୍ଗଲ, ବୃକ୍ଷରୋପଣ ଅଞ୍ଚଳ, ନଦୀତଟ ଓ ଅନ୍ୟାନ୍ୟ ସାଧାରଣ ଭୂମି ବନ୍ୟପ୍ରାଣୀର ଚଳାଚଳ ଓ ଜୀବନଚକ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ବନ୍ୟପ୍ରାଣୀ ଚଳାପଥ, ବାସସ୍ଥାନମାନଙ୍କର ସଂଯୋଗୀକରଣ ଓ ସୁସଙ୍ଗତ ଭୂମି-ବ୍ୟବହାର ଯୋଜନାକୁ ବିକାଶ ଯୋଜନାର ଅନ୍ତର୍ଭୁକ୍ତ କରିବା ଦରକାର। ପ୍ରାରମ୍ଭିକ ସତର୍କତା, ଦ୍ରୁତ ଓ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ, ସ୍ଥାନୀୟ ଅଂଶଗ୍ରହଣ ଓ ବିଜ୍ଞାନ ସମ୍ମତ ସଂଘର୍ଷ ପରିଚାଳନା ମାଧ୍ୟମରେ ମଣିଷ-ବନ୍ୟପ୍ରାଣୀ ସହାବସ୍ଥାନ ସମ୍ଭବ ହୋଇପାରିବ।

ଭାରତରେ ୧୯୦୧-୨୦୧୮ ମଧ୍ୟରେ ହାରାହାରି ତାପମାତ୍ରା ପ୍ରାୟ ୦.୭୦ ସେଲସିୟସ ବଢ଼ିଛି ଏବଂ ଉତ୍ତର-ଭାରତ ମହାସାଗରରେ ସମୁଦ୍ରପତ୍ତନ ବୃଦ୍ଧିର ଧାରା ଅବ୍ୟାହତ ରହିଛି। ଅନିୟମିତ ବର୍ଷା, ବାତ୍ୟା, ଉଷ୍ମ ପ୍ରବାହ, ବନ୍ୟା, ମରୁଡ଼ି, ଉପକୂଳ କ୍ଷୟ ଓ ଲୁଣିପାଣି ପ୍ରବେଶର ତୀବ୍ରତା ବଢୁଛି। ଏହା ଆମ ଓଡ଼ିଶାର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରୁଛି। ତେଣୁ ଜଳବାୟୁ ପରିବର୍ତ୍ତନକୁ କୃଷି, ସହର ଯୋଜନା, ଜଳସଂରକ୍ଷଣ, ଉପକୂଳ ସୁରକ୍ଷା ଓ ପରିସଂସ୍ଥା ପୁନରୁଦ୍ଧାର ସହିତ ସମନ୍ୱିତ କରିବାର ଆବଶ୍ୟକତା ଦେଖାଦେଇଛି।

ଏକ ସମୃଦ୍ଧ ଓଡ଼ିଶା ଆମ ସମସ୍ତଙ୍କର କାମ୍ୟ। ଓଡ଼ିଶାର ପରବର୍ତ୍ତୀ ପର୍ଯ୍ୟାୟ ବିକାଶ ନିମିତ୍ତ କେବଳ ଖଣିଜ ଉତ୍ତୋଳନ ଏବଂ ଭିତ୍ତିଭୂମି ସଂପ୍ରସାରଣ ଭଳି ସଂକୀର୍ଣ୍ଣ ଧ୍ୟାନ ବଦଳରେ ପ୍ରାକୃତିକ ପୁଞ୍ଜିକୁ ବଜାୟ ରଖିବା ଏବଂ ପୁନଃଉତ୍ପାଦନକ୍ଷମ ବିକାଶ ଆଡ଼କୁ ଲକ୍ଷ୍ୟ ପରିବର୍ତ୍ତିତ ହେବା ଆବଶ୍ୟକ। ଏହାର ଅର୍ଥ, ବିକାଶ ପରିବର୍ତ୍ତେ ପରିବେଶକୁ ବାଛିବା ନୁହେଁ। ସୁସ୍ଥ ଜଙ୍ଗଲ, ନଦୀ, ଆର୍ଦ୍ରଭୂମି, ମାଟି, ଜୈବ ବିବିଧତା ଏବଂ ଏକ ସ୍ଥିର ଜଳବାୟୁ ହେଉଛି ଉତ୍ପାଦନକ୍ଷମ ସମ୍ପତ୍ତି, ଯାହା ଉପରେ ଦୀର୍ଘକାଳୀନ ଆର୍ଥିକ ସମୃଦ୍ଧି ନିର୍ଭର କରେ। ଆଗାମୀ ଦଶନ୍ଧି (୨୦୩୬ରେ ଓଡ଼ିଶାକୁ ୧୦୦ ବର୍ଷ) ପାଇଁ ମାର୍ଗଦର୍ଶକ ନୀତି ସ୍ପଷ୍ଟ ହେବା ଉଚିତ। ବିକାଶ କେବଳ ପ୍ରାକୃତିକ ସମ୍ପଦ ବିନିଯୋଗ ଉପରେ ନିର୍ଭରଶୀଳ ନହୋଇ ମାନବ କଲ୍ୟାଣ ଏବଂ ଆର୍ଥିକ ସମୃଦ୍ଧି ନିର୍ଭର କରୁଥିବା ପରିବେଶଗତ ସଂରକ୍ଷଣ, ପୁନରୁଦ୍ଧାର ଏବଂ ଯେଉଁଠି ସମ୍ଭବ ପୁନର୍ଜୀବିତ କରିବା ଅବଶ୍ୟକ।

ଭୁବନେଶ୍ୱର, ମୋ: ୯୪୩୮୧୩୨୮୯୭

# ସରକାରୀ ଶିକ୍ଷାର ମାନ ହ୍ରାସ: ଦାୟୀ କିଏ?

**ହରେକୃଷ୍ଣ ମେହେର**

ଏକ ସୁନ୍ଦର ସକାଳ। ଗାଁଅଁ ରାସ୍ତାରେ ରଙ୍ଗବେରଙ୍ଗର ପୋଷାକ ପିନ୍ଧି କିଛି ଛୋଟ ଛୋଟ ପିଲା ବିଦ୍ୟାଳୟ ଅଭିମୁଖେ ଦୌଡ଼ି ଯାଉଛନ୍ତି। କାହାରି କାନ୍ଧରେ ଛୋଟ ବ୍ୟାଗ୍, କାହାରି ହାତରେ ପାଣି ବୋତଲ। ନିକଟରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଫାଟକ ଖୋଲିଯାଇଛି। ଦିନଟି ଆରମ୍ଭ ହେଉଛି ଅନେକ ସ୍ୱପ୍ନ ସହ। କେହି ବଡ଼ ହୋଇ ଶିକ୍ଷକ ହେବ, କେହି ଡାକ୍ତର, କେହି ଇଞ୍ଜିନିୟର, ଆଉ କେହି ନିଜ ଗାଁ ପାଇଁ କିଛି କରିବାର ସ୍ୱପ୍ନ ଦେଖିବ। କିନ୍ତୁ ଏହି ଦୃଶ୍ୟର ଆଉ ଏକ ଚିତ୍ର ମଧ୍ୟ ଆମ ସମ୍ମୁଖରେ ଧୀରେ ଧୀରେ ଆସୁଛି। କେତେକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀକକ୍ଷ ଅଛି, କିନ୍ତୁ ପିଲା କମ୍। ଶିକ୍ଷକ ଅଛନ୍ତି, କିନ୍ତୁ ଅଭିଭାବକଙ୍କ ଆସ୍ଥା କମୁଛି। ଯେଉଁ ସରକାରୀ ବିଦ୍ୟାଳୟ ଦିନେ ହଜାର ହଜାର ସାଧାରଣ ପରିବାରର ସ୍ୱପ୍ନକୁ ବାସ୍ତବତାର ରୂପ ଦେଇଥିଲା, ଆଜି ସେହି ବିଦ୍ୟାଳୟକୁ ନେଇ ଆମ ସମାଜରେ ଏକ ଅଜଣା ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏକପଟେ ସରକାରୀ ବିଦ୍ୟାଳୟକୁ ସୁଦୃଢ଼ କରିବା ପାଇଁ ଅନେକ ଯୋଜନା। ଅନ୍ୟପଟେ ନିଜ ସନ୍ତାନ ପାଇଁ ଅନେକ ଅଭିଭାବକଙ୍କ ପ୍ରଥମ ପସନ୍ଦ ହେଉଛି ବେସରକାରୀ ବିଦ୍ୟାଳୟ। ଏହି ବିରୋଧାଭାସ ଆମକୁ ଥରେ ଅଟକି ଯାଇ ଭାବିବାକୁ ବାଧ୍ୟ କରେ।

ଏହି ବିରୋଧାଭାସର ମୂଳରେ ରହିଛି 'ସାମୂହିକ ଉତ୍ତରଦାୟିତ୍ୱ'ର ଅଭାବ। ଆମେ ପ୍ରାୟତଃ ଦାୟୀ ଖୋଜୁଥାଉ। କିନ୍ତୁ ସମାଧାନ ଖୋଜୁନାହୁଁ। ଶିକ୍ଷକ କହନ୍ତି - ଅଭିଭାବକ ସହଯୋଗ କରୁନାହାନ୍ତି। ଅଭିଭାବକ କହନ୍ତି - ଶିକ୍ଷକ ଭଲ ପଢ଼ାଉନାହାନ୍ତି। ଶିକ୍ଷକ କହନ୍ତି - ପ୍ରଶାସନିକ କାମ ବହୁତ। ପ୍ରଶାସନ କହେ - ଶିକ୍ଷକମାନେ ନିଜ ଦାୟିତ୍ୱ ଠିକ୍ ଭାବରେ କରୁନାହାନ୍ତି। ଏହି ଦୋଷାରୋପର ଚକ୍ରରେ ହାରିଯାଏ ଆମ ଶିଶୁ। ତେବେ ସମାଧାନ କ'ଣ?

ସରକାରୀ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବାକୁ ତିନିଟି ପକ୍ଷକୁ ଏକାଠି ଆସିବାକୁ ପଡ଼ିବ - ସରକାର, ଶିକ୍ଷକ ଓ ଅଭିଭାବକ। ସରକାରଙ୍କୁ ଆବଶ୍ୟକ ଭିତ୍ତିଭୂମି, ପର୍ଯ୍ୟାପ୍ତ ଶିକ୍ଷକ, ଗୁଣାତ୍ମକ ପ୍ରଶିକ୍ଷଣ ଓ ସହଜ ଶିକ୍ଷାଦାନ ପରିବେଶ। ଶିକ୍ଷକଙ୍କୁ ମଧ୍ୟ ନିଜ ବୃତ୍ତିକୁ କେବଳ ଚାକିରି ଭାବେ ନ ଦେଖି ସାମାଜିକ ଦାୟିତ୍ୱ ଭାବେ ଗ୍ରହଣ କରିବାକୁ ପଡ଼ିବ। ଅନ୍ୟ ସମସ୍ତ ବୃତ୍ତି ଅପେକ୍ଷା ଶିକ୍ଷକତା ବୃତ୍ତିର ଦାୟିତ୍ୱ ଓ ଗୁରୁତ୍ୱ ଅଧିକ। କାରଣ ଜଣେ ଶିକ୍ଷକ କେବଳ ଜଣେ ଛାତ୍ରକୁ ଶିକ୍ଷିତ କରନ୍ତି ନାହିଁ, ସେ ଆଗାମୀ ପିଢ଼ିର ଚରିତ୍ର, ଚିନ୍ତାଧାରା ଓ ଭବିଷ୍ୟତକୁ ଗଢ଼ି ତୋଳନ୍ତି। ଅଭିଭାବକଙ୍କୁ ମଧ୍ୟ ବିଦ୍ୟାଳୟ ସହ ନିୟମିତ ସମ୍ପର୍କ ରଖି ପିଲାର ଶିକ୍ଷାରେ ସକ୍ରିୟ ଭାଗ ନେବାକୁ ପଡ଼ିବ। ସମାଜ ସରକାରୀ ବିଦ୍ୟାଳୟକୁ କେବଳ 'ଗରିବଙ୍କ ବିଦ୍ୟାଳୟ' ଭାବେ ନ ଦେଖି, ସମସ୍ତଙ୍କ ବିଦ୍ୟାଳୟ ଭାବେ ଗ୍ରହଣ କରିବାକୁ ପଡ଼ିବ।

ପ୍ରାୟତଃ ଶିକ୍ଷାରେ ଗୁଣାତ୍ମକ ମାନ ହ୍ରାସ ପାଇଁ ଶିକ୍ଷକମାନଙ୍କୁ ଦାୟୀ କରାଯାଏ। କିନ୍ତୁ ଶିକ୍ଷକଙ୍କୁ ଦାୟୀ କରିଦେବା ଯେତିକି ସହଜ, ସେତିକି ଭୁଲ ମଧ୍ୟ। ଅଭିଭାବକଙ୍କୁ ଏଥିପାଇଁ ଦାୟୀ କରିଦେବା ମଧ୍ୟ ସମସ୍ୟାର ସମାଧାନ ନୁହେଁ। ଶିକ୍ଷା ହେଉଛି ଏକ ସାମୂହିକ ପ୍ରକ୍ରିୟା। ଜଣେ ଶିଶୁର ହାତରେ ଭଲ ପୁସ୍ତକ ଦେଇଦେଲେ ଶିକ୍ଷା ସମାପ୍ତ ହୁଏ ନାହିଁ। ତା'କୁ ଭଲ ଶିକ୍ଷକ ଦରକାର, ସହଯୋଗୀ ପରିବାର ଦରକାର, ସୁସ୍ଥ ବିଦ୍ୟାଳୟ ପରିବେଶ ଦରକାର ଏବଂ ଏସବୁକୁ ସମର୍ଥନ କରିବା ପାଇଁ ଦାୟିତ୍ୱଶୀଳ ଶିକ୍ଷା ପ୍ରଶାସନ ଦରକାର। ତେଣୁ ପ୍ରଶ୍ନଟି ଏପରି ହେବା ଉଚିତ୍ ନୁହେଁ - ଶିକ୍ଷାର ମାନ ହ୍ରାସ ପାଇଁ ଦାୟୀ କିଏ? ବରଂ ପ୍ରଶ୍ନ ହେବା ଉଚିତ୍ - ଶିକ୍ଷାର ମାନ ବଢ଼ାଇବା ପାଇଁ ଆମେ କିଏ କ'ଣ କରିପାରିବା? କାରଣ ଦୋଷୀ ଓ ଦୋଷ ଖୋଜିଲେ କେବଳ ଦୋଷାରୋପ ମିଳିପାରେ। ସମସ୍ତେ ନିଜ ନିଜର ଦାୟିତ୍ୱ ଠିକ୍ ରୂପେ ସମ୍ପାଦନ କଲେ ହିଁ ପରିବର୍ତ୍ତନ ଆସିବ। ସରକାରୀ ବିଦ୍ୟାଳୟ ବଞ୍ଚିଲେ ହିଁ ସାଧାରଣ ପରିବାରର ଶିଶୁର ଶିକ୍ଷାର ଅଧିକାର ବଞ୍ଚି ରହିବ। ଏହା ସମଗ୍ର ସମାଜର ଦାୟିତ୍ୱ।

ସରକାରୀ ବିଦ୍ୟାଳୟକୁ ନେଇ ସମାଜରେ ଏକ ମାନସିକ ଧାରଣା ଗଢ଼ିଉଠିଛି ଯେ ଭଲ ପାଠ ପଢ଼ା ପାଇଁ ବେସରକାରୀ ବିଦ୍ୟାଳୟ ହିଁ ଭଲ। ଏହି ଧାରଣା ସବୁବେଳେ ତଥ୍ୟସମ୍ମତ ନ ହେଲେ ମଧ୍ୟ ଏହାର ପ୍ରଭାବ ଗଭୀର। କେତେକ ଅଭିଭାବକ ସରକାରୀ ବିଦ୍ୟାଳୟର ଶିକ୍ଷକଙ୍କ ଯୋଗ୍ୟତା ଓ ପ୍ରୟାସକୁ ଅଣଦେଖା କରି କେବଳ ବାହ୍ୟ ଚମକ, ଇଂରାଜୀ କଥାବାର୍ତ୍ତା କିମ୍ବା ବିଦ୍ୟାଳୟର ଦୃଶ୍ୟମାନ ଆକର୍ଷଣକୁ ଶିକ୍ଷାର ମାନର ମାପକାଠି କରିଦିଅନ୍ତି। ଫଳରେ ସରକାରୀ ବିଦ୍ୟାଳୟ ପ୍ରତି ଆସ୍ଥା ଧୀରେ ଧୀରେ କମିଥାଏ। ଆସ୍ଥା କମିଲେ ଛାତ୍ରଛାତ୍ରୀ ସଂଖ୍ୟା କମେ; ବିଦ୍ୟାଳୟର ସାମାଜିକ ଗୁରୁତ୍ୱ ହ୍ରାସ ପାଏ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଆମେ ଶିକ୍ଷାର ମାନକୁ କିପରି ମାପୁଛୁ? ଜଣେ ଶିଶୁ ଭଲ ନମ୍ବର ପାଇଲେ ଆମେ କହୁଛୁ ଶିକ୍ଷାର ମାନ ଭଲ। କିନ୍ତୁ ସେ ନିଜ ଭାଷାରେ ନିଜ ଚିନ୍ତା ପ୍ରକାଶ କରିପାରୁଛି କି? ତର୍କ କରିପାରୁଛି କି? ନୂତନ ସମସ୍ୟାର ସମାଧାନ ନିଜେ ଖୋଜିପାରୁଛି କି? ପରିବେଶକୁ ବୁଝିପାରୁଛି କି? ମାନବୀୟ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱ ବୁଝୁଛି କି? ଶିକ୍ଷାର ମୂଳ ଉଦ୍ଦେଶ୍ୟ କେବଳ ପରୀକ୍ଷାରେ ନମ୍ବର ଆଣିବା ନୁହେଁ; ଜୀବନକୁ ବୁଝିବା ଓ ଜୀବନ ପାଇଁ ପ୍ରସ୍ତୁତ ହେବା।

ତେବେ ସରକାରଙ୍କ ଦାୟିତ୍ୱ କେଉଁଠି? ପ୍ରାଥମିକ ଶିକ୍ଷା ହେଉଛି ରାଷ୍ଟ୍ରର ମୌଳିକ ଦାୟିତ୍ୱ। ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଛନ୍ତି କି? ଶିକ୍ଷକଙ୍କୁ ଆବଶ୍ୟକ ଶିକ୍ଷଣ ସାମଗ୍ରୀ ମିଳୁଛି କି? ଶିଶୁମାନଙ୍କ ପାଇଁ ଉପଯୁକ୍ତ ଶ୍ରେଣୀକକ୍ଷ, ପାନୀୟ ଜଳ, ଶୌଚାଳୟ, ପୁସ୍ତକାଳୟ, ଖେଳ ଓ ଶିକ୍ଷଣ ପରିବେଶ ରହିଛି କି? ଏସବୁ ପ୍ରଶ୍ନର ଉତ୍ତର ନ ଖୋଜି କେବଳ ଶିକ୍ଷକଙ୍କୁ ଦୋଷ ଦେବା ଅସମ୍ପୂର୍ଣ୍ଣ ନ୍ୟାୟ ହେବ। କେବଳ ବିଦ୍ୟାଳୟ ଖୋଲିବା କିମ୍ବା ଶିକ୍ଷକ ନିଯୁକ୍ତିରେ ସରକାର ନିଜ ଦାୟିତ୍ୱ ସୀମିତ ନ ରଖି ଗୁଣାତ୍ମକ ଶିକ୍ଷା ପାଇଁ ଏକ ସୁସଂଗଠିତ ଶିକ୍ଷା ପରିବେଶ ତିଆରି କରିବା ଆବଶ୍ୟକ। ଅଭିଭାବକଙ୍କ ଭୂମିକାକୁ ଅଣଦେଖା କରିହେବ ନାହିଁ। ଶିଶୁର ପ୍ରଥମ ବିଦ୍ୟାଳୟ ହେଉଛି ତାହାର ପରିବାର। ଅଭିଭାବକ ଯଦି ପିଲାର ପାଠପଢ଼ା ପ୍ରତି ଧ୍ୟାନ ନ ଦିଅନ୍ତି, ବିଦ୍ୟାଳୟକୁ ନିୟମିତ ପଠାନ୍ତି ନାହିଁ, ଶିକ୍ଷକଙ୍କ ସହ ଯୋଗାଯୋଗ ରଖନ୍ତି ନାହିଁ, ପିଲାର ଶିକ୍ଷାକୁ କେବଳ ବିଦ୍ୟାଳୟର ଦାୟିତ୍ୱ ବୋଲି ଭାବନ୍ତି, ତେବେ ଶିକ୍ଷାର ଫଳ ନିଶ୍ଚିତ ଭାବେ ପ୍ରଭାବିତ ହେବ। ପରିବାରରର ନିୟନ୍ତ୍ରଣ ଓ ଉଚିତ ମାର୍ଗଦର୍ଶନ ଅତ୍ୟନ୍ତ ଆବଶ୍ୟକ। ତେଣୁ ଅଭିଭାବକ ଶିକ୍ଷା ବ୍ୟବସ୍ଥାର ଦର୍ଶକ ନୁହନ୍ତି; ସେମାନେ ଏହାର ସହଭାଗୀ। ଏଣୁ ଏଭଳି ସାମୂହିକ ଉଦ୍ୟମ ଓ ସମନ୍ୱୟ ରହିଲେ ଓଡ଼ିଶାରେ ସରକାରୀ ଶିକ୍ଷା ବ୍ୟବସ୍ଥାରେ ଥିବା ବିରୋଧାଭାସ ଲୋପ ପାଇବ।

ସିନାପାଲି(ନୂଆପଡ଼ା), ମୋ: ୭୮ ୯୪୮ ୭୪୨୪୯

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

## ଅଶ୍ୱତ୍ଥ
(Peepal or Sacred Fig Tree- Ficus religiosa)

**ପ୍ରକୃତି-ପରିବେଶ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ହିନ୍ଦୁମାନେ ଏହି ଗଛକୁ ତିନି ଦେବତା ବ୍ରହ୍ମା, ବିଷ୍ଣୁ, ଶିବଙ୍କ ସହିତ ଜଡ଼ିତ କରନ୍ତି। ବିଷ୍ଣୁ ଅଶ୍ୱତ୍ଥ ତଳେ ଜନ୍ମଗ୍ରହଣ କରିଥିବା କୁହାଯାଏ। ତେଣୁ ବିଷ୍ଣୁ ନିଜେ ଏକ ଅଶ୍ୱତ୍ଥ ବୃକ୍ଷ ରୂପରେ ବିଦ୍ୟମାନ ଅଛନ୍ତି ବୋଲି ବିଶ୍ୱାସ କରାଯାଏ। ଭଗବତ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, 'ମୁଁ ଗଛମାନଙ୍କ ମଧ୍ୟରେ ଅଶ୍ୱତ୍ଥ। ଭଗବାନ କୃଷ୍ଣ ଏହି ଗଛକୁ ଭୌତିକ ଜଗତର ରୂପକ ଭାବରେ ସ୍ପଷ୍ଟ କରିଛନ୍ତି, ଯାହା ବିଶ୍ୱକ୍ରମକୁ ପ୍ରତିନିଧିତ୍ୱ କରେ। ହିନ୍ଦୁ ବିଶ୍ୱତତ୍ତ୍ୱରେ ଅଶ୍ୱତ୍ଥ ଗଛ ଏକ ଅକ୍ଷମୁଣ୍ଡି ଭାବରେ କାର୍ଯ୍ୟ କରେ। ସ୍ୱର୍ଗ, ପୃଥିବୀ ଓ ପାତାଳକୁ ସଂଯୋଗ କରେ, ଯାହାକୁ ଅନ୍ୟଥା 'ତ୍ରିଭୁବନ' କୁହାଯାଏ। ଏହି କେନ୍ଦ୍ରୀୟ ସ୍ଥିତି ବ୍ରହ୍ମାଣ୍ଡର ସନ୍ତୁଳନ ବଜାୟ ରଖିବାରେ ଅଶ୍ୱତ୍ଥ ଭୂମିକାକୁ ସୂଚିତ କରେ ଏବଂ ସମସ୍ତ ଜୀବନ ରୂପର ପରସ୍ପର ସଂଯୁକ୍ତତାର ପ୍ରତୀକ ଅଟେ। ପ୍ରାଚୀନ ଗ୍ରୀକୋ-ରୋମାନ୍ ଜ୍ୟୋତିର୍ବିଜ୍ଞାନରେ, ଅକ୍ଷମୁଣ୍ଡି ହେଉଛି ବ୍ରହ୍ମାଣ୍ଡର ଶାସ୍ତ୍ରୀୟ ଭୂକେନ୍ଦ୍ରିକ ମଡେଲ ମଧ୍ୟରେ ଗ୍ରହଗୋଲକର ଘୂର୍ଣ୍ଣନର ଅକ୍ଷ। ଅକ୍ଷମୁଣ୍ଡି ବିଶ୍ୱ କିମ୍ବା ବ୍ରହ୍ମାଣ୍ଡର ଓମ୍ଫାଲୋସ୍ (ନାଭି)ର ପୌରାଣିକ ଧାରଣା ସହିତ ଘନିଷ୍ଠ ଭାବରେ ଜଡ଼ିତ।

ଭାରତରେ ସର୍ବୋଚ୍ଚ ନାଗରିକ ପୁରସ୍କାର 'ଭାରତ ରତ୍ନ'ର ପଦକ ଅଶ୍ୱତ୍ଥ ପତ୍ରର ପ୍ରତିଛବି ଉପରେ ନିର୍ମିତ। ମାନବ ସଂସ୍କୃତିରେ ଅଶ୍ୱତ୍ଥର ସର୍ବପ୍ରାଚୀନ ରେକର୍ଡ ହେଉଛି ତୃତୀୟ ସହସ୍ରାବ୍ଦୀର ସିଲ୍ ଓ ମାଟି ପାତ୍ରରେ ଏହାର ପତ୍ରର ଆକୃତି ବ୍ୟବହାର। ସିନ୍ଧୁ ସଭ୍ୟତା ଏହି ଗଛ ଓ ଏହାର ପତ୍ରକୁ ପୂଜା କରୁଥିଲା ଏବଂ ଏହାର ଧାର୍ମିକ ଚିତ୍ର ଆଙ୍କିଥିଲା। ଅଶ୍ୱ (ଘୋଡ଼ା) ଏବଂ ସ୍ଥାନ (ସ୍ଥିତ) - ଅର୍ଥାତ୍ ଯେଉଁଠାରେ ଘୋଡ଼ା ବନ୍ଧା ଯାଇଥାଏ, ଏହା ଏହାର ନାମ ଅଶ୍ୱତ୍ଥରୁ ଉତ୍ପନ୍ନ। ହିନ୍ଦୁ ପୌରାଣିକ କଥା ଅନୁସାରେ, ଅଗ୍ନି ଦେବତା ଥରେ ଘୋଡ଼ାରେ ରୂପାନ୍ତରିତ ହୋଇ ଏହିପ୍ରକାର ଏକ ଗଛରେ ଅନ୍ତର୍ହିତ ହୋଇଗଲେ। ତେଣୁ 'ଅଶ୍ୱତ୍ଥ' (ଅର୍ଥ 'ଘୋଡ଼ାକୁ ଲୁଚାଇବା') ନାମ ଦିଆଗଲା। ଅଗ୍ନିହୋତ୍ର ପରି ହିନ୍ଦୁ ଯଜ୍ଞାଗ୍ନିରେ ବ୍ୟବହୃତ ଅଗ୍ନିକାଷ୍ଠରେ ଅଶ୍ୱତ୍ଥ ଗଛର ଶୁଖିଲା କାଠ ମଧ୍ୟ ବ୍ୟବହୃତ ହୁଏ।

ଅଶ୍ୱତ୍ଥ ୧, ୫୨୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଯାଗାରେ ଉପଯୁକ୍ତ ଭାବରେ ବଢ଼ିଥାଏ। ଏହା ୦ ରୁ ୩୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ତାପମାତ୍ରା ସହ୍ୟ କରିପାରେ ଏବଂ ବିଭିନ୍ନ ପ୍ରକାରର ମାଟିରେ ବଢ଼ିଥାଏ। ତେବେ ଭଲ ଜଳ ନିଷ୍କାସନ ବାଲିଆ ଦୋରସା ମାଟି ଉତ୍କୃଷ୍ଟ। ଏହାର ଅମ୍ଳତା ୭ କିମ୍ବା ତା'ଠାରୁ କମ୍ ରହିବା ଆବଶ୍ୟକ। ଏହା ପଥରଫାଟ ସମେତ ଅଗଭୀର ମାଟିରେ ମଧ୍ୟ ବଢ଼ିଥାଏ। ଏହା ପୂର୍ଣ୍ଣ ସୂର୍ଯ୍ୟକିରଣ ଆବଶ୍ୟକ କରେ। ଅଶ୍ୱତ୍ଥକୁ ଏକ ବୃକ୍ଷ ଭାବରେ ଚାଷ କରାଯାଏ ଏବଂ ନର୍ସରୀ ଦ୍ୱାରା ବୋନସାଇ କରି ଆକୃତିକୁ ଛୋଟ କରି ଘର ଭିତରେ, ବଗିଚାରେ ସଜେଇ ରଖାଯାଏ। ଏହାର ଜୀବନକାଳ ବହୁତ ଲମ୍ବା। ଏହା ଅନ୍ୟଗଛରେ ଏକ ଏପିଫାଇଟ୍‌ନିର୍ଭରଶୀଳ ଭାବରେ ମଧ୍ୟ ବଢ଼ିଥାଏ। ଏହାର ମୂଳ ସହାୟକ ଗଛର କାଣ୍ଡ ମଧ୍ୟରେ ପ୍ରବେଶ କରେ। ଶେଷରେ ଏହାକୁ ଭିତରୁ ବିଭାଜିତ କରେ ଏବଂ ଆଶ୍ରୟ ଦେବା ଗଛକୁ ନିଜ ଅକ୍ତିଆରରେ ରଖେ। ତେଣୁ ଏହାକୁ ଏକ ଆକ୍ରମଣାତ୍ମକ ଗଛ ଭାବରେ ବିବେଚନା କରାଯାଏ। ଗ୍ଲୋବାଲ୍ କମ୍ପେଣ୍ଡିୟମ୍ ଅଫ୍ ୱେଡ୍ସ ଦ୍ୱାରା ଏକ 'ପାରିବେଶିକ ଅନାବନା ଗଛ' କିମ୍ବା 'ପ୍ରାକୃତିକ ଅନାବନା ଗଛ' ଭାବରେ ଏହାକୁ ତାଲିକାଭୁକ୍ତ କରାଯାଇଛି। ଏହାକୁ ଆକ୍ରମଣ କରୁଥିବା କୀଟଗୁଡ଼ିକ ହେଉଛି ଏଫିଡ୍ସ, ସ୍ପାଇଡର ମାଇଟ୍ସ, ମିଲିବଗ୍ସ, ସ୍କେଲ୍ କୀଟ। କୀଟଗୁଡ଼ିକୁ ସଫା କରିବା ପାଇଁ ନିମ ତେଲ ପ୍ରୟୋଗ କରାଯାଇପାରିବ। ମୂଳ ପଚା, ପତ୍ର ଦାଗ, ପାଉଡର ମିଲ୍ଡ ହେଉଛି ଏହାର ରୋଗ।(ସମାପ୍ତ)

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଏମଆଇସିଇ ନୀତି ପ୍ରସ୍ତୁତି ଓ ସହଭାଗିତା ବୃଦ୍ଧି ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ବୈଠକ

# ‘ଏମଆଇସିଇ ଇନ୍‌ସେଣ୍ଟିଭ୍ ପୋର୍ଟାଲ୍’ର ଶୁଭାରମ୍ଭ

ଭୁବନେଶ୍ୱର, ୪।୧୦(ସମିସ): ପର୍ଯ୍ୟଟନ ବିଭାଗ ଏବଂ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଏଫ୍ଆଇସିସିଆଇ) ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏକ ହୋଟେଲରେ ‘ଓଡ଼ିଶା ପାଇଁ ଏକ ମଜବୁତ ଏମଆଇସିଇ ନୀତି ପ୍ରସ୍ତୁତି ଓ ସହଯୋଗ’ (ଇନପୁଟସ ଅନ୍ କ୍ରିଏଟିଂ ରୋବଷ୍ଟ ମିଟିଂ, ଇନ୍‌ସେଣ୍ଟିଭ୍, କନଫରେନ୍ସ ଓ ଏକ୍ସିବିସନ୍ (ଏମଆଇସିଇ) ପଲିସି ଫର୍ ଓଡ଼ିଶା ଆଣ୍ଡ କୋଲାବରେସନ୍) ଶୀର୍ଷକ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଟ୍ରାଭେଲ ବଜାର-୨୦୨୬ ଅଂଶବିଶେଷ ଭାବେ ଆୟୋଜିତ ଏହି ବୈଠକରେ ରାଜ୍ୟରେ ଏମଆଇସିଇ ପରିସଂସ୍ଥାର ବିସ୍ତାର ନେଇ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଶିଳ୍ପପତି ଓ ମୁଖ୍ୟ ଅଂଶୀଦାରମାନେ ଆଲୋଚନା କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆନୁଷ୍ଠାନିକ ଭାବେ ‘ଓଡ଼ିଶା ଏମଆଇସିଇ ଇନ୍‌ସେଣ୍ଟିଭ୍ ପୋର୍ଟାଲ୍’ର ଶୁଭାରମ୍ଭ କରି ଉପମୁଖ୍ୟମନ୍ତ୍ରୀ ଡେଷ୍ଟିନେସନ୍ ୱେଡିଂ ଏବଂ ମନ୍ଦିର ବିବାହ ପାଇଁ ବଢୁଥିବା ଆଗ୍ରହ ବିଷୟରେ ଉଲ୍ଲେଖ କରିଥିଲେ। ଡେଷ୍ଟିନେସନ୍ ୱେଡିଂ ଏବଂ ମନ୍ଦିର ବିବାହ ପାଇଁ ବଢୁଥିବା ଆଗ୍ରହ ବିଷୟରେ ଉଲ୍ଲେଖ କରି ଭୁବନେଶ୍ୱର ଏକ ‘ମନ୍ଦିର ମାଳିନୀ ସହର’ ହୋଇଥିବାରୁ ଏହା ଯୁବପିଢ଼ିଙ୍କ ପାଇଁ




ଏକ ସ୍ମରଣୀୟ ଅନୁଭୂତି ପ୍ରଦାନ କରିପାରିବ ବୋଲି କହିଛନ୍ତି। ବୈଠକରେ ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଳବନ୍ତ ସିଂ ‘ଓଡ଼ିଶା ପର୍ଯ୍ୟଟନ ନିବେଶ ନୀତି’ ଉପରେ ଏକ ଉପସ୍ଥାପନା ପ୍ରଦାନ କରି ରାଜ୍ୟର ବ୍ୟବସାୟିକ ସୁଯୋଗ ଉପରେ ଆଲୋଚନା କରିଥିଲେ। ଏମଆଇସିଇ ପର୍ଯ୍ୟଟନ କମିଟିର ଅଧ୍ୟକ୍ଷ ସବ୍ୱାସ ଜୋସେଫ୍ ଓଡ଼ିଶାର ସାଂସ୍କୃତିକ ସମ୍ପଦର ଉପଯୋଗ ନେଇ ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଓଡ଼ିଆ ଖାଦ୍ୟ ସଂସ୍କୃତିର ବ୍ରାଣ୍ଡ ଆମ୍ବାସାଡର ତଥା ସେଲିବ୍ରିଟି ସେଫ୍ ରଣବୀର ବ୍ରାର କେବଳ ସଭାସ୍ଥଳ ନୁହେଁ, ବରଂ ସ୍ଥାନୀୟ କାହାଣୀକାର, ରାନ୍ଧୁଣିଆ, ପାରମ୍ପରିକ ରେସିପି, ବଜାର ଓ ଆଞ୍ଚଳିକ ପର୍ବପର୍ବାଣିକୁ ଚିହ୍ନଟ କରିବା ପାଇଁ ଏକ ୧୦୦ ଦିନିଆ ମ୍ୟାପିଂ ଅଭିଯାନର ପ୍ରସ୍ତାବ ଦେଇଥିଲେ।

ଡ୍ରିମ୍ସରେ ପୂଜ୍ୟପୂଜା ସମାରୋହ

# ୫ ଯଶସ୍ୱୀ ସାଧକଙ୍କୁ ‘ଧନେଶ୍ୱର ରଥ ସ୍ମୃତି ସମ୍ମାନ’

କଟକ, ୪।୧୦(ସମିସ): କର୍ମଯୋଗୀ ଧନେଶ୍ୱର ରଥଙ୍କ ୩୨ତମ ପୁଣ୍ୟତିଥିରେ ‘ପୂଜ୍ୟପୂଜ୍ୟ ସମାରୋହ’ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ‘ଡ୍ରିମ୍ସ’ର ସ୍ୱପ୍ନଦ୍ରଷ୍ଟା କର୍ମଯୋଗୀ ଧନେଶ୍ୱର ରଥଙ୍କ ପୂର୍ଣ୍ଣାବୟବ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ ସହିତ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଅତିଥିମାନେ ଭକ୍ତି ଅର୍ଘ୍ୟ ଅର୍ପଣ କରିଥିଲେ। ଧନେଶ୍ୱର ରଥ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆୟୋଜିତ ସତୀର୍ଥ ସମାରୋହରେ ଶ୍ରୀମନ୍ଦିର ଛତିଶା ନିଯୋଗର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଦାଶ ବେନ୍‌ହୁର, ବିଶିଷ୍ଟ କଣ୍ଠଶିଳ୍ପୀ ତୃପ୍ତି ଦାସ, ବିଶିଷ୍ଟ ସମାଜସେବୀ ସୁଜାତା ପଟ୍ଟନାୟକ ଏବଂ ଭାରତୀୟ କ୍ରିକେଟ ତାରକା ବସନ୍ତ ମହାନ୍ତିଙ୍କୁ ‘ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୬’ ରେ ସମ୍ମାନିତ କରାଯାଇଛି। ପ୍ରତ୍ୟେକଙ୍କୁ ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ, ଉପଢ଼ୌକନ ଏବଂ ୨୫ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରାଯାଇଛି।

ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ କାଶୀ ସୁମେରୁ ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ସନାତନୀ ହିନ୍ଦୁ ଧର୍ମର ମହାନ ପରମ୍ପରା ଓ ବେଦର ଶ୍ରେଷ୍ଠତା ଉପରେ ଆଲୋକପାତ କରି ଏହା ବିଶ୍ୱରେ ଏକତା, ଶାନ୍ତି, ସମୃଦ୍ଧି, ସଦ୍‌ଭାବନା ଏବଂ ‘ବସୁଧୈବ କୁଟୁମ୍ବକମ୍’ର ବାର୍ତ୍ତା ପ୍ରଚାର କରୁଛି ବୋଲି କହିଥିଲେ।




ସମ୍ମାନିତ ଅତିଥି ଶ୍ରୀଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ବାବା ସତ୍ୟାନନ୍ଦ ଦାସ କହିଲେ, ପିତାମାତାଙ୍କୁ ଭକ୍ତି ଓ ସମ୍ମାନ ସନ୍ତାନଙ୍କୁ ଯଶସ୍ୱୀ କରେ। ଧନେଶ୍ୱର ରଥଙ୍କ ମହାନ ବିଭୂତି ତାଙ୍କର ପରିବାର ଓ ‘ଡ୍ରିମ୍ସ’ର ଜୟଯାତ୍ରାକୁ ସଫଳ କରିବ। ଜୀବନରେ ଶାନ୍ତି ନିମନ୍ତେ ଆଧ୍ୟାତ୍ମିକତା ହିଁ ମହୋଷଧି ବୋଲି ସେ ମାର୍ଗଦର୍ଶନ କରିଥିଲେ। ଆଧ୍ୟାତ୍ମିକତା ଜର ଧନେଶ୍ୱର ରଥ ଫାଉଣ୍ଡେସନ୍ ଅଧ୍ୟକ୍ଷ ଇଂ ଲଳିତ ମୋହନ ମିଶ୍ର ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ ମୁଖ୍ୟଅତିଥି କାଶୀପୀଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ନରେନ୍ଦ୍ରାନନ୍ଦ ସରସ୍ୱତୀ ଓ ବାବା ସତ୍ୟାନନ୍ଦ ଦାସଙ୍କୁ ଶ୍ରୀଜଗନ୍ନାଥଙ୍କ ଖଣ୍ଡୁଆ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସ୍ମରଣିକା ‘ଅମୃତ ଅନୁଭବ’ ଉନ୍ମୋଚନ ହୋଇଥିଲା। ସନ୍ଥ ବ୍ରିଜଭୂଷଣ ତ୍ରିପାଠୀ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ଇଂ ପ୍ରଭାକର ସ୍ୱାଇଁ, ଇଂ ଅଶୋକ ବାସା, ଡ. ବିଜୟାନନ୍ଦ ସିଂ, ବିପିୟୁଟି କୁଳପତି ପ୍ରଫେସର ଡ. ଅମୀୟ ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାନ୍ତଚନ୍ଦ୍ର ରଥ, ଆୟକର ବିଭାଗର ଆୟୁକ୍ତ ସମ୍ବିତ ମିଶ୍ର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ସୁଶାନ୍ତ ଦାସ, ଶିକ୍ଷାବିତ୍ ଉତ୍କଳ ରଂଜନ ଦାସ, ‘ସ୍ମରଣିକା’ ସଂପାଦକ ପ୍ରାଧ୍ୟାପକ ଲୋକନାଥ ବେହେରା, ଅଧ୍ୟାପକ ଡ. ଅଜିତ ମହାପାତ୍ରଙ୍କ ସମେତ ବିଭିନ୍ନ ସ୍କୁଲର ‘ଡିନ’, ବୋର୍ଡ ଅଫ ଗଭର୍ଣ୍ଣର, ବୋର୍ଡ ଅଫ ମ୍ୟାନେଜେମେଣ୍ଟର ସଦସ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଫାଉଣ୍ଡେସନ୍‌ର ଆବାହକ ନିରାକାର ସାହୁ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଠାକ୍‌ରେ ଭ୍ରାତାଙ୍କ...

(ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ ଠାକରେ ମିଳିତ ଭାବେ ସମାବେଶ କରିବା ସହିତ ଜ୍ଞାନେଶଙ୍କ ବିରୋଧରେ ବିଶାଳ ମାର୍ଚ୍ଚର ନେତୃତ୍ୱ ନେଇଥିଲେ। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ନାରାବାଜି କରି ତାଙ୍କର ଇସ୍ତଫା ଦାବି କରିଥିଲେ। ‘ବିରାଟ ଗର୍ଜନା ମୋର୍ଚ୍ଚା’ ନାମରେ ଆୟୋଜିତ ଏହି ମାର୍ଚ୍ଚ ଦକ୍ଷିଣ ମୁମ୍ବଇର ମେଟ୍ରୋ ସିନେମା ନିକଟରୁ ଆରମ୍ଭ ହୋଇ ବୃହନ୍‌ମୁମ୍ବଇ ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟ ଅଭିମୁଖେ ଯାଇଥିଲା। କଂଗ୍ରେସ ଏବଂ ଶରଦ ପୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି (ଏସ୍‌ପି)ର ନେତାମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ବିକ୍ଷୋଭକାରୀମାନେ ଏସ୍‌ଆଇଆର୍ ପ୍ରକ୍ରିୟାରେ ଅନିୟମିତତାକୁ ନେଇ ନିର୍ବାଚନ କମିସନଙ୍କ ବିରୋଧରେ ଅସନ୍ତୋଷ ପ୍ରକାଶ କରିଥିଲେ। ରାଜ ଠାକରେ ମହାରାଷ୍ଟ୍ରରେ ହୋଇଥିବା ଏସ୍‌ଆଇଆର୍‌କୁ ବାତିଲ କରିବା ସହ ଇଭିଏମ୍ ବଦଳରେ ବାଲାଟ୍ ପେପର୍ ମାଧ୍ୟମରେ ନିର୍ବାଚନ କରାଇବାକୁ ଦାବି କରିଥିଲେ। ରାଜ ଠାକରେ କହିଥିଲେ, ମହାରାଷ୍ଟ୍ରରେ ହୋଇଥିବା ସମଗ୍ର ଏସ୍‌ଆଇଆର୍ ପ୍ରକ୍ରିୟାକୁ ବାତିଲ କରାଯିବା ଉଚିତ। ଏହାସହ ନିର୍ବାଚନ ପ୍ରକ୍ରିୟାରେ ଇଭିଏମ୍ ବ୍ୟବହାର ବନ୍ଦ କରି ବାଲାଟ୍ ପେପର୍‌ରେ ନିର୍ବାଚନ କରାଇବା ପାଇଁ ସମସ୍ତ ରାଜନୈତିକ ଦଳ ଦିଲ୍ଲୀ ଯାଇ ଦାବି ଉଠାଇବାକୁ ସେ ଆହ୍ୱାନ ଦେଇଥିଲେ। ରାଜ ଠାକରେ ଜ୍ଞାନେଶ କୁମାରଙ୍କୁ ଲକ୍ଷ୍ୟ କରି ବ୍ୟଙ୍ଗାତ୍ମକ ଭାବେ ‘ଗ୍ୟାନେଶ କାକା, ଭୋଟ ଲୁଟନ୍ତୁ ନାହିଁ’ ବୋଲି କହିଥିଲେ।

ଦିଲ୍ଲୀରେ ଆପ, ଯୁବ କଂଗ୍ରେସ, ସିପିଏମ୍ ଏବଂ ଅଲ ଇଣ୍ଡିଆ ଷ୍ଟୁଡେଣ୍ଟ୍ସ ଆସୋସିଏସନ ପକ୍ଷରୁ ବିକ୍ଷୋଭ କରାଯାଇଛି। ଜ୍ଞାନେଶଙ୍କ ଇସ୍ତଫା ଦାବିରେ ବିକ୍ଷୋଭକାରୀମାନେ ଯନ୍ତରମନ୍ତର ଆଡ଼କୁ ଅଗ୍ରସର ହେଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲେ। ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀଙ୍କ ବିରୋଧରେ ପୁଲିସ ବଳ ପ୍ରୟୋଗ ମଧ୍ୟ କରିଛି। କେତେକ ସ୍ଥାନରେ ପୁଲିସ ଓ ବିକ୍ଷୋଭକାରୀ ସଂଘର୍ଷ ହୋଇଥିବା ବେଳେ ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଆନ୍ଦୋଳନକାରୀ ବସ ଭଙ୍ଗାରୁଜା କରିଛନ୍ତି। ଯନ୍ତରମନ୍ତର ଆଡ଼କୁ ଆସୁଥିବା ଆନ୍ଦୋଳନକାରୀଙ୍କୁ ଅଟକାଇବା ଲାଗି ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ମଧ୍ୟ ଲଗାଯାଇଛି। ପରିସ୍ଥିତିର ମୁକାବିଲା ଲାଗି ୫ ହଜାର ପୁଲିସ ଓ କେନ୍ଦ୍ରୀୟ ପୁଲିସ ଯବାନଙ୍କୁ ମୁତୟନ କରାଯାଇଛି। ଏଥିରେ ରାପିଡ୍ ଆକ୍ସନ ଫୋର୍ସ ଏବଂ ଅନ୍ୟ କେନ୍ଦ୍ରୀୟ ବାହିନୀକୁ ମୁତୟନ କରାଯାଇଛି।

ଇତିମଧ୍ୟରେ ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଆସନ୍ତା ୬ ତାରିଖରେ ନିର୍ବାଚନ କମିସନ ଅଭିମୁଖେ ପଦଯାତ୍ରା କରିବାକୁ ଘୋଷଣା କରିଛି ଇଣ୍ଡିଆ ମେଣ୍ଟ। କଂଗ୍ରେସ, ସିପିଆଇ, ସିପିଏମ, ଆରଜେଡି, ଏନସିପି, ଆରଏସପି, ଟିଏମସିର ମିଳିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଦିଲ୍ଲୀ କଂଗ୍ରେସ ପକ୍ଷରୁ ଆଜି ଜାରି ବିବୃତିରେ କୁହାଯାଇଛି। ପୂର୍ବରୁ ୬ ତାରିଖରେ ଘେରାଉ କରାଯିବ ବୋଲି କୁହାଯାଇଥିଲା।

### ଅଡୁଆରେ ଜ୍ଞାନେଶ...

ଉନ୍ନତୀକରଣ କାମରେ ନିୟୋଜିତ ଥିଲା।

ଗୃହମନ୍ତ୍ରୀଙ୍କ କହିବା ଅନୁସାରେ, ବିନ୍ ମୃତ୍ୟୁ ପୂର୍ବରୁ ଛାଡ଼ିଥିବା ଏକ ଚିଠିରେ ଜ୍ଞାନେଶ କୁମାରଙ୍କ ନାମ ଉଲ୍ଲେଖ ଥିବା ଦାବି କରାଯାଇଛି। ଏହା ସହ ଜ୍ଞାନେଶ କୁମାର ପୂର୍ତ୍ତ ବିଭାଗର ସଚିବ ଥିବା ସମୟରେ ଠିକାଦାରଙ୍କୁ ସରକାରୀ କାମ ପ୍ରଦାନରେ ଅନିୟମିତତା ଓ ପ୍ରଭାବ ବ୍ୟବହାର ନେଇ ମଧ୍ୟ ଅଭିଯୋଗ ରହିଛି। ବିନ୍‌ଙ୍କ ମୃତ୍ୟୁ ପରେ ୨୦୦୬ରେ ଏହି ମାମଲାରେ ଭିଜିଲାନ୍ସ ତଦନ୍ତ ଆଦେଶ ହୋଇଥିଲା। ତେବେ ତଦନ୍ତ ଆଗକୁ ବଢ଼ି ନ ଥିବା ଏବଂ ପରେ ଏହା ବନ୍ଦ ହୋଇଯାଇଥିବା ଅଭିଯୋଗ ହୋଇଛି। କଂଗ୍ରେସ ନେତା ମାଲୟାଙ୍କିଝୁ ବେଣୁଗୋପାଳଙ୍କ ଅଭିଯୋଗ ଆଧାରରେ ଏବେ ମାମଲାକୁ ପୁଣି ଯାଞ୍ଚ ପରିସରକୁ ଅଣାଯାଇଛି। ତେବେ ଏହି ତଦନ୍ତ ପଛରେ ରାଜନୈତିକ ପ୍ରତିଶୋଧ ନ ଥିବା ଗୃହମନ୍ତ୍ରୀ ଚେନ୍ନିଥଲା କହିଛନ୍ତି। ତାଙ୍କ ମତରେ, ଅଭିଯୋଗରେ ଯଦି ଗ୍ରହଣଯୋଗ୍ୟ ଅପରାଧର ସୂଚନା ମିଳେ, ତେବେ ଆଇନ ଅନୁଯାୟୀ, ତଦନ୍ତ କରାଇବା ସରକାରଙ୍କ ଦାୟିତ୍ୱ। ଭିଜିଲାନ୍ସ ତଦନ୍ତର ଫଳାଫଳ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

### ପାର୍ବଣରେ ବାତ୍ୟା...

ଅର୍ଥାତ ଉଭୟ ଆରବ ସାଗର ଏବଂ ବଙ୍ଗୋପସାଗରରେ ମଧ୍ୟ ଆକାଶ ମେଘ ଶୂନ୍ୟ ରହୁଛି।

ଏହି ସମୟରେ ଆମେରିକୀୟ ମଡେଲ ଜିଏଫ୍‌ଏସ୍ ଓ ୟୁରୋପୀୟ ମଡେଲ ଇସିଏମ୍‌ଡବ୍ଲୁଏଫ ଉଭୟ ବଙ୍ଗୋପସାଗରରେ ବାତ୍ୟା ଆକଳନ କରିଛନ୍ତି। କେବଳ ସେତିକି ନୁହେଁ ଉଭୟ ମଡେଲ ବର୍ତ୍ତମାନ ଦଶହରା ସମୟରେ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରିଛନ୍ତି। ଉଭୟ ମଡେଲ ଦ୍ୱାରା ଆକଳନକୁ ଗତ ଗୁରୁବାର ଦିନ ଭାରତ ପାଣିପାଗ ବିଭାଗ ଦ୍ୱାରା ଜାରିହୋଇଥିବା ବିସ୍ତାରିତ ପରିସର ଆକଳନରେ ବଙ୍ଗୋପସାଗରରେ ଅବପାତ ପୂର୍ବାନୁମାନ ସହ ଅଧିକାଂଶ ମେଳ ଖାଉଛି। ଏହି ଆକଳନ ଅନୁଯାୟୀ ୧୨ ଅକ୍ଟୋବର ବେଳକୁ ଉତ୍ତର ଆଣ୍ଡାମାନ ସାଗର ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବ। ଏହା ପ୍ରଭାବରେ ୧୩ ତାରିଖ ବେଳକୁ ଆଣ୍ଡାମାନ ସାଗର ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ୧୫ ଅକ୍ଟୋବର ବେଳକୁ ଏହା ଅଧିକ ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଂଶ ଏବଂ ଏହାକୁ ଲାଗି ରହିଥିବା କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏହା ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପୂର୍ବରୁ ୨୦୧୪ ଅକ୍ଟୋବର ୧୨ରେ ହୁଡ୍‌ହୁଡ, ୨୦୧୩ ଅକ୍ଟୋବର ୧୧ରେ ଫାଇଲିନ, ୨୦୧୮ ଅକ୍ଟୋବର ୧୦ରେ ତିତିଲି ଏବଂ ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ଆସିଥିଲା। ଏହି ବାତ୍ୟାଗୁଡ଼ିକ ଦ୍ୱାରା ଓଡ଼ିଶା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏଦୃଷ୍ଟିରୁ ଅକ୍ଟୋବର ମାସରେ ବଙ୍ଗୋପସାଗରରେ କୌଣସି ଏକ ଲଘୁଚାପ ସୃଷ୍ଟି ହେଲେ ରାଜ୍ୟବାସୀଙ୍କ ପାଇଁ ଭୟ ବଢ଼ାଇ ଦେଇଛି।

ଅକ୍ଟୋବର ମାସ ୧ତାରିଖରୁରୁ ଉତ୍ତର ବଙ୍ଗୋପସାଗରରେ ମୌସୁମୀ ପରବର୍ତ୍ତୀ ବାତ୍ୟା ଋତୁ ଆରମ୍ଭ ହୋଇଥାଏ। ଏ ଦୃଷ୍ଟିରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ବାତ୍ୟା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କାରଣ ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ ମେଘ ଶୂନ୍ୟ ଆକାଶ ହେତୁ ସୂର୍ଯ୍ୟ କିରଣ ସିଧାସଳଖ ସମୁଦ୍ର ପୃଷ୍ଠରେ ପହଞ୍ଚେ। ଏହାଦ୍ୱାରା ସମୁଦ୍ର ପୃଷ୍ଠ ତାପମାତ୍ରା ବୃଦ୍ଧି ସହ ଏହା ସମୁଦ୍ର ମଧ୍ୟରେ ତାପଜ ଶକ୍ତିକୁ ଧରି ରଖିବାରେ ସାହାଯ୍ୟ କରିଥାଏ। ତେଣୁ ଆଗାମୀ ଘୂର୍ଣ୍ଣିବଳୟ ସୃଷ୍ଟି ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପଟେ ଆସନ୍ତା ୭ ଓ ୮ ତାରିଖ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ରାଜ୍ୟକୁ ପୂର୍ବାଳୀ ବାୟୁ ପ୍ରବାହ ବଢ଼ିବା ହେତୁ କେତେକ ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର କହିଛି। ଏହି ସମୟରେ ବର୍ଷା ସାଙ୍ଗକୁ କିଛି କାଂଶରେ ବିଜୁଳି ଘଡ଼ଘଡ଼ିର ମଧ୍ୟ ଆଶଙ୍କା ରହିଛି। ବର୍ଷାକୁ ଦୃଷ୍ଟିରେ ରଖି ୭ ତାରିଖ ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଆଦି ଜିଲ୍ଲା ପାଇଁ ଆଲର୍ଟ ଜାରି ହୋଇଛି। ୮ ତାରିଖରେ ମଧ୍ୟ ଅନେକ ଜିଲ୍ଲାରେ ବର୍ଷା ଆଶଙ୍କା କରି ଆଲର୍ଟ ଜାରି କରାଯାଇଛି।

### ରାଜନୀତିରେ ପୂର୍ବତନ...

ସେ କହିବା ସହ ତାଙ୍କ ରାଜନୈତିକ ଯାତ୍ରା କାଶୀରୁ ଆରମ୍ଭ ହୋଇଥିବା ଉଲ୍ଲେଖ କରିଛନ୍ତି। ଏହି ଆଭିମୁଖ୍ୟ କୌଣସି ଜାତି କିମ୍ବା ସମ୍ପ୍ରଦାୟ ବିରୋଧୀ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେଲେଙ୍ଗାନାରେ ଜନ୍ମ ଗ୍ରହଣ କରିଥିବା ରାଓ ୧୯୮୬ରେ ଆଇପିଏସ୍ ଅଧିକାରୀ ଭାବେ ଓଡ଼ିଶାରେ ନିଯୁକ୍ତି ପାଇଥିଲେ। ସିବିଆଇ ନିର୍ଦ୍ଦେଶକ ହେବା ପୂର୍ବରୁ ସେ ଓଡ଼ିଶା ଫାୟର ସର୍ଭିସ୍‌ର ଅତିରିକ୍ତ ଏଡିଜି ଥିଲେ।

### ଆଜି ବିଜ୍ଞପ୍ତି; ୭ରେ...

କରାଯାଉଛି। ଏହାର ଦୁଇଦିନ ପରେ ୭ ତାରିଖରେ ଛାତ୍ରଛାତ୍ରୀମାନେ ନାମାଙ୍କନ ଦାଖଲ କରିବେ। ସେହିଦିନ ହିଁ ନାମାଙ୍କନ ଯାଞ୍ଚ କରାଯିବା ସହ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ। ତା’ ପରଦିନ ଇଚ୍ଛୁକ ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିବା ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଫଳରେ ନିଜ ନିଜର ପ୍ରଚାର କରିବା ପାଇଁ ପ୍ରାର୍ଥୀଙ୍କୁ ୪-୫ ଦିନ ମିଳିବ। ୧୩ ତାରିଖରେ ‘ହ୍ୱାଏ ଆଇ ଷ୍ଟାଣ୍ଡ ଫର୍’ ହେବା ପରେ ୧୫ ତାରିଖରେ ନିର୍ବାଚନ ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ରହିଥିବାବେଳେ କେବଳ ବିଧିବଦ୍ଧ ଘୋଷଣାକୁ ଛାତ୍ରଛାତ୍ରୀମାନେ ଅପେକ୍ଷା କରିଛନ୍ତି।

ଶନିବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଓ ଛାତ୍ର କଂଗ୍ରେସର ପୃଥକ ପ୍ରତିନିଧି ଦଳ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ଛାତ୍ର ସଂସଦ ନିର୍ବାଚନ ପାଇଁ ଦାବି କରିଛନ୍ତି। ଉଭୟ ସଂଗଠନ ନିର୍ବାଚନ କରିବା ସପକ୍ଷରେ ଦାବି କରିଥିବାବେଳେ କେବଳ ସମୟକୁ ନେଇ ଭିନ୍ନମତ ରଖିଛନ୍ତି। ଛାତ୍ର କଂଗ୍ରେସର ଦାବି ହେଲା, ନିର୍ବାଚନ ପାଇଁ ଛୁଟି ପୂର୍ବରୁ ପର୍ଯ୍ୟାପ୍ତ ସମୟ ନାହିଁ। ଛାତ୍ରଛାତ୍ରୀଙ୍କ ନେତୃତ୍ୱ ନେବାର ଦକ୍ଷତାକୁ ଉପସ୍ଥାପନ କରିବା ପାଇଁ ଆବଶ୍ୟକ ସମୟ ଦିଆଯାଉ। ମାତ୍ର ୧୦ ଦିନ ମଧ୍ୟରେ ନିର୍ବାଚନ କଲେ ଛାତ୍ରଛାତ୍ରୀମାନେ ମାନସିକ ସ୍ତରରେ ପ୍ରସ୍ତୁତ ହୋଇପାରିବେ ନାହିଁ। ଅପରପକ୍ଷରେ ଏବିଭିପି ପକ୍ଷରୁ ରାଜ୍ୟ ସମ୍ପାଦିକା ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି ଯେ ସେମାନେ ନିର୍ବାଚନ କରିବା ପାଇଁ ଦୀର୍ଘ ବର୍ଷରୁ ଦାବି କରୁଛନ୍ତି। ଚଳିତ ବର୍ଷ ମଧ୍ୟ ନିର୍ବାଚନ ପାଇଁ ଆନ୍ଦୋଳନ କରିବା ସହ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ପୂର୍ବ ପରି ପୂଜା ଛୁଟି ଆଗରୁ ନିର୍ବାଚନ କରିବାକୁ ଏବିଭିପି ପକ୍ଷରୁ ଦାବି ରଖାଯାଇଛି। ବିଜୁ ଛାତ୍ର ଜନତା ଦଳ ସମେତ ଏଆଇଏସ୍‌ଏଫ୍, ଏଆଇଡିଏସ୍‌ଓ ଓ ଅନ୍ୟ ଛାତ୍ର ସଂଗଠନଗୁଡ଼ିକ ମଧ୍ୟ ନିର୍ବାଚନ ଆଶାରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

### ପୂର୍ବତନ ବିଧାୟକ...

ନକରି ବିଜୁ ଜନତା ଦଳର କର୍ମୀ ମାନେ ଏକତ୍ରିତ ହୋଇ ସଭା ଆୟୋଜନ କରିଥିଲେ। ଏହାର ସୂଚନା ପାଇ ଶାସକ ଦଳର କର୍ମୀ ମାନେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଗଣ୍ଡଗୋଳ କରିବା ଏବଂ ପୂର୍ବତନ ବିଧାୟକଙ୍କୁ ଆକ୍ରମଣ କରିବା ପାଇଁ ଯୋଜନା ବଦ୍ଧ ଭାବେ ସଭାର ବିପରୀତ ପଟେ ଏକତ୍ରିତ ହୋଇଥିଲେ। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟ ସଭା ସ୍ଥାନରେ ପହଞ୍ଚିବା କ୍ଷଣି ଶାସକ ଦଳର କର୍ମୀମାନେ ଧସେଇ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ନାରାବାଜି କରିଥିଲେ ମଧ୍ୟ ଏହାକୁ ସେ କର୍ଣ୍ଣପାତ କରିନଥିଲେ। ବିଜୁଜନତା ଦଳରର କର୍ମୀମାନଙ୍କୁ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସାଙ୍ଗଠନିକ ବୈଠକ ସରିବା ପରେ ଅନ୍ୟ ଏକ ପଞ୍ଚାୟତକୁ ଯିବା ସମୟରେ ବିଜେପି ସମର୍ଥକମାନେ ପୁଲିସ ଉପସ୍ଥିତିରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଗାଡ଼ିକୁ ବାଡେଇ ଭାଙ୍ଗିବା ଏବଂ ଢେଲା ପଥର ମାଡ କରିଥିଲେ। ଶାସକ ଦଳର କର୍ମୀ ମାନଙ୍କର ଗୁଣ୍ଡାଗର୍ଦ୍ଦି ଏତିକିରେ ଶେଷ ହୋଇନଥିଲା। ବିଜୁ ଜନତା ଦଳର କର୍ମୀ ମାନଙ୍କୁ ଢେଲା ପଥର ମାଡ କରିବା ସହିତ ସେମାନଙ୍କ ମୋଟର ସାଇକଲ ଓ କାରକୁ ବାଡେଇ ବାଡେଇ ଭାଙ୍ଗିଦେଇଥିଲେ। ଢେଲା ପଥର ମାଡରେ ବିଜୁ ଜନତା ଦଳର କିଛି କର୍ମୀ ଆହତ ହୋଇଛନ୍ତି। ବିଜୁ ଜନତା ଦଳର ପଞ୍ଚାୟତ ସଭାପତି ଜଗଦୀଶ ଜେନାମଣିଙ୍କ ଘର ଉପରକୁ ପଥର ମାଡ଼ କରିଥିଲେ। ତାଙ୍କ ଗେଟ୍ ଓ ସିସିଟିଭି କ୍ୟାମେରାକୁ ମଧ୍ୟ ଭାଙ୍ଗି ଦେଇଛନ୍ତି।

ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଶାସକ ଦଳ ପକ୍ଷରୁ ଏଭଳି ଘଟଣା ବାରମ୍ବାର ଘଟିଥିବାରୁ ଏହାକୁ ନଜର କରି ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ଜେନାପୁର ପୁଲିସଠାରୁ ଅନୁମତି ଆଣିବା ସହ ସୁରକ୍ଷା ମଧ୍ୟ ମାଗିଥିଲେ। ଘଟଣାସ୍ଥଳରେ ପୁଲିସ ଉପସ୍ଥିତିରେ ବିଜେପି ସମର୍ଥକମାନେ ଗୁଣ୍ଡାଗର୍ଦ୍ଦି କରୁଥିଲେ ସୁଦ୍ଧା ପୁଲିସ କାର୍ଯ୍ୟାନୁଷ୍ଠାନ ବଦଳରେ ଦେଖଣାହାରି ସାଜିଥିଲା। ଜେନାପୁର ପୁଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଏହାର ପ୍ରତିବାଦରେ ବିଜୁ ଜନତା ଦଳ ପକ୍ଷରୁ ପାଣିକୋଇଲି ସ୍ଥିତ ଜିଲ୍ଲା ଏସପି ଅଫିସ ଘେରଉ କରାଯାଇଛି। ବିଜୁ ଜନତା ଦଳ ପକ୍ଷରୁର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, କ୍ୟାପଟେନ୍ ରାଜନାରାୟଣ ମହାପାତ୍ର, ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ଏସ୍‌ପି ଅଫିସ ଘେରଉ କରି ତୁରନ୍ତ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଏକ ପ୍ରତିନିଧି ଦଳ ଯାଜପୁର ଏସପିଙ୍କୁ ଭେଟି ଆଲୋଚନା ଜାରି ରଖିଥିବା ଜଣାପଡିଛି।

### ଗୁଣ୍ଡାରାଜକୁ ନବୀନଙ୍କ...

ଆକ୍ରମଣ ହେଉଛି, ପୋଲିସ୍ ଚୁପ୍, ସରକାର ଚୁପ୍। ବିଜୁ ଜନତା ଦଳର ନେତା ତଥା ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ଼ଠାରେ ହୋଇଥିବା ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ପୋଲିସ୍ ଉପସ୍ଥିତିରେ ଜନପ୍ରତିନିଧିଙ୍କୁ ଜୀବନରୁ ମାରିଦେବା ପରି ଆକ୍ରମଣ ହେଉଛି। ଅପରାଧୀଙ୍କୁ ଏ ସାହସ କିଏ ଦେଉଛି? ଓଡ଼ିଶାରେ ଶାସନ ଆଇନର ଚାଲିଛି ନା’ ଗୁଣ୍ଡାଙ୍କର? ଏ ସରକାରରେ ଜନପ୍ରତିନିଧି ଅସୁରକ୍ଷିତ, ସାଧାରଣ ଲୋକଙ୍କ ସୁରକ୍ଷା ବିପର୍ଯ୍ୟସ୍ତ। ଧର୍ମଶାଳା ଓ ସାରା ଓଡ଼ିଶାରେ ଏପରି ଘଟଣା ବାରମ୍ବାର ଘଟୁଛି। ହେଲେ ସରକାର କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଓଡ଼ିଶାବାସୀ ଦେଖିବାକୁ ପାଉନାହାନ୍ତି। ସରକାର କ’ଣ ଚାହୁଁଛନ୍ତି, ଶାନ୍ତିପ୍ରିୟ ଓଡ଼ିଶା ଅଶାନ୍ତ ହୋଇପଡୁ? କାହିଁକି ଏପରି ଅପରାଧିକ କାର୍ଯ୍ୟକୁ ସରକାର ପ୍ରଶ୍ରୟ ଦେଉଛନ୍ତି? କାହିଁକି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ? ଓଡ଼ିଶାବାସୀ ସବୁ ଦେଖୁଛନ୍ତି, ସବୁର ହିସାବ ରଖୁଛନ୍ତି। ସେମାନେ ଏପରି ଅରାଜକତାର, ଏପରି କୁଶାସନର ଉଚିତ ଜବାବ ଦେବେ ବୋଲି ନବୀନ କହିଛନ୍ତି।

### ଦୁର୍ଦ୍ଦାନ୍ତ ଅପରାଧୀକୁ...

ଟୁନା ରକ୍ତାକ୍ତ ଅବସ୍ଥାରେ ନିଜ ସମ୍ପର୍କୀୟ ଭାଇଙ୍କ ଘରେ ପହଞ୍ଚି କବାଟ ବାଡ଼େଇଥିଲେ। କବାଟ ଖୋଲିବା ପରେ ତାଙ୍କ ବେକରେ ଗଭୀର କ୍ଷତ ଥିବା ଦେଖି ପରିବାର ଲୋକେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ମେଡିକାଲକୁ ନେଇଥିଲେ। ତେବେ ସେତେବେଳକୁ ଟୁନାଙ୍କ ମୃତ୍ୟୁ ହୋଇଯାଇଥିଲା। ପରେ ପରିବାର ପକ୍ଷରୁ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଥିଲା। ଅନ୍ୟପଟେ ପାର୍ବଣକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ନାକା ଯାଞ୍ଚ ଚାଲିଥିବା ବେଳେ ବିଳମ୍ବିତ ରାତିରେ ସ୍କୁଟିରେ ଯାଉଥିବା ବିଟୁଙ୍କୁ ନିମଖଣ୍ଡି ଥାନା ପୁଲିସ ଅଟକାଇଥିଲା। ଯାଞ୍ଚ ବେଳେ ବିଟୁଙ୍କ ପୋଷାକରେ ରକ୍ତ ଛିଟା ଲାଗିଥିବା ଦେଖି ପୁଲିସ ସନ୍ଦେହ କରିଥିଲା। ପୁଲିସର ପଚରାଉଚରା ବେଳେ ଟୁନାଙ୍କ ହତ୍ୟା ସମ୍ପର୍କରେ ବିଟୁ ସୂଚନା ଦେବା ସହ ଥାନାକୁ ଆତ୍ମ ସମର୍ପଣ ପାଇଁ ଯାଉଥିବା କହିଥିଲା। ଏହାପରେ ନିମଖଣ୍ଡି ଥାନା ପୁଲିସ ସହ ସଦର ଏସ୍‌ଡିପିଓ ଏସ୍‌ଏସ୍ ପରିଡ଼ା, ଥାନା ଅଧିକାରୀ କୃଷ୍ଣ ଶାହା ଏବଂ ବ୍ରହ୍ମପୁର ଏସ୍‌ପି ଅଭିନବ ସୋନକାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଘଟଣାସ୍ଥଳରୁ ଏକ ଛୁରି ଜବତ କରିଛି। ପୁଲିସର ପ୍ରାଥମିକ ତଦନ୍ତ ଅନୁସାରେ, ଘଟଣା ରାତିରେ ଟୁନା ଓ ବିଟୁଙ୍କ ସମେତ ମୋଟ ୪ଜଣ ଏକାଠି ମଦ୍ୟପାନ କରିଥିଲେ। ଏହି ସମୟରେ କୌଣସି କଥାକୁ ନେଇ ଟୁନା ଓ ବିଟୁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଟୁନା ପ୍ରଥମେ ବିଟୁଙ୍କୁ ଚାପୁଡ଼ା ମାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ବିଟୁ ନିଜ ସ୍କୁଟିରେ ରଖିଥିବା ଏକ ଛୁରି ବାହାର କରି ଟୁନାଙ୍କ ବେକକୁ ଆକ୍ରମଣ କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏପଟେ ମୃତ ଟୁନାଙ୍କର କିଛି ଯୁବକଙ୍କ ସହ ପୂର୍ବରୁ ଶତ୍ରୁତା ରହିଥିବା ପରିବାର ଲୋକେ କହିଛନ୍ତି। ବିଭିନ୍ନ ଗଣ୍ଡଗୋଳ ଘଟଣାରେ ଟୁନାଙ୍କ ନାମରେ ଏକାଧିକ ଅପରାଧିକ ମାମଲା ମଧ୍ୟ ରହିଥିଲା। ଟୁନାଙ୍କ ନାମରେ ଉଭୟ ସଦର ଓ ନିମଖଣ୍ଡି ଥାନାରେ ମୋଟ ୮ଟି ସଙ୍ଗୀନ ଅପରାଧିକ ମାମଲା ରହିଥିବା ବେଳେ ସେଥିମଧ୍ୟରୁ ୨ଟି ନିମଖଣ୍ଡି ଏବଂ ୬ଟି ସଦର ଥାନାରେ ରହିଥିବା ବ୍ରହ୍ମପୁର ଏସ୍‌ପି ଅଭିନବ ସୋନକାର ସୂଚନା ଦେଇଛନ୍ତି। ହତ୍ୟାକାରୀ ବିଟୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ପରେ ପୁଲିସ ଘଟଣା ପଛର ସମସ୍ତ ଦିଗକୁ ନେଇ ଅଧିକ ତଦନ୍ତ ଚଳାଇଛି। ସାମାନ୍ୟ ପାଟିତୁଣ୍ଡରୁ ସାଙ୍ଗ ହାତରେ ସାଙ୍ଗର ଜୀବନ ଯିବା ଘଟଣା ନିମଖଣ୍ଡି ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

### ସବୁ ବାଲି ଗିଳିଦେବେ...

ସାମ୍ନାକୁ ଆସୁଥିଲେ ହେଁ, ମାଫିଆଙ୍କ ଦେହରେ ସରକାର ହାତ ମାରୁ ନାହାନ୍ତି। ଯେଉଁ କେତେକ ସ୍ଥାନରେ ମାମଲା ରୁଜୁ ହେଉଛି, ସେଠାରେ କେବଳ ଜରିମାନା ଆଦାୟରେ କାର୍ଯ୍ୟାନୁଷ୍ଠାନ ସୀମିତ ରହୁଛି। ଗଞ୍ଜାମ, କଟକ, ଜଗତସିଂହପୁର, ବାଲେଶ୍ୱର, ଝାରସୁଗୁଡ଼ା ଆଦି ଜିଲ୍ଲାଗୁଡ଼ିକରେ ବାଲି ଚୋରାଚାଲାଣ ଏବେ ସବୁ ସୀମା ଅତିକ୍ରମ କରିଛି। ସକାଳୁ ସଞ୍ଜ ଯାଏ ନଦୀ ପଠାରେ ଟ୍ରାକ୍ଟର, ଟ୍ରକ୍ ଧାଡ଼ି ଲାଗିଛି। ରାତିରେ ହାଇୱା ଓ ଟ୍ରକ୍‌ରେ ବାଲି ବୁହା ହେଉଛି। ଗଞ୍ଜାମ ଓ କଟକ ଜିଲ୍ଲାରେ ବାଲିମାଫିଆ ସର୍ବାଧିକ ସକ୍ରିୟ ଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଗତ ଜାନୁଆରୀ ପହିଲାରୁ ସେପ୍ଟେମ୍ବର ପହିଲା ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ଖଣି ବିଭାଗ ପକ୍ଷରୁ ବାଲି ମାଫିଆଙ୍କ ବିରୋଧରେ ୧୮୦ଟି ଉତ୍ସ ଉପରେ ଚଢଉ ହୋଇଥିଲେ ହେଁ ଆଶ୍ଚର୍ଯ୍ୟଜନକ ଭାବରେ ବିଭାଗ ଗୋଟିଏ ହେଲେ ବି ମାମଲା ରୁଜୁ କରିନାହିଁ। ମାତ୍ର ଏହି ଚଢଉ ଘଟଣାରେ ମୋଟ ୧ କୋଟି ୮୫ ଲକ୍ଷ ୫୮୮୫୩ ଟଙ୍କା ଜରିମାନା ଆକାରରେ ଆଦାୟ କରାଯାଇଛି। ଯାହାକୁ ନେଇ ସନ୍ଦେହ ଚରମ ସୀମାରେ ପହଞ୍ଚିଛି। ଗଞ୍ଜାମ ଜିଲ୍ଲାରେ ବାଲି ଚୋରା ଚାଲାଣ ରାଜ୍ୟରେ ସର୍ବାଧିକ ହେଉଛି ବୋଲି ଅଭିଯୋଗ ହୋଇ ଆସୁଛି। ବିଭାଗ ୧୮୦ ଟି ସ୍ଥାନରେ ଚଢଉ କରିଥିଲେ ହେଁ କିପରି ଗୋଟିଏ ହେଲେ ମାମଲା ରୁଜୁ କଲା ନାହିଁ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯଦି ଏହି ୧୮୦ ସ୍ଥାନରେ କୌଣସି ଅନିୟମିତତା ହୋଇନାହିଁ, ତାହେଲେ ପାଖାପାଖି ୨ କୋଟି ଟଙ୍କା ଜରିମାନା ରାଶି କାହିଁକି ଆଦାୟ କରାଗଲା ବୋଲି ପ୍ରଶ୍ନ ଉଠିଛି। ସେହିପରି କଟକ ଜିଲ୍ଲାରେ ପ୍ରଶାସନ, ବିଭାଗର କାର୍ଯ୍ୟାନୁଷ୍ଠାନ ନେଇ ସମାନ ଧରଣର ସନ୍ଦେହ ପ୍ରକାଶ ପାଇଛି। କଟକରେ ବାଲି ଲୁଟ୍ କାହାକୁ ଅଛପା ନାହିଁ। ଏହି ୮ ମାସ ମଧ୍ୟରେ କଟକରେ ୨୬୨ଟି ସ୍ଥାନରେ ଖଣି ବିଭାଗ ଚଢଉ କରିଛି। ମାତ୍ର ଏହି ଚଢଉରେ ମାତ୍ର ୪ଟି ମାମଲା ରୁଜୁ କରାଯାଇଛି। ଜଗତସିଂହପୁରରେ ୫୪ଟି ସ୍ଥାନରେ ଚଢଉ କରାଯାଇ ୧୧ଟି ମାମାଲା ରୁଜୁ କରାଯାଇଥିବା ବେଳେ କେନ୍ଦ୍ରାପଡାରେ ୧୩୯ଟି ଉତ୍ସ ଉପରେ ଚଢଉ କରାଯାଇ ୬ଟି ମାମଲା ରୁଜୁ କରାଯାଇଛି। ସୋନପୁରରେ ୭୨ ଏବଂ ଅନୁଗୋଳରେ ୮୪ଟି ଉତ୍ସ ଉପରେ ଚଢ଼ାଉ କରାଯାଇଥିଲେ ହେଁ କୌଣସି ମାମଲା ରୁଜୁ କରାଯାଇ ନାହିଁ। ନବରଙ୍ଗପୁରରେ ୨୦୫ଟି ଉତ୍ସ ଉପରେ ଚଢ଼ଉ କରାଯାଇଥିଲେ ହେଁ ମାତ୍ର ୬ଟି ମାମାଲା ରୁଜୁ କରାଯାଇଛି। ୩୦ଟି ଯାକ ଜିଲ୍ଲାରେ ଗତ ୮ ମାସ ମଧ୍ୟରେ ୨୮୫୭ଟି ଉତ୍ସ ଉପରେ ଚଢ଼ଉ କରାଯାଇଥିଲେ ହେଁ ମାତ୍ର ୫୮୮ଟି ମାମଲା ରୁଜୁ କରାଯାଇଛି। ତେବେ ସବୁଠାରୁ ସନ୍ଦେହ ସୃଷ୍ଟି କରୁଛି ସରକାରଙ୍କ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା। ଅଧିକାଂଶ ରୁଜୁ ହୋଇଥିବା ମାମଲାରେ କେବଳ ଜରିମାନା ଆଦାୟରେ କାର୍ଯ୍ୟାନୁଷ୍ଠାନ ସୀମିତ ରହୁଛି। ମାଫିଆ ଖୋଲାଖୋଲି ବାହାରେ ବୁଲୁଥିବା ବେଳେ ସରକାରୀ ଦଳର ନେତାମାନଙ୍କ ସମ୍ପୃକ୍ତି ରହୁଥିବାରୁ ଲୁଟରେ ବ୍ୟବହୃତ ଗାଡ଼ି ସେମାନେ ଅନାୟସରେ ବାହାର କରି ନେଉଛନ୍ତି। ଫଳରେ ରାଜ୍ୟ ରାଜକୋଷ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର କ୍ଷତି ସହୁଥିବା ବେଳେ ପରିବେଶ ମଧ୍ୟ ସଙ୍କଟଜନକ ସ୍ଥିତିର ସାମ୍ନା କଲାଣି। କେବଳ ଭାଷଣ, ବୟାନବାଜିରେ ସରକାରୀ କାର୍ଯ୍ୟଅାନୁଷ୍ଠାନ ସୀମିତ ରହୁଥିବା ବେଳେ ଆଗାମୀ ଦିନରେ ଓଡ଼ିଶାରେ ବାଲି ସରିଯିବ ବୋଲି କ୍ଷୋଭଭରା କଣ୍ଠରେ ଆଶଙ୍କା ପ୍ରକାଶ କରିଛନ୍ତି ବୁଦ୍ଧିଜୀବି ମହଲ।

## ପାର୍ବଣ ପୂର୍ବରୁ ‘ଅଭିଯାନ ଦମନ’

କଟକ, ୪।୧୦(ସମିସ): ଚଳିତ ପାର୍ବଣକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାନ୍ତିଶୃଙ୍ଖଳା ଓ ଆଇନପ୍ରତିଷ୍ଠା ସୁନିଶ୍ଚିତ କରିବା ସହ ଅପରାଧୀ ଓ ବେଆଇନ ନିଶା କାରବାର ବିରୋଧରେ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ‘ଦମନ’ ଅଭିଯାନରେ ବ୍ୟାପକ ସଫଳତା ମିଳିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ବିନୟତୋଷ ମିଶ୍ରଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଗତ ସେପ୍ଟେମ୍ବର ୨୧ ତାରିଖରୁ ଆରମ୍ଭ ହୋଇଥିବା ଏହି ମିଳିତ ଅପରେସନ୍‌ରେ

**୮ ଟନ୍‌ରୁ ଊର୍ଦ୍ଧ୍ୱ ଗଞ୍ଜେଇ, ୧, ୭୦୭ ଅବକାରୀ ମାମଲା ସହ ବିପୁଳ ନିଶା ଓ ଅସ୍ତ୍ରଶସ୍ତ୍ର ଜବତ**

ଜିଲ୍ଲା ପୁଲିସ, କମିସନରେଟ ପୁଲିସ, ରେଳବାଇ ପୁଲିସ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ୟୁନିଟ କଡ଼ାକଡ଼ି ପାଟ୍ରୋଲିଂ ଜାରି ରଖିଛନ୍ତି। ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ୧, ୮୩୦ଟି ସ୍ଥାନରେ ସୀମା ସିଲ୍ ଓ ବ୍ଲକିଂ ଅପରେସନ୍ କରାଯାଇ ଅନ୍ତଃଜିଲ୍ଲା ଓ ଆନ୍ତଃରାଜ୍ୟ ରାସ୍ତାରେ କଡ଼ା ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହି ସ୍ୱତନ୍ତ୍ର ଅଭିଯାନ କାଳରେ ପୁଲିସ ପକ୍ଷରୁ ଦୀର୍ଘ ଦିନରୁ ଫେରାର ଥିବା ଅପରାଧୀଙ୍କ ବିରୋଧରେ କଠୋର ପଦକ୍ଷେପ ନିଆଯାଇ ୧, ୪୪୮ଟି ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ଏହାସହିତ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୨୯ ଅନୁଯାୟୀ ୧, ୦୧୨ ଜଣ ସନ୍ଦିଗ୍ଧ ଓ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ପ୍ରୋସିଡିଂ ଦାଖଲ କରାଯାଇ ସେମାନଙ୍କ ଗତିବିଧି ଉପରେ କଡ଼ା ନଜର ରଖାଯାଇଛି। ସଂଗଠିତ ଅପରାଧ ବିରୋଧରେ ୭ଟି ମାମଲା ରୁଜୁ କରାଯାଇ ୧୮ ଜଣ ମୁଖ୍ୟ ଅପରାଧୀଙ୍କୁ ଗିରଫ କରାଯାଇଥିବା ବେଳେ ବଳପୂର୍ବକ ବେଆଇନ ଚାନ୍ଦା ଆଦାୟ ଅଭିଯୋଗରେ ୧୬ଟି ମାମଲା ରୁଜୁ ସହ ୧୨ ଜଣଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ନଗଦ ଟଙ୍କା ଜବତ କରାଯାଇଛି। ନିଶାଦ୍ରବ୍ୟ ବ୍ୟବସାୟୀଙ୍କ ଅଣ୍ଟା ଭାଙ୍ଗିବା ପାଇଁ ହୋଇଥିବା ଏନଡିପିଏସ ଅଭିଯାନରେ ୮୯ଟି ମାମଲା ରୁଜୁ କରାଯାଇ ୧୦୯ ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଏହି ସମୟ ମଧ୍ୟରେ ପୁଲିସ ପ୍ରାୟ ୮.୧୩ ଟନ୍ ଗଞ୍ଜେଇ, ୩୯୪.୬୪୫ ଗ୍ରାମ୍ ବ୍ରାଉନ୍‌ସୁଗର, ୧, ୦୬୬ ବୋତଲ କଫ୍ ସିରପ୍ ଜବତ କରିବା ସହ ୧୯, ୩୮୭ଟି ଗଞ୍ଜେଇ ଗଛକୁ ନଷ୍ଟ କରିଦେଇଛି। ସେହିପରି ଅବକାରୀ ଆଇନ ଉଲ୍ଲଂଘନ କ୍ଷେତ୍ରରେ ୧, ୭୦୭ଟି ମାମଲା ରୁଜୁ ହୋଇ ୧୪୦ ଜଣ ଗିରଫ ହୋଇଛନ୍ତି। ଚଢ଼ଉ ବେଳେ ୧୦, ୨୯୮ ଲିଟରରୁ ଊର୍ଦ୍ଧ୍ୱ ଦେଶୀ ମଦ, ୨, ୯୨୨ ଲିଟରରୁ ଅଧିକ ବିଦେଶୀ ମଦ, ୧, ୦୯୨ ଲିଟର ଆସ୍କା-୪୦, ୮୦୦ କେଜି ପୋଚ ଓ ୮୧ ଲିଟର ମହୁଲି ମଦ ଜବତ କରାଯାଇଛି।

**ସତ୍ୟପାଠ**

ଯାଜପୁର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ସତ୍ୟପାଠ (ଆଫିଡେଭିଟ୍) ନମ୍ବର ୧୧୬୦୩, ତାରିଖ ୨୯/୦୯/୨୬ ବଳରେ, ମୁଁ ତୁଳସୀ ବେହେରା, ସ୍ୱାମୀ- ଗଙ୍ଗାଧର ବେହେରା, ବୟସ ପ୍ରାୟ ୩୯ ବର୍ଷ, ନିବାସୀ: ବଡ଼ସୁଆର, ପୋଷ୍ଟ: ମାର୍କଣ୍ଡପୁର, ଯାଜପୁର। ମୋର ବିବାହ ପରେ ଶାଶୁ ଘର ଅନୁଯାୟୀ ମୋର ନାମ ସୁକାନ୍ତି ପାତ୍ର ହୋଇଛି। ତେଣୁ ମୁଁ ଘୋଷଣା କରୁଛି କି ଉଭୟ ତୁଳସୀ ବେହେରା ଏବଂ ସୁକାନ୍ତି ପାତ୍ର ଏକ ଏବଂ ସମାନ ବ୍ୟକ୍ତି ଅଟନ୍ତି।

## ବାଗୁଡ଼ି-କୁପାରୀ-ମିତ୍ରପୁରରେ ବେଆଇନ ପଥର ଉତ୍ତୋଳନ

# ଥାନା ଆଗରେ ଶହ ଶହ ଟ୍ରିପ୍ ଚାଲାଣ, ପ୍ରଶାସନ ଦେଖଣାହାରି

ବାଲେଶ୍ୱର, ୪ା୧୦(ସମିସ)



ବାଲେଶ୍ୱର ଜିଲ୍ଲାରେ ପଥର ଖାଦାନ ସମ୍ପୂର୍ଣ୍ଣ ବନ୍ଦ, ନିଲାମ ପ୍ରକ୍ରିୟା ହୋଇନି କି ବୈଧ ଭାବେ ପଥର ଉତ୍ତୋଳନ ଓ ପରିବହନ ପାଇଁ କୌଣସି ସରକାରୀ ଅନୁମତି ନାହିଁ। ହେଲେ ମଧ୍ୟ ଜାତୀୟ ରାଜପଥରେ ଥମିବାର ନାଁ ନେଉନି ପଥର ବୋଝେଇ ଭାରୀଯାନର ଚଳାଚଳ। ରାତିର ଅନ୍ଧାର ହେଉ କି ଦିନର ଆଲୋକ, ତାରପୋଲିନ୍‌ରେ ଢଙ୍କା ହୋଇ ଶହଶହ ଟ୍ରକ୍ ଓ ହାଇୱା ରାଜପଥ ଦେଇ ଦ୍ରୁତଗତିରେ ଯାତାୟାତ କରୁଥିବା ନେଇ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଯାହା ବାଲେଶ୍ୱର ଜିଲ୍ଲାର ଖଣିଜ ନିୟନ୍ତ୍ରଣ ଓ ପ୍ରଶାସନିକ ନିରୀକ୍ଷଣ ବ୍ୟବସ୍ଥା ଉପରେ ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷ କରି ଜିଲ୍ଲାର ବାଗୁଡ଼ି, କୁପାରୀ ଏବଂ ନୀଳଗିରି ଅଞ୍ଚଳର ମିତ୍ରପୁରରେ ବର୍ଷ ବର୍ଷ ଧରି ବିଭିନ୍ନ ପଥର ଖାଦାନ ସରକାରୀ ସ୍ତରରେ ବନ୍ଦ ରହିଥିବା ସ୍ଥଳେ ଏହିସବୁ ଅଞ୍ଚଳରୁ ପ୍ରତିଦିନ ବିପୁଳ ପରିମାଣର ପଥର ବାହାର କରାଯାଇ ଜାତୀୟ ରାଜପଥ ଜିଲ୍ଲାର ବିଭିନ୍ନ ସ୍ଥାନ ସମେତ ପଶ୍ଚିମବଙ୍ଗକୁ ମଧ୍ୟ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ସରକାରୀ ରେକର୍ଡରେ ଖାଦାନ ବନ୍ଦ ଥିବା ସତ୍ତ୍ୱେ ଏତେ ପରିମାଣର ପଥର କେଉଁଠାରୁ ଆସୁଛି, କାହା ଛତ୍ରଛାୟାରେ ଚାଲିଛି ଏହି ବେଆଇନ ଉତ୍ତୋଳନ ଓ ପରିବହନ ଏବଂ ଏହି ସମଗ୍ର ସମ୍ବେଦନଶୀଳ କାରବାର ଉପରେ ନଜର ରଖିବା ପାଇଁ ନିୟୋଜିତ ଜିଲ୍ଲା ଖଣି, ବିଭାଗୀୟ ପ୍ରଶାସନ ଓ ପୁଲିସ କରୁଛନ୍ତି କ'ଣ ବୋଲି ପ୍ରଶ୍ନ ଉଠିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଆଇନଗତ ଅନୁମତି ନଥିବା ବନ୍ଦ ପାହାଡ଼ ଓ ଖାଦାନ ଅଞ୍ଚଳରୁ ବେଆଇନ ଭାବେ ପାହାଡ଼ ଫଟାଇ ପରବର୍ତ୍ତୀ ସମୟରେ ରାତିରାତି ଏହାକୁ ଭାରୀଯାନରେ ଲୋଡ୍ କରାଯାଇ ଚାଲାଣ ହେଉଛି। ପ୍ରତିଦିନ ଶହଶହ ଟ୍ରିପ୍ ପଥର ଚାଲାଣ ହେଉଥିବା ବେଳେ ଏହି ଗାଡ଼ିଗୁଡ଼ିକର ଯାଞ୍ଚ ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିବା ପରି ମନେହେଉଛି। ଗାଡ଼ିଗୁଡ଼ିକରେ ବୋଝେଇ ଖଣିଜର ପ୍ରକୃତ ଉତ୍ସ, ରୟାଲ୍ଟି ଚାଲାଣ, ଇ-ପରମିଟ୍ କିମ୍ବା ଆବଶ୍ୟକୀୟ ବୈଧ ଦସ୍ତାବିଜର କୌଣସି କଡ଼ା ଯାଞ୍ଚ ହେଉନଥିବା ଅଭିଯୋଗ ହେଉଛି। ଇତିମଧ୍ୟରେ ଏହି ସମଗ୍ର ଚୋରାଚାଲାଣ ପଛରେ ଏକ ସାଙ୍ଘାତିକ ଦିଗ ସାମ୍ନାକୁ ଆସିଛି। ଜାତୀୟ ରାଜପଥରେ ବେଆଇନ ପଥର ଚୋରାଚାଲାଣ ନିର୍ବିଘ୍ନରେ ଚଳାଇବା ପାଇଁ ମାଫିଆମାନେ ପ୍ରତି ଥାନାକୁ ଗାଡ଼ି ପିଛା ମାସିକ ୨ ହଜାର ଟଙ୍କାର ଚାନ୍ଦା ଦେଉଛନ୍ତି। ଏହି ଅଭିଯୋଗ ଯଦି ସତ୍ୟ ହୋଇଥାଏ, ତେବେ ଏହା ଅତ୍ୟନ୍ତ ସାଙ୍ଘାତିକ ଏବଂ ଜିଲ୍ଲାର ସମଗ୍ର ଆଇନ ଶୃଙ୍ଖଳା ଓ ନିରୀକ୍ଷଣ ବ୍ୟବସ୍ଥାକୁ ସିଧାସଳଖ କାଠଗଡ଼ାରେ ଛିଡ଼ା କରୁଛି। ଅଭିଯୋଗ ଆହୁରି ସଙ୍ଗୀନ ହେଉଛି କାରଣ ଏହି ପଥର ବୋଝେଇ ଗାଡ଼ିଗୁଡ଼ିକ ସ୍ଥାନୀୟ ଥାନା, ତହସିଲ ଓ ପ୍ରମୁଖ ସରକାରୀ ପ୍ରତିଷ୍ଠାନ ନିକଟ ଦେଇ ଅନାୟାସରେ ଯାତାୟାତ କରୁଛନ୍ତି। ସାଧାରଣ ନାଗରିକଙ୍କ ସାମାନ୍ୟ ଯାନବାହନ ତ୍ରୁଟି ପାଇଁ ରାସ୍ତାରେ କଡ଼ା ଯାଞ୍ଚ ଓ ଜରିମାନା ଆଦାୟ କରାଯାଉଥିବା ବେଳେ ବନ୍ଦ ଖାଦାନରୁ ନିୟମ ଭାଙ୍ଗି ଶହଶହ କିଲୋମିଟର ଦୌଡ଼ୁଥିବା ଓଭରଲୋଡେଡ୍ ପଥର ଗାଡ଼ିଗୁଡ଼ିକ କିପରି ସୁରକ୍ଷିତ ଭାବେ ପାରି ହୋଇଯାଉଛନ୍ତି, ତାହା ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ସ୍ଥାନୀୟ ମହଲରେ ଚର୍ଚ୍ଚା ଅନୁଯାୟୀ, କେତେକ ଅସାଧୁ ଅଧିକାରୀ, କର୍ମଚାରୀ ଓ ଖଣି ମାଫିଆଙ୍କ ମଧ୍ୟରେ ଥିବା ସମ୍ଭାବ୍ୟ ଭିତିରି ସମ୍ପର୍କ ଓ ମାସିକ ସାଲିସ୍ ଯୋଗୁଁ ଏହି ଚୋରାଚାଲାଣ ଚକ୍ର ବେପିଙ୍କର ଭାବେ ସକ୍ରିୟ ରହିଛି। ଏମିତି କି ଜାତୀୟ ରାଜପଥରେ ଚୋରା ପଥର ବୋଝେଇ ଗାଡ଼ି ବିଷୟରେ ପୁଲିସକୁ ଲୋକେ ସୂଚନା ଦେବା ପରେ ବି ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଘଟଣାସ୍ଥଳକୁ ଆସିବାକୁ କୁଣ୍ଠାବୋଧ କରୁଥିବାର ପ୍ରମାଣ ମିଳିଛି। ଏହି ବେଆଇନ କାରବାର ଯୋଗୁଁ କେବଳ ଯେ ସରକାରୀ ରାଜସ୍ୱ କ୍ଷତି ହେଉଛି ତାହା ନୁହେଁ; ପାହାଡ଼ ଓ ପ୍ରାକୃତିକ ସମ୍ପଦର ଅନିୟନ୍ତ୍ରିତ ଖନନ ଯୋଗୁଁ ଅଞ୍ଚଳର ପରିବେଶ ଓ ପ୍ରାକୃତିକ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ଏଥିସହିତ ଅତ୍ୟାଧିକ ଓଜନର ଭାରୀଯାନ ଚଳାଚଳ ହେତୁ ଗ୍ରାମୀଣ ରାସ୍ତା ଓ ରାଜପଥ ଶୋଚନୀୟ ଭାବେ କ୍ଷତିଗ୍ରସ୍ତ ହେଉଛି। ବୈଧ ନିଲାମ ଓ ପରିବହନ ମାଧ୍ୟମରେ ସରକାର ପାଇବାକୁ ଥିବା କୋଟି କୋଟି ଟଙ୍କାର ଟିକସ ପାଇବାରୁ ବଞ୍ଚିତ ହେଉଛନ୍ତି, ଅନ୍ୟପଟେ ବେଆଇନ ପଥର ମାଫିଆମାନେ ଏହି ଚୋରା ସାମ୍ରାଜ୍ୟ ଚଳାଇ ମାଲେମାଲ ହେଉଛନ୍ତି। ଏଭଳି ସମ୍ବେଦନଶୀଳ ଅଭିଯୋଗର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ତୁରନ୍ତ ନିରପେକ୍ଷ ତଦନ୍ତ ପାଇଁ ଦାବି ହେଉଛି। ଗତ କିଛି ବର୍ଷ ମଧ୍ୟରେ ବାଗୁଡ଼ି, କୁପାରୀ ଓ ମିତ୍ରପୁର ଭଳି ବନ୍ଦ ଖାଦାନ ଅଞ୍ଚଳରୁ କେତେ ପରିମାଣର ପଥର ଉତ୍ତୋଳନ ହୋଇଛି ଏବଂ ଏଥିଯୋଗୁଁ ସରକାରଙ୍କ କେତେ ରାଜସ୍ୱ ହାନି ହୋଇଛି, ତାହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଆବଶ୍ୟକ। କେବଳ ଲୋକଦେଖାଣିଆ ଭାବେ ଗୋଟିଏ କି ଦୁଇଟି ଗାଡ଼ି ଜବତ କରି କାର୍ଯ୍ୟାନୁଷ୍ଠାନର ବାହାବା ନ ନେଇ ପଥରର ଉତ୍ସ, ଷ୍ଟକ-ୟାର୍ଡ, ସଂପୃକ୍ତ କ୍ରସର, ପରିବହନ ରୁଟ୍, ଟୋଲପ୍ଲାଜା ସିସିଟିଭି ଫୁଟେଜ୍, ଇ-ଚାଲାଣ ରେକର୍ଡ ଓ ଡ୍ରୋନ୍ ସର୍ଭେ ମାଧ୍ୟମରେ ସମଗ୍ର ଚୋରାଚାଲାଣ ଦିଗରେ କୋଠର ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

## ଜ୍ଞାନେଶ କୁମାରଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ଦାବି



**ବାଲେଶ୍ୱର, ୪ା୧୦(ସମିସ):** ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ତାଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ଦାବିରେ ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଆୟୋଜିତ ହୋଇଛି। ସହରର ବୁଦ୍ଧିଜୀବୀ ଓ ଯୁବ ସମାଜ ପକ୍ଷରୁ ଆୟୋଜିତ ଏହି ସଭା ମାଧ୍ୟମରେ ନିର୍ବାଚନ ଆୟୋଗର ନିରପେକ୍ଷତା ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଛି। ଯୁବ ସାମାଜିକ କର୍ମୀ ରଘୁନାଥ ଲେଙ୍କାଙ୍କ ନେତୃତ୍ୱରେ ସିନେମା ଛକ, ଆର୍ତ୍ତ କବିରାଜ ରୋଡ୍ ଛକ ଓ ଟାଉନ ଥାନା ଛକରେ ଏହି ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଜ୍ଞାନେଶ କୁମାରଙ୍କ ବିରୋଧରେ ନିରପେକ୍ଷ ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ସେ ଦାବି କରିଥିଲେ। ଏହି ଦାବି ପୂରଣ ନହେଲେ ଦେଶବ୍ୟାପୀ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେ ଚେତାବନୀ ଦେଇଥିଲେ। ଏହି ପଥପ୍ରାନ୍ତ ସଭାରେ ପ୍ରତିମା ପଣ୍ଡା, ମହମ୍ମଦ ଇକବାଲ, ଯଦୁନାଥ ସେଠୀ ଓ ଶଙ୍ଖ ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

## କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପଥପ୍ରାନ୍ତ ନାଟକ



**ସୋର, ୪ା୧୦(ସମିସ):** ସୋର ବ୍ଲକ କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ପକ୍ଷରୁ ଓଡ଼ିଶା ସରକାର ତଥା ପଞ୍ଚାୟତ ସମିତି ସୋରଙ୍କ ନିର୍ଦ୍ଦେଶରେ "ସେବା ସଂକଳ୍ପ ଅଭିଯାନ' ଅବସରରେ ଏକ ସଂଗୀତମୟ ପଥପ୍ରାନ୍ତ ନାଟକ "ମା ଖୋଜେ ମମତା ଓ ନାରୀ ସଶକ୍ତିକରଣ' ନଦୀଗାଁ ବଜାରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ତିନି ଶହରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କ ସହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କରୁଣାକର ସାହୁ ଓ ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପଥପ୍ରାନ୍ତ ନାଟକ ପୂର୍ବରୁ ଜାତୀୟ ସେବା ଯୋଜନାର କାର୍ଯ୍ୟ ନିର୍ଘଣ୍ଟ ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପାତ୍ର ଓ ଯୁବ ରେଡକ୍ରସର କାର୍ଯ୍ୟକାରିଣୀ ଅଧିକାରିଣୀ ମଧୁସ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଏବଂ ନଦୀଗାଁରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର, ଇତିଶ୍ରୀ ଦାସ, ନବୀନ ବାରିକଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପିକାମାନେ ପରିଚାଳନାରେ ସହଯୋଗ କରିଥିଲେ।

## ୭ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଭିଲ୍ ସୋସାଇଟିର ଗଣଧାରଣା

**ବାଲେଶ୍ୱର, ୪ା୧୦(ସମିସ):** ବାଲେଶ୍ୱରରେ ପ୍ରସ୍ତାବିତ ଜୁଡ଼ିସିଆଲ୍ ହବ୍ ବା ନ୍ୟାୟିକ କମ୍ପେ୍ଲକ୍ସର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସ୍ଥାନରେ ତୁରନ୍ତ ଆରମ୍ଭ କରିବା ଦାବିରେ ଚଳିତ ମାସ ୭ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବ ସିଭିଲ୍ ସୋସାଇଟି। ଏହାକୁ ସଫଳ କରିବା ପାଇଁ ଆଜି ଉଠା ଜଳସେଚନ ନିଗମ କର୍ମଚାରୀ ଭବନରେ ସୋସାଇଟିର ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସୋସାଇଟିର ସାଧାରଣ ସମ୍ପାଦକ ମନୋଜ ନାୟକ କହିଥିଲେ ଯେ, ୨୦୨୩ ମସିହାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଓଟି ରୋଡ୍ ପାର୍ଶ୍ୱରେ ଜଳସେଚନ ବିଭାଗର ନଅ ଏକରରୁ ଅଧିକ ଜମିକୁ ଜୁଡ଼ିସିଆଲ୍ ହବ୍ ନିର୍ମାଣ ପାଇଁ ଚିହ୍ନଟ କରାଯାଇଥିଲା। ଏହି ପ୍ରସ୍ତାବକୁ ବୈଠକରେ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ନିର୍ଦ୍ଧାରିତ ସ୍ଥାନରେ ଓଡ଼ିଶା ହାଇକୋର୍ଟର ଜଣେ ବିଚାରପତି ଭୂମିପୂଜନ କରିଥିବା ବେଳେ ଓଟି ରୋଡ୍ ପାର୍ଶ୍ୱରେ ଏ ସମ୍ପର୍କିତ ଫଳକ ମଧ୍ୟ ଲଗାଯାଇଥିଲା। ଏହି ଅବସରରେ ବାଲେଶ୍ୱର ଓକିଲ ସଂଘ, ସିଭିଲ୍ ସୋସାଇଟି ଏବଂ ଜୁଡ଼ିସିଆଲ୍ ହବ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟିର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆଉ ବିଳମ୍ବ ନକରି ନିର୍ଦ୍ଧାରିତ ସ୍ଥାନରେ ଜୁଡ଼ିସିଆଲ୍ ହବ୍ ନିର୍ମାଣ ଆରମ୍ଭ କରିବାକୁ ସୋସାଇଟି ଦାବି କରିଛି। ବାଲେଶ୍ୱରବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆୟୋଜିତ ଏହି ଗଣଧାରଣାରେ ଦାବିକୁ ସମର୍ଥନ କରୁଥିବା ବିଭିନ୍ନ ସାମାଜିକ ଓ ଗଣସଂଗଠନ ସହ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ସାମିଲ ହେବାକୁ ସିଭିଲ୍ ସୋସାଇଟି ପକ୍ଷରୁ ନିବେଦନ କରାଯାଇଛି। ବୈଠକରେ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ଆଇନଜୀବୀ ଦୀପକ କୁମାର ଦାଶ, ସମରେନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ଦାସ, ବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, ଅରୁଣ ଜେନା, କମଳାକାନ୍ତ ବେହେରା, ଶରତ ଚନ୍ଦ୍ର ଦଳାଇ, ବିଜୟ କୁମାର ବେହେରା, ଖଗେନ୍ଦ୍ର ସାହୁ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଗଣଧାରଣା ପରେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେଲେ ଆଗାମୀ ଦିନରେ ଲଗାତାର ଆନ୍ଦୋଳନ କରିବା ପାଇଁ ବୈଠକରେ ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା। ଶ୍ୟାମସୁନ୍ଦର ଜେନା ଧନ୍ୟବାଦ୍ ଦେଇଥିଲେ।

## ଏୟାରଫୋର୍ସ ଦିବସ ପାଳିତ

**ବାଲେଶ୍ୱର, ୪ା୧୦(ସମିସ):** ସ୍ଥାନୀୟ ଜଗନ୍ନାଥ କଲ୍ୟାଣ ମଣ୍ଡପଠାରେ ଆଜି ଏୟାରଫୋର୍ସ ଆସୋସିଏସନ ବାଲେଶ୍ୱର ଚାପ୍ଟର ପକ୍ଷରୁ ଏୟାରଫୋର୍ସ ଦିବସ ପାଳିତ ହୋଇଯାଇଛି। ଚାପ୍ଟରର ସଭାପତି ଶିବ ଦାସ କୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ସହକାରୀ ଜିଲ୍ଲାପାଳ ଅମ୍ଲାନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶମାତୃକାର ସୁରକ୍ଷା ଦିଗରେ ଦେଶର ତିନି ସେନାବାହିନୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବରିଷ୍ଠ ସଦସ୍ୟ ମୁରଲୀଧର ପାତ୍ର, ଉପସଭାପତି ଗୋପୀନାଥ ଦାସ, ସମ୍ପାଦକ ମହେଶ୍ୱର ବେହେରା, ସହକାରୀ ସମ୍ପାଦକ ରାଜକିଶୋର ଜେନା ଓ କୋଷାଧ୍ୟକ୍ଷ କୃଷ୍ଣବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇ ବାଲେଶ୍ୱର ଚାପ୍ଟରର ବିଭିନ୍ନ କାର୍ଯ୍ୟକ୍ରମ ଓ ଜାତୀୟ ସ୍ତରରେ ମିଳିଥିବା ସମ୍ମାନ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ପତ୍ନୀ ତଥା ଚାପ୍ଟରର ସକ୍ରିୟ ମହିଳା ସଦସ୍ୟାମାନେ ବିଭିନ୍ନ ସାଂସ୍କୃତିକ ପରିବେଷଣ କରିଥିଲେ। ଏହା ଉତ୍ସବରେ ଏକ ଆତ୍ମୀୟ ଓ ପାରିବାରିକ ପରିବେଶ ସୃଷ୍ଟି କରିଥିଲା। ଏଥିସହ ଜିଲ୍ଲାର ବହୁ ସାମାଜିକ କର୍ମୀ, ସମାଜସେବୀ ଓ ପରିବେଶବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ଉମାକାନ୍ତ ମହାପାତ୍ର, ବୀରେନ୍ଦ୍ର ବେହେରା, ଅଶୋକ ଦାସ, ରଘୁନାଥ ପଣ୍ଡା, ସ୍ୱପ୍ନା କୁଣ୍ଡୁ, କାଦମ୍ବିନୀ ଦାସ, ମୁକ୍ତି ଦାସ ଓ ରୀନା ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ୨୦ ଲକ୍ଷର ବ୍ରାଉନ୍‌ସୁଗର ଜବତ; ନିଶା ବେପାରୀ ଗିରଫ

**ବାଲେଶ୍ୱର, ୪ା୧୦(ସମିସ) :** ବାଲେଶ୍ୱର ଜିଲ୍ଲାରେ ଅବକାରୀ ବିଭାଗକୁ ମିଳିଛି ଆଉ ଏକ ବଡ଼ ସଫଳତା। ନିଶା କାରବାର ବିରୋଧରେ ବିଭାଗ ପକ୍ଷରୁ ଚାଲିଥିବା ଜୋରଦାର କାଉଣ୍ଟର-ଏନ୍‌ଫୋର୍ସମେଣ୍ଟ ଅଭିଯାନରେ ଗୋପାଳପୁର ଅବକାରୀ ଥାନା ପୁଲିସ ଚଢ଼ଉ କରି ବିପୁଳ ପରିମାଣର ବ୍ରାଉନ୍‌ସୁଗର୍ ଜବତ କରିବା ସହ ଜଣେ କୁଖ୍ୟାତ ନିଶା ବେପାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଜବତ ହୋଇଥିବା ଧଳାଜହରର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଏହା ସହିତ ନିଶା ଚୋରାଚାଲାଣରେ ବ୍ୟବହୃତ ହେଉଥିବା ଏକ ବାଇକ୍‌କୁ ମଧ୍ୟ ଅବକାରୀ ପୁଲିସ ଜବତ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ବାଲେଶ୍ୱର ସହରର ଅର୍ଡର ବଜାର ଅଞ୍ଚଳରୁ ଗୋପାଳପୁର ଓ ଏହାର ଆଖପାଖ ଗ୍ରାମାଞ୍ଚଳକୁ ଏକ ବାଇକ୍ ଯୋଗେ ବହୁ ପରିମାଣର ବ୍ରାଉନ୍‌ସୁଗର୍ ଚାଲାଣ ହେଉଥିବା ନେଇ ଗୋପାଳପୁର ଅବକାରୀ ଥାନା ଅଧିକାରୀ ବ୍ରଜକିଶୋର ବିନ୍ଧାଣୀ ବିଶେଷ ସୂତ୍ରରୁ ସୂଚନା ପାଇଥିଲେ। ଖବର ପାଇବା କ୍ଷଣି ଅବିଳମ୍ବେ ଅବକାରୀ ଟିମ୍ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହ ଗୋପାଳପୁର ଥାନା ଅନ୍ତର୍ଗତ ଓଡ଼ଶାଳ ନିକଟସ୍ଥ ମୁଖ୍ୟ ରାସ୍ତାରେ ଜଗି ରହିଥିଲେ। ସନ୍ଦିଗ୍ଧ ବାଇକ୍‌ଟି ଦ୍ରୁତ ଗତିରେ ଓଡ଼ଶାଳ ଛକ ଦେଇ ଗତି କରୁଥିବା ବେଳେ ପ୍ରସ୍ତୁତ ଥିବା ଅବକାରୀ କର୍ମଚାରୀମାନେ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଗାଡ଼ି ଚାଳକ ଜଣକ ଖସି ପଳାଇବାକୁ ଉଦ୍ୟମ କରିଥିଲେ ହେଁ ଅବକାରୀ ଟିମ୍ ଚତୁରତା ସହ ସମ୍ପୃକ୍ତ ଯୁବକଙ୍କୁ ମାଡ଼ି ବସିଥିଲେ। ପରେ ତାଙ୍କ ନିକଟରୁ ଏବଂ ବାଇକକୁ ଯାଞ୍ଚ କରାଯିବାରୁ ବିପୁଳ ପରିମାଣର ବ୍ରାଉନ୍‌ସୁଗାର୍ ମିଳିଥିଲା। ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ବାଲେଶ୍ୱର ଟାଉନ୍ ଥାନା ଅନ୍ତର୍ଗତ ଅଧୀନ ଦାଉଡ଼ିଭଙ୍ଗା ଗ୍ରାମର ରଥିଆ ମହାଲିକଙ୍କ ପୁଅ ଚନ୍ଦନ ମହାଲିକ (୩୭)। ତାଙ୍କ ନିକଟରୁ ୨୦୦ ଗ୍ରାମ ବ୍ରାଉନ୍‌ସୁଗାର୍ ସହ ଚୋରାଚାଲାଣରେ ବ୍ୟବହୃତ ବାଇକ୍‌କୁ ଜବତ କରାଯାଇଛି। ଏହି ସଂକ୍ରାନ୍ତରେ ଗୋପାଳପୁର ଅବକାରୀ ଥାନାରେ ୧୪୨/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଚନ୍ଦନଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ଉରେ ଗୋପାଳପୁର ଅବକାରୀ ଥାନା ଓଆଇସି ବ୍ରଜକିଶୋର ବିନ୍ଧାଣୀଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଏଏସ୍‌ଆଇ ସୁଶାନ୍ତ କୁମାର ମହାକୁଡ଼, କନଷ୍ଟେବଳ ବିଦ୍ୟାଧର ବିନ୍ଧାଣୀ, ରଜନୀକାନ୍ତ ସାହୁ ଏବଂ ଅଜିତ କୁମାର ରାଉତ ସାମିଲ ଥିଲେ। ଅଭିଯୁକ୍ତ ଚନ୍ଦନ ମହାଲିକ ଦୀର୍ଘଦିନ ହେବ ସହରରୁ ଗ୍ରାମାଞ୍ଚଳକୁ ନିଶା ଦ୍ରବ୍ୟ ଯୋଗାଇବାରେ ସକ୍ରିୟ ଥିବା ବେଳେ ଏହି ନିଶା ଚୋରାଚାଲାଣ ରାକେଟ୍‌ର ମୂଳ ଚେର କେଉଁଠି ଏବଂ ଅର୍ଡର ବଜାରର କେଉଁ ନିଶା ମାଫିଆଙ୍କଠାରୁ ଏହି ବ୍ରାଉନ୍‌ସୁଗାର୍ ଅଣାଯାଉଥିଲା, ସେ ନେଇ ଅବକାରୀ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଓ ଛାନ୍‌ଭିନ୍ ଜାରି ରହିଛି।

## ପ୍ରାକ୍-ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ଚୟନ ଶିବିର




**ବାଲେଶ୍ୱର, ୪ା୧୦(ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ପ୍ରାକ୍-ସାଧାରଣତନ୍ତ୍ର ଦିବସ ପରେଡ୍ ପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତକରଣ ପ୍ରକୋଷ୍ଠ ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଜାତୀୟ ସେବା ଯୋଜନା ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ରାଜ୍ୟ ଓ ଜାତୀୟ ସ୍ତରରେ ଅଂଶଗ୍ରହଣ କରି ବିଶ୍ୱବିଦ୍ୟାଳୟର ଗୌରବ ବୃଦ୍ଧି କରିବାକୁ ପ୍ରେରଣା ଦେଇଥିଲେ। ପୂର୍ବତନ ଜିଲ୍ଲା ସଂଯୋଜିକା ଡ. ପ୍ରତିମା ପ୍ରଧାନ, ବାଲେଶ୍ୱର ଜିଲ୍ଲା ସଂଯୋଜକ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଏବଂ ଭଦ୍ରକ ଜିଲ୍ଲା ସଂଯୋଜକ ଡ଼କ୍ଟର ସୁଦର୍ଶନ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚୟନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୭୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଚୟନ ଶିବିରରେ ଅଂଶଗ୍ରହଣ କରିଥିଲେ। ଚୟନ ଅଧିକାରୀ ଭାବେ ମେଜର ବିଶ୍ୱନାଥ ନାୟକ ଏବଂ ପୂର୍ବତନ ସେନା ଅଧିକାରୀ ହରିହର ସାହୁ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କର ଶାରୀରିକ ଦକ୍ଷତା, ଶୃଙ୍ଖଳା ଓ ପରେଡ୍ କୌଶଳ ଆଧାରରେ ଚୟନ କରିଥିଲେ। ଏଥିରେ ୮ ଜଣ ଛାତ୍ର ଓ ୮ ଜଣ ଛାତ୍ରୀ, ମୋଟ ୧୬ ଜଣ ସ୍ୱେଚ୍ଛାସେବୀ ରାଜ୍ୟସ୍ତରୀୟ ପ୍ରାକ୍-ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍ ପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀହରି ଶଙ୍କର ପାଣିଗ୍ରାହୀ, ମୌସୁମୀ ଭୋଳ, ଡ଼କ୍ଟର ଅଭୟ କୁମାର ନାୟକ, ଡ଼କ୍ଟର ସ୍ମୃତିରେଖା ସାହୁ, ସୁପ୍ରାସିନୀ ବେହେରା, ଲୋପାମୁଦ୍ରା ମହାନ୍ତି, ସ୍ୱାତସ୍ମିତାଶ୍ରୀ ଧୀରସାମନ୍ତ, ଅଂଶୁମାନ ବୁଗୁଡ଼ି ଏବଂ ମାନସ ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ମାନସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟା ପ୍ରପୀଡ଼ିତଙ୍କୁ ଆୟୁଷ୍ମାନ ସଂଗଠନର ସହାୟତା

**ଖଇରା, ୪ା୧୦ (ସମିସ):** ଖଇରା ଓ ସମୁଳିଆ ବ୍ଲକରେ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବନ୍ୟା ପରେ କଚ୍ଚା ଓ ଝାଟିମାଟି ଘରେ ରହୁଥିବା ପରିବାର ଗୁଡିକ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ବିଶେଷକରି କାଂଶବାଂଶ ନଦୀ ସଂଲଗ୍ନ ଗ୍ରାମଗୁଡିକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ପରିପ୍ରେକ୍ଷୀରେ ଦୀର୍ଘଦିନ ଧରି ପାଣିଘେର ରେ ରହିଥିବା ମାଖନପୁର ପଞ୍ଚାୟତର ଟିପସଗଡିଆ ଓ ଭାସ୍କରପୁର ଗ୍ରାମର ବିପନ୍ନଙ୍କୁ ଭେଟିଛନ୍ତି ଆୟୁଷ୍ମାନ ଫାଉଣ୍ଡେସନର ସଦସ୍ୟ ଗଣ। ନୂଆଦିଲ୍ଲି ସମେତ ସିମୁଳିଆ ଖଇରାରେ ଅସହାୟଙ୍କ ବନ୍ଧୁ ପାଲଟିଥିବା ଏହି ସଙ୍ଗଠନ ପୁଣିଥରେ ଗୁରୁବାର ଟିପସଗଡିଆ ଓ ଭାସ୍କରପୁର ଏବଂ ସିମୁଳିଆ ବ୍ଲକର ବାଉରିପଦା ଗ୍ରାମକୁ ଯାଇ ବିପନ୍ନଙ୍କୁ ସହଯୋଗର ହାତ ବଢାଇଛନ୍ତି। ଆୟୁଷ୍ମାନ ଫାଉଣ୍ଡେସନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ସମ୍ପାଦକ ହେମନ୍ତ ଦାସ, ସଦସ୍ୟ ସମୀର ମହାପାତ୍ର, କିଶନ କୁମାର, ପବିତ୍ର ଗୁରୁ, ସୁଧାଂଶୁ ସିଂ, ଅସିତ ପରିଛା, ଗଣେଶ ମହାକୁଡ, ସଞ୍ଜୟ ଦାସ, ଆଲୋକ ମହୁରୀ, ଦେବାଶିଷ ବେହେରା, ଅନ୍ତର୍ଯ୍ୟାମୀ ମହାପାତ୍ର, ନିର୍ମାଲ୍ୟ ବେହେରା, ଦିଲ୍ଲୀପ ବେଜ, ଶୁଭେନ୍ଦୁ ପାଣି, କୃପାସିନ୍ଧୁ ବେହେରା , ସୁଶୀଲ ରାଉଳ, ସଞ୍ଜୟ ବେଜ, ନିର୍ମଳ ଜେନା ପ୍ରମୁଖ ବନ୍ୟା ପୀଡ଼ିତ ପରିବାରଙ୍କୁ ଭେଟି ସେମାନଙ୍କ ଦୁଃଖ ଓ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ୨୦୦ରୁ ଉର୍ଦ୍ଧ୍ୱ ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



**ବାଲେଶ୍ୱର,୪ା୧୦(ସମିସ):** ରାଣୀପାଟଣା ଦୃଷ୍ଟିହୀନ ଓ ମସ୍ତିଷ୍କ ପକ୍ଷାଘାତ ବିଦ୍ୟାଳୟ ପରିସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ପ୍ରତିଭା ବେହେରାଙ୍କ ନିମନ୍ତେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଛାଡି ଭୁବନେଶ୍ୱରରେ ନିଜର କାର୍ଯ୍ୟ ଦକ୍ଷତାକୁ ପ୍ରତିପାଦନ କରିବାରେ ତାଙ୍କୁ ସୁଯୋଗ ମିଳିଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ସ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ଦିବାକର ସ ସଭାପତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ପ୍ରଭାତୀ ବେହେରାଙ୍କୁ ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦୁର୍ଗାପୂଜା ପାଇଁ ବିଦ୍ୟୁତ୍ ବ୍ୟବସ୍ଥା ସୁଦୃଢ଼ କଲା ଟିପିଏନ୍‌ଓଡିଏଲ୍

**ବାଲେଶ୍ୱର, ୪ା୧୦(ସମିସ):** ଉତ୍ତର ଓଡ଼ିଶାରେ ଶାରଦୀୟ ଦୁର୍ଗାପୂଜାକୁ ନେଇ ବ୍ୟାପକ ପ୍ରସ୍ତୁତି ଚାଲିଥିବା ବେଳେ ବିଭିନ୍ନ ସ୍ଥାନରେ ବଡ଼ ଆକାରର ପୂଜା ମଣ୍ଡପ, ଆଲୋକସଜ୍ଜା ଓ ଅନ୍ୟାନ୍ୟ ଉତ୍ସବୀୟ କାର୍ଯ୍ୟକ୍ରମର ଆୟୋଜନ ଆରମ୍ଭ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ପୂଜା ମଣ୍ଡପଗୁଡ଼ିକରେ ବଢୁଥିବା ବିଦ୍ୟୁତ୍ ଆବଶ୍ୟକତା ଏବଂ ଅସ୍ଥାୟୀ ବିଦ୍ୟୁତ୍ ବ୍ୟବସ୍ଥାର ବ୍ୟବହାରକୁ ଦୃଷ୍ଟିରେ ରଖି, ଟିପିଏନଓଡିଏଲ୍ ପକ୍ଷରୁ ପୂଜା କମିଟି, ସ୍ଥାନୀୟ ପ୍ରଶାସନ ଓ କ୍ଷେତ୍ରସ୍ତରୀୟ ଟିମ୍‌ଗୁଡ଼ିକ ସହ ସମନ୍ୱୟ ରଖି ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପ୍ରଦାନ ସହିତ ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର ପାଇଁ ପରାମର୍ଶ ଜାରି କରାଯାଇଛି। ପୂଜା କମିଟିଗୁଡ଼ିକୁ ନିଜର ପ୍ରକୃତ ବିଦ୍ୟୁତ୍ ଆବଶ୍ୟକତା ଅନୁଯାୟୀ ନିର୍ଦ୍ଧାରିତ ପ୍ରକ୍ରିୟାରେ ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ପାଇଁ ଆଗୁଆ ଆବେଦନ କରିବାକୁ ଏଥିରେ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କିତ ସହାୟତା ପାଇଁ ଟିପିଏନଓଡିଏଲ୍‌ର ୧୯୧୨ /୧୮୦୦-୩୪୫୬-୭୧୮ ନମ୍ବରରେ ଗ୍ରାହକ ସେବା କେନ୍ଦ୍ର ସହ ଯୋଗାଯୋଗ କରିବା, ଟିପିଏନଓଡିଏଲ୍‌ର ୱେବସାଇଟ୍ କିମ୍ବା ନିକଟସ୍ଥ ବିଦ୍ୟୁତ୍ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ କୁହାଯାଇଛି। ଏଥିସହିତ, ଅନୁମୋଦନବିହୀନ ବିଦ୍ୟୁତ୍ ସଂଯୋଗ, ଅତ୍ୟଧିକ ଲୋଡ୍ ବ୍ୟବହାର କିମ୍ବା ବିଦ୍ୟୁତ୍ ବ୍ୟବସ୍ଥାରେ କୌଣସି ଅନଧିକୃତ ପରିବର୍ତ୍ତନ ନକରିବାକୁ ଆୟୋଜକମାନଙ୍କୁ ଅନୁରୋଧ କରାଯାଇଛି। ଏହି ଅବସରରେ ଟିପିଏନଓଡିଏଲ୍‌ର ସିଇଓ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି, ଦୁର୍ଗାପୂଜା ପରିବାର ଓ ସମାଜକୁ ଏକାଠି କରୁଥିବା ଏକ ମହତ୍ୱପୂର୍ଣ୍ଣ ପର୍ବ। ଏହି ଉତ୍ସବ ଯେପରି ସୁରକ୍ଷିତ ଓ ନିରବଚ୍ଛିନ୍ନ ଭାବେ ପାଳିତ ହୁଏ, ତାହା ନିଶ୍ଚିତ କରିବା ଆମର ପ୍ରାଥମିକତା। ପୂଜା ମଣ୍ଡପରେ ଅନୁମୋଦିତ ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ନେବା ସହିତ ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡ ଅନୁଯାୟୀ ଏବଂ ଉପଯୁକ୍ତ ସତର୍କତା ସହ ବିଦ୍ୟୁତ୍ ବ୍ୟବସ୍ଥା କରାଯିବା ନିତାନ୍ତ ଆବଶ୍ୟକ। ସୁରକ୍ଷିତ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ଆମେ ପୂଜା ଆୟୋଜକ ଓ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟରେ ପ୍ରସ୍ତୁତି କାର୍ଯ୍ୟ ଜାରି ରଖିଛୁ।

TPNODL
TP NORTHERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

## ବାଲେଶ୍ୱର ପ୍ରଭାଗୀୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ମଦ୍ୟପଙ୍କ ଆତଙ୍କରାଜ୍

# ୬ ମହିଳା ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ବାଲେଶ୍ୱର, ୪ା୧୦(ସମିସ)

ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ନିରାପତ୍ତା, କାର୍ଯ୍ୟାଳୟର ଆଭ୍ୟନ୍ତରୀଣ ଶୃଙ୍ଖଳା ଓ ସାଧାରଣ ହିତାଧିକାରୀଙ୍କୁ ଭୟମୁକ୍ତ ପରିବେଶରେ ସେବା ଯୋଗାଇଦେବା ଭଳି ସରକାରୀ ଆଦର୍ଶ ଏବେ ବାଲେଶ୍ୱର ପ୍ରଭାଗୀୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟର ମୁଖ୍ୟ ଡିଭିଜନାଲ ଲେବର କମିଶନର (ଡିଏଲସି) ସନ୍ତୋଷ ମହାନ୍ତିଙ୍କ ଅବହେଳା ଓ କୋହଳ ମନୋଭାବ ଯୋଗୁଁ ଅଫିସ ପରିସରରେ ନେତା, ଦଲାଲ ଓ ମଦ୍ୟପଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି। ଗତ ୩୦ ସେପ୍ଟେମ୍ବର ସନ୍ଧ୍ୟା ପ୍ରାୟ ୬ଟା ସମୟରେ କୌଣସି ଏକ ଟ୍ରେଡ୍ ୟୁନିଅନର ୨ ଜଣ କର୍ମୀ ଅତ୍ୟନ୍ତ ନିଶାସକ୍ତ ଅବସ୍ଥାରେ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ପରିସରକୁ ଆସି ଚାମ୍ବର ଭିତରେ ପଶି କାର୍ଯ୍ୟରତ ମହିଳା ଅଧିକାରୀମାନଙ୍କ ସହ ଅତ୍ୟନ୍ତ ଅଶୋଭନୀୟ, ଅସମ୍ମାନଜନକ ଓ ଦୁର୍ବ୍ୟବହାରପୂର୍ଣ୍ଣ ଆଚରଣ କରିଥିଲେ। ଏହି ସଙ୍ଗୀନ ଘଟଣା ବିରୋଧରେ କାର୍ଯ୍ୟାଳୟର ୬ ଜଣ ମହିଳା ଆସିଷ୍ଟାଣ୍ଟ ଲେବର ଅଫିସର (ଏଏଲଓ) ନନ୍ଦିତା ସାମଲ, ବୈଶାଖୀ ଦାଶ, ରାକ୍ଷୀ ବିଶ୍ୱାଳ, ଶିବାଙ୍ଗୀ ହେମ୍ବ୍ରମ, ଶୈଳସୁତା ଦାସ ଏବଂ ଅମୃତା ପ୍ରିୟଦର୍ଶିନୀ ଏକଜୁଟ୍ ହୋଇ ଡିଏଲସି ସନ୍ତୋଷ ମହାନ୍ତିଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରି ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଥିଲେ। ତେବେ ୬ ଜଣ ମହିଳା ଅଧିକାରୀଙ୍କ ଏହି ଗୁରୁତର ଅଭିଯୋଗ ପରେ ମଧ୍ୟ ଡିଏଲସି ଶ୍ରୀ ମହାନ୍ତି ତୁରନ୍ତ ଥାନାରେ ଏତଲା ଦେଇ ମାମଲା ରୁଜୁ କରିବା ବଦଳରେ ଡିଏଲଓ ସଞ୍ଜୟ କେଶରୀ ପ୍ରଧାନଙ୍କୁ ୟୁନିୟନ ସହ ବୈଠକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ନୋଟିସରେ କେବଳ ଅଫିସ ସମୟ ପରେ ବାହାର ଲୋକଙ୍କୁ ନ ଛାଡ଼ିବା, ୟୁନିୟନ ସଦସ୍ୟ ନିୟମ ପାଳନ କରିବା ଏବଂ ମଦ୍ୟପାନ କରି ଅଫିସକୁ ନ ଆସିବା ଭଳି ସାଧାରଣ ପରାମର୍ଶ ଦେଇ ଘଟଣାକୁ ଚାପିଦେବାକୁ ଚେଷ୍ଟା କରାଯାଇଥିବା ନେଇ ଚର୍ଚ୍ଚା ହେଉଛି। ଏହାର ଗୋଟିଏ ଦିନ ପରେ ଅର୍ଥାତ୍ ୧ ଅକ୍ଟୋବର ଅପରାହ୍ନରେ ଟ୍ରେଡ଼ ୟୁନିୟନର ଜଣେ ସଦସ୍ୟ ନିଶାସକ୍ତ ଅବସ୍ଥାରେ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଶୋଇଥିବା ଦେଖିବାକୁ ମିଳିଥିଲା। ଏହି ବ୍ୟକ୍ତିଜଣକ ନିୟମିତ ଭାବେ ଅଫିସକୁ ଆସି ଦଲାଲଗିରି କରିବା ସହ ପୂର୍ବରୁ ସହଦେବଖୁଣ୍ଟା ଥାନାରେ ତାଙ୍କ ନାମରେ ଅଭିଯୋଗ ମଧ୍ୟ ହୋଇଥିଲା। କାର୍ଯ୍ୟାଳୟ ପରିସରରେ ଏଭଳି ଅରାଜକତା ଯୋଗୁଁ ଜିଲ୍ଲାର ଦୂରଦୂରାନ୍ତରୁ ଶ୍ରମିକ କାର୍ଡ ଓ ସରକାରୀ ଯୋଜନାର ସେବା ପାଇଁ ଆସୁଥିବା ଗରିବ ହିତାଧିକାରୀମାନେ ଭୟଭୀତ ହେଉଛନ୍ତି। ଘଟଣା ନେଇ ବାଲେଶ୍ୱର ପ୍ରଭାଗୀୟ ଶ୍ରମ କମିଶନର ସନ୍ତୋଷ ମହାନ୍ତିଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ୍ ଉଠାଇ ନ ଥିଲେ।

# ତରମାକାନ୍ତ ଚା' ବଗିଚାରେ କୃଷି ସଚିବଙ୍କ ସମୀକ୍ଷା

କେନ୍ଦୁଝର, ୪।୧୦(ସମିସ)



କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ତରମାକାନ୍ତ ଚା' ବଗିଚା ପୁଣି କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି କୃଷି ଓ କୃଷକ ସଶକ୍ତୀକରଣ ବିଭାଗ କମିସନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ। କେନ୍ଦୁଝର ଗସ୍ତ ଅବସରରେ ସେ ଆଜି ସକାଳୁ ତରମାକାନ୍ତ ଚା' ବଗିଚା ବୁଲିବା ସହ ଅଧିକାରୀ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ବାଂଶପାଳ ବ୍ଲକ ତରମାକାନ୍ତ ପଞ୍ଚାୟତ ଅନ୍ତର୍ଗତ ଜଳଡିହିଠାରେ କଫି ବଗିଚା ବୁଲି ଦେଖିବା ସହ ଚାରାରୋପଣ କରିଥିଲେ। ବାଂଶପାଳଠାରେ ଏପିସି ଦ୍ୱାରା ହାଇବ୍ରିଡ ଭେଜିଟେବୁଲ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଜିଲ୍ଲାପାଳ ବିଶାଳ ସିଂହ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଯୁଗ୍ମ ନିର୍ଦ୍ଦେଶକ ଭୀମସେନ ସେଠୀ, କେନ୍ଦୁଝର ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ ରାଉତ, ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ର, ବାଂଶପାଳ ତହସିଲଦାର ବିକାଶଚନ୍ଦ୍ର ସାହୁ, ବିଡିଓ ରାଜା ରଣଜିତ ବଳ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଶ୍ରୀ ଯାଦବ ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲରେ କୃଷି ବିଭାଗ ଅଧୀନରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ।

ଦୀର୍ଘ ୨୧ ବର୍ଷ ଧରି ବନ୍ଦ ପଡିଥିବା ଚା' ବଗିଚାକୁ ଆରମ୍ଭ କରିବାକୁ ସରକାର ଅଣ୍ଟା ଭିଡିଛନ୍ତି। ଏହାର ପୁନରୁଦ୍ଧାର କରାଗଲେ କର୍ମନିଯୁକ୍ତି ସୃଷ୍ଟି କରିବା ସହ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ୧୯୮୨ରେ ଓଡିଶା ସରକାରଙ୍କର ଇପିକଲ ସଂସ୍ଥା ଓ କୋଲକତାର ଶିଳ୍ପପତି ବସନ୍ତ ଦୁବେଙ୍କ ମିଳିତ ସହଯୋଗରେ ଓଟିପିଏଲ୍ ନାଁରେ ତରମାକାନ୍ତରେ ଏକ ଚା' ବଗିଚା ୮୯୬.୫୪ ହେକ୍ଟର ପାହାଡିଆ ଜମିରେ ଆରମ୍ଭ ହୋଇଥିଲା। ସମୁଦ୍ରପତନଠାରୁ ୧୮୦୦ରୁ ୨୨୦୦ ଫୁଟ ଉଚ୍ଚତାରେ ଥିବାରୁ ଥଣ୍ଡା ଜଳବାୟୁରେ ଉନ୍ନତ ମାନର ଚା' ଚାଷ ହେଉଥିଲା। ଯାହାକି ତରମାକାନ୍ତ, କୁଶକଳା, ଅଡାଳ, କଲଣ୍ଡା ଏବଂ ଯାତ୍ରା ଗ୍ରାମର ବହୁ ଲୋକ କର୍ମନିଯୁକ୍ତି ପାଇଥିଲେ। ଏଠାରୁ ଉତ୍ପାଦିତ ଉତ୍କୃଷ୍ଟମାନ ଚା'ର ଅନେକ ଦେଶରେ ଚାହିଦା ରହିଥିଲା। ଓଡିଶା ସରକାର ଓ ଉକ୍ତ କମ୍ପାନୀର ମିଳିତ ଉଦ୍ୟମରେ ଗଢାଯାଇଥିବା 'ଓଡିଶା ଟି ପ୍ଲାଣ୍ଟେସନ ଲିଃ' ଦେଶ ବିଦେଶର ବିଭିନ୍ନ ସ୍ଥାନକୁ ଚା' ରପ୍ତାନି କରି ବେଶ୍ ଲାଭବାନ ହୋଇଥିଲା। ଅଫିସ କାର୍ଯ୍ୟ ପାଇଁ ୧୨ଜଣ, ବୈଷୟିକ କାର୍ଯ୍ୟ ପାଇଁ ୨୯ଜଣ, ନିୟମିତ ଶ୍ରମିକ ୧୪୯ ଜଣଙ୍କୁ ପ୍ରାଥମିକ ନିଯୁକ୍ତି ଦିଆଯାଇ ଚା' ବଗିଚା କାମ ଆରମ୍ଭ କରାଯାଇଥିଲେ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏକ ହଜାର ପାଖାପାଖି ଶ୍ରମିକ କାମଧନ୍ଦା କରୁଥିଲେ। ଅଧିକ ବର୍ଷା ଚା' ଚାଷ ପାଇଁ ଉପଯୋଗୀ ହୋଇଥିବାବେଳେ ଶୀତ ଦିନରେ ଏଠାକାର ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ରହିଥାଏ। ଏହି ଅଞ୍ଚଳରେ ଶୀତ ଦିନରେ ତୁଷାରପାତ ମଧ୍ୟ ହୋଇଥାଏ। ୧୯୮୩ ମସିହାରୁ ଏଠାରେ ଚା' ଚାଷ ଆରମ୍ଭ ହୋଇ ୨୦୦୨ ମସିହା ବେଳକୁ ବ୍ୟବସାୟ ସଫଳତାର ଶୀର୍ଷକୁ ଛୁଇଁ ପାରିଥିଲା। ଏହି ପ୍ରକଳ୍ପଟି ହଠାତ୍ ୨୦୦୩ ମସିହା ବେଳକୁ ଧିମେଇ ଯାଇଥିଲା। ଏବେ ବି ୪୦ ପ୍ରତିଶତ ଚା' ଗଛ ବଞ୍ଚିଛି। ଟି ବୋର୍ଡ କଲିକତାର ଅଧିକାରୀମାନେ ୨୦୨୬ ଜାନୁୟାରୀ ୮ ତାରିଖରେ ଏହି ଅଞ୍ଚଳ ପରିଦର୍ଶନ କରିଥିଲେ। ବାଂଶପାଳ ତହସିଲ କୁଶକଳା ମୌଜାର ପ୍ରାୟ ୬୯.୫୯୫୮ ହେକ୍ଟର ଜମି ନୂତନ ଚା' ଚାଷ ପାଇଁ ଚିହ୍ନଟ ହୋଇଛି। କଲିକତା ଟି ବୋର୍ଡ ୫ ବର୍ଷ ପାଇଁ ୧୧କୋଟି ୩୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିଛି।

## ପର୍ଯ୍ୟଟକ ହୋଇ ଆସିଥିଲେ, ଶବ ହୋଇ ଫେରିଲେ

# ହାଣ୍ଡିଭଙ୍ଗା ଜଳପ୍ରପାତରୁ ୪୮ ଘଣ୍ଟା ପରେ ଉଦ୍ଧାର ହେଲା ନିଖୋଜ ଯୁବକଙ୍କ ମୃତଦେହ

ଯୋଡ଼ା, ୪।୧୦(ସମିସ)



କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ହାଣ୍ଡିଭଙ୍ଗା ଜଳପ୍ରପାତରେ ଗାଧୋଇବା ସମୟରେ ପାଣିରେ ବୁଡ଼ି ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ଦୀର୍ଘ ୪୮ ଘଣ୍ଟା ପରେ ଉଦ୍ଧାର କରାଯାଇଛି। ମୃତ ଯୁବକ ଜଣକ ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳର କାଳିଆପାଣି ନିବାସୀ ଦିବ୍ୟରଞ୍ଜନ ମହାନ୍ତ ବୋଲି ଜଣାପଡ଼ିଛି। ଛୁଟି କାଟିବାକୁ ଜଳପ୍ରପାତକୁ ଆସିଥିବା ଯୁବକଙ୍କ ଏଭଳି ଦୁଃଖଦ ମୃତ୍ୟୁ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

ସୂଚନା ଅନୁଯାୟୀ, ଗାନ୍ଧୀ ଜୟନ୍ତୀ ଅବସରରେ ଛୁଟି ଥିବାରୁ ବଡ଼କାଳିମାଟି ଅଞ୍ଚଳରେ ଥିବା ସେରାଜୁଦ୍ଦିନ ଖଣିର ଠିକା ସଂସ୍ଥା କେସିସିଏଲ୍‌ର ତିନି ଜଣ କର୍ମଚାରୀ ହାଣ୍ଡିଭଙ୍ଗା ଜଳପ୍ରପାତ ବୁଲିବାକୁ ଯାଇଥିଲେ। ସେଠାରେ ଦିବ୍ୟରଞ୍ଜନ ଗାଧୋଉଥିବା ସମୟରେ ଗୋଡ଼ ଖସିଯିବାରୁ ଗଭୀର ଜଳରେ ବୁଡ଼ି ଯାଇଥିଲେ। ଘଟଣା ସମ୍ପର୍କରେ ତୁରନ୍ତ ବାମେବାରୀ ପୁଲିସକୁ ସୂଚନା ଦିଆଗଲା ପରେ ପୁଲିସ ଓ ଅଗ୍ନିଶମ ବାହିନୀ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମ ଦିନରେ ଅଗ୍ନିଶମ ବାହିନୀ ପକ୍ଷରୁ ଦୀର୍ଘ ଚାରି ଘଣ୍ଟାରୁ ଅଧିକ ସମୟ ଧରି ଜଳାଶୟରେ ଖୋଜାଖୋଜି କରାଯାଇଥିଲା। ତେବେ ଅନ୍ଧାର ହୋଇଯିବାରୁ ସୁରକ୍ଷା ଦୃଷ୍ଟିରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ସେପଟେ ପରିବାର ଲୋକେ ଚିନ୍ତାରେ ଥିଲେ। ଘଟଣାର ପ୍ରାୟ ୪୮ ଘଣ୍ଟା ପରେ ସକାଳ ପ୍ରାୟ ୯ଟା ୩୦ ମିନିଟ୍ ସମୟରେ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଦେଖିବା ବେଳେ ଯୁବକଙ୍କ ମୃତଦେହ ପାଣିରେ ଭାସୁଥିଲା। ଏନେଇ ପୁଣିଥରେ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ପରେ ବାମେବାରୀ ପୁଲିସ ଓ ଅଗ୍ନିଶମ ବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦିବ୍ୟ ରଞ୍ଜନଙ୍କ ମୃତଦେହକୁ ଜଳାଶୟରୁ ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ, ମୃତ ଯୁବକଙ୍କ ପିତା ଉପେନ୍ଦ୍ର ମହାନ୍ତ ଘଟଣାର ଉଚିତ ତଦନ୍ତ ଦାବିକରି ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହକୁ ଜବତ କରି କେସିସିଏଲ୍ କମ୍ପାନୀର ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏହି ଘଟଣା ପରେ ହାଣ୍ଡିଭଙ୍ଗା ଜଳପ୍ରପାତରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ସତର୍କତାମୂଳକ ବ୍ୟବସ୍ଥାକୁ ନେଇ ପୁଣିଥରେ ପ୍ରଶ୍ନ ଉଠିଛି।

## ରାଜ୍ୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା



କେନ୍ଦୁଝର, ୪।୧୦(ସମିସ): ୭୦ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଉଦ୍‌ଘାଟିତ ହୋଇଛି। ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଅବସରପ୍ରାପ୍ତ ନିର୍ଦ୍ଦେଶକ ସପନ ଜେନା ସମ୍ମାନିତ ଅତିଥି ଭାବରେ କ୍ରୀଡାବିତଙ୍କୁ ସରକାରଙ୍କ ଦ୍ୱାରା ପ୍ରାପ୍ତ ହେଉଥିବା ଅନୁଦାନ ରାଶି ବିଷୟରେ ଅବଗତ କରିଥିଲେ। କେନ୍ଦୁଝର ଜିଲ୍ଲା ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ପୌରାଧକ୍ଷା ନିକୁ ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମଞ୍ଚାସୀନ ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ରନାରାୟଣ ସାମଲ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଶୃଙ୍ଖଳିତ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଶାରୀରିକ ଶିକ୍ଷା ନିରୀକ୍ଷକ ରାମକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତିନିଦିନିଆ ଉଦ୍ୟମିତା ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ




କେନ୍ଦୁଝର, ୪।୧୦(ସମିସ): କେନ୍ଦୁଝର ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଓ ଭାରତୀୟ ଉଦ୍ୟମିତା ବିକାଶ ସଂସ୍ଥାନ ଆନୁକୂଲ୍ୟରେ ପରିଚାଳିତ 'ଉଦ୍ୟମୀ' ପ୍ରକଳ୍ପ ଅଧୀନରେ ଏକ ତିନିଦିନିଆ ଉଦ୍ୟମିତା ବିକାଶ ତାଲିମ ଶିବିର ଯୋଡ଼ା ପୌରପାଳିକା ସଭାଗୃହରେ ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ଅଞ୍ଚଳର ମୋଟ ୬୦ ଜଣ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବେ ଶ୍ରୀକାନ୍ତ ପଟ୍ଟନାୟକ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ସରକାରୀ ଯୋଜନା ବିଷୟରେ ଅବଗତ କରାଇଥିଲେ। ଅତିଥି ତଥା ସମ୍ବଳ ବ୍ୟକ୍ତି ଭାବେ ଯୋଡ଼ା ବିଡିଓ, ମୁଖ୍ୟ ବ୍ୟାଙ୍କ ପ୍ରବନ୍ଧକ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ, ମିଶନ ଶକ୍ତି ବ୍ଲକ ପ୍ରୋଗ୍ରାମ କୋଅର୍ଡିନେଟର ଏବଂ ସହକାରୀ କୃଷି ଅଧିକାରୀ ଯୋଗ ଦେଇଥିଲେ। ଉଦ୍ୟମୀ ପ୍ରକଳ୍ପର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅରବିନ୍ଦ ବେହେରା, ବ୍ଲକ ପ୍ରକଳ୍ପ ଅଧିକାରୀ ମୋହିତ ରାଉତ, ଉଦ୍ୟମୀ ମିତ୍ର ବିକାଶ ଏବଂ ଚିନ୍ମୟ ପରିଚାଳନା କରିଥିଲେ। ଏହି ତାଲିମ ମାଧ୍ୟମରେ ସ୍ଥାନୀୟ ଯୁବକଯୁବତୀ ଓ ମହିଳାମାନେ ସ୍ୱାବଲମ୍ବୀ ହୋଇ ନିଜର ବ୍ୟବସାୟ ଆରମ୍ଭ କରିପାରିବେ ବୋଲି ଆଶା ପ୍ରକାଶ ପାଇଛି।

## ତରୁଆ ସଂକୀର୍ତ୍ତନମଣ୍ଡଳୀର ଶ୍ରୀକ୍ଷେତ୍ର ପଦଯାତ୍ରା

ଆନନ୍ଦପୁର, ୪।୧୦ (ସମିସ): ତରୁଆଁ ପଞ୍ଚାୟତ ଅନ୍ତର୍ଗତ ପାଟସୁରା ଗ୍ରାମର ସଙ୍କୀର୍ତ୍ତନମଣ୍ଡଳୀ ବାସୁଦେବ ବେହେରା, ବାସୁଦେବ ମାଝି, ବଳରାମ ମାଝି, ଲକ୍ଷ୍ମୀଧର ମାଝି, ଲକ୍ଷ୍ମଣ ମାଝି, କାଙ୍ଗାଳି ଚରଣ ରାଉତଙ୍କ ନେତୃତ୍ୱରେ ପୁରୀ ଶ୍ରୀକ୍ଷେତ୍ର ଅଭିମୁଖେ ଶତାଧିକ ଶ୍ରଦ୍ଧାଳୁ ପଦଯାତ୍ରା କରୁଛନ୍ତି। ଭାଗବତ ଧର୍ମ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ଏହି ଶ୍ରଦ୍ଧାଳୁମାନେ ଛତିଆ, ଫୁଲନଖରା, ଦାଣ୍ଡ ମକୁନ୍ଦପୁର ଆଦି ସ୍ଥାନରେ ରାତ୍ରିଯାପନ କରି ୧୦ ତାରିଖରେ ଶ୍ରୀ କ୍ଷେତ୍ର ପୁରୀରେ ପହଞ୍ଚିବାର ସ୍ଥିର ହୋଇଛି।

# ଦୁଇ ହାଇୱେ ଲୁଟେରା ଗିରଫ; ଲୁଟ୍ ଟ୍ରକ୍ ଉଦ୍ଧାର



ତେଲକୋଇ, ୪।୧୦(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ପୁଲିସ ଆଜି ଦୁଇ ହାଇୱେ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଲୁଟ ହୋଇଥିବା (କେଏଲ୍୦୫ ଏୱାଇ୨୪୫୦) ଏକ ୧୬ ଚକିଆ ଟ୍ରକକୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ଲମ୍ବୋଦର ବାରିକ (୨୯) ଓ ରାହୁଲ ମହାକୁଡ଼ (୧୮)। ଉଭୟଙ୍କ ଘର କାଞ୍ଜିପାଣି ଥାନାଞ୍ଚଳରେ ବୋଲି ଜଣାପଡ଼ିଛି। ଶନିବାର ବିଳମ୍ବିତ ରାତିରେ ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନପୁର ଅଞ୍ଚଳରେ ଉକ୍ତ ଟ୍ରକ୍‌କୁ ରଖି ଗାଡ଼ିର ଚାଳକ ଚା' ପିଇବାକୁ ଓହ୍ଲାଇଥିବା ବେଳେ ଏହି ଲୁଟେରାଦ୍ୱୟ ଟ୍ରକ୍‌କୁ ଧରି କେନ୍ଦୁଝର ଆଡ଼କୁ ଚମ୍ପଟ ମାରିଥିଲେ। କାଞ୍ଜିପାଣି ଥାନା ସମ୍ମୁଖ ତଥା ବଜାର ଅଞ୍ଚଳରେ ସ୍ଥାନୀୟ ପୁଲିସ ପକ୍ଷରୁ ପାଟ୍ରୋଲିଙ୍ଗ ଚାଲିଥିବା ବେଳେ ଉକ୍ତ ଟ୍ରକ୍‌ଟି ଜଗମୋହନପୁର ଆଡୁ ଆସି କାଞ୍ଜିପାଣିରେ ଅଟକିଥିଲା। ପୁଲିସକୁ ଦେଖି ଗାଡି ଚାଳକ ଅମିତ ବାରିକ ଓରଫ କୁନ୍ଦୁ ଗାଡି ରଖି ଇୟରଫୋନ କିଣିବା ପାଇଁ ଗାଡିରୁ ଓହ୍ଲାଇଥିଲା। ଅନ୍ୟ ଲୁଟେରା ରାହୁଲ ମହାକୁଡ଼ ଗାଡି ଭିତରେ ଥିଲା। ହେଲେ ସେ ପୁଲିସକୁ ଦେଖି ଗାଡିରୁ ଓହ୍ଲାଇ ଦୌଡି ପଳାଇବାକୁ ଚେଷ୍ଟା କରିବା ବେଳେ ପୁଲିସ ହାବୁଡ଼ରେ ପଡ଼ି ଯାଇଥିଲା। ବିଭିନ୍ନ ଚୋରି ରାହାଜାନୀରେ ଏହି ଦୁଇଜଣ ସାମିଲ ଥିବା କାଞ୍ଜିପାଣି ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ତେଲକୋଇ ଥାନାଞ୍ଚଳରୁ ଟ୍ରକଟି ଚୋରି ହୋଇଥିବାରୁ କାଞ୍ଜିପାଣି ପୁଲିସ ଦୁଇ ଅଭିଯୁକ୍ତଙ୍କୁ ତେଲକୋଇ ଥାନାକୁ ହସ୍ତାନ୍ତର କରିଛି। ଘଟଣାକୁ ନେଇ ତେଲକୋଇ ଥାନା ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଉଦ୍ଧାର ହୋଇଥିବା ଟ୍ରକ୍ ବଡ଼ବିଲ ଥାନାଞ୍ଚଳର ବୋଲି ପୁଲିସ ସୂଚନା ଦେଇଛି।

## ପଞ୍ଚୁପଲ୍ଲୀରେ ଯୁବ ବିଶ୍ୱାସ ପଦଯାତ୍ରା

ଆନନ୍ଦପୁର, ୪।୧୦ (ସମିସ): କେନ୍ଦୁଝର ଜିଲ୍ଲାରେ "ଯୁବ ବିଶ୍ୱାସ ଯାତ୍ରା' ରବିବାର ତୃତୀୟ ଦିନରେ ପହଞ୍ଚିଛି। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆଜି ଆନନ୍ଦପୁର ବ୍ଲକ୍ ଅଞ୍ଚଳର ପଞ୍ଚୁପଲ୍ଲୀ ପଞ୍ଚାୟତରେ ଆଜି ଏହି ପଦଯାତ୍ରା ଆୟୋଜିତ ହୋଇଥିଲା। ଯଜ୍ଞପ୍ରସାଦ ସାହୁ କହିଛନ୍ତି, କେନ୍ଦୁଝର ଜିଲ୍ଲା ବିକାଶର ମହାସ୍ରୋତରେ ସାମିଲ ହୋଇଛି। ଘଷିପୁରା ଓ ଆନନ୍ଦପୁର ବିକାଶ ଆଶାନୁରୂପ ହୋଇ ନଥିବା ଶ୍ରୀ ସାହୁ କ୍ଷୋଭର ସହ କହିଛନ୍ତି। ଯୁବମୋର୍ଚ୍ଚା ସମ୍ପାଦକ ପ୍ରସନ୍ନଜିତ୍ ସାହୁ ପଦଯାତ୍ରାର ସଞ୍ଚାଳନ କରିଥିଲେ। ତାରିଣୀ ଶାଳଠାରୁ ପଦଯାତ୍ରା ଆରମ୍ଭ ହୋଇ ମଝି ସାହି, ତଳ ସାହି, କୁଣ୍ଡି ସାହି ପରିକ୍ରମା କରିଥିଲା। ହିମାଂଶୁ ଶେଖର ଜେନା, ରବୀନ୍ଦ୍ର ରାଉତ, ମକୁନ୍ଦୀ ରାଉତ, ସନ୍ତୋଷ ରାଉତ, ତପନ ଜେନା, କୈଳାସ ବାରିକ, ପ୍ରଶାନ୍ତ ରାଉତ, ବାପୁ ରାଉତ, ଶରତ ନାଇକ, କଳାକାର ବାରିକ, ମାନସୀ ରାଉତ, ଦେବେନ୍ଦ୍ର ଧଳ, କୃଷ୍ଣଚନ୍ଦ୍ର ପାତ୍ର, ପକୁଆ ମହାନ୍ତି, ଚନ୍ଦନ ନାଇକ, ବିଦ୍ୟାଧର ନାୟକ, ମାର୍କଣ୍ଡ ବେହେରା, ବାବୁଲି ଜେନା, ଚିତ୍ତରଞ୍ଜନ ନାୟକ, କାଳିଆ ମହାନ୍ତି, ରାହାସ ସା, ନୀଳାଦ୍ରି ନାୟକ, ସଞ୍ଜୀବ ରାଉତ, ପ୍ରହ୍ଲାଦ ରାଉତ, ପ୍ରଫୁଲ୍ଲ ରାଉତ, ବୁଲୁ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ଶ୍ରୀଅରବିନ୍ଦ ହାଇସ୍କୁଲରେ ଶାସ୍ତ୍ରୀ ଜୟନ୍ତୀ

ଆନନ୍ଦପୁର, ୪।୧୦ (ସମିସ): ଆନନ୍ଦପୁର ବ୍ଲକ କାଠକଟା ପଞ୍ଚାୟତ ଟାଙ୍ଗରସ୍ଥିତ ଶ୍ରୀ ଅରବିନ୍ଦ ହାଇସ୍କୁଲଠାରେ ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଶ୍ୱନୀ ମହାନ୍ତି, ହରେକୃଷ୍ଣ ଓଝା, ଉମାକାନ୍ତ ସାହୁ, ବୃନ୍ଦାବନ ଷଡଙ୍ଗୀ, ଭାବଗ୍ରାହୀ ରାମ ଓ ପ୍ରମୋଦ ସାହୁ ପ୍ରମୁଖ ଶିକ୍ଷକ କର୍ମଚାରୀଗଣ ଦୁଇ ରାଷ୍ଟ୍ରବାଦୀ ଦେଶପ୍ରେମୀଙ୍କ ଗୁଣ ଗାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତ କୋଳିମାଟିସ୍ଥିତ ସ୍ୱପ୍ନେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମୌସୁମୀ ବାହାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଦେବରାଜ ଦେହୁରୀ ଓ ଶିକ୍ଷକ ସୁନା ମାଝୀ ଉଦବୋଧନ ଦେଇଥିବାବେଳେ ଛାତ୍ର ରକି ମଢେଇ, ମଣିଶଙ୍କର ରଣା, ଟୁକୁନା ବେହେରା ଓ ଛାତ୍ରୀ ତପସ୍ୱିନୀ ମହାନ୍ତ ମଧ୍ୟ ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କ ଜୀବନୀକୁ ସୁନ୍ଦର ଭାବରେ ଚିତ୍ରଣ କରିଥିଲେ।

## ମୃତ ସଫେଇ କର୍ମଚାରୀଙ୍କ ପରିବାରକୁ ସହାୟତା ଦାବି



ଆନନ୍ଦପୁର, ୪।୧୦(ସମିସ): ଆନନ୍ଦପୁର ମାଳିସାହି ନିକଟରେ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ସଫେଇ କର୍ମଚାରୀଙ୍କୁ ମୃତ୍ୟୁକାଳୀନ ସହାୟତା ଯୋଗାଇଦେବାକୁ ଦାବି ହୋଇଛି। ଘରୋଇ ଠିକା ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିବା ଉପଖଣ୍ଡ ଡାକ୍ତରଖାନାର ସଫେଇ କର୍ମଚାରୀ ତଥା ୭ନମ୍ବର ୱାର୍ଡ ମୁଖୀସାହିର ଅଜିତ କୁମାର ମୁଖୀ(୩୨) ବାଇକରୁ ଖସିପଡିବାରୁ ମୃତ୍ୟୁ ହୋଇଥିଲା। ଅଜିତ ବାଇକ୍‌ରେ ଯାଉଥିବାବେଳେ ଚାଲିଚାଲି ଟିଉସନ ଯାଉଥିବା ଜଣେ ସ୍କୁଲ ଛାତ୍ରୀଙ୍କୁ ଧକ୍କାଦେଇ ରାସ୍ତାରେ ଛିଟିକି ପଡ଼ିଥିଲେ। ଉଭୟଙ୍କୁ ଉଦ୍ଧାର ପରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ଅଜିତଙ୍କୁ ମୃତ ଘୋଷଣା କରିଥିଲେ।

# ଫର୍ମ-୬ରୁ ଅତିରିକ୍ତ ଘୋଷଣାନାମା ହଟାଇଲେ ଭାରତ ନିର୍ବାଚନ ଆୟୋଗ

କେନ୍ଦୁଝର, ୪।୧୦(ସମିସ): ରାଜ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ ପ୍ରକ୍ରିୟା ସମାପ୍ତ ହୋଇଥିବା ପରିପ୍ରେକ୍ଷୀରେ ବର୍ତ୍ତମାନର ଭୋଟର ତାଲିକାରେ ନାମ ନଥିବା ଯୋଗ୍ୟ ନାଗରିକମାନଙ୍କୁ ଭୋଟର ତାଲିକାରେ ନାମ ସାମିଲ କରାଇବାର ସୁଯୋଗ ଅବ୍ୟାହତ ରହିଛି। ଏଥିପାଇଁ ଯୋଗ୍ୟ ନାଗରିକମାନେ ପୂର୍ବଭଳି ଫର୍ମ-୬ ମାଧ୍ୟମରେ ଆବେଦନ କରିପାରିବେ। ଏସଆଇଆର ସମୟରେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ କୌଣସି କାରଣରୁ ଭୋଟର ତାଲିକାରୁ ବାଦ ପଡ଼ିଥାଏ, ତେବେ ପୁନର୍ବାର ନାମ ସାମିଲ କରାଇବା ପାଇଁ ଫର୍ମ-୬ ଦାଖଲ କରିବା ସମୟରେ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବା ଆବଶ୍ୟକ ହେବ ନାହିଁ। ସେହିପରି ଆବେଦନକାରୀଙ୍କ ପିତାମାତା କିମ୍ବା ଜେଜେବାପା/ଜେଜେମାଆଙ୍କ ନାମ ୨୦୦୨ ମସିହାର ଭୋଟର ତାଲିକାରେ ଥିଲା କି ନାହିଁ ସେ ସମ୍ପର୍କିତ ତଥ୍ୟ ମଧ୍ୟ ଦାଖଲ କରିବାକୁ ପଡ଼ିବ ନାହିଁ। ଏ ସମ୍ପର୍କିତ ଅତିରିକ୍ତ ଘୋଷଣାନାମାକୁ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ଫର୍ମ-୬ରୁ ହଟାଇ ଦେଇଛନ୍ତି। ତେବେ, ନାମ ସାମିଲ ପୂର୍ବରୁ ଆବେଦନକାରୀଙ୍କ ଯୋଗ୍ୟତା ଏବଂ ଆବେଦନରେ ଦିଆଯାଇଥିବା ତଥ୍ୟର ନିର୍ଦ୍ଧାରିତ ଯାଞ୍ଚ ପ୍ରକ୍ରିୟା ପୂର୍ବଭଳି ଜାରି ରହିବ। ଏଥିସହିତ, ଫର୍ମ-୬ ମାଧ୍ୟମରେ ନାମ ସାମିଲ କରିବାର ସାଧାରଣ ବ୍ୟବସ୍ଥା ଅବ୍ୟାହତ ରହିଛି। ଏକ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କରିବା ଏବଂ ଏହାର ଶୁଦ୍ଧତା, ସ୍ୱଚ୍ଛତା ବଜାୟ ରଖିବା ସହିତ ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ଭାବେ ପଞ୍ଜୀକରଣର ସୁଯୋଗ ଦେବା ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଆବେଦନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ଯାଞ୍ଚ କରାଯିବ। ଭାରତ ନିର୍ବାଚନ ଆୟୋଗ ଓ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦୁଝରବାସୀଙ୍କ ସୂଚନା ଓ ଏହି ବ୍ୟବସ୍ଥାର ଉପଯୋଗ କରିବା ନିମନ୍ତେ ନିବେଦନ କରାଯାଇଛି।

## ଶାଳପଡ଼ା ପ୍ରିନ୍ସ କ୍ଲବ୍‌ର ବାର୍ଷିକ ଉତ୍ସବ



ଆନନ୍ଦପୁର, ୪।୧୦(ସମିସ): ଶାଳପଡା ପ୍ରିନ୍ସ କ୍ଲବର ୨୪ତମ ବାର୍ଷିକ ଉତ୍ସବ ପୂର୍ତ୍ତି ଉପଲକ୍ଷେ ଶାଳପଡା କ୍ଷେତ୍ରମୋହନ ପଡିଆଠାରେ ଆୟୋଜିତ ଯାତ୍ରା ମଞ୍ଚ କେଶରୀର ଉଦଘାଟନ ହୋଇଯାଇଛି। ଅତିଥି ରୂପେ ପୂର୍ବତନ ପ୍ରଧାନଶିକ୍ଷକ ପୁରନ୍ଦର ମିଶ୍ର, ଓଡିଶା ଉଚ୍ଚନ୍ୟାୟଳୟର ଆଇନଜୀବୀ ପ୍ରଣୟ ଦାଶ ଏହାକୁ ଉଦଘାଟନ କରିଥିଲେ। ପ୍ରଫୁଲ୍ଲ ପତି, ଆଇନଜୀବୀ ହେମନ୍ତ ପତି, ଶଶିଭୂଷଣ ଦାଶ, ସରୋଜ ମିଶ୍ର, ସଭାପତି ସନାତନ ପତି ସ୍ୱର୍ଗତ ଶୁଭମ ଦାଶଙ୍କ ଯାତ୍ରା ପ୍ରତି ଅବଦାନ ସମ୍ପର୍କରେ ବଖାଣିଥିଲେ। ପରେ ନିଜ ଗାଁ ତଥା ପ୍ରିନ୍ସ କ୍ଲବ ପ୍ରତି ଅବଦାନ ପାଇଁ ଆଇନଜୀବୀ ପ୍ରଣୟ ଦାଶ, ପ୍ରଯୋଜକ ଆଦର୍ଶ ରଞ୍ଜନ ସ୍ୱାଇଁ, ସିରିୟଲ ଜଗତର ଦୁଇ ଅଭିନେତ୍ରୀ ମେହେନ୍ଦୀ ସ୍ୱାଇଁ, ଜ୍ୟୋତିର୍ମୟୀ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯଇଥିଲା। ଯାତ୍ରା ଜଗତର ଅଭିନେତ୍ରୀ ମାମୁନି ଷଡ଼ଙ୍ଗୀ, ଅଭିନେତା ରାଜବୀର, ନୃତ୍ୟଗୁରୁ ଜିତୁ ଦାଶଙ୍କୁ ସନାତନ ପତି, ପୁରନ୍ଦର ମିଶ୍ର ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ମଞ୍ଚରେ ନୃତ୍ୟଗୁରୁ ଜିତୁ ଦାଶ ସଂଚାଳନ କରିଥିଲେ। ପ୍ରିନ୍ସ କ୍ଲବ ସଦସ୍ୟ ସାରଦା ଦାଶ, ଯଦୁନାଥ ଦାଶ, ରାଜକିଶୋର ମିଶ୍ର, ଅମରଜ୍ୟୋତି ଦାଶ, ଶୁଭରଞ୍ଜନ ମିଶ୍ର, ରଞ୍ଜନ ପତି, ଚିରଞ୍ଜୀବ ଦାଶ, ସିକୁନ ଦାଶ, ଲିପୁ ଦାଶ, ମଙ୍ଗରାଜ ବାରିକ, ବୁବୁନ ଦାଶ, ଜ୍ୟୋତିରଞ୍ଜନ ଦାଶ, ଭିକି ସ୍ୱାଇଁ, ଦୀପ୍ତି ଦାଶ, ଲିପୁ ବାରିକ, ଜ୍ୟୋତିରଞ୍ଜନ ମିଶ୍ର, ସରୋଜ ଶତପଥୀ ସହଯୋଗ କରିଥିଲେ।

# କେନ୍ଦୁଝର ସଦର ବ୍ଲକ୍ ବିଜେଡିର କାର୍ଯ୍ୟକାରିଣୀ




କେନ୍ଦୁଝର, ୪।୧୦(ସମିସ): କେନ୍ଦୁଝର ସଦର ବ୍ଲକ୍ ବିଜୁ ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ବଣିଆପାଟସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ତଥା ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକମାଧବ ସର୍ଦ୍ଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନବନିଯୁକ୍ତ ସଦର ବିଜେଡିର କର୍ମକର୍ତ୍ତାମାନଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରିଣୀ ବୈଠକରେ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକ, ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାନେତ୍ରୀ ମୀନା ମାଝୀ, ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାନେତ୍ରୀ କମଳିନୀ ପାତ୍ର, ନାରୀନେତ୍ରୀ ତଥା କାଉନ୍‌ସିଲର କେକୀ କାକଳୀ, ସଦର ବ୍ଲକ ସଭାପତି ଚକ୍ରଧର ପରିଡ଼ା, ଜିଲ୍ଲାପରିଷଦ ସଦସ୍ୟ ରଥମୁଣ୍ଡା ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। ନୂତନ କମିଟିରେ ସଭାପତି ଚକ୍ରଧର ପରିଡ଼ା ରହିଥିବା ବେଳେ ତିନିଜଣ ଉପସଭାପତି ଅରୁଣ ମନ୍ତ୍ରି, ଅନାଦୀଚରଣ ପ୍ରଧାନ, ଜୟସିଂହ ନାୟକ ଏବଂ ତିନିଜଣ ସାଧାରଣ ସମ୍ପାଦକ ସଚିଦାନନ୍ଦ ସାହୁ, ଅଭିମନ୍ୟୁ ଦେହୁରୀ ଓ ଶ୍ରୀକାନ୍ତ ମହାନ୍ତ ରହିଛନ୍ତି। ସେହିପରି ୭ ଜଣ ସଂପାଦକ ମନ୍ମଥ ଦେଓ, ପ୍ରଦୀପ ଖଣ୍ଡା, ସଂଜୟ ନାଏକ, ଲିପୁନ ବ୍ରହ୍ମ, ନାରାୟଣ ପ୍ରସାଦ ସିଂହ, ତପନ ମହାନ୍ତ, ରୋହିତ ଗିରି ରହିଛନ୍ତି। କୋଷାଧ୍ୟକ୍ଷ ଭାବରେ ରମେଶ ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ୧୫ ଜଣ ବରିଷ୍ଠ ନେତା ଅରୁଣ ବ୍ରହ୍ମ, ରଥମୁଣ୍ଡା, କମଳଲୋଚନ ସାହୁ, ହୃଦାନନ୍ଦ ପ୍ରଧାନ, ଘନଶ୍ୟାମ ବାରିକ, ମନୋରଂଜନ ଗିରି, ଅନୁର୍ଜୟ ମହାନ୍ତ, ବିଜୟ ଷଣ୍ଡ, ମିତ୍ରଭାନୁ ନାୟକ, ପ୍ରଭାକର ନାୟକ, ଟିଟନ ବାରିକ, ରାଜେନ୍ଦ୍ର ହାଁସଦା, ସତ୍ୟାନନ୍ଦ ମୁଣ୍ଡା, ରକ୍ଷାକର ବାରିକ, ରଘୁନାଥ ମହାନ୍ତଙ୍କୁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ ପରେ ସମସ୍ତ କମିଟିରେ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି। ସଦର ବ୍ଲକ୍ ବିଜୁ ଜନତା ଦଳର ପ୍ରମୁଖ ନେତା ଓ କର୍ମୀ ବୈଠକରେ ଯୋଗ ଦେଇଥିଲେ।

# ଚନ୍ଦ୍ରଶେଖର ପୂର୍ଣ୍ଣଚନ୍ଦ୍ର ସ୍ମାରକୀ ଫୁଟ୍‌ବଲ: ମୁଣ୍ଡା ବ୍ରଦର୍ସ ଚାମ୍ପିଅନ

ଚମ୍ପୁଆ, ୪।୧୦(ସମିସ)



ରୋହିଣୀ କ୍ଲବ ରଜିଆ ପକ୍ଷରୁ ଆୟୋଜିତ ଚନ୍ଦ୍ରଶେଖର ପୂର୍ଣ୍ଣଚନ୍ଦ୍ର ମେମୋରିଆଲ ୧୬ତମ ଆନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ମୁଣ୍ଡା ଏକାଦଶ ଓ ଚଉଠିଆ ଦଳ ମଧ୍ୟରେ ମୁଣ୍ଡା ବ୍ରଦର୍ସ ଚାମ୍ପିଅନ ହୋଇଥିଲା। ଚଉଠିଆ ଦଳ ଉପବିଜେତା ହୋଇଥିଲା। ବିଜୟୀ ଦଳକୁ ପ୍ରଥମ ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ଉପବିଜେତା ଦଳକୁ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଟ୍ରଫି ପୁରସ୍କୃତ କରାଯାଇଥିଲା। ତୃତୀୟ ସ୍ଥାନ ସୁଆକାଠି ଦଳକୁ ୧ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଥିଲା। ଏଥିସହ ୪୦ ବର୍ଷରୁ ଉର୍ଦ୍ଧ ବୟସ୍କ ଖେଳାଳିଙ୍କୁ ନେଇ ଏକ ସ୍ୱତନ୍ତ୍ର ଭେଟେରାନ ଫୁଟବଲ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଭେଟେରାନ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ଝାଡଖଣ୍ଡ ନୂଆ ମୁଣ୍ଡି ଏକାଦଶ ବିଜୟ ହୋଇ ଚାମ୍ପିଅନ ହୋଇଥିଲେ। ବିଶିଷ୍ଟ ଫୁଟବଲ ଖେଳାଳି ତଥା ପୂର୍ବତନ ଖେଳାଳି ସଂଜୟ ନାୟକଙ୍କ ଯୋଗଦାନ ଓ ସହଯୋଗ ପ୍ରତିଯୋଗିତାକୁ ଅଧିକ ଆକର୍ଷଣୀୟ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ଆନିନ୍ଦ ବେହେରା, ସମ୍ମାନିତଅତିଥି ଭାବେ ଅଜୟ ମହାକୁଡ଼, ଗଣେଶ୍ୱର ମହାନ୍ତ, ବିଧାୟକ ପ୍ରତିନିଧି ସଂଜୀବ ବେହେରା, ମହେନ୍ଦ୍ର ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ସୁରେଶଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ସନ୍ତୋଷ ନାୟକ, ବବି ଦାସ, ଗଣେଶ ଖିଲାର, ହବି ଦାସ ଓ ଦୀପାରାଣୀ ମହାକୁଡ଼ ପ୍ରମୁଖ ଯୋଗଦେଇଥିଲେ। ରୋହିଣୀ କ୍ଲବ ରଜିଆର ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଯୁବଗୋଷ୍ଠୀଙ୍କ ଉତ୍ସାହ ସୃଷ୍ଟି କରିବା ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ବୋଲି କ୍ଲବ ସଭାପତି ସୁବ୍ରତ ଗିରି ଓ ସଂପାଦକ ବିବେକାନନ୍ଦ ପାତ୍ର ସୂଚନା ଦେଇଥିଲେ।

## ବ୍ୟବସାୟୀ ତ୍ରିଲୋଚନ ମୃତ୍ୟୁ ରହସ୍ୟ

# ହତ୍ୟାକାଣ୍ଡକୁ ୭ ଦିନ; ପୁଲିସ ହାତ ଖାଲି

ଡୁରୁମୁଙ୍ଗା, ୪।୧୦(ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ପାଟଣା ଥାନାର କାର୍ଯ୍ୟରତ ମହିଳା କନଷ୍ଟେବଲ ତୁଳସୀ ମହାନ୍ତଙ୍କ ସ୍ୱାମୀ ତ୍ରିଲୋଚନ ମହାନ୍ତଙ୍କୁ ଗତ ସୋମବାର ରାତି ପ୍ରାୟ ୧୦ଟାରେ ଧାରୁଆ ଅସ୍ତ୍ରରେ ଆକ୍ରମଣ ସହ ଗୁଳି କରି ହତ୍ୟା କରିବା ଘଟଣାରେ ଏବେ ବି ଅଞ୍ଚଳବାସୀ ଅସୁରକ୍ଷିତ ଓ ଭୟଭୀତ ଅବସ୍ଥାରେ ରହିଛନ୍ତି।



### ଅନ୍‌ଲାଇନ୍ ଟଙ୍କା ଲିଙ୍କ୍ ଚର୍ଚ୍ଚାରେ

ଘଟଣାକୁ ସପ୍ତାହ ପୂରିବାକୁ ଥିବା ବେଳେ ପୁଲିସ କେବଳ ଖୋଳତାଡ଼ ନାଁରେ ବ୍ଲକିଂ ଓ ଚେକିଂ ଚଳାଇଛି ସିନା; ଅସଲ ଦୁର୍ବୃତ୍ତଙ୍କ ଟେର୍ ସୁଦ୍ଧା ପାଇପାରି ନାହିଁ। ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଏଭଳି ଘଟଣା ପୁଲିସ ଫାଇଲରୁ ଗାଏବ୍ ହେବାରେ ଲାଗିଛି।

ଡୁରୁମୁଙ୍ଗା ଥାନା କେନ୍ଦେଇପୋଷି-ପାଟଣା ରାସ୍ତାର ଖୁଣ୍ଟାପଡ଼ା ନିକଟ ଜଙ୍ଗଲରେ ଘଟିଥିବା ତ୍ରିଲୋଚନ ମହାନ୍ତଙ୍କ ହତ୍ୟାକାଣ୍ଡ ଏବେ ବି ରହସ୍ୟ ଘେରରେ ରହିଛି। କାରଣ ପୁଲିସ ଏହା ଉପରୁ ପରଦା ହଟାଇପାରି ନାହିଁ। କେନ୍ଦୁଝର ଏସ୍‌ପି ୩ ସ୍ୱତନ୍ତ୍ର ଟିମ୍ ଗଠନ ସମ୍ପର୍କରେ କହିଥିବା ବେଳେ ପୁଲିସ ପକ୍ଷରୁ ପାଟଣା ଥାନାର ଦେଓ ନଦୀ, ଧାନବେଣୀ ସହ ଘଟଗାଁ ଥାନା ଭୀମକୁଣ୍ଡ ବୈତରଣୀ ପୋଲ, ଡୁରୁମୁଙ୍ଗା ଥାନା କଣ୍ଟିଆପଡା ବିଲା ସହ ଗିଧିବାସ ଆଦି ସ୍ଥାନରେ ପୁଲିସ ପକ୍ଷରୁ ଚେକିଂ ବ୍ଲକିଙ୍ଗ ସହ ଗାଡି ମୋଟର ଯାଞ୍ଚକୁ ଜୋରଦାର କରାଯାଇଛି। ଏଥିସହ ବିଭିନ୍ନ ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଉଛି। ଏପଟେ, ଏହି ହତ୍ୟାକାଣ୍ଡ ଓ ଲୁଟ୍ ଘଟଣାକୁ ନେଇ ଚଳଚଞ୍ଚଳ ଥିବା କେନ୍ଦେଇପଶି ବଜାର ସନ୍ଧ୍ୟା ହେଲେ ପ୍ରାୟ ବନ୍ଦ ହୋଇ ଯାଉଛି। ଡୁରୁମୁଙ୍ଗା ଥାନା ଖଜିରାପଶି ଗ୍ରାମର ତ୍ରିଲୋଚନ ମହାନ୍ତଙ୍କ ହତ୍ୟାକାଣ୍ଡ କେବଳ ଲୁଟ ପାଇଁ ହୋଇଥିବା କୁହାଯାଉଥିବା ବେଳେ କେନ୍ଦେଇପଶି ବଜାରରେ ତାଙ୍କର ଏକ ଜନସେବା କେନ୍ଦ୍ର ରହିଥିଲା। ସେଦିନ ମଧ୍ୟ ସେ ଦୋକାନ ବନ୍ଦ କରି ପତ୍ନୀ ରହୁଥିବା ପାଟଣା ଥାନା କ୍ୱାର୍ଟର୍ସକୁ ଫେରିବା ସମୟରେ କେନ୍ଦେଇପଶିରେ ଜଣଙ୍କ ଘରକୁ ଯାଇଥିବା କୁହାଯାଉଛି। ପରେ ସେ ପାଟଣା ଥାନାକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି ହନୁମାନ ଛକ ନିକଟରେ ଅଟକାଇ ଲୁଟ ଉଦ୍ୟମ କରୁଥିବା ବେଳେ ଲୁଟରୁ ବର୍ତ୍ତିବା ପାଇଁ ତ୍ରିଲୋଚନଙ୍କ ସହ ଲୁଟେରାଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ତାଙ୍କ ହାତକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ଫାଙ୍କା ଗୁଳିଚାଳନା କରିବା ସହ ତ୍ରିଲୋଚନଙ୍କ ଉପରକୁ ଗୁଳି ମାରି ଅତି ବୀଭତ୍ସ ଭାବରେ ହତ୍ୟା କରି ଲାପଟପ ସହ ଟଙ୍କା ବ୍ୟାଗ ଲୁଟିନେଇଥିଲେ। କିଛି ଦିନ ହେବ ତ୍ରିଲୋଚନଙ୍କ ବ୍ୟାଙ୍କ ଖାତାକୁ ବିପୁଳ ଟଙ୍କା ଆସିଥିଲା। କିଛି ଲୋକ ଆସି ତ୍ରିଲୋଚନଙ୍କୁ ଉକ୍ତ ଟଙ୍କା ମାଗିବା ପର ତ୍ରିଲୋଚନ ଥାନାରେ ଅଭିଯୋଗ କରିବା ନେଇ କହିବାରୁ ସେମାନେ ପଳାଇଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଯାହାକୁ ନେଇ ଏଭଳି ବିଭତ୍ସ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରାଯାଇଛି।

## ଏନ୍‌କ୍ଲୋଜରକୁ ଗଲା ଉଦ୍ଧାର ବାଘ ଛୁଆ

ବାରିପଦା, ୪।୧୦(ସମିସ): କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅନ୍ତର୍ଗତ କପରଖାଇ ଗ୍ରାମରୁ ଗତ ସେପ୍ଟେମ୍ବର ୨୫ ତାରିଖରେ ଉଦ୍ଧାର ହୋଇଥିବା ୮ ମାସର ବାଘ ଛୁଆ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାକୁ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କୋର୍ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାର ପରେ ଠାକୁରମୁଣ୍ଡା ରେଞ୍ଜ କାର୍ଯ୍ୟାଳୟ ପରିସରରେ ପ୍ରାଣୀ ଚିକିତ୍ସକଙ୍କ ତତ୍ତ୍ୱାବଧାନରେ ଏହି ବାଘ ଛୁଆକୁ ଆବଶ୍ୟକ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ସପ୍ଲିମେଣ୍ଟ ପ୍ରଦାନ କରାଯାଇଥିଲା। ଦୀର୍ଘ ୭ ଦିନ ଧରି ଚାଲିଥିବା ଚିକିତ୍ସା ପରେ ଛୁଆଟିର ସ୍ୱାସ୍ଥ୍ୟାବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଘଟିବା ସହ ସେ ବେଶ୍ ଚଳଚଞ୍ଚଳ ହୋଇଉଠିଥିଲା। ପରେ ତା'ର ରକ୍ତ ଓ ମଳ ନମୁନା ଓୟୁଏଟିକୁ ପରୀକ୍ଷା ପାଇଁ ପଠାଯାଇଥିବାବେଳେ ରିପୋର୍ଟ ଅନୁସାରେ ଛୁଆଟି କୌଣସି ରୋଗ କିମ୍ବା ସଂକ୍ରମଣରେ ପୀଡ଼ିତ ନ ଥିବା ସ୍ପଷ୍ଟ ହୋଇଥିଲା। ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ସନ୍ତୋଷଜନକ ଆସିବା ପରେ ଚଳିତ ମାସ ୨ ତାରିଖ ରାତି ପ୍ରାୟ ୯ଟା ସମୟରେ ବାଘ ଛୁଆକୁ ସୁରକ୍ଷିତ ଭାବେ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କୋର୍ ଅଞ୍ଚଳରେ ଥିବା 'ଯମୁନା ଏନକ୍ଲୋଜର' ମଧ୍ୟକୁ ଛଡ଼ାଯାଇଛି। ପ୍ରାକୃତିକ ପରିବେଶ ସହ ଖାପ ଖୁଆଇବା ପାଇଁ ତାକୁ ବର୍ତ୍ତମାନ ଏହି ଏନକ୍ଲୋଜରରେ ରଖାଯାଇଛି। ସେଠାରେ ସେ ସମ୍ପୂର୍ଣ୍ଣ ସକ୍ରିୟ ରହି ବୁଲାବୁଲି କରୁଥିବା ଜଣାପଡ଼ିଛି। ଏନକ୍ଲୋଜର ମଧ୍ୟରେ ତା'ର ଜଙ୍ଗଲୀ ସ୍ୱଭାବ ଓ ପୁନର୍ବାସ ପ୍ରକ୍ରିୟାର ଅଗ୍ରଗତିକୁ ନିରୀକ୍ଷଣ କରାଯିବା ପରେ ପରବର୍ତ୍ତୀ ସମୟରେ ତାକୁ ସମ୍ପୂର୍ଣ୍ଣ ମୁକ୍ତ ଜଙ୍ଗଲକୁ ଛାଡ଼ିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚାନ୍ଦ ଗୋଗନାନୀ ସୂଚନା ଦେଇଛନ୍ତି।



ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ

## ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର

ଆନନ୍ଦପୁର, ୪।୧୦ (ସମିସ): ଛତୁ ତୋଳିବାକୁ ଜଙ୍ଗଲକୁ ଯାଇଥିବା ସମୟରେ ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର ହୋଇ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ବୃଦ୍ଧା ଜଣକ ହେଲେ ଘସିପୁରା ବ୍ଲକ୍ ଦରଡିପାଳ ପଞ୍ଚାୟତ ଦୁବୁଲାହୁଡି ଗାଁର ଗୋପୀନାଥ କୁଲଡିଙ୍କ ପତ୍ନୀ ସୋମବାରୀ। ଜଙ୍ଗଲରୁ ଫେରିବା ସମୟରେ ଗାଁ ନିକଟରେ ଏକ ବିରାଟକାୟ ଭାଲୁ ଅନ୍ୟ ଜଣଙ୍କୁ ଗୋଡ଼ାଉଥିଲା। ସେ ପଳାଇଯାଇଥିବା ବେଳେ ଭାଲୁଟି ସୋମବାରୀଙ୍କ ଉପରେ ଝାମ୍ପ ମାରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆନନ୍ଦପୁର ଓ ପରେ କଟକ ଡାକ୍ତରଖାନା ପଠାଯାଇଛି।

## ମହିଳାଙ୍କ ଉପରେ ଚଢ଼ିଗଲା ଟ୍ରକ୍

ଡୁରୁମୁଙ୍ଗା, ୪।୧୦(ସମିସ): କେନ୍ଦୁଝର ଜିଲ୍ଲା ଡୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଚିଲିଦା ନିକଟ ଏବିସିଡିଆଇ ଉଚ୍ଚବିଦ୍ୟାଳୟ ସମ୍ମୁଖରେ ରବିବାର ସନ୍ଧ୍ୟାରେ ଅଜଣା ଟ୍ରକ ଧକ୍କାରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳା ଜଣଙ୍କ ରାସ୍ତା ପାରି ହେଉଥିବା ସମୟରେ ଟ୍ରକ ତାଙ୍କୁ ଧକ୍କା ଦେଇ ଉପରେ ଚଢି ଯାଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଫେରାର ଥିବାବେଳେ ଘଟଣାସ୍ଥଳରେ ଡୁରୁମୁଙ୍ଗା ଥାନା ଏସଆଇ ସୁରେଶ ସାହୁ ପହଞ୍ଚି ଏନଏଚଆଇ ଆମ୍ବୁଲାନ୍ସରେ ମୃତଦେହକୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଥିଲେ। ମୃତ ମହିଳାଙ୍କ ପରିଚୟ ମିଳି ନଥିବା ବେଳେ ମହିଳା ଜଣଙ୍କ କିଛିଦିନ ହେବ ଉକ୍ତ ଅଞ୍ଚଳରେ ଘୂରି ବୁଲୁଥିଲେ।

## କେନାଲରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବେତନଟୀ,୪।୧୦(ସମିସ): ମୟୁରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ଧବନିଶୋଳ ଗ୍ରାମର ଜଣେ ବୃଦ୍ଧ ରବିବାର ଦିନ ଘରଠାରୁ ଦୁଇଶହ ମିଟର ଦୂର ସୁବର୍ଣ୍ଣରେଖା କେନାଲରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। କ୍ଷେତ୍ରମୋହନ ମହାନ୍ତ (୮୦) ରବିବାର ସକାଳେ ଘରପାଖ କେନାଲକୁ ଶୌଚ ପାଇଁ ଯାଇ ଦୀର୍ଘସମୟ ଘରକୁ ଫେରି ନ ଥିଲେ। ପରିବାର ଲୋକ କେନାଲରେ ବୁଡ଼ିଯାଇଥିବା କଥା ଜାଣି ବେତନଟୀ ଅଗ୍ନିଶମ ଅଧିକାରୀଙ୍କୁ ଜଣାଇଥିଲେ। ବେତନଟୀ ଅଗ୍ନିଶମ କର୍ମଚାରୀ ପହଞ୍ଚି କେନାଲରୁ ମୃତ ଦେହ ଉଦ୍ଧାର କରିଥିଲେ। ବେତନଟୀ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## କୋଲିମାଟିରେ ନିଶାମୁକ୍ତି ଅଭିଯାନ

ଆନନ୍ଦପୁର, ୪।୧୦ (ସମିସ): ଘସିପୁରା ନିର୍ବାଚନମଣ୍ଡଳୀ ବୈତରଣୀ ମଣ୍ଡଳ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ କୋଲିମାଟି ରଣାସାହିରେ ବରିଷ୍ଠ ନେତା ଡ଼ଃ ଶମ୍ଭୁନାଥ ରାଉତଙ୍କ ସଂଯୋଜନାରେ ବିକଶିତ ଭାରତ ସେବା ସଂକଳ୍ପ କାର୍ଯ୍ୟକ୍ରମ ନିଶାମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଅଭିଯାନ ମାଧ୍ୟମରେ ରକ୍ତଦାନ, ବୃକ୍ଷ ରୋପଣ, ସ୍ୱଚ୍ଛତା, ଆଙ୍ଗନ ଉତ୍ସବ, ସୈନିକ ବନ୍ଦନ, ନିଶାମୁକ୍ତ ଭାରତ ଭଳି ୨୫ଟି ଉତ୍ସବ ପାଳନ ପାଇଁ ସେ ସମ୍ବୋଧିତ କରିବା ସହ କୋଲିମାଟି ରଣାସାହିର ଘରକୁ ଘର ବୁଲି ପ୍ରତି ପରିବାରକୁ ସଚେତନ କରାଇଥିଲେ। ପରେ ପରେ ସମସ୍ତ ମା' ଭଉଣୀଙ୍କୁ ଏକତ୍ରିତ କରି ନିଶାମୁକ୍ତ ସମାଜ ଗଠନରେ ମାତୃଶକ୍ତିର ଭୂମିକାକୁ ଡ଼ଃ ରାଉତ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ନାଏକ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ବିଜେପିନେତା ଦଶରଥ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳ ସଭାପତି ମନମୋହନ ପାତ୍ର ପରିଚାଳନା କରିଥିବା ବେଳେ ମଣ୍ଡଳର ସମସ୍ତ ପଦାଧିକାରୀ ହରିହର ସାହୁ, ଅଜିତ୍ ପୃଷ୍ଟି, ସୁଦର୍ଶନ ମହାନ୍ତ, ସଞ୍ଜିତ ମହାରଣା, ଗୟାଧର ମାଝୀ, ଚିତ୍ତରଞ୍ଜନ ପାଲ, ରମେଶ ସାହୁ, ବୀଣାପାଣି ରଣା, କୁନ୍ତଳା ରଣା, ବାସନ୍ତୀ ନାଏକ, କାମିନୀ ନାଏକ, ଯମୁନା ମୋଦି, ଗୀତାଞ୍ଜଳି ମୋଦି ସମେତ ଶତାଧିକ ପୁରୁଷ ମହିଳା ଯୋଗ ଦେଇଥିଲେ।

## କୁଡୁମୀ ସେନାର ପ୍ରସ୍ତୁତି ବୈଠକ



ସାରସକଣା,୪।୧୦(ସମିସ):ସାରସକଣା ବ୍ଲକ କୁଡୁମୀ ସେନା ପ୍ରଥମ ପ୍ରସ୍ତୁତି ବୈଠକ ସ୍ଥାନୀୟ ଅକ୍ସଫୋର୍ଡ କୋଚିଂ ସେଣ୍ଟର ବମ୍ବେ ଛକରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନଭେମ୍ବର ୧୫ ତାରିଖ ରବିବାର ଅନୁଷ୍ଠିତ ହେବାକୁ ଥିବା ସଂସ୍କୃତି ବଞ୍ଚାଓ ଅଭିଯାନ, ଗୋରୁ ଖୁଣ୍ଟା, ଢେଙ୍ଗୁଆନ, ପାନ୍ତା ଝୁମର ପ୍ରତିଯୋଗିତା ଓ ଝୁମର ମେଲୋଡି ଆୟୋଜନକୁ ଶୃଙ୍ଖଳିତ ପରିଚାଳନା କରାଯିବା ନେଇ ଆଜି କୁଡୁମୀ ସେନାର ଉପସ୍ଥିତ କର୍ମୀ ଆଲୋଚନା କରିଥିଲେ। ବୈଠକରେ ବିଶ୍ୱନାଥ ମହାନ୍ତ, ସାଇରମ ମହାନ୍ତ, ଶୀତେଶ ମହାନ୍ତ, ବ୍ଲକ ସଭାପତି କାହ୍ନୁ ମହାନ୍ତ, ଅଜିତ ମହାନ୍ତ, କୁବେର ମହାନ୍ତ, ସଞ୍ଜୟ ମହାନ୍ତ, ପପୁ ମହାନ୍ତ ଓ ମହିଳା ସେନା ସଭାପତି ଗୀତାଞ୍ଜଳି ମହାନ୍ତ, ଅହଲ୍ୟା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ଅମ୍ବିକାଙ୍କ ପୀଠ ପୁନରୁଦ୍ଧାର ନେଇ ମନ୍ତ୍ରୀଙ୍କ ସମୀକ୍ଷା



ଉଦଳା, ୪।୧୦ (ସମିସ): ଲଗାଣ ବର୍ଷା ଯୋଗୁଁ ପ୍ରସିଦ୍ଧ ଶକ୍ତିପୀଠ ତଥା ପର୍ଯ୍ୟଟନସ୍ଥଳୀ ଦେବକୁଣ୍ଡରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ମା' ଅମ୍ବିକାଙ୍କ ମନ୍ଦିର ପାଚେରି ସହ ଦୁଇଟି ପୋଲ ଭାଙ୍ଗିଯିବାରୁ ଏହା ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିଛି। ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଉଦଳା ବିଧାୟକ ଭାସ୍କର ମଢ଼େଇ ଓ ଜିଲ୍ଲାପାଳ କ୍ଷୟକ୍ଷତି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆଗକୁ ଦୁର୍ଗାପୂଜା ଓ ପର୍ଯ୍ୟଟନ ଋତୁ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବ। ପ୍ରାଥମିକ ଭାବେ ଭଙ୍ଗା ପୋଲ ମରାମତି କରି ମନ୍ଦିର ନିର୍ମାଣ ସାମଗ୍ରୀ ପରିବହନ ସୁନିଶ୍ଚିତ କରାଯିବା ସହ ପର୍ଯ୍ୟଟନ ଋତୁ ପୂର୍ବରୁ ସ୍ଥିତି ସ୍ୱାଭାବିକ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାସହ ଖୁବଶୀଘ୍ର ଦେବକୁଣ୍ଡର ନବକଳେବର ହେବ ବୋଲି ବିଧାୟକ ପ୍ରକାଶ କରିଛନ୍ତି। ପରେ ପ୍ରଶାସନ, ବନ ବିଭାଗ ଓ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।

## ପ୍ରଫୁଲ୍ଲ ରାଷ୍ଟ୍ରୀୟ ଏସ୍‌ସି, ଏସ୍‌ଟି ଓ ଓବିସି ମୋର୍ଚ୍ଚାର ଜିଲ୍ଲା ସଭାପତି



ରାସଗୋବିନ୍ଦପୁର, ୪।୧୦(ସମିସ): ରାଷ୍ଟ୍ରୀୟ ଏସ୍‌ସି, ଏସ୍‌ଟି ଓ ଓବିସି ସଂଯୁକ୍ତ ମୋର୍ଚ୍ଚାର ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବେ ପ୍ରଫୁଲ୍ଲ କୁମାର ଦଲେଇ ମନୋନୀତ ହୋଇଛନ୍ତି। ଭୁବନେଶ୍ୱର ଭିଆଇପି କଲୋନୀସ୍ଥ କୈବର୍ତ୍ତ ଭବନରେ ରବିବାର ଅନୁଷ୍ଠିତ ବୈଠକରେ ତାଙ୍କ ନାମ ଘୋଷଣା କରାଯାଇଛି। ରାଷ୍ଟ୍ରୀୟ ଉପାଧ୍ୟକ୍ଷ ପ୍ରହଲ୍ଲାଦ ବେହେରାଙ୍କ ନିର୍ଦ୍ଦେଶ ଓ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁଧୀର ଖଣ୍ଡାଙ୍କ ଅନୁମୋଦନକ୍ରମେ ରାଜ୍ୟ ସାଧାରଣ ସମ୍ପାଦକ ଦିଲ୍ଲୀପ ବେହେରା ତାଙ୍କ ନାମ ଘୋଷଣା କରିଥିଲେ। ନୂତନ ଦାୟିତ୍ୱ ପାଇବା ପରେ ଶ୍ରୀ ଦଲେଇ ମୟୂରଭଞ୍ଜର ଦଳିତ, ଆଦିବାସୀ ଓ ପଛୁଆ ବର୍ଗଙ୍କୁ ଏକତ୍ରିତ କରି ସେମାନଙ୍କ ସାମାଜିକ ଓ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି।

## ମହିଳାଙ୍କ ଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

### ହତ୍ୟା ଅଭିଯୋଗରେ ଜଣେ ଅଟକ

ଯଶିପୁର, ୪।୧୦(ସମିସ): ଯଶିପୁର ଥାନା ଅନ୍ତର୍ଗତ ବାଉଁଶନାଳୀ ଗ୍ରାମରେ ଜଣେ ମହିଳାଙ୍କ ଘରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ବଡ଼ପାହାଡ଼ ଗ୍ରାମର ମହେନ୍ଦ୍ର ନାଥ ମହାନ୍ତ। ତେବେ ହତ୍ୟା ଅଭିଯୋଗକୁ ଜଣଙ୍କୁ ଅଟକ ରଖାଯାଇଛି। ଗତକାଲି ସନ୍ଧ୍ୟାରେ ମହେନ୍ଦ୍ର ନିଖୋଜ ଥିବା ନେଇ ତାଙ୍କ ପତ୍ନୀ ପୁଷ୍ପଲତା ମହାନ୍ତ ଥାନାରେ ଅଭିଯୋଗ କରିଥିଲେ। ଆଜି ସକାଳେ ବାଉଁଶନାଳୀ ଗ୍ରାମର ମାଳତୀ ଲୋହାର (୫୨) ନାମକ ଜଣେ ମହିଳାଙ୍କ ଘରୁ ତାଙ୍କ ମୃତଦେହ ମିଳିଥିଲା। ପୁଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ପଚରାଉଚରା ବେଳେ ମାଳତୀ ହତ୍ୟା କରିଥିବା ସ୍ୱୀକାର କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଯଶିପୁର ଥାନାରେ ଏ ନେଇ ଏକ ମାମଲା ରୁଜୁ ହୋଇ ହତ୍ୟାର କାରଣ ଓ ଅନ୍ୟାନ୍ୟ ଦିଗ ଉପରେ ଅଧିକ ତଦନ୍ତ ଚାଲିଛି।

## ୮ରେ ଓଡ଼ିଆ ବନ୍ଦ ପାଇଁ କଂଗ୍ରେସର ପ୍ରସ୍ତୁତି



ସାରସକଣା,୪।୧୦(ସମିସ): ୮ ତାରିଖ ଗୁରୁବାର ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ସାରସକଣା ବ୍ଲକ କଂଗ୍ରେସ ପକ୍ଷରୁ ଝାରପୋଖରିଆସ୍ଥ ଅଫିସ ଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏମ୍‌ଏମ୍‌ଡିଆର୍ ଆକ୍ଟ ପ୍ରତ୍ୟାହାର ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ଦଳ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସାରସକଣା ଅଞ୍ଚଳରେ ସଫଳ କରିବା ନେଇ ବୈଠକରେ ଆଲୋଚନା ହୋଇଛି। ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା, ବ୍ଲକ ସଭାପତି ତରୁଣ ଗିରି, ସମ୍ପାଦକ ଦୀପକ ଦାସ, କର୍ମକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ। ବନ୍ଦ ପାଳନ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବାଇକ୍ ଉପରେ ଚଢ଼ିଗଲା କାର୍: ଯୁବକ ଗୁରୁତର



ରାଇରଙ୍ଗପୁର, ୪।୧୦(ସମିସ): ମେଡିକାଲ ଛକ ନିକଟରେ ଆଜି ଏକ କାର୍ ଚଳନ୍ତା ବାଇକ୍ ଉପରକୁ ମାଡ଼ିଯିବାରୁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଯୁବକ ଜଣକ ରାଇରଙ୍ଗପୁର ଥାନା ଅନ୍ତର୍ଗତ ଗଡ଼ ଗ୍ରାମର ସୁମନ ସାହୁ। ସେ ବାଇକ୍‌ରେ ମେଡିକାଲ ଛକ ଅତିକ୍ରମ କରୁଥିବାବେଳେ ପଛପଟୁ ଆସୁଥିବା କାର୍ ଭାରସାମ୍ୟ ହରାଇ ଚଢ଼ିଯାଇଥିଲା। ସୁମନଙ୍କ ଡାହାଣ ଗୋଡ଼ ଓ କଲାର ବୋନ୍ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକ ତୁରନ୍ତ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଟାଉନ ଥାନା ପୁଲିସ ପହଞ୍ଚି ଉଭୟ କାର୍ ଓ ବାଇକକୁ ଜବତ କରିଛି।

## ମୋବାଇଲ ଲିଙ୍କରୁ ୬୩ ହଜାର ଠକେଇ

ବାରିପଦା, ୪।୧୦(ସମିସ): ମୋବାଇଲରେ ଅଜଣା ଲିଙ୍କ୍ କ୍ଲିକ୍ କରି ସାଇବର ଠକଙ୍କ ଜାଲରେ ଫସି ଜଣେ ଯୁବକ ୬୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହରାଇଛନ୍ତି। ଏ ନେଇ ବାରିପଦା ସଦର ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସଦର ଥାନା ଅଧୀନ ଦାମୋଦରପୁର ଗ୍ରାମର ସୁଧାକର ମହାନ୍ତିଙ୍କ ପୁଅ ତପନଙ୍କ ମୋବାଇଲ ଫୋନକୁ ୨ ତାରିଖ ସନ୍ଧ୍ୟାରେ ଏକ ମେସେଜ୍ ଆସିଥିଲା। ସେଥିରେ ୩୯ ହଜାର ୪୦୦ ଟଙ୍କା ପାଇବା ନିମନ୍ତେ ଏକ ଲିଙ୍କ୍ ଉଲ୍ଲେଖ ଥିଲା। ତପନ ଉକ୍ତ ଲିଙ୍କରେ କ୍ଲିକ୍ କରିବା କ୍ଷଣି ଟଙ୍କା ମିଳିବା ବଦଳରେ ତାଙ୍କ ବ୍ୟାଙ୍କ ଖାତାରୁ ସେତିକି ପରିମାଣର (୩୯,୪୦୦ ଟଙ୍କା) ଟଙ୍କା କଟିଯାଇଥିଲା। କଟିଥିବା ଟଙ୍କା ଫେରିପାଇବା ଆଶାରେ ସେ ଯୋଗାଯୋଗ କରିବାରୁ ସାଇବର ଠକ ତାଙ୍କୁ ଏକ କ୍ୟୁଆର୍ କୋଡ୍ ସ୍କାନ୍ କରିବାକୁ କହିଥିଲେ। ଟଙ୍କା ଫେରିବା ବଦଳରେ ପର୍ଯ୍ୟାୟକ୍ରମେ ଆଉ ୧୦ ହଜାର ଓ ୧୪ ହଜାର ଟଙ୍କା କଟିଯାଇଥିଲା। ସେ ମୋଟ ୬୩ ହଜାର ୪୦୦ ଟଙ୍କା ଠକେଇର ଶିକାର ହୋଇଥିଲେ। ତପନ ସଦର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଆଇଆଇସି ସସ୍ମିତା ମହାନ୍ତ ସୂଚନା ଦେଇଛନ୍ତି।

## ୨ ବାଲି ବୋଝେଇ ଟ୍ରାକ୍ଟର ଜବତ

ବାରିପଦା, ୪।୧୦(ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ଟିକରପଡ଼ା ଅଞ୍ଚଳରେ ଚଢ଼ଉ କରି ପୁଲିସ ଦୁଇଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ବୁଢ଼ାବଳଙ୍ଗ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ କରାଯାଉଥିବାବେଳେ ପୁଲିସ ପାଟ୍ରୋଲିଂ ଟିମ୍ ଏହାକୁ ଅଟକାଇଥିଲା। ଗାଡ଼ି ଚାଳକ କୌଣସି ବୈଧ କାଗଜପତ୍ର ଦେଖାଇ ନପାରିବାରୁ ପୁଲିସ ଟ୍ରାକ୍ଟର ଦୁଇଟିକୁ ଜବତ କରି ଥାନାକୁ ଆଣିବା ସହ ଏକ ନିର୍ଦ୍ଦିଷ୍ଟ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମା' କନକ ଦୁର୍ଗାଙ୍କ କଳସ ଶୋଭାଯାତ୍ରା

କୁଆମରା,୪।୧୦(ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦାଠାରେ ମା' କନକ ଦୁର୍ଗାଙ୍କ ପୀଠରେ ୩୩ ବର୍ଷରେ ପଦାର୍ପଣ କରିବ ପୂଜା। ଏ ଅବସରରେ ମୂଳାଷ୍ଟମୀରେ ପ୍ରତିବର୍ଷ ଭଳି ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର ଦୁଇ ସପ୍ତାହ ପୂର୍ବରୁ ଆଜି ସ୍ଥାନୀୟ ପୋଖରୀରୁ ଏକ କଳସ ଶୋଭାଯାତ୍ରା ଗ୍ରାମ ଓ ବଜାର ପରିକ୍ରମା କରିବା ପରେ ମା'ଙ୍କ ପୀଠରେ ପହଞ୍ଚି ଥିଲା। କଳସ ଶୋଭାଯାତ୍ରାରେ ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଏହି ଶକ୍ତି ପୀଠରେ ଆଜିଠାରୁ ପୂଜା ଆରମ୍ଭ ହୋଇଛି। ନବରାତ୍ର ପୂଜାରେ ମା'ଙ୍କ ଦର୍ଶନ ଲାଭ କରିବେ ଭକ୍ତ। ଆଜି ବିଭିନ୍ନ ପ୍ରାନ୍ତରରୁ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ମନୋଜ ମିଶ୍ର, କିଶୋର ମହାପାତ୍ର, ରଶ୍ମିରଞ୍ଜନ ହୋତା ପ୍ରମୁଖଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କମିଟି ସଭାପତି ସଞ୍ଜୀବ ବେହେରା, ସମ୍ପାଦକ ଜ୍ଞାନରଞ୍ଜନ ମହାନ୍ତି, ସେବକ ହରେକୃଷ୍ଣ ସାହୁ, ଅଙ୍ଗୁ ବେହେରା, ମହେନ୍ଦ୍ର ସାହୁ, ସୁଦର୍ଶନ ବେହେରା, ଅରବିନ୍ଦ ବେହେରା, ଜୟଦେବ ପାତ୍ର ପ୍ରମୁଖ ସାମିଲ ଥିଲେ।

## ତ୍ରିଶିକାର ଚିକିତ୍ସା ପାଇଁ ରାଇରଙ୍ଗପୁର ବ୍ଲକ କର୍ମଚାରୀଙ୍କ କ୍ରାଉଡ୍ ଫଣ୍ଡିଂ



ରାଇରଙ୍ଗପୁର, ୪।୧୦(ସମିସ): ଏସଏମଏ ଟାଇପ-୨ ରୋଗରେ ପୀଡ଼ିତ ଶିଶୁକନ୍ୟା ତ୍ରିଶିକାର ଚିକିତ୍ସା ନିମନ୍ତେ ଆଗେଇ ଆସିଛନ୍ତି ରାଇରଙ୍ଗପୁର ବ୍ଲକ କର୍ମଚାରୀ। ଏହି ଚିକିତ୍ସା ପାଇଁ ବ୍ୟୟବହୁଳ ଇଞ୍ଜେକ୍ସନ ଆବଶ୍ୟକ ଥିବାବେଳେ କର୍ମଚାରୀ ହାତରେ ଦାନ ବାକ୍ସ ଧରି ସହରର ବିଭିନ୍ନ ଛକ, ବଜାର ଓ ଦୋକାନ ବୁଲି କ୍ରାଉଡ୍ ଫଣ୍ଡିଂ ଜରିଆରେ ଅର୍ଥ ସଂଗ୍ରହ କରୁଛନ୍ତି। ଅନ୍ୟପକ୍ଷରେ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କିଛି ଅସାଧୁ ବ୍ୟକ୍ତି ସୋସିଆଲ ମିଡିଆରେ ନକଲି ଆକାଉଣ୍ଟ ଜରିଆରେ ଠକେଇ କରୁଥିବାରୁ ଜନସାଧାରଣ ସତର୍କ ରହିବା ସହ ସଠିକ ମାଧ୍ୟମ ଯାଞ୍ଚ କରି ସହାୟତା ଦେବାକୁ କର୍ମଚାରୀ ନିବେଦନ କରିଛନ୍ତି।

# ବାରିପଦା କଳାକାର ପରିବାରର ସାଧାରଣ ପରିଷଦ ବୈଠକ

ବାରିପଦା, ୪।୧୦(ସମିସ)

ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାରର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପସଭାପତି ଡ. ପ୍ରକାଶ ଦାଶ ଓ କୋଷାଧ୍ୟକ୍ଷ ରଣଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନିକଟରେ ସମ୍ପନ୍ନ ହୋଇଥିବା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବରେ ସଦସ୍ୟଙ୍କ ଭୂମିକାକୁ ପ୍ରଶଂସା କରାଯିବା ସହ ଅଞ୍ଚଳରେ ନାଟ୍ୟ ଆନ୍ଦୋଳନକୁ ଆହୁରି ସକ୍ରିୟ ଓ ଗତିଶୀଳ କରିବା ଉପରେ ବୈଠକରେ ଆଲୋକପାତ କରାଯାଇଥିଲା। ବୈଠକରେ ଡ କୁମାରମଣି ନାୟକ, ଯୁଗ୍ମସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା, ପ୍ରୟାସ ଶତପଥୀ, ଚିନ୍ମୟ ଦାସପଟ୍ଟନାୟକ, ୭୫ ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢ଼ୀ, ଅଭିନେତ୍ରୀ ଦୀପ୍ତିସ୍ମିତା ସାହୁ ପ୍ରମୁଖ ଜାତୀୟ ନାଟ୍ୟ ମହୋତ୍ସବର ଅନୁଭୂତି ଓ ଭବିଷ୍ୟତର ନାଟ୍ୟଚର୍ଚ୍ଚା ସମ୍ପର୍କରେ ମତ ରଖିଥିଲେ। ବାରିପଦାରେ ନୂତନ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ଓ ଅଭିନେତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଦେବାକୁ ସଂଗଠନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

ଏ ଅବସରରେ ବାରିପଦା ନାଟ୍ୟ ଜଗତର ବରିଷ୍ଠ ଅଭିନେତା, ନିର୍ଦ୍ଦେଶକ ତଥା ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବର ସଂଯୋଜକ ଚିନ୍ମୟ କୁମାର ଦାସପଟ୍ଟନାୟକଙ୍କୁ ମର୍ଯ୍ୟାଦାଜନକ ''ବାରିପଦା କଳାକାର ପରିବାର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହିତ ''ଶେଷରେ ଧର୍ମ କହିଲା' ନାଟକର ସଫଳ ପ୍ରଯୋଜନା ପାଇଁ ''ଯୁଗେଚ୍ଛା ନାଟ୍ୟ ସଂସ୍ଥା'ର ନିର୍ଦ୍ଦେଶକ ସନ୍ତୋଷ ମହାନ୍ତି ଓ 'ସୁରେନ୍ଦ୍ର ସାଏଙ୍କ ନିଶା' ନାଟକ ପାଇଁ ''ତାପରେ ଆମେ' ନାଟ୍ୟ ସଂସ୍ଥାର ନିର୍ଦ୍ଦେଶକ ପ୍ରୟାସ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦୁଇ ପ୍ରମୁଖ ନାଟ୍ୟ ସଂସ୍ଥା ବାରିପଦା କଳାକାର ପରିବାରର ଅଂଶୀଦାର ସଦସ୍ୟ ଭାବେ ଯୋଗଦେବା ପ୍ରସ୍ତାବକୁ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ଏହି ସଭାରେ ଅଭିନେତା କୁନ୍ଦନ ଲାଲ ଭଞ୍ଜ, ବ୍ରଜେନ୍ଦ୍ର ରାଉତ, ଜଗଦୀଶ ଚନ୍ଦ୍ର ଦାଶ, ଅଶୋକ ପଟ୍ଟନାୟକ, ଗୁହିରାମ ଜେନା, ଅଜୟ ପରିଡ଼ା, ପ୍ରଦୀପ ପାଣିଗ୍ରାହୀ, ରାକେଶ ମଲ୍ଲିକ, ସର୍ବତୋଷ ଦାଶ, ଅମିତ ଦେବଦର୍ଶୀ ଓ ରାଜନନ୍ଦିନୀ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ। ଯୁଗ୍ମସମ୍ପାଦକ ଜ୍ଞାନରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ବରିଷ୍ଠ ନାଟ୍ୟଶିଳ୍ପୀ ଚିନ୍ମୟ ଦାସପଟ୍ଟନାୟକ ସମ୍ମାନିତ



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ମିଥୁନ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**ଧନୁ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମକର:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**ମୀନ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟ ଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

## ଆଜିର ଇତିହାସ

- ୧୯୧୫- ବୁଲ୍‌ଗେରିଆ ପ୍ରଥମ ବିଶ୍ୱଯୁଦ୍ଧରେ ଅଂଶଗ୍ରହଣ କଲା।
- ୧୯୪୪- ଫ୍ରାନ୍ସରେ ମହିଳାମାନଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୪୬- ପ୍ରଥମ କାନ୍ ଫିଲ୍ମ ସମାରୋହର ସମାପନ।
- ୧୯୬୨- ଜେମସ୍ ବଣ୍ଡ ସିରିଜ୍‌ର ପ୍ରଥମ ଫିଲ୍ମ 'ଡକ୍ଟର ନୋ' ରିଲିଜ୍ ହେଲା।
- ୧୯୮୯- ମୀରା ସାହିବ ଫାତିମା ବିବି ସୁପ୍ରିମ୍‌କୋର୍ଟର ପ୍ରଥମ ମହିଳା ବିଚାରପତି ହେଲେ।
- ୨୦୧୧- ଭାରତରେ ବିଶ୍ୱର ସବୁଠୁ ଶସ୍ତା ଟାବଲେଟ୍ ପିସି 'ଆକାଶ' ଜାରି କରାଗଲା।



## ୩୦୦ କୋଟିର ମହାଡିଲ୍

# ରିଲିଜ୍ ପୂର୍ବରୁ ଇତିହାସ ରଚିଲା 'ଲଭ୍ ଆଣ୍ଡ ୱାର୍'

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଂସାଲୀଙ୍କ ଆଗାମୀ ମେଗା ପ୍ରୋଜେକ୍ଟ 'ଲଭ୍ ଆଣ୍ଡ ୱାର୍'କୁ ନେଇ ସାରା ଦେଶରେ ଚର୍ଚ୍ଚା ଜୋର୍ ଧରିଛି। ଫିଲ୍ମଟି ରିଲିଜ୍ ହେବା ପୂର୍ବରୁ ହିଁ ବକ୍ସ ଅଫିସ୍‌ରେ ବଡ଼ ଧମାକା କରି ସାରିଲାଣି। ଏହି ଚଳଚ୍ଚିତ୍ରର ବିଶ୍ୱବ୍ୟାପି ଥିଏଟ୍ରିକାଲ ରାଇଟ୍‌ସ ବେଶ୍ ମୋଟା ଅଙ୍କରେ ବିକ୍ରି ହୋଇଥିବା ଜଣାପଡ଼ିଛି। 'ଲଭ୍ ଆଣ୍ଡ ୱାର୍'ର ଥିଏଟ୍ରିକାଲ୍ ରାଇଟ୍‌ସକୁ ଜଣାଶୁଣା ବିତରକ ସଂସ୍ଥା 'ପେନ୍ ମରୁଧର' ୩୦୦ କୋଟି ଟଙ୍କାରେ କିଣିଛି। ଏହି ଅଧିକାର ହାସଲ କରିବା ପାଇଁ ଭାରତୀୟ ସିନେମା ଜଗତର ବଡ଼ ବଡ଼ ବ୍ୟାନର ଯଥା ଧର୍ମା ପ୍ରଡକ୍ସନ୍ସ ଏବଂ ଜିଓ ଷ୍ଟୁଡିଓ ମଧ୍ୟରେ ଜୋରଦାର ଟକ୍କର ଚାଲିଥିଲା। ଶେଷରେ 'ପେନ୍ ମରୁଧର' ଏହି ଡିଲ୍‌କୁ ନିଜ ନାମରେ କରିବାରେ ସଫଳ ହୋଇଛି। ରିଲିଜ୍ ପୂର୍ବରୁ କୌଣସି ଫିଲ୍ମ ପାଇଁ ଏତେ ବଡ଼ ରାଶି ମିଳିବା ବଲିଉଡ୍‌ରେ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ତେବେ ଏହି ଚଳଚ୍ଚିତ୍ର ପ୍ରତି ଦର୍ଶକ ଏବଂ ବିତରକମାନଙ୍କର ଏତେ ଆଗ୍ରହ ରହିବାର ସବୁଠାରୁ ବଡ଼ କାରଣ ହେଉଛି ଏହାର ଷ୍ଟାରକାଷ୍ଟ। ପ୍ରଥମ ଥର ପାଇଁ ବଲିଉଡର ତିନିଜଣ ପ୍ରତିଭାବାନ୍ କଳାକାର-(ରଣବୀର କପୁର, ଆଲିଆ ଭଟ୍ଟ ଏବଂ ଭିକ୍କି କୌଶଲ) ଏକାଠି ପରଦାରେ ନଜର ଆସିବେ। ଫିଲ୍ମର କାହାଣୀ ଦୁଇଜଣ ସେନା ଅଧିକାରୀ ଏବଂ ଜଣେ ମହିଳାଙ୍କ ମଧ୍ୟରେ ଥିବା ଏକ ଜଟିଳ ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ। ନିକଟରେ ସେଟ୍‌ରୁ ଲିକ୍ ହୋଇଥିବା ରଣବୀର ଓ ଭିକ୍କିଙ୍କ ଏୟାରଫୋର୍ସ ୟୁନିଫର୍ମର ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ହିନ୍ଦୀ ବ୍ୟତୀତ ଏହି ସିନେମା ତାମିଲ ଏବଂ ତେଲୁଗୁ ଭାଷାରେ ମଧ୍ୟ ମୁକ୍ତିଲାଭ କରିବ। ଫିଲ୍ମର ନନ୍-ଥିଏଟ୍ରିକାଲ ରାଇଟ୍‌ସ ମଧ୍ୟ ପୂର୍ବରୁ ୨୦୦ କୋଟିରୁ ଅଧିକ ଟଙ୍କାରେ ବିକ୍ରି ହୋଇସାରିଛି। ବର୍ତ୍ତମାନ ଥିଏଟ୍ରିକାଲ୍ ରାଇଟ୍‌ସ ୩୦୦ କୋଟି ଛୁଇଁବା ପରେ, ଟ୍ରେଡ୍ ଆନାଲିଷ୍ଟଙ୍କ ମତରେ ଏହି ଫିଲ୍ମଟି ୨୦୨୭ ଜାନୁଆରୀରେ ରିଲିଜ୍ ହେବା ମାତ୍ରେ ପ୍ରଥମ ଦିନରେ ୧୦୦ କୋଟିରୁ ଅଧିକ ଓପନିଂ କରିବାର ସମ୍ପୂର୍ଣ୍ଣ ସମ୍ଭାବନା ରଖୁଛି।



# କଫି ପିଇବା ପରେ ଔଷଧ ଖାଉଥିଲେ...

ଅନେକଙ୍କର ସକାଳର ଆରମ୍ଭ ଏକ ଗରମ ଚା' କିମ୍ବା କଫିରୁ ହୋଇଥାଏ। ଶରୀରକୁ ସତେଜ ରଖିବା ପାଇଁ ଏହା ଯେତିକି ଜରୁରୀ, ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ନିଜକୁ ସୁସ୍ଥ ରଖିବା ପାଇଁ ସକାଳୁ ସକାଳୁ ବିଭିନ୍ନ ଭିଟାମିନ୍ ଓ ଆଇରନ୍ ବଟିକା ଖାଇବା ମଧ୍ୟ ସେତିକି ଅଭ୍ୟାସରେ ପରିଣତ ହେଲାଣି। ଆଜିକାଲି ଅନେକ ଲୋକ କଫି ପିଇବାର ମାତ୍ର କିଛି ମିନିଟ୍ ପରେ କିମ୍ବା କଫି ସହିତ ହିଁ ନିଜର ଆଇରନ୍, କ୍ୟାଲସିୟମ୍ କିମ୍ବା ଭିଟାମିନ୍ ଡି' ଔଷଧ ଖାଇଦିଅନ୍ତି। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଏଭଳି ଅଭ୍ୟାସ ଯୋଗୁଁ ମଲ୍ଟିଭିଟାମିନ୍ ଔଷଧର କୌଣସି ଲାଭ ଶରୀରକୁ ମିଳେନାହିଁ। କଫିରେ କେବଳ କେଫିନ୍ ନ ଥାଏ, ଏହା ସହିତ 'ଟାନିନ୍'ଏବଂ 'ପଲିଫେନୋଲ୍' ଭଳି ସକ୍ରିୟ ଉପାଦାନ ଥାଏ। ଯେତେବେଳେ ଜଣେ କଫି ପିଅନ୍ତି ଏବଂ ତା' ପରେ ଔଷଧ ଖାଆନ୍ତି, ଏହି ଉପାଦାନଗୁଡ଼ିକ ପୋଷକ ତତ୍ତ୍ୱ ସହିତ ମିଶି ଏକ ଜଟିଳ ବନ୍ଧନ ତିଆରି କରନ୍ତି। ଫଳରେ ପାକସ୍ଥଳୀ ଏହି ଭିଟାମିନ୍‌ଗୁଡ଼ିକୁ ଠିକ୍‌ସେ ଗ୍ରହଣ କରିପାରେ ନାହିଁ। ସେହିଭଳି ଯଦି ଜଣେ ରକ୍ତହୀନତା ପାଇଁ ଆଇରନ୍ ବଟିକା ଖାଉଛନ୍ତି ଏବଂ ତା ସହ କଫି ପିଉଛନ୍ତି, ତେବେ ଆଇରନ୍ ଶୋଷଣ ପ୍ରକ୍ରିୟା ପ୍ରାୟ ୩୯% ରୁ ୯୦% ପର୍ଯ୍ୟନ୍ତ ହ୍ରାସ ପାଇଥାଏ। କେଫିନ୍ ଶରୀରରେ କ୍ୟାଲସିୟମ୍ ଶୋଷଣକୁ ରୋକିବା ସହ ପରିସ୍ରା ମାଧ୍ୟମରେ ଏହାକୁ ଶରୀରରୁ ବାହାର କରିଦିଏ। ଏହାଦ୍ୱାରା ହାଡ଼ ଦୁର୍ବଳ ହେବାର ଆଶଙ୍କା ଥାଏ। ଭିଟାମିନ୍ ଡି' ଶରୀରରେ କାମ କରିବା ପାଇଁ ଯେଉଁ ରିସେପ୍ଟର ଜରୁରୀ, କେଫିନ୍ ତାକୁ ଅକାମୀ କରିଦିଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, କଫି ପିଇବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ କିମ୍ବା ଦୁଇ ଘଣ୍ଟା ପରେ ଯାଇ ନିଜର ଭିଟାମିନ୍ ଔଷଧ ଖାଇବା ଉଚିତ। ସପ୍ଲିମେଣ୍ଟଗୁଡ଼ିକୁ ସର୍ବଦା କେବଳ ସାଧାରଣ ପାଣି ସହିତ ହିଁ ଖାଇବା ଆବଶ୍ୟକ।

## ଆଜି ଆସିଥିଲେ

# ଅମର ସହିଦ ବାଜି ରାଉତ



ଭାରତକୁ ଅତ୍ୟାଚାରୀ ବ୍ରିଟିଶ କବଳରୁ ମୁକ୍ତିଦେବା ପାଇଁ ଯେଉଁମାନେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ, ସେହି ବୀରମାନଙ୍କ ମଧ୍ୟରେ ଓଡ଼ିଶା ମାଟିର ପୁଅ ବାଜି ରାଉତ ଅନନ୍ୟ। ମାତ୍ର ୧୨ ବର୍ଷ ବୟସରେ ଦେଶ ମାତୃକା ପାଇଁ ଜୀବନ ଦେବା ସମଗ୍ର ଭାରତ ଇତିହାସରେ ଏକ ବିରଳ ଘଟଣା। ବାଜି ରାଉତ ଭାରତ ଇତିହାସର ସର୍ବ କନିଷ୍ଠ ସହିଦ ସ୍ୱାଧୀନତା ସଂଗ୍ରାମୀ। ଦୁନିଆ ନ ବୁଝିବା ବୟସରେ ଦେଶ ପ୍ରେମକୁ ବୁଝି ନିଜ ଜୀବନକୁ ସେ ଉତ୍ସର୍ଗ କରି ଦେଇଥିଲେ। ୧୯୨୬ ମସିହା ଆଜିର ଦିନରେ ବାଜି ରାଉତ ଢେଙ୍କାନାଳ ଜିଲ୍ଲାର ନୀଳକଣ୍ଠପୁର ଗ୍ରାମରେ ଏକ ଗରିବ ଖଣ୍ଡାୟତ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସେ ପିଲାବେଳୁ ବାପାଙ୍କୁ ହରାଇ ମା'ଙ୍କ ଦ୍ୱାରା ପ୍ରତିପାଳିତ ହେଉଥିଲେ। ସମସ୍ତେ ତାଙ୍କୁ ସ୍ନେହରେ 'ବାଜିଆ' ବୋଲି ଡାକୁଥିଲେ। ସେତେବେଳେ ଢେଙ୍କାନାଳରେ ଗଡ଼ଜାତ ବ୍ୟବସ୍ଥା ଥିଲା। ଉଭୟ ଇଂରେଜ ସରକାର ଓ ଗଡ଼ଜାତ ରାଜାଙ୍କ ଅତ୍ୟାଚାରରେ ପ୍ରଜାମାନେ ଅତିଷ୍ଠ ହୋଇ ପଡ଼ିଥିଲେ। ଫଳସ୍ୱରୂପ ବ୍ରିଟିଶ୍ ସରକାର ବିରୋଧୀ ପ୍ରଜାମଣ୍ଡଳ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଭୁବନ, ପରଜଙ୍ଗ, ହିନ୍ଦୋଳ ଆଦି ଅଞ୍ଚଳରେ ପ୍ରଜାମଣ୍ଡଳ ଆନ୍ଦୋଳନ ଅଧିକ ସକ୍ରିୟ ଥିଲା। ଢେଙ୍କାନାଳର ବୈଷ୍ଣବ ଚରଣ ପଟ୍ଟନାୟକ ଯେତେବେଳେ ରାଜାଙ୍କ ବିରୋଧରେ ପ୍ରଜାମଣ୍ଡଳ ଆରମ୍ଭ କଲେ ସେତେବେଳେ ବାଜି ସେହି କୋମଳ ବୟସରେ ସେଥିରେ ଯୋଗ ଦେଇଥିଲେ। ୧୯୩୮ ମସିହା ଅକ୍ଟୋବର ୧୧ ତାରିଖ। ପାର୍ବଣ ରତ୍ନର ରାତ୍ରୀ। ବ୍ରାହ୍ମଣୀ ନଦୀର, ଭୁବନ, ନୀଳକଣ୍ଠପୁର ଘାଟ। ଢ଼େଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନର ଜାଗ୍ରତ ପ୍ରହରୀ ଥିବା ବାଲ୍ ସ୍ୱେଚ୍ଛାସେବୀ ବାଜି ରାଉତଙ୍କ ପାଳିଥିଲା ଘାଟକୁ ଜଗିବା। କାରଣ ପ୍ରଜାମଣ୍ଡଳର ହୁକୁମ ଥିଲା, ନଦୀଘାଟରୁ ଦୂରରେ ଡଙ୍ଗା ଲୁଚେଇ ରଖିବ, ଗୋରା ଫଉଜମାନେ ଯେପରି ନଦୀ ପାର୍ ନ ହୁଅନ୍ତି, ସେମାନଙ୍କ ଗତିବିଧି ଉପରେ ନଜର ରଖି କ୍ୟାମ୍ପକୁ ଖବର ଦେବ, ଆଉ ପ୍ରଜାମଣ୍ଡଳର ସାଥୀଙ୍କୁ ନିରାପଦରେ ପାରି କରାଇବ। 'ପ୍ରଜାମଣ୍ଡଳ' ପରି ଛୋଟ ପିଲାମାନଙ୍କର ମଧ୍ୟ 'ବାନରସେନା' ନାମକ ଏକ ସଂଗଠନ ରହିଥାଏ। ଏହି ସଂଗଠନର ମୁଖିଆ ଥିଲେ 'ବାଜି ରାଉତ'। ଗୋରା ଫଉଜମାନଙ୍କୁ ନଦୀ ପାର କରାଇ ନ ଦେବା ପାଇଁ ପ୍ରସ୍ତୁତ ହୋଇ ରହିଲେ ବାଳକ ବାଜିଆ। ଆଶଙ୍କାକୁ ସତ କରି ଗୋରା ଫଉଜ ପ୍ରଜା ମଣ୍ଡଳ ଆନ୍ଦୋଳନ ଦମନ କରିବାକୁ ଆସିଲେ। ମାତ୍ର ସେମାନଙ୍କ ଆଦେଶ ସତ୍ତ୍ୱେ ବାଜି ରାଉତ ଘାଟରୁ ଡଙ୍ଗା ଫିଟାଇଲେ ନାହିଁ। ଗୋରା ଫଉଜ ଓ ବାଜି ରାଉତଙ୍କ ମଧ୍ୟରେ କଥା କଟାକଟି ହେଲା। ସେମାନଙ୍କ ବାଧ୍ୟବାଧକତା ଓ ଧମକ ସତ୍ତ୍ୱେ ବାଜି ସେମାନଙ୍କୁ ନଦୀ ପାରି କରିବାକୁ ଦେଲେ ନାହିଁ। ସାମାନ୍ୟ ବାଳକର ହେୟଜ୍ଞାନ ଓ ବେଖାତିର ମନୋଭାବ ଇଂରେଜ ସୈନିକଙ୍କୁ ଅସହ୍ୟ ହେଲା। ସେମାନେ ବାଜି ରାଉତଙ୍କୁ ଗୁଳି କରି ହତ୍ୟା କଲେ। ବାଜି ରାଉତଙ୍କ ସହ ଇଂରେଜ ଫଉଜ ହୁରୁଷି, ରଘୁ, ଗୁର, ନଟ, ଲକ୍ଷ୍ମଣ ଓ ଫଗୁଙ୍କୁ ମଧ୍ୟ ଗୁଳି ଚାଳନା କରିଥିଲେ। । ଦେଶ ପାଇଁ ଛୋଟ ବଡ଼ ମିଶି ସାତ ଜଣ ସହିଦ ହୋଇଗଲେ। ଯୁଗଯୁଗ ପାଇଁ ସେମାନେ ହେଲେ ସ୍ୱାଧୀନତା ସଂଗ୍ରାମର ବୀର ଅମର ସୈନିକ। ଏହି ଜଘନ୍ୟ ଗୁଳିକାଣ୍ଡକୁ ସର୍ବତ୍ର ନିନ୍ଦା କରାଯାଇଥିଲା। ବାଜି ରାଉତ ଏବଂ ଅନ୍ୟ ସହିଦମାନଙ୍କର ମୃତ ଶରୀରକୁ ଶୋଭାଯାତ୍ରାରେ ନିଆଯାଇ କଟକର ଖାନନଗର ଶ୍ମଶାନରେ ଅକ୍ଟୋବର ୧୨ ତାରିଖ ଦିନ ଦାହ କରାଯାଇଥିଲା। ଦେଶର ସେବା ପାଇଁ ଜୀବନ ଦେଇ ସ୍ୱର୍ଣ୍ଣିମ ଅକ୍ଷରରେ ସବୁ ଦିନ ପାଇଁ ଚୀର ଅମର ହୋଇ ରହିଛନ୍ତି ବାଳୁତ ବୀର ସହିଦ ବାଜି ରାଉତ।




# ମହାଳୟା ଅମାବାସ୍ୟା

**ଆଶ୍ୱିନ କୃଷ୍ଣ ପକ୍ଷ ପିତୃପକ୍ଷ ଭାବେ ପରିଚିତ। ଏହି ପକ୍ଷର ଶେଷଦିନ ଅର୍ଥାତ୍ ଅମାବାସ୍ୟା ତିଥିକୁ 'ମହାଳୟା' ଭାବେ ପାଳନ କରାଯାଏ। ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଏହିଦିନ ଅପରପକ୍ଷର ଶେଷ ଶ୍ରାଦ୍ଧ ଅର୍ପଣ କରାଯାଉଥିବାରୁ ଏହାକୁ ପିତୃପର୍ବ ବୋଲି କୁହାଯାଏ। ମହାଳୟା ଅମାବାସ୍ୟାରେ ପିତୃକୁଳ ଏବଂ ମାତୃକୁଳକୁ ପିଣ୍ଡଦାନ କରାଯାଏ। ପିଣ୍ଡଦାନ ଦ୍ୱାରା ପରଲୋକଗତ ଆତ୍ମାର ସଦ୍‌ଗତି ପ୍ରାପ୍ତି ହୋଇଥାଏ। ତେବେ ଧାର୍ମିକ ପରମ୍ପରା ଅନୁସାରେ, ପିତୃପୁରୁଷଙ୍କ ପାଇଁ ପାଳନ କରାଯାଉଥିବା ବିଭିନ୍ନ ଶ୍ରାଦ୍ଧକର୍ମ ମଧ୍ୟରେ ମହାଳୟା ସବୁଠୁ ଶ୍ରେଷ୍ଠ।**



ମହାଳୟାକୁ 'ସାମ୍ବତ୍ସରିକ ଶ୍ରାଦ୍ଧ', 'ପାର୍ବଣ ଶ୍ରାଦ୍ଧ' ଏବଂ 'ମଉଳା ଶ୍ରାଦ୍ଧ' ମଧ୍ୟ କୁହାଯାଏ। ଯଦି କୌଣସି ବ୍ୟକ୍ତି ନିଜ ପୂର୍ବପୁରୁଷଙ୍କ ଦେହାନ୍ତ ତିଥି ମନେ ରଖି ନାହାନ୍ତି, ସେମାନଙ୍କ ଶ୍ରାଦ୍ଧକର୍ମ ପିତୃପକ୍ଷର ଶେଷଦିନ ଅର୍ଥାତ୍ ମହାଳୟା ଅମାବାସ୍ୟାରେ କରାଯିବ ଉଚିତ। ମହାଳୟା ଶ୍ରାଦ୍ଧର ତର୍ପଣରେ ବ୍ରହ୍ମା, ବିଷ୍ଣୁ, ପ୍ରଜାପତି, ଆଚାର୍ଯ୍ୟ, ବେଦ, ଛନ୍ଦ, ଗନ୍ଧର୍ବଗଣ, ଦେବଗଣ, ପୁରୁଣାଚାର୍ଯ୍ୟ, ସମ୍ବତ୍ସର, ଶାବୟବ, ନାଗଗଣ, ଯକ୍ଷ, ଭକ୍ଷ, ପିଶାଚ, ବନସ୍ପତି, ଔଷଧ, ଭୂତଗ୍ରାମ, ଚତୁଃଷ୍ଟୟ ଏବଂ ପୃଥିବୀ ଇତ୍ୟାଦି କୋଡ଼ିଏ ଦେବଗଣଙ୍କୁ ଗୋଟିଏ ଥର ତର୍ପଣ, ସନତ, ସନ୍ଦନ, ସନାତନ, କପିଳ, ଆସୁରୀ, ଡୋବୁ ଏବଂ ପଞ୍ଚଶିଖ ଇତ୍ୟାଦି ସପ୍ତ ଋଷିଙ୍କୁ ଦୁଇଥର ତର୍ପଣ ଏବଂ ପିତୃପୁରୁଷଗଣଙ୍କୁ ତିନିଥର ତର୍ପଣରେ ଆପ୍ୟାୟିତ କରାଯାଏ। ପିତୃ ତର୍ପଣରେ ପିତାଙ୍କୁ ରୁଦ୍ର ରୂପେ, ପିତାମହଙ୍କୁ ବସୁ ରୂପେ ଏବଂ ପ୍ରପିତାମହଙ୍କୁ ଆଦିତ୍ୟ ରୂପେ କଳ୍ପିତ କରାଯାଏ। ପିଣ୍ଡଦାତାଙ୍କ ଆଳୟରେ ସର୍ବଦେବ, ଋଷି ଏବଂ ପିତୃପୁରୁଷଙ୍କ ଉପସ୍ଥିତି ହେତୁ ଏହାକୁ ମହାଳୟା ଶ୍ରାଦ୍ଧ କୁହାଯାଏ। କିମ୍ବଦନ୍ତୀ ଅନୁସାରେ, ମହାଦାନୀ କର୍ଣ୍ଣଙ୍କର ଦାତାପଣିଆର ପୁରସ୍କାର ସ୍ୱରୂପ ଯମପୁରରେ ତାଙ୍କୁ ସୁନା, ରୁପା ମିଳିଥିଲା। କିନ୍ତୁ ଖାଦ୍ୟ ଦିଆଯାଇ ନ ଥିଲା। କାରଣ ସେ ଜୀବିତାବସ୍ଥାରେ କେବେ ଅନ୍ନଦାନ କରି ନ ଥିଲେ। ଯମରାଜଙ୍କୁ ପ୍ରାର୍ଥନା କରି ସେ ଚଉଦ ଦିନ ପାଇଁ ମର୍ତ୍ତ୍ୟମଣ୍ଡଳକୁ ଆସି ବ୍ରାହ୍ମଣ ତଥା ଗରିବମାନଙ୍କୁ ଅନ୍ନଦାନ କରିଥିଲେ। ଫଳରେ ଯମପୁର ଫେରିବା ପରେ ତାଙ୍କୁ ଆଉ ଅନ୍ନରୁ ବଞ୍ଚିତ କରାଯାଇ ନ ଥିଲା। ତେବେ ମର୍ତ୍ତ୍ୟଲୋକରେ କର୍ଣ୍ଣ କଟାଇଥିବା ସେହି ଚଉଦ ଦିନ ଥିଲା ପିତୃପକ୍ଷ। ଏହି ଶ୍ରାଦ୍ଧରେ ସନ୍ତୁଷ୍ଟ ହେଲେ ପିତୃଗଣ ସେମାନଙ୍କ ଦାୟାଦମାନଙ୍କୁ ଆଶୀର୍ବାଦ ଢ଼ାଳିଥାନ୍ତି ବୋଲି ମାର୍କଣ୍ଡ ପୁରାଣରେ ଉଲ୍ଲେଖ ରହିଛି। ପିତୃପକ୍ଷରେ ଗୟାରେ ପିଣ୍ଡଦାନର ବିଶେଷ ମହତ୍ତ୍ୱ ରହିଥାଏ। ସେହିପରି ଓଡ଼ିଶାର ବିଭିନ୍ନ ଘାଟରେ ପିଣ୍ଡଦାନ କରିବାର ପରମ୍ପରା ଅଛି। ଅନ୍ୟପଟେ ମହାଳୟା ପରଦିନରୁ ଆଶ୍ୱିନ ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହୋଇଥାଏ ନବରାତ୍ରୀ। ଅକ୍ଟୋବର ୧୦ରେ ମହାଳୟା ପଡ଼ିବ।

# ପିତୃଦୋଷରୁ ମୁକ୍ତିର ଉପାୟ

**ହିନ୍ଦୁ ଧର୍ମରେ ପିତୃପକ୍ଷର ମହତ୍ତ୍ୱ ବେଶି। ଏହି ସମୟରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ, ପିଣ୍ଡଦାନ ଏବଂ ଦାନ କରିବା ଦ୍ୱାରା ସେମାନଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ। ସେହିପରି ପିତୃଦୋଷକୁ ମଧ୍ୟ ଜାତକ ସହ ଜଡ଼ିତ ଏକ ଦୋଷ ବୋଲି କୁହାଯାଏ। ପିତୃଦୋଷରୁ ମୁକ୍ତି ଲାଗି ପିତୃପକ୍ଷ ହେଉଛି ଉତ୍ତମ ସମୟ।**



- ଧର୍ମଶାସ୍ତ୍ରରେ ପିତୃଦୋଷରୁ ମୁକ୍ତି ପାଇବା ଲାଗି ପିତୃପକ୍ଷରେ ନିତିଦିନ ତଥା ବିଶେଷ ତିଥିରେ ଦକ୍ଷିଣ ଦିଗକୁ ମୁଖ କରି ଜଳରେ କଳା ରାଶି, ଗଙ୍ଗାଜଳ ଓ କୁଶ ମିଶାଇ ପିତୃପୁରୁଷଙ୍କୁ ତର୍ପଣ କରନ୍ତୁ। ଏଭଳି କରିବା ଦ୍ୱାରା ପିତୃଦୋଷରୁ ମୁକ୍ତି ମିଳିବା କୁହାଯାଏ।
- ପିତୃଦୋଷରୁ ମୁକ୍ତି ପାଇବା ଲାଗି ପିତୃପକ୍ଷରେ ନିତିଦିନ ଶ୍ରୀମଦଭଗବତ ଗୀତାର ୭ମ ଅଧ୍ୟାୟ ପାଠ କରିବା ଉଚିତ।
- ପିତୃଦୋଷରୁ ମୁକ୍ତି ପାଇବା ଲାଗି ପିତୃପକ୍ଷରେ ଅଶ୍ୱତଥ ଗଛ ମୂଳେ ଦୀପ ଜାଳିବା ଶୁଭ। ଅଟାରେ ଚୌମୁଖୀ ଦୀପ ତିଆରି କରି ସେଥିରେ ହଳଦି, କଳା ରାଶି, ସୋରିଷ ତେଲରେ ଦୀପ ଜାଳିବା ଭଲ।
- ପିତୃପକ୍ଷରେ ପ୍ରତିଦିନ ଗାଈ, କାଉ, ପକ୍ଷୀଙ୍କୁ ଖାଦ୍ୟ ପ୍ରଦାନ କରନ୍ତୁ। ପିତୃଦୋଷରୁ ମୁକ୍ତି ମିଳିବ।
- ପିତୃଦୋଷରୁ ମୁକ୍ତିପାଇବା ଲାଗି ପିତୃପକ୍ଷରେ ଅନ୍ନ ଓ ଜଳ ଦାନ ନିହାତି କରିବା ଦରକାର। ଗରିବ, ବ୍ରାହ୍ମଣ, ଅସହାୟଙ୍କ ଲୋକଙ୍କୁ ଖାଦ୍ୟ ପ୍ରଦାନ କରି ପୂର୍ବପୁରୁଷଙ୍କ ନାଁରେ ଦାନ କରିବା ଭଲ।

# ଘରର କେଉଁ ସ୍ଥାନରେ ଦୀପ ଜାଳିବେନି

**ବାସ୍ତୁ ଶାସ୍ତ୍ର ଅନୁସାରେ, ଘରେ ଦୀପ ଜାଳିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂର ହୁଏ ଏବଂ ସକାରାତ୍ମକ ଶକ୍ତି ସଂଚାର ହୋଇଥାଏ। ତେବେ ଘରେ ଦୀପ ଠିକ୍ ସ୍ଥାନରେ ନ ଜାଳିବା ଦ୍ୱାରା ଏହାର ବିପରୀତ ପ୍ରଭାବ ପଡ଼ିପାରେ। ଘରର କେଉଁ ସ୍ଥାନରେ ଦୀପ ଜାଳିବା ବାସ୍ତୁ ସମ୍ମତ ନୁହେଁ, ସେ ସମ୍ପର୍କରେ ଜାଣିବା।**

- ବାସ୍ତୁ ଶାସ୍ତ୍ର ଅନୁସାରେ ବେଡ୍‌ରୁମ୍‌ର ଠିକ୍ ଖଟ ପାଖରେ ଦୀପ ଜାଳିବା ଅନୁଚିତ। ଏପରିକି ଖଟ ନିକଟସ୍ଥ ଟେବୁଲ ପାଖରେ ଦୀପ ଜାଳିବା ଅନୁଚିତ। ଏଭଳି କରିବା ଦ୍ୱାରା ଚାପ ବଢ଼େ ଏବଂ ଚିଡଚିଡା ଲାଗେ। ଘରର ପରିବେଶ ବାଧାପ୍ରାପ୍ତ ହୁଏ।
- ଶିଢ଼ିର ଠିକ୍ ତଳକୁ ଦୀପ ଜଳାଇବା ବାସ୍ତୁ ସମ୍ମତ ନୁହେଁ। ନିୟମ ଅନୁସାରେ, ଏହି ସ୍ଥାନରେ ଦୀପ ରଖିବା ଭଲ ନୁହେଁ।
- ବାଥରୁମ୍ ଆଖ ପାଖରେ ଦୀପ ଜାଳିବା ଅନୁଚିତ। ଦୀପ ସର୍ବଦା ସଫା ଓ ପବିତ୍ର ସ୍ଥାନରେ ଜାଳିବା ଭଲ।
- ରୋଷେଇ ଘରେ ଦୀପ ଜଳାଯାଏ। ହେଲେ ରୋଷେଇ ଘରେ ଥିବା ଡଷ୍ଟବିନ୍, ସିଙ୍କ ପାଖରେ ଦୀପ ଜାଳିବା ଭଲ ନୁହେଁ। ପୂଜା ଦୀପ ସବୁବେଳେ ସଫା ଓ ଠିକ୍ ସ୍ଥାନରେ ଜାଳିବା ଉଚିତ।
- ଘରର ଦକ୍ଷିଣ ଦିଗରେ ଦୀପ ଜାଳିବା ଅନୁଚିତ। ଏହା ଦ୍ୱାରା ଧନହାନି ଓ ମାନସିକ କଷ୍ଟ ମିଳିଥାଏ। କେବଳ ଅମାବାସ୍ୟା ଏବଂ ନରକ ଚତୁର୍ଦ୍ଦଶୀରେ ଯମଙ୍କ ନାଁରେ ଦୀପ ଜଳାଯାଏ।



# ନବରାତ୍ରୀ ପୂର୍ବରୁ ଘରୁ ବାହାର କରନ୍ତୁ



**ଆଶ୍ୱିନ ଶୁକ୍ଳ ପ୍ରତିପଦା ଅର୍ଥାତ୍ ଅକ୍ଟୋବର ୧୧ ତାରିଖରୁ ଆରମ୍ଭ ହେବ ନବରାତ୍ରୀ। ନବରାତ୍ରୀର ନଅଦିନରେ ମା' ଦୁର୍ଗାଙ୍କ ନଅଟି ସ୍ୱରୂପକୁ ପୂଜା କରାଯାଏ। ତେବେ ନବରାତ୍ରୀ ପୂର୍ବରୁ କେଉଁ ଜିନିଷ ଘରେ ରଖିବେ ନାହିଁ, ସେ ସମ୍ପର୍କରେ ଜାଣିବା।**

- ନବରାତ୍ରୀ ପୂର୍ବରୁ ପ୍ରଥମେ ଘର ତଥା ଠାକୁର ଘରକୁ ଭଲଭାବେ ସଫାସୁତୁରା କରନ୍ତୁ।
- ଘରୁ ଭଙ୍ଗା ବାସନକୁସନ ବାହାର କରି ଦିଅନ୍ତୁ। ଏପରି ନ କଲେ ଘରେ ଅଭାବ, ରୋଗ, ଅଶାନ୍ତି ଦେଖା ଦିଏ।
- ଅଚଳ ଘଣ୍ଟାକୁ ଘରୁ ବାହାର କରି ଦେବା ଭଲ। ନଚେତ ରାହୁର ପ୍ରଭାବ ବଢ଼ିଥାଏ।
- ଘରେ ଶୁଖିଲା ତୁଳସୀ ଗଛ ରଖିବା ଅଶୁଭ। ଏହାକୁ ଘରୁ ବାହାର କରି ଦିଅନ୍ତୁ।
- ହିନ୍ଦୁ ଧର୍ମରେ ଝାଡ଼ୁକୁ ଲକ୍ଷ୍ମୀ ଭାବେ ବିବେଚନା କରାଯାଏ। ଘରେ ଭଙ୍ଗା ଝାଡ଼ୁ ଥିଲେ, ନବରାତ୍ରି ଆରମ୍ଭ ପୂର୍ବରୁ ତୁରନ୍ତ ଏହାକୁ ବାହାର କରି ଦିଅନ୍ତୁ। ଏହାକୁ ରଖିଲେ ବାସ୍ତୁଦୋଷ ଲାଗେ।

**୨୦୨୬ ଏସିଆନ ଗେମ୍ସ ଉଦ୍‌ଯାପିତ**

# ବିଦାୟ ଆଇଚି-ନାଗୋୟା, ସ୍ୱାଗତମ୍ ଦୋହା





ଟୋକିଓ,୪।୧୦(ଏଜେନ୍ସି)

ଆକର୍ଷଣୀୟ ତଥା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଦୀର୍ଘ ଦୁଇ ସପ୍ତାହରୁ ଉଦ୍ଧ୍ୱର୍ ସମୟ ଧରି ଜାପାନର ଆଇଚି-ନାଗୋୟାରେ ଚାଲିଥିବା ୨୦ତମ ଏସିଆନ ଗେମ୍ସ ବା ଏସିଆଡ୍ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଯାପିତ ହୋଇଯାଇଛି। ଏହା ପରେ ୨୦୩୦ରେ କତାରର ରାଜଧାନୀ ଦୋହାରେ ହେବାକୁ ଥିବା ଏସିଆନ ଗେମ୍ସ ଲାଗି ଅଲିମ୍ପିକ୍ ପତାକା ଗ୍ରହଣ କରିଛି। ଅଲିମ୍ପିକ୍ କାଉନ୍ସିଲ ଅଫ୍ ଏସିଆ ବା ଓସିଏ ସଭାପତି ଶେଖ ଜୋଆନ ବିନ ହାମଦ ଅଲ ଥାନି ଆଜି ନାଗୋୟାରେ ମିଜୁହୋ ପାଲୋମା ପାର୍କ ଆଥଲେଟିକ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ପ୍ରତିଯୋଗିତାର ଆନୁଷ୍ଠାନିକ ଉଦ୍‌ଯାପନ ଘୋଷଣା କରିଛନ୍ତି। ଏହି ଦୁଇ ସପ୍ତାହ ମଧ୍ୟରେ ଏସିଆ ମହାଦେଶର ଆଥଲେଟଙ୍କ ଶ୍ରେଷ୍ଠ କ୍ରୀଡ଼ା ନୈପୁଣ୍ୟ ଦେଖିବାକୁ ମିଳିଛି। 'ଗୋଟିଏ ଏସିଆ' ଏକତ୍ରର ସନ୍ଦେଶ ନେଇ ଉଦ୍‌ଯାପନୀ ଉତ୍ସବରେ ହଜାର ହଜାର ଦର୍ଶକ ଓ ଆଥଲେଟ ଏକତ୍ର ହୋଇଥିଲେ। ପ୍ରତିଯୋଗିତା ଉଦ୍‌ଯାପିତ ଘୋଷଣା ହେବା ପରେ ପରବର୍ତ୍ତୀ ଏସିଆନ ଗେମ୍ସ ଆୟୋଜକ ଦୋହାର ପ୍ରତିନିଧିଙ୍କୁ ଆୟୋଜନ ଅଧିକାରର ପ୍ରତୀକ ହସ୍ତାନ୍ତର କରିଥିଲେ। ଆସନ୍ତା ୪ ବର୍ଷ ମଧ୍ୟରେ ଦୋହା ଏହି ପ୍ରତିଯୋଗିତାର ସଫଳ ଆୟୋଜନ ଲାଗି ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବ। ଉଦ୍‌ଯାପନୀ ଉତ୍ସବରେ ଭାରତର ଧ୍ୱଜା ବହନ କରିଥିଲେ ସୁଟର ନୀରୁ ଧଣ୍ଡା। ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିବା ନୀରୁ ଏହି ପ୍ରତିଯୋଗିତାକୁ ଯେପରି ସ୍ମରଣୀୟ କରିଥିଲେ, ଠିକ୍ ସେହିପରି ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଆଥଲେଟଙ୍କ ନେତୃତ୍ୱ ନେଇଥିଲେ।

## ଏସିଆନ ଗେମ୍ସ ଚୂଡାନ୍ତ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ |
|---|---|---|---|---|
| ଚୀନ୍ | ୧୬୯ | ୮୯ | ୮୩ | ୩୪୧ |
| ଜାପାନ | ୮୩ | ୯୫ | ୯୧ | ୨୬୯ |
| ଦ.କୋରିଆ | ୩୯ | ୪୩ | ୬୮ | ୧୫୦ |
| ଭାରତ | ୨୧ | ୨୭ | ୩୭ | ୮୫ |
| ଉଜବେକିସ୍ତାନ | ୨୧ | ୨୫ | ୨୪ | ୭୦ |
| ଇରାନ | ୧୯ | ୧୮ | ୧୫ | ୫୨ |
| ଥାଇଲାଣ୍ଡ | ୧୮ | ୧୩ | ୨୧ | ୫୨ |
| କାଜାଖସ୍ତାନ | ୧୨ | ୨୪ | ୪୮ | ୮୪ |
| ହଂକଂ | ୧୧ | ୧୯ | ୨୪ | ୫୪ |
| ବାହାରିନ୍ | ୧୧ | ୫ | ୬ | ୨୨ |
| ମାଲେସିଆ | ୯ | ୭ | ୧୬ | ୩୨ |
| ଉ.କୋରିଆ | ୭ | ୧୩ | ୯ | ୨୯ |
| ୟୁଏଇ | ୭ | ୪ | ୧ | ୧୨ |
| ତାଇପେଇ | ୫ | ୧୭ | ୩୩ | ୫୫ |
| ଇଣ୍ଡୋନେସିଆ | ୫ | ୧୧ | ୨୩ | ୩୯ |
| କତାର | ୫ | ୬ | ୫ | ୧୬ |
| ଫିଲିପାଇନ୍ସ | ୪ | ୯ | ୧୬ | ୨୯ |
| କୁଏତ୍ | ୪ | ୧ | ୪ | ୯ |
| ଭିଏତନାମ | ୩ | ୩ | ୧୯ | ୨୫ |
| ସାଉଦଦ ଆରବ | ୩ | ୨ | ୯ | ୧୪ |
| ସିଙ୍ଗାପୁର | ୨ | ୯ | ୭ | ୧୮ |
| ତାଜିକସ୍ତାନ | ୨ | ୫ | ୯ | ୧୬ |
| ଜୋର୍ଡାନ | ୨ | ୩ | ୬ | ୧୧ |
| ମ୍ୟାନମାର | ୨ | ୧ | ୨ | ୫ |
| ମାକାଓ | ୧ | ୪ | ୧ | ୬ |
| କିର୍ଗିଜସ୍ତାନ | ୧ | ୩ | ୧୦ | ୧୪ |
| ମଙ୍ଗୋଲିଆ | ୧ | ୧ | ୧୩ | ୧୫ |
| ଶ୍ରୀଲଙ୍କା | ୧ | ୧ | ୧ | ୩ |

ବି.ଦ୍ର: ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ବିଜୟୀ ଦଳର ପଦକ ତାଲିକା

## ଜିଦ୍ଧି, ବୁନ୍‌ସନ୍ ଶ୍ରେଷ୍ଠ ଆଥ୍‌ଲେଟ




ଟୋକିଓ,୪।୧୦(ଏଜେନ୍ସି): ଆଇଚି-ନାଗୋୟା ଏସିଆନ ଗେମ୍ସରେ ଦୁଇ ଜଣ ନୂଆ ସୁପରଷ୍ଟାର ସୃଷ୍ଟି ହୋଇଛନ୍ତି। ଜଣେ ହେଉଛି ଚୀନ୍‌ର ମହିଳା ସନ୍ତରଣକାରୀ ତଥା ୧୩ ବର୍ଷରେ ୩ଟି ସ୍ୱର୍ଣ୍ଣପଦକ ଜିତିଥିବା ୟୁ ଜିଦ୍ଧି ଓ ଥାଇଲାଣ୍ଡର ୨୦ ବର୍ଷୀୟ ସ୍ପ୍ରିଣ୍ଟର ପୁରିପଲ ବୁନ୍‌ସନ। ଏମାନେ ଚଳିତ ଏସିଆନ ଗେମ୍ସରେ ଯେଉଁ ପ୍ରଦର୍ଶନ କରିଛନ୍ତି ତାହାକୁ ସମ୍ମାନ ଜଣାଇ ଅଲିମ୍ପିକ୍ କାଉନ୍‌ସିଲ ଅଫ୍ ଏସିଆ ସେମାନଙ୍କୁ ପ୍ରତିଯୋଗିତାର ସବୁଠାରୁ ମୂଲ୍ୟବାନ ଖେଳାଳି ବା ମୋଷ୍ଟ ଭାଲ୍ୟୁଏବଲ ଆଥଲେଟ ଭାବେ ଘୋଷଣା କରିଛି। ଏହି ଦୁଇ ଖେଳାଳି କେବଳ ସ୍ୱର୍ଣ୍ଣପଦକ ବିଜୟୀ ହୋଇନାହାନ୍ତି, ଏକାଧିକ ଏସୀୟ ରେକର୍ଡ ଭାଙ୍ଗିଦେଇଛନ୍ତି। ଉଭୟଙ୍କୁ ଓସିଏ ପକ୍ଷରୁ ୨୫,୦୦୦ ଲେଖାଏଁ ଡଲାର ପ୍ରଦାନ କରାଯିବ।

ସନ୍ତରଣରେ ଚୀନ୍‌ର ୟୁଜିଦ୍ଧି ମହିଳା ୨୦୦ ମିଟର ବଟରଫ୍ଲାଏ, ୨୦୦ ଓ ୪୦୦ ମିଟର ଇଣ୍ଡିଭିଜୁଆଲ ମେଡଲେ ସୁଇମିଂରେ ୩ଟି ସ୍ୱର୍ଣ୍ଣ ଜିତିବା ସହ ୪ଟି ରେକର୍ଡ କରିଥିଲେ। ଜିଦ୍ଧି ପୁଲ୍‌ରେ ରାଜ କରିଥିଲାବେଳେ ଥାଇଲାଣ୍ଡର ଥାଇଲାଣ୍ଡର ୨୦ ବର୍ଷୀୟ ସ୍ପ୍ରିଣ୍ଟର ପୁରିପଲ ବୁନ୍‌ସନ ଟ୍ରାକ୍‌ରେ ରାଜୁତି କରିଥିଲେ। ସେ ଉଭୟ ପୁରୁଷ ୧୦୦ ଓ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ଜିତିବା ସହ ୪ଟି ଗେମ୍ସ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହା ପରେ ସେ ମଧ୍ୟ ୪ଗୁଣା ୧୦୦ ମିଟର ରିଲେ ରେସ୍‌ରେ ଥାଇଲାଣ୍ଡକୁ ରୌପ୍ୟ ବିଜୟୀ କରାଇଥିଲେ। ଉଭୟଙ୍କୁ ଯଥାର୍ଥରେ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ୮୫ ପଦକରେ ସୀମିତ ରହିଲା ଭାରତ

ଏହି ପ୍ରତିଯୋଗିତାରେ ଭାରତ ୨୧ ସ୍ୱର୍ଣ୍ଣ, ୨୭ ରୌପ୍ୟ ଓ ୩୭ଟି କାଂସ୍ୟ ସମେତ ୮୫ଟି ପଦକ ବିଜୟୀ ହୋଇଛି। ଚୀନ୍, ଜାପାନ ଓ ଦକ୍ଷିଣ କୋରିଆ ପଛକୁ ଭାରତ ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି। ୨୦୨୨ ହାଙ୍ଗଝୋଉ ଏସିଆନ ଗେମ୍ସରେ ଭାରତ ୨୮ ସ୍ୱର୍ଣ୍ଣ ସହ ୧୦୬ଟି ପଦକ ଜିତିଥିଲା। ଏଥର ଭାରତ ଦଳଗତ ଖେଳ ସମେତ ସର୍ବାଧିକ ଖେଳରେ ପଦକ ଜିତି ବିଭିନ୍ନ ଖେଳରେ ଥିବା ଦକ୍ଷତା ପ୍ରଦର୍ଶନ କରିବାରେ ସଫଳ ହୋଇଥିଲା। ହକି, କ୍ରିକେଟ, କବାଡି, ତୀରନ୍ଦାଜି, ସୁଟିଂ, ମୁଷ୍ଟିଯୁଦ୍ଧ, କୁସ୍ତିଯୁଦ୍ଧ ଓ ଦୌଡ଼କୁଦରେ ଭାରତ ଏକାଧିକ ପଦକ ଜିତିବାରେ ସଫଳ ହୋଇଛି। ବ୍ୟକ୍ତିଗତ ବିଭାଗରେ ନୀରୁ ଧଣ୍ଡା ୨ ସ୍ୱର୍ଣ୍ଣ ଓ ୧ ରୌପ୍ୟ ସହ ଶ୍ରେଷ୍ଠ ସଫଳତା ପାଇଛନ୍ତି। ଉଭୟ ହକି ଦଳ ସ୍ୱର୍ଣ୍ଣପଦକ ଜିତି ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୨୦୨୨ ହାଙ୍ଗଝୋଉ ଏସିଆନ ଗେମ୍ସରେ ଭାରତ ୧୦୬ଟି ପଦକ ଜିତିଥିବାରୁ ଏଠାରେ ମଧ୍ୟ ପଦକରେ ଶତକ ହାସଲ କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଦେଶ ୮୫ଟି ପଦକ ଜିତି ଏସିଆନ ଗେମ୍ସ ଇତିହାସରେ ଦ୍ୱିତୀୟ ସର୍ବାଧିକ ପଦକ ଜିତିବାର ରେକର୍ଡ କରିଛି। ଅଳ୍ପକେ ଗତଥରର ସଫଳତାକୁ ଦୋହରାଇବାରେ ଭାରତ ବିଫଳ ହୋଇଛି।

## ଭାରତର ପଦକ ହାରରେ ବୃଦ୍ଧି



ଟୋକିଓ,୪।୧୦(ଏଜେନ୍ସି): ଜାପାନରେ ଶେଷ ହୋଇଥିବା ୨୦ତମ ଏସିଆନ ଗେମ୍ସରେ ଭାରତ ୮୫ଟି ପଦକ ବିଜୟୀ ହୋଇଛି। ଗତଥର ଭାରତକୁ ୧୦୬ଟି ପଦକ ମିଳିଥିବାରୁ ଏଥର ପଦକ ସଂଖ୍ୟା କମିଯାଇଛି ବୋଲି ଆଲୋଚନା କରାଯାଉଛି। ହାଙ୍ଗଝୋଉ ଏସିଆନ ଗେମ୍ସରେ ଭାରତ ୬୬୧ ପ୍ରତିଯୋଗୀଙ୍କୁ ପଠାଇ ୧୦୬ଟି ଏବଂ ଆଇଚି-ନାଗୋୟା ଏସିଆନ ଗେମ୍ସକୁ ୪୯୫ ଜଣ ପ୍ରତିଯୋଗୀଙ୍କୁ ପଠାଇ ୮୫ଟି ପଦକ ବିଜୟୀ ହୋଇଛି। ଏହା ଫଳରେ ୨୫ ଶତକଡ଼ା କମ୍ ପ୍ରତିଯୋଗୀ ଏଥର ଭାଗ ନେଇ ନ ଥିଲେ। ଗତଥର ୨୮ଟି ସ୍ୱର୍ଣ୍ଣ ଜିତିଥିବା ଭାରତ ଏଥର ୨୧ଟି ଜିତିଥିଲା। ସ୍ୱର୍ଣ୍ଣ ବିଜୟରେ ମଧ୍ୟ ୨୫ ଶତକଡ଼ା ହ୍ରାସ ହୋଇଥିଲା। ହାଙ୍ଗଝୋଉରେ ପ୍ରତି ୧୦୦ ପ୍ରତିଯୋଗୀ ୧୬ଟି ପଦକ ଜିତିଥିଲେ। କିନ୍ତୁ ଆଇଚି-ନାଗୋୟାରେ ଏହା ୧୭.୨ ଶତକଡ଼ାକୁ ବୃଦ୍ଧି ପାଇଛି। ଏହାର ଅର୍ଥ ପ୍ରତିଯୋଗୀଙ୍କ ସଂଖ୍ୟା କମିଥିଲେ ମଧ୍ୟ ପଦକ ବିଜୟ ହାର ୭.୩ ଶତକଡ଼ା ବୃଦ୍ଧି ହୋଇଛି। ଏଥର କ୍ରିକେଟରେ ୩୦, ହକିରେ ୪୦ ଓ କବାଡିରେ ୨୪ଜଣ ପ୍ରତିଯୋଗୀ ଭାଗନେଇଥିଲାବେଳେ ଏମାନେ ୬ଟି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। କିନ୍ତୁ କମ୍ ସଂଖ୍ୟାରେ ପ୍ରତିଯୋଗୀ ଭାଗନେଇଥିଲେ ମଧ୍ୟ ଭାରତର ପଦକ ବିଜୟ ହାରରେ ବୃଦ୍ଧି ହୋଇଛି।

ଏସିଆନ ଗେମ୍ସରେ କେଉଁ ଖେଳାଳିମାନେ ଅଂଶଗ୍ରହଣ କରିବେ ତାହା ଗୋଟିଏ ବର୍ଷ ଆଗରୁ କ୍ରୀଡ଼ା ମନ୍ତ୍ରଣାଳୟ ସ୍ଥିର କରିଥିଲା। ମନ୍ତ୍ରଣାଳୟ ଦ୍ୱାରା କରାଯାଇଥିବା ନିୟମ ଅନୁଯାୟୀ ଯେଉଁମାନେ ଏସିଆ ମହାଦେଶରେ ପ୍ରଥମ ୬ଟି ସ୍ଥାନ ମଧ୍ୟରେ ରହିବେ ସେମାନଙ୍କୁ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବାକୁ ସୁଯୋଗ ମିଳିବ। ଯାହା ଫଳରେ ଏଥର ପ୍ରତିଯୋଗୀଙ୍କ ସଂଖ୍ୟା କମିଯାଇଥିଲା। ଏକାଧିକ ଟେନିସ, ଜୁଡୋକା, ଉଶୁ, ଫୁଟବଲ, ହ୍ୟାଣ୍ଡବଲ ଖେଳାଳିଙ୍କୁ ସୁଯୋଗ ଦିଆଯାଇ ନ ଥିଲା।

ଏଥର ବକ୍ସିଂରେ ୨ଟି, ଗଲ୍ଫ, ଭାରେତ୍ତୋଳନ, କୁରାଶ, ମିକ୍ସଡ ମାର୍ଟ୍ରିଆଲ ଆର୍ଟ୍ସ ଓ ସଫ୍ଟ ଟେନିସରେ ଗୋଟିଏ ଲେଖାଏଁ ପଦକ ଫାଇଦା ହୋଇଛି। କିନ୍ତୁ ସୁଟିଂରେ ୭ଟି, ଆଥଲେଟିକ୍ସରେ ୫ଟି, ରୋଇଂରେ ୪ଟି, ବ୍ୟାଡ୍‌ମିଣ୍ଟନ, ଟେନିସ, ରୋଲର ସ୍ପୋର୍ଟ୍ସ, ଚେସ୍ ଓ ଇକ୍ୱେଷ୍ଟ୍ରିଆନ୍‌ରେ ୨ଟି ଲେଖାଏଁ ପଦକ ଘାଟା ହୋଇଛି। ସ୍ୱର୍ଣ୍ଣପଦକୁ ହିସାବକୁ ନେଲେ ସୁଟିଂରେ ୪, ଆଥଲେଟିକ୍ସରେ ୫, ସ୍କ୍ୱାଶ୍‌ରେ ୨, ବ୍ୟାଡମିଣ୍ଟନ, ଟେନିସ ଓ ଇକ୍ୱେଷ୍ଟ୍ରିଆନ୍‌ରେ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣପଦକ ଘାଟା ହୋଇଛି। କିନ୍ତୁ ବକ୍ସିଂରେ ୩, ରେସଲିଂରେ ୨ ଓ ଗଲ୍ଫରେ ଗୋଟିଏ ସ୍ୱର୍ଣ୍ଣପଦକ ଜିତିବାରେ ଫାଇଦା ହୋଇଛି।

## ଏବେ ଦୋହା ଉପରେ ନଜର

ଅନେକ ବାଧାବିଘ୍ନ ଓ ଅବ୍ୟବସ୍ଥା ମଧ୍ୟରେ ଆଇଚି-ନାଗୋୟା ଏସିଆନ ଗେମ୍ସ ସଫଳ ହେବା ଏହ ବିସ୍ମୟ କଥା ବୋଲି ଆଲୋଚନା ହେଉଛି। ଏହା ପରେ ଏବେ ନଜର ଦୋହା ଉପରେ କେନ୍ଦ୍ରୀଭୂତ ହୋଇଛି। ୨୦୦୬ରେ ଦୋହାରେ ଏସିଆନ ଗେମ୍ସ ଆୟୋଜିତ ହୋଇଥିଲା। ଏବେ ସେଠାରେ ସଫଳତାର ସହ ଆୟୋଜିତ ହେବା ନେଇ ଏବେଠାରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଆଇଚି-ନାଗୋୟାଠାରେ ୪୩ଟି ଖେଳରେ ୧୭,୦୦୦ ଆଥଲେଟ ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରୁ ୪୬୯ଟି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। ଏକାଧିକ ନୂଆ ଖେଳ ପାଡେଲ, ମିକ୍ସଡ ମାର୍ଟିଆଲ ଆର୍ଟ୍ସ, ଟେକ୍‌ବଲ ଓ ସର୍ଫିଙ୍ଗ୍ ପରି କ୍ରୀଡ଼ା ଡେବ୍ୟୁ କରିଥିଲା। ଏଥିରୁ ଏସିଆନ ଗେମ୍ସରେ ଭିନ୍ନ ଭିନ୍ନ କ୍ରୀଡ଼ାକୁ ସୁଯୋଗ ଦିଆଯାଇଥିବା ପ୍ରମାଣିତ ହୋଇଥିଲା। ଚୀନ୍ ପୂର୍ବରୁ ପଦକ ତାଲିକାରେ ପ୍ରଥମ ସ୍ଥାନରେ ରହିଥିଲା। ଏହି ଦେଶ ୧୬୯ ସ୍ୱର୍ଣ୍ଣ ସହ ୩୪୧ଟି ପଦକ ଜିତିଥିଲା। ବିଦେଶ ମାଟିରେ ଚୀନ୍‌ର ଏହା ସର୍ବାଧିକ ପଦକ। ଆୟୋଜକ ଜାପାନ ୮୩ଟି ସ୍ୱର୍ଣ୍ଣ ସହ ୨୬୯ଟି ପଦକ ଜିତିଥିଲା।

## ଅବ୍ୟବସ୍ଥା ମଧ୍ୟରେ ଶ୍ରେଷ୍ଠତ୍ୱ

ଏହି ପ୍ରତିଯୋଗିତା ଲାଗି ଆୟୋଜକମାନେ କ୍ରୀଡ଼ା ଗ୍ରାମ ନିର୍ମାଣ ନ କରି ହୋଟେଲ, କ୍ରୁଇଜ୍ ଓ ମଡ୍ୟୁଲାର ଆକୋମୋଡେସନର ପ୍ରତିଯୋଗୀ ଓ କର୍ମକର୍ତ୍ତାଙ୍କ ରହିବା ବ୍ୟବସ୍ଥା କରିଥିଲେ। ଫଳରେ ପଞ୍ଜୀକରଣ, ଯାତାୟତ, ରୁମ୍ ଯୋଗାଇବା ନେଇ ଅନେକ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ବିଶେଷ କରି ଖେଳାଳିମାନଙ୍କୁ ଟ୍ରେନିଂ କରିବା ଓ ରୁମ୍‌ରୁ ଭେନ୍ୟୁକୁ ଯିବା ଆସିବାରେ ସବୁଠାରୁ ବଡ ଅବ୍ୟବସ୍ଥା ହୋଇଥିଲା। ଅନେକ ସ୍ଥାନରେ ଦର୍ଶକଙ୍କ ଅନୁପସ୍ଥିତି, ଆୟୋଜନରେ ଅଚଳାବସ୍ଥା ଏଭଳି ଏକ ପ୍ରତିଯୋଗିତାରେ ନିରାଶ ସୃଷ୍ଟି କରିଥିଲା। ଏହା ସତ୍ତ୍ୱେ ପ୍ରତିଯୋଗୀଙ୍କ ପ୍ରଦର୍ଶନ ବିଶ୍ୱସ୍ତରୀୟ ହୋଇଥିଲା। ବିଶେଷକରି ଚୀନ୍‌ର ୧୩ ବର୍ଷୀୟ ପ୍ରତିଯୋଗୀ ୟୁ ଜିଦ୍ଧିଙ୍କ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ବିଜୟ, ଝାଙ୍ଗ ଝାନ୍‌ସୁଓଙ୍କ ୭ଟି ସ୍ୱର୍ଣ୍ଣ ବିଜୟ ଉଲ୍ଲେଖନୀୟ ଥିଲା। ଏଠାରେ ପ୍ରତିଯୋଗିତାର ସଫଳ ଆୟୋଜନରେ ଯେଉଁ ଦୋଷତ୍ରୁଟି ରହିଥିଲା ତାହାକୁ ସୁଧାରି ଦୋହା କିପରି ଶ୍ରେଷ୍ଠ ପ୍ରତିଯୋଗିତା ଆୟୋଜନ କରିବ ତାହା ଉପରେ ଏବେଠାରୁ ନଜର ରହିବା ଆବଶ୍ୟକ।

**ମୁକେଶ କୁମାରଙ୍କୁ ୬, ଆକାଶଦୀପଙ୍କୁ ୩ ୱିକେଟ**

## ଇରାନୀ କପ୍ ଜିତିଲା ଅବଶିଷ୍ଟ ଭାରତ

ଶ୍ରୀନଗର, ୪।୧୦ (ଏଜେନ୍ସି)



ବେଙ୍ଗଲର ଦୁଇ ଫାଷ୍ଟ ବୋଲର ମୁକେଶ କୁମାର ଓ ଆକାଶ ଦୀପଙ୍କ ଘାତକ ବୋଲିଂ ବଳରେ ଅବଶିଷ୍ଟ ଭାରତ ଚଳିତ ଇରାନୀ କପ୍ ଚାମ୍ପିଅନ ହୋଇଛି। ରବିବାର ୪ର୍ଥ ଦିନରେ ସମାପ୍ତ ହୋଇଥିବା ଏହି ମ୍ୟାଚ୍‌ରେ ରଣଜୀ ଟ୍ରଫି ଚାମ୍ପିଅନ ଜାମ୍ମୁ-କାଶ୍ମୀରକୁ ୧୬୭ ରନ୍‌ରେ ପରାସ୍ତ କରିଛି। ଦ୍ୱିତୀୟ ଇନିଂସ୍‌ରେ ଜାମ୍ମୁ-କାଶ୍ମୀରକୁ ୨୭୯ ରନ୍‌ର ବିଜୟଲକ୍ଷ୍ୟ ଦେଇଥିଲା ଅବଶିଷ୍ଟ ଭାରତ। ମୁକେଶ ୬ଟି ଓ ଆକାଶଦୀପ ୩ଟି ୱିକେଟ୍ ନେବାରୁ ଜାମ୍ମୁ-କାଶ୍ମୀର ମାତ୍ର ୧୧୧ ରନ୍‌କରି ଅଲ୍‌ଆଉଟ୍ ହୋଇ ଯାଇଥିଲା। ଜାମ୍ମୁ-କାଶ୍ମୀର ପ୍ରଥମ ଇନିଂସରେ ୪୧ ରନ୍ ଆଗରେ ରହିଥିଲା। ପରେ ରବିଚନ୍ଦ୍ରନ୍ ସ୍ମରନଙ୍କ ୧୩୫ ରନ୍ ବଳରେ ଚତୁର୍ଥ ଦିନରେ ଅବଶିଷ୍ଟ ଭାରତ ୩୧୯ ରନ୍‌କରି ଅଲ୍‌ଆଉଟ୍ ହୋଇଥିଲା। ରବିଚନ୍ଦ୍ରନ ୫ଟି ଛକା ଓ ୧୬ଟି ଚୌକା ସହ ୧୩୫ ରନ୍ କରିଥିଲେ। ଉମର ନାଜିର ମୀର, ସୁନୀଲ କୁମାର ଓ ସାହିଲ ଲୋଟ୍ରା ୩ଟି ଲେଖାଏଁ ୱିକେଟ୍ ନେଇଛନ୍ତି। ଜାମ୍ମୁ-କାଶ୍ମୀର ୨୭୯ ରନ୍‌ର ବିଜୟଲକ୍ଷ୍ୟ ପାଇ ୧୦ ଓଭରରେ ୫୪ ରନ୍‌ର ଓପନିଂ ଭାଗୀଦାରି କରିଥିଲା। ହେଲେ ଆଉ ୫୭ ରନ୍ ଯୋଗକରି ଜାମ୍ମୁ-କାଶ୍ମୀର ୧୧୧ ରନ୍‌ରେ ଅଲ୍‌ଆଉଟ୍ ହୋଇ ଯାଇଥିଲା। କମ୍ରାନ୍ ଇକ୍‌ବାଲ ୩୨, ଶୁଭମ୍ ଖଜୁରିଆ ୩୬ ଓ ଅବ୍‌ଦୁଲ ସମାଦ୍ ୨୦ ରନ୍ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ମୁକେଶ କୁମାର ୩୩ ରନ୍‌ଦେଇ ୬ଟି ଓ ବଙ୍ଗଳାର ସାଥୀ ପେସ୍ ବୋଲର ଆକାଶ ଦୀପ ୨୫ ରନ୍‌ଦେଇ ୩ଟି ୱିକେଟ୍ ନେଇଥିଲେ। ରବିଚନ୍ଦ୍ରନ ସ୍ମରନ ପ୍ଲେୟର ଅଫ୍ ଦି ମ୍ୟାଚ୍ ଭବେ ବିବେଚିତ ହୋଇଥିଲେ। ନିକଟରେ ୪ଟି ଭାରତୀୟ ଦଳ କ୍ରିକେଟ ଖେଳିଥିଲେ ମଧ୍ୟ କୌଣସି ଦଳରେ ଜଣେ ହେଲେ ଓଡ଼ିଶା ଖେଳାଳି ସ୍ଥାନ ପାଇ ନ ଥିଲେ।

## ସାହାଣୀ କପ୍ ସେମିଫାଇନାଲ ଆଜି

ଭୁବନେଶ୍ୱର,୪।୧୦(ସମିସ): ୬୫ତମ ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍‌ର ସେମିଫାଇନାଲ ମୁକାବିଲା ଆସନ୍ତାକାଲି ଆୟୋଜିତ ହେବ। ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପରିସରରେ ହେବାକୁ ଥିବା ଏହି ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ କଟକ ଓ ସୁନ୍ଦରଗଡ଼ ମଧ୍ୟରେ ଏବଂ ଦ୍ୱିତୀୟ ସେମିଫାଇନାଲ ସମ୍ବଲପୁର ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ମଧ୍ୟରେ ଖେଳାଯିବ। ଏହି ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମୁକାବିଲା ଅପରାହ୍ଣ ୩ଟା୩୦ ମିନିଟ୍‌ରେ ଓ ଦ୍ୱିତୀୟ ସେମିଫାଇନାଲ ସନ୍ଧ୍ୟା ୬ଟାରେ ଖେଳାଯିବ। ଅକ୍ଟୋବର ୬ ତାରିଖ ଦୁଇ ସେମିଫାଇନାଲର ବିଜେତା ଦଳ ମଧ୍ୟରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚଟି ଅପରାହ୍ଣ ୪ଟାରୁ ଆରମ୍ଭ ହେବ।

## ସ୍କୁଲ ଚେସ୍: ସାଇସାର୍ଥକ ଚାମ୍ପିଅନ




ଭୁବନେଶ୍ୱର,୪।୧୦(ସମିସ): ସେଣ୍ଟ ଯୋଶେଫ ହାଇସ୍କୁଲ୍‌ର ସାଇ ସାର୍ଥକ ବାରିକ ୫ମ ନୃସିଂହ ଚରଣ ମିଶ୍ର ସ୍ମାରକୀ ସ୍କୁଲ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ସାଇସାର୍ଥକ ଏକାକୀ ୪ପଏଣ୍ଟ ସଂଗ୍ରହ କରି ପ୍ରଥମସ୍ଥାନରେ ରହିଥିଲେ। ଭୁବନେଶ୍ୱର ମଡେଲ ଇଂଲିଶ ମିଡିୟମ ସ୍କୁଲ୍‌ର ଆଦଭିକ ମହାନ୍ତି ରନର୍ସଅପ୍ ଓ ବିଜେଇଏମ୍ ସ୍କୁଲ-୧'ର ମୟଙ୍କ ଶେଖର ବଳ ତୃତୀୟସ୍ଥାନ ଅଧିକାର କରିଛନ୍ତି।

## ତମାଣ୍ଡୋ କପ୍ ଫୁଟବଲ ନଭେମ୍ବରରେ

ଭୁବନେଶ୍ୱର,୪।୧୦(ସମିସ): ୨୮ତମ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ନଭେମ୍ବର ମାସ ପ୍ରଥମ ସପ୍ତାହରେ ଆୟୋଜିତ ହେବ। ତମାଣ୍ଡୋର ଶିବଶକ୍ତି କ୍ଲବ୍ ଆନୁକୂଲ୍ୟରେ ରାଜ୍ୟର ବଛା ବଛା ୧୬ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ନବନିର୍ମିତ ତମାଣ୍ଡୋ ଷ୍ଟାଡିୟମ୍‌ରେ ଖେଳାଯିବ। ଏଥିରେ ଭାଗନେବାକୁ ଇଚ୍ଛୁକ ଦଳ ଗୁଡିକ ସମ୍ପାଦକ ସୁକାନ୍ତ ପଟ୍ଟନାୟକଙ୍କୁ ଫୋନ ନଂ-୯୮୬୧୩-୮୯୬୮୬ ସହ ଯୋଗାଯୋଗ କରିବାକୁ ଶିବଶକ୍ତି କ୍ଲବ୍ ପକ୍ଷରୁ ଅନୁରୋଧ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY